# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ମେ ୨୫/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 25/2025 Page 16 ₹ 7.00

୫୧ଶ ଭାଗ ୧୭୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 179 ମୂଲ୍ୟ₹୭/-





A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in




ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ ନୀତି ଆୟୋଗର ୧୦ମ ଗଭର୍ଣ୍ଣିଂ କାଉନ୍ସିଲ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀବୃନ୍ଦ ଏବଂ ସରକାରଙ୍କ ବରିଷ୍ଠ ପଦାଧିକାରୀମାନେ। (ଫଟୋ: ଚମନ ଗୌତମ)

## କେରଳ ଛୁଇଁଲା ମୌସୁମୀ

ନୂଆଦିଲ୍ଲୀ,୨୪।୫(ପି.ଟି.)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶନିବାର କେରଳ ଛୁଇଁଛି। ଦୀର୍ଘ ୧୬ ବର୍ଷ ପରେ ପ୍ରଥମ ଥର ପାଇଁ ମୌସୁମୀ ସ୍ୱାଭାବିକ ସମୟଠାରୁ ୮ ଦିନ ପୂର୍ବରୁ ଭାରତର ମୁଖ୍ୟ ଭୂଖଣ୍ଡରେ ପହଞ୍ଚିଛି। ଏହା ପୂର୍ବରୁ ୨୦୦୯ରେ ମୌସୁମୀ ମେ' ୨୩ରେ କେରଳ ଛୁଇଁଥିଲା ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) କହିଛି। ମୌସୁମୀ ପ୍ରଭାବରେ କେରଳର ଉତ୍ତରାଞ୍ଚଳ ଜିଲାଗୁଡ଼ିକରେ ପ୍ରବଳ ବର୍ଷା ଲାଗିରହିଥିବାବେଳେ ☞ପୃଷ୍ଠା-୨

## ଅଭିନେତା ମୁକୁଲ ଦେବଙ୍କ ପରଲୋକ



ମୁମ୍ବାଇ,୨୪।୫

'ସନ୍ ଅଫ୍ ସର୍ଦ୍ଦାର', 'ୟାମଲା ପାଗଲା ଦିୱାନା' ଏବଂ 'ଜୟ ହୋ' ଚଳଚ୍ଚିତ୍ରରେ ଅଭିନୟ ପାଇଁ ଜଣାଶୁଣା ଅଭିନେତା ମୁକୁଲ ଦେବଙ୍କର ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ନୂଆଦିଲ୍ଲୀର ଏକ ହସ୍ପିଟାଲରେ ମୁକୁଲଙ୍କ ପରଲୋକ ଘଟିଥିବା ନେଇ ତାଙ୍କ ଭାଇ ରାହୁଲ ଦେବ ଏବଂ ଘନିଷ୍ଠ ବନ୍ଧୁ ବିନ୍ଦୁ ଦାରା ସିଂ ସୂଚନା ଦେଇଛନ୍ତି। ସେ ୮ରୁ ୧୦ ଦିନ ଧରି ଅସୁସ୍ଥ ଥିଲେ। ପୂର୍ବତନ ମଡେଲ ମୁକୁଲ ୧୯୯୬ରେ ବଲିଉଡ୍ ଚଳଚ୍ଚିତ୍ର 'ଦସ୍ତକ'ରେ ପ୍ରଥମେ ଅଭିନୟ କହିଥିଲେ। ସେ ହିନ୍ଦୀ, ପଞ୍ଜାବୀ, ବେଙ୍ଗଲୀ ଓ ତେଲୁଗୁ ଫିଲ୍ମରେ ଖଳନାୟକ ଓ ପାର୍ଶ୍ୱ ଅଭିନେତା ଭୂମିକାରେ ଦେଖାଦେଇଥାନ୍ତି। ତାଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର ମଧ୍ୟରେ ରହିଛି ଅଜୟ ଦେବଗନ୍‌ଙ୍କ 'ସନ୍ ଅଫ୍ ସର୍ଦ୍ଦାର', ସଲ୍‌ମାନ ଖାନ୍‌ଙ୍କ ଅଭିନୀତ ଜୟ ହୋ ଏବଂ ଧର୍ମେନ୍ଦ୍ର, ସନି ଦେଓଲ ଓ ବବି ଦେଓଲ୍ ଅଭିନୀତ ୟାମ୍‌ଲା ପାଗଲା ଦିୱାନା, କୋହରାମ, ୱାର ଛୋଡ୍ ନା ୟାର। ତାଙ୍କ ପରଲୋକରେ ଚଳଚ୍ଚିତ୍ର ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

**ଆଜିର ସମ୍ପାଦକୀୟ**

**ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧୀନତା**

# ଦେଶ ବିକାଶର ଇଞ୍ଜିନ ହେବ ଓଡ଼ିଶା

ଓଡ଼ିଶା ଭାରତର ବିକାଶରେ ଇଞ୍ଜିନ୍ ପାଲଟିବ ବୋଲି ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟର ୬ ସହରକୁ ନେଇ ମେଟ୍ରୋପଲିଟାନ୍ ରିଜିଅନ୍ କରାଯିବାର ପ୍ରସ୍ତାବ ରହିଥିବା ନେଇ ମୁଖ୍ୟମନ୍ତ୍ରୀ ବୈଠକରେ ତଥ୍ୟ ଉପସ୍ଥାପନ କରିଛନ୍ତି। ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ ଡଲାର ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲାଗି ଓଡ଼ିଶାବାସୀଙ୍କ ଲକ୍ଷ୍ୟ ରହିଥିବା ବିଷୟ କହିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ରାଜ୍ୟ ପ୍ରତି ଥିବା ସହଯୋଗ ଓ ସଦିଚ୍ଛା କଥା ମୁଖ୍ୟମନ୍ତ୍ରୀ ମାଝୀ ଦୋହରାଇଛନ୍ତି।

**ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ମାଝୀ**

- **ରାଜ୍ୟର ୬ ସହରାଞ୍ଚଳକୁ ନେଇ ପ୍ରତିଷ୍ଠା ହେବ ମେଟ୍ରୋପଲିଟାନ୍ ରିଜିଅନ୍**
- **୨୦୩୬ ସୁଦ୍ଧା ୫୦୦ ବିଲିୟନ୍, ୨୦୪୭ ବେଳକୁ ୧.୫ ଟ୍ରିଲିୟନ୍ ଅର୍ଥନୀତି ଲକ୍ଷ୍ୟ**
- **ଜୁନ୍ ୧୨ରେ ଉନ୍ମୋଚିତ ହେବ ଓଡ଼ିଶାର 'ଭିଜନ୍ ଡକ୍ୟୁମେଣ୍ଟ'**
- **୫ ବର୍ଷରେ ଖାଲି ପଦବୀ ପୂରଣ ପାଇଁ ୧.୫ ଲକ୍ଷ ନିଯୁକ୍ତି**

ନୂଆଦିଲ୍ଲୀ (ପି.ଟି.)/ ଭୁବନେଶ୍ୱର (ସୁନିତ୍ ମିଶ୍ର),୨୪।୫

ଓଡ଼ିଶା ଆଗାମୀ ୧୫ ବର୍ଷରେ ଦେଶ ବିକାଶର ଗ୍ରୋଥ୍ ଇଞ୍ଜିନ୍ ହେବାକୁ ଯାଉଛି। ଏଥିସକାଶେ ଆସନ୍ତା ଜୁନ୍ ୧୨ରେ ଓଡ଼ିଶାର 'ଭିଜନ୍ ଡକ୍ୟୁମେଣ୍ଟ' ଉନ୍ମୋଚନ କରାଯିବ। ଓଡ଼ିଶା ସରକାର ରାଜ୍ୟର ୬ଟି ସହରାଞ୍ଚଳକୁ ଏକ ମେଟ୍ରୋପଲିଟାନ୍ ରିଜିଅନ୍ ରୂପେ ବିକଶିତ କରିବା ପାଇଁ ଯୋଜନା କରିଛନ୍ତି। ପ୍ରସ୍ତାବିତ ମେଟ୍ରୋପଲିଟାନ୍ ରିଜିଅନ୍ ଭୁବନେଶ୍ୱର, କଟକ, ପୁରୀ, ଖୋର୍ଦ୍ଧା, ଜଟଣୀ, ପାରାଦୀପକୁ ନେଇ ପ୍ରତିଷ୍ଠା କରାଯିବ, ଯାହାକି ୭,୦୦୦ ବର୍ଗ କି.ମି. ବିସ୍ତୃତ ଅଞ୍ଚଳ ଉପରେ ପରିବ୍ୟାପ୍ତ ରହିବ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେହିପରି ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରହିଥିବା ବିଷୟ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଶନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ନୀତି ଆୟୋଗର ଦଶମ ଗଭର୍ଣ୍ଣିଂ କାଉନ୍ସିଲ ବୈଠକରେ ଯୋଗଦେବା ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କେନ୍ଦ୍ର ନିକଟରେ ଓଡ଼ିଶାର ପ୍ରସ୍ତାବଗୁଡ଼ିକୁ ଉପସ୍ଥାପନ କରି କହିଛନ୍ତି, ବର୍ତ୍ତମାନ ରାଜ୍ୟର ସହରୀକରଣ ସ୍ତର ୧୭% ରହିଛି। ରାଜ୍ୟ ସରକାର ☞ପୃଷ୍ଠା-୨




# ଫରେଷ୍ଟ ଗାର୍ଡଙ୍କୁ ଗୁଳିକରି ହତ୍ୟା

- **ରାତିରେ ଶିକାରୀଙ୍କୁ ଧରିବା ବେଳେ ଗୁଳି**
- **ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କାର ପାଇଥିଲେ**
- **୩୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ**

**ଚଳିତବର୍ଷ ରାଜ୍ୟର ଶ୍ରେଷ୍ଠ ଫରେଷ୍ଟ ଗାର୍ଡ ଭାବେ ପୁରସ୍କୃତ ହୋଇଥିବା ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ନିଜିଗଡ଼ ସେକ୍ସନର ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କୁ ଗୁଳି କରି ହତ୍ୟା କରିଛନ୍ତି ଶିକାରୀ। ଶୁକ୍ରବାର ବିଳମ୍ବିତ ରାତିରେ କୋଇ ସଂରକ୍ଷିତ ଜଙ୍ଗଲର ତଣ୍ଟିଚିରା ଗ୍ରାମ ପାଖରେ ଶିକାରୀମାନେ ଘଟାଇଛନ୍ତି ଏହି ବର୍ବରକାଣ୍ଡ। ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ଶିକାରୀଙ୍କୁ ଧରିବା ବେଳେ ସେମାନଙ୍କ ଗୁଳିର ଶିକାର ହୋଇଛନ୍ତି ପ୍ରହ୍ଲାଦ। ଏହି ଘଟଣା ଚାଞ୍ଚଲ୍ୟ ଖେଳାଇଦେଇଥିବା ବେଳେ ଶିକାରୀଙ୍କୁ ଦୃଢ ଭାବରେ ଦମନ କରାଯିବ ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।**



ପ୍ରହ୍ଲାଦ ପ୍ରଧାନ

ଢେଙ୍କାନାଳ(ରତନ ନାୟାର)/ କାମାକ୍ଷାନଗର (ସୁଧୀର ପରିଡ଼ା),୨୪।୫:

ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନ ଶୁକ୍ରବାର ରାତିରେ ନିଜ କାର୍ଯ୍ୟ ସାରି ହିନ୍ଦୋଳ ରେଞ୍ଜ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ସରକାରୀ ବାସଭବନକୁ ଯାଇଥିଲେ। ଏହି ସମୟରେ କୋଇ ସଂରକ୍ଷିତ ଜଙ୍ଗଲ ନିକଟ ତଣ୍ଟିଚିରା ଗ୍ରାମ ପାଖରେ କେତେଜଣ ଶିକାରୀ ବନ୍ୟପ୍ରାଣୀ ଶିକାର ପାଇଁ ପ୍ରସ୍ତୁତ ହେଉଥିବା ତାଙ୍କୁ ଖବର ମିଳିଥିଲା। ସେ ତୁରନ୍ତ କେତେଜଣ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟଙ୍କୁ ନେଇ ପାଟ୍ରୋଲିଂ ଜିପ୍‌ରେ ଜଙ୍ଗଲକୁ ବାହାରି ଯାଇଥିଲେ। ରାଜମୋହନପୁରଠାରେ ଗାଡ଼ି ରଖି ଚାଲିଚାଲି କାଜୁ ଜଙ୍ଗଲ ନିକଟରେ ପହଞ୍ଚିଥିଲେ। ଜଙ୍ଗଲର ଏକ ଚାଳଘରେ ☞ପୃଷ୍ଠା-୨







# ଗିଲ୍ ଭାରତୀୟ ଟେଷ୍ଟ ଦଳର ଅଧିନାୟକ



ଶୁବମନ ଗିଲ୍



ରିଷଭ ପନ୍ତ

ମୁମ୍ବାଇ,୨୪।୫(ପି.ଟି.)

ଆସନ୍ତା ମାସରୁ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ କ୍ରିକେଟ୍ ଟେଷ୍ଟ ସିରିଜ୍ ଲାଗି ଶନିବାର ଭାରତୀୟ ଦଳ ଘୋଷଣା ହୋଇଛି। ଏହି ଅବସରରେ ଯୁବ ଷ୍ଟାର ବ୍ୟାଟର ଶୁବମନ ଗିଲ୍‌ଙ୍କୁ ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ନିଯୁକ୍ତ କରାଯାଇଛି। ଉଇକେଟ କିପର ରିଷଭ ପନ୍ତଙ୍କୁ ଉପ ଅଧିନାୟକ ଦାୟିତ୍ୱ ଦିଆଯାଇଛି। ୨୫ ବର୍ଷୀୟ ଗିଲ୍ ଭାରତର ପଞ୍ଚମ ସର୍ବକନିଷ୍ଠ ଟେଷ୍ଟ ଅଧିନାୟକ। କମ୍ ବୟସରେ ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ନେଇଥିବା ଖେଳାଳିଙ୍କ ତାଲିକାରେ ମନସୁର ଅଲୀ ଖାନ ପଟୌଦି (୨୧), ସଚିନ ତେନ୍ଦୁଲକର (୨୩), କପିଳ ଦେବ (୨୪) ଓ ରବି ଶାସ୍ତ୍ରୀ (୨୫) ରହିଛନ୍ତି। ଘୋଷିତ ଭାରତୀୟ ଦଳରୁ ସିନିୟର ପେସର ମହମ୍ମଦ ଶାମି ବାଦ୍ ପଡ଼ିଥିବା ବେଳେ ନୂଆ ମୁହଁ ଭାବେ ଅର୍ଶଦୀପ ସିଂ ଓ ବି ସାଇ ସୁଦର୍ଶନ ସ୍ଥାନ ପାଇଛନ୍ତି। ଗତ ଘରୋଇ କ୍ରିକେଟ ସିଜନରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଅଭିମନ୍ୟୁ ଈଶ୍ୱରନ ଓ କରୁନ ନାୟର ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ନାୟର ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ଦଳକୁ ଫେରୁଛନ୍ତି।


**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-27: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା**26.05.2025**ରିଖ ଦିନ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ସରକାରୀ ଅବକାଶ ଘୋଷିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0126/2526

## ୮.୨୫% ଇପିଏଫ୍ ସୁଧହାରକୁ ମଞ୍ଜୁରୀ

କେନ୍ଦ୍ର ସରକାର ୨୦୨୫ ଆର୍ଥିକ ବର୍ଷ ପାଇଁ କର୍ମଚାରୀ ଭବିଷ୍ୟ ନିଧି (ଇପିଏଫ୍) ଜମା ଉପରେ ୮.୨୫ ପ୍ରତିଶତ ସୁଧହାରକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷର ସୁଧହାରକୁ ଚଳିତ ଆର୍ଥିକ ବର୍ଷରେ କାଏମ ରଖିବା ପାଇଁ ଗତ ଫେବୃଆରୀ ୨୮ରେ ଇପିଏଫ୍ଓ ନିଷ୍ପତ୍ତି ନେଇଥିଲା। ଏହାକୁ ମଞ୍ଜୁର କରିବା ପାଇଁ ଅର୍ଥ ମନ୍ତ୍ରଣାଳୟକୁ ପଠାଯାଇଥିଲା। ଅର୍ଥ ମନ୍ତ୍ରଣାଳୟ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୮.୨୫% ଇପିଏଫ୍ ସୁଧହାରକୁ ସ୍ୱୀକୃତି ଦେବା ପରେ ଶ୍ରମ ମନ୍ତ୍ରଣାଳୟ ଏହାକୁ ଇପିଏଫ୍ଓ ନିକଟକୁ ପଠାଇଦେଇଛି। ଏବେ ଇପିଏଫ୍ଓର ୭ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୮.୨୫% ହାରରେ ସୁଧରାଶି ଜମା କରାଯିବ।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଏଜି ଛକ ପାଖ, ସମୟ: ସକାଳ ୯ଟା।
- ଶୃଙ୍ଖଳା ଅଳିଆ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉଦ୍‌ଘାଟନ, ସ୍ଥାନ: ପଳାଶୁଣୀ, ସମୟ: ସକାଳ ୯ଟା।
- ଏମ୍‌ଡି କ୍ରିଏଶନ୍ସ ଆଣ୍ଡ ଗ୍ରୁପ ପକ୍ଷରୁ କ୍ୟାନ୍ସର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ରୋଟାରୀ ଭବନ, ସମୟ: ସକାଳ ୯ଟା ୩୦।
- ସେବା ପ୍ରତିନିଧିଙ୍କ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା, ସ୍ଥାନ: ପୌର ଚିକିତ୍ସାଳୟ, ଲିଙ୍ଗରାଜ ମନ୍ଦିର ନିକଟ, ସମୟ: ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ଗିରିଜା ମେଧା ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ରୋଟାରୀ ଭବନ, ୟୁନିଟ୍-୯, ସମୟ: ପୂର୍ବାହ୍ନ ୧୧ଟା।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ସମର୍ପଣ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ହିମାଂଶୁ ପରିଡ଼ାଙ୍କ ପୁସ୍ତକ 'କବିତା ଗଠନର କଳା' ଉନ୍ମୋଚନ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ଏକ ଭିନ୍ନ ନିଷ୍ପତ୍ତି', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

### କଟକ

- ବୀରେନ୍ ମିତ୍ର ଫାଉଣ୍ଡେଶନ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ୍ ମିତ୍ରଙ୍କ ୪୭ତମ ଶ୍ରାଦ୍ଧବାର୍ଷିକ, ସ୍ଥାନ: ଷ୍ଟୁଆର୍ଟ ସ୍କୁଲ ସମ୍ମୁଖ ପ୍ରତିମୂର୍ତ୍ତି ପରିସର, ସମୟ: ସକାଳ ୯ଟା।
- ଜାତୀୟ ପୁରସ୍କାରପ୍ରାପ୍ତ ଦେବେନ୍ଦ୍ର ସୁତାରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଏସ୍‌ଏନ୍ ସିରକାର ସ୍ମାରକୀ ହଲ, ଯୋବ୍ରା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀଦୁର୍ଗା ସାହିତ୍ୟ ସଂସଦର ୨୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଘୋଷଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଚାରବାଟିଆ ଜଗନ୍ନାଥ ମନ୍ଦିର ପରିସର, ଚୌଦ୍ୱାର ସମୟ: ଅପରାହ୍ନ ୪ଟା।
- ଅଲିଶାବଜାର ଏଜୁକେଟେଡ୍ ଲେନସ୍ଥିତ ଦାସ ଟ୍ୟୁଟୋରିଆଲର ବାର୍ଷିକୋତ୍ସବ, ସ୍ଥାନ: ଟାଉନ ହଲ, ସମୟ: ଅପରାହ୍ନ ୫ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭଜନ ସମ୍ରାଟ ଭିକାରୀ ବଳଙ୍କ ୯୬ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଭାରତୀୟ ଗଣନାଟ୍ୟ ସଂଘ ଜନସଂସ୍କୃତି ଦିବସ ଉପଲକ୍ଷେ ମଞ୍ଚସ୍ଥ କରିବ ନାଟକ କ୍ଷତାକ୍ତ ଅପରାହ୍ନ, ସ୍ଥାନ: ଅନ୍ନପୂର୍ଣ୍ଣା ଥିଏଟର ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଉଦ୍‌ଯାପନୀ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

### ପୁରୀ

- ସମର ଶିକ୍ଷାର୍ଥୀ ବାହିନୀର ଶିବିର, ସ୍ଥାନ: ଏନ୍‌ସିସି କାର୍ଯ୍ୟାଳୟ, ତାଳବଣିଆ, ସମୟ: ସକାଳ ୬ଟା।
- ସଚେତନ ନାଗରିକ ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ଶ୍ରୀ ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ପୌର ସଦନ, ସମୟ: ପୂର୍ବାହ୍ନ ୧୧ଟା।
- କନ୍ୟା ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

### ବାଲେଶ୍ୱର

- ୩୨ ବେଶରେ ମହାପ୍ରଭୁଙ୍କ ଯଜ୍ଞ ହୂତି, ସନ୍ଧ୍ୟାରେ ମହା ଆଳତି ଓ ଧାର୍ମିକ ପ୍ରବଚନ, ସ୍ଥାନ: ନିଶନପୁର ଶଙ୍କରନାଥ ଜୀଉ ମନ୍ଦିର, ଭୋଗରାଇ, ସମୟ: ସକାଳ ୭ଟାରୁ ରାତି ପର୍ଯ୍ୟନ୍ତ।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଷଷ୍ଠ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ପଞ୍ଚଦଶ ଜଉକଣ୍ଢେଇ ବାହାଘର ଉତ୍ସବ ଉପଲକ୍ଷେ ସମ୍ପର୍କର ସଙ୍ଗମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

### ଭଦ୍ରକ

- କ୍ରିକେଟ ତାଲିମ ଶିବିର, ସ୍ଥାନ: ଚରମ୍ପା ରେଲୱେ ଗ୍ରାଉଣ୍ଡ, ଭଦ୍ରକ, ସମୟ: ସକାଳ ୬ଟା।
- ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ, ସ୍ଥାନ: ଭାଜପା କାର୍ଯ୍ୟାଳୟ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- 'କିଶୋର ସ୍ୱାକ୍ଷର'ର ରୌପ୍ୟ ଜୟନ୍ତୀ, ସ୍ଥାନ: ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- କବିତା ଆସର, ସ୍ଥାନ: ନରିପୁରସ୍ଥିତ ସାଳନ୍ଦୀ ଆବାସିକ ମହାବିଦ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୪ଟା।

### ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ: ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଆମେ-୮୦ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।
- ରାଧାକୃଷ୍ଣଙ୍କ ଷୋହଳ ପ୍ରହରୀ ନାମଯଜ୍ଞର ଦଧିଭଞ୍ଜନ ଓ ପ୍ରସାଦ ସେବନ, ସ୍ଥାନ: ନହରପଦା ୧୬ନଂ. ୱାର୍ଡ, ବାରିପଦା, ସମୟ: ଅପରାହ୍ନ ୨ଟା।

### ବ୍ରହ୍ମପୁର

- ବିକ୍ଷିପ୍ତା ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ କବିତା ପାଠୋତ୍ସବ, ସ୍ଥାନ: ଶଶୀଭୂଷଣ ରଥ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ୧୦ଟା ୩୦।

### ଗଞ୍ଜାମ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କରବୁଲି ବୁଗୁଡା ବ୍ଲକ୍, ସମୟ: ସକାଳ ୮ ଟା।
- ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଶୁଭାରମ୍ଭ, ସ୍ଥାନ: ବୁଢୁଙ୍ଗପୁର ଭାୟା କରପଡ଼ା, ସମୟ:ସନ୍ଧ୍ୟା ୭ ଟା।

### ଗଜପତି

- ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ପାରଳା ମହାରାଜାଙ୍କ ପ୍ରତିମୂର୍ତ୍ତି ଓ ସ୍ମୃତିସୌଧରେ ମାଲ୍ୟାର୍ପଣ, ସ୍ଥାନ: ପାରଳାଖେମୁଣ୍ଡି, ସମୟ: ସକାଳ ୭ଟା।

### କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଆଇଟିଏସ୍ ପକ୍ଷରୁ ଏ ୱାନ ସମ୍ମାନ, ସ୍ଥାନ: ଜିଲ୍ଲା ସଂସ୍କୃତି ଭବନ, ଉଦୟପୁର, ଡେରାବିଶ, ସମୟ: ସକାଳ ୯ଟା।

### ଯାଜପୁର

- ଅଲଓଡିଶା ପେଟ୍ରୋଲ ପମ୍ପ ମାଲିକ ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ରୋଡ ନନ୍ଦରାମ ବାଟିକା, ସମୟ: ସକାଳ ୮ଟା।
- ଜୟ ଜଗନ୍ନାଥ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଯାଜପୁର ସିଏଚ୍‌ସି ରକ୍ତ ଭଣ୍ଡାର ପରିସର, ସମୟ: ସକାଳ ୮ଟା।

### ନୟାଗଡ଼

- ଶିବ ଚତୁର୍ଦ୍ଦଶୀ ଅବସରରେ ନୀଳମାଧବଙ୍କଙ୍କ ବେଢ଼ା ପରିକ୍ରମା, ସ୍ଥାନ: କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ ଟା।

### କୋରାପୁଟ

- ପ୍ରଧାନମନ୍ତ୍ରୀଙ୍କ ଭର୍ଚୁଆଲ୍ ମାଧ୍ୟମରେ ମନ୍ କି ବାତ୍, ସ୍ଥାନ: କୋଟିଆ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ଅମଲା ସଂଘ, ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ କମିଟି ବୈଠକ, ସ୍ଥାନ: ଯାଦବ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।

### ସମ୍ବଲପୁର

- ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର, ସ୍ଥାନ: ପବ୍ଲିକ ଲାଇବ୍ରେରି ପ୍ରେକ୍ଷାଳୟ, ସମୟ: ସକାଳ ୬ଟା ।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ସାଓଲିନ କୁଙ୍ଗ୍‌ଫୁ ଉଷୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଃଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲ୍ଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲ୍ଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୭ଟା।
- ଜିଲ୍ଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: କାଇଁଶିର ଖେଳ ପଡିଆ, ସମୟ: ସକାଳ ୭ଟା।
- ରେଲୱେ ଓଭର ବ୍ରିଜର ଶୁଭାରମ୍ଭ କାର୍ଯ୍ୟକ୍ରମ, ସ୍ଥାନ: ଦୁର୍ଗାପାଲି, ସମୟ: ସକାଳ ୯ଟା।

### ବଲାଙ୍ଗୀର

- ଗବେଷଣାତ୍ମକ ପୁସ୍ତକ 'ଉଜାଣି ଝଞ୍ଜାବତୀ'ର ଲୋକାର୍ପଣ ଉତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

### ରାଉରକେଲା

- ଆର୍‌ଏସ୍‌ପି ଆୟୋଜିତ ପ୍ରଦର୍ଶନୀ ମେଳା, ସ୍ଥାନ: ସେକ୍ଟର-୧୯, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ଅପରାହ୍ନ ୫ଟା।
- ଅନ୍ୱେଷା ପକ୍ଷରୁ ମାଗଣା ହାଟ, ସ୍ଥାନ: କୁଷ୍ଠ କଲୋନି, ମାଲଗୋଦାମ ସମୟ: ଅପରାହ୍ନ ୫ଟା ୩୦।
- ଡ୍ୟାନ୍ସ ଏଣ୍ଡ ଡ୍ରାମା ଫେଷ୍ଟିଭାଲ-୨୦୨୫, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ନନ୍ଦଗାଁ ଗୋଶାଳା ପକ୍ଷରୁ ନାଟକ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସେକ୍ଟର-୧୯, ସମୟ: ସନ୍ଧ୍ୟା ୬ଟା ୩୦।
- ଦେବସ୍ନାନ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର-୧ ଜଗନ୍ନାଥ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

### ବରଗଡ଼

- ଗ୍ରୀଷ୍ମ ଶିବିର,ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ, ବରଗଡ଼,ସମୟ: ସକାଳ ୬ଟା ୩୦।
- ଚେସ ପ୍ରଶିକ୍ଷଣ ଶିବିର,ସ୍ଥାନ:ଏଇଏମ ଇଂଲିଶ ମିଡିୟମ ସ୍କୁଲ, ବରଗଡ଼,ସମୟ: ସକାଳ ୮ଟା।
- ମାସିକ ଆଲୋଚନା ସଭା,ସ୍ଥାନ: ଗାନ୍ଧି ସ୍ମୃତି ପାଠାଗାର, ବରଗଡ଼,ସମୟ:ସନ୍ଧ୍ୟା ୬ଟା ୪୫।

### କଳାହାଣ୍ଡି

- ତ୍ରିରଙ୍ଗା ଯାତ୍ରା ଉପଲକ୍ଷେ ବାଇକ୍ ଶୋଭାଯାତ୍ରା, ସ୍ଥାନ: କେସିଙ୍ଗା ବ୍ଲକ ବୋରିଆ, ସମୟ: ସକାଳ ୮ଟା।
- ଆର୍‌ଏସ୍‌ଏସ୍‌ର ବାର୍ଷିକ ସଂଘ ଶିକ୍ଷାବର୍ଗ, ସ୍ଥାନ: ଭବାନୀପାଟଣା ବିକାଶ କଲେଜ, ସମୟ: ସକାଳ ୮ଟା।

### ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର ୪ଟା।
- ଜିଲ୍ଲା କାର୍ଯ୍ୟକାରିଣୀ ଓ ଜାଗରଣ ବୈଠକ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ସକାଳ ୯ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବନି ବ୍ଲକ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁ ସାହି, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### ସୁବର୍ଣ୍ଣପୁର

- ସୋନପୁର ମହାବିଦ୍ୟାଳୟ ପୁରାତନ ଛାତ୍ରୀଛାତ୍ର ସଂଘର ବାର୍ଷିକ ମହାଅଧିବେଶନ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ, ସ୍ଥାନ: ଯୋଗାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

### ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ସିଆଳଲଟି ପଞ୍ଚାୟତ ବେଲରଦନା ଗାଁ ମୁରାପଡା, ସମୟ: ପ୍ରାତଃ ୪ଟା ୪୫।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ପେଣ୍ଡରାବନ ପଞ୍ଚାୟତର ଚାନ୍ଦୋପଲା ଗାଁ, ସମୟ: ସକାଳ ୮ଟା ୪୫।
- ଭାଜପା ପକ୍ଷରୁ ତ୍ରିରଙ୍ଗା ବାଇକ୍ ରାଲି, ସ୍ଥାନ: ଖରିଆରରୋଡ ଶ୍ରୀରାମ ମନ୍ଦିରଠାରୁ ନୂଆପଡ଼ା ସିରତୋଳ, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ପ୍ରତ୍ୟେକ ପ୍ରତିବନ୍ଧକକୁ ପ୍ରତିହତ କରି କାର୍ଯ୍ୟ କରିବେ। ବନ୍ଧୁ ଗହଣରେ ସତ୍ୟଭାଷଣରୁ ପ୍ରତ୍ୟେକ ସ୍ତରରେ ସମସ୍ୟା ସୃଷ୍ଟି କରିପାରନ୍ତି। ସାମାଜିକ ସ୍ତରରେ ଆପଣଙ୍କ ଦକ୍ଷତାର ମୂଲ୍ୟାୟନ ହେବା ସାଙ୍ଗକୁ ପୁରସ୍କୃତ ମଧ୍ୟ ହେବେ। ପରିବାରରେ ସାମୟିକ ଭୁଲ୍ ବୁଝାମଣା ଯୋଗୁ ମାନସିକ ସ୍ଥିରତା ରହିନପାରେ।

**ବୃଷ** ଆଜି କୃତ୍ତିକା ନକ୍ଷତ୍ର ଉଚ୍ଚ ସମ୍ମାନ, ସାମାଜିକ ପ୍ରତିଷ୍ଠା ସହ କର୍ମକ୍ଷେତ୍ର ଓ ରାଜନୈତିକ ସ୍ଥିତିକୁ ମଜଭୁତ କରିବେ। ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଓ ବାଣିଜ୍ୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସାହସିକତାର ପରିଚୟ ଦେଇ ନିଜର ପ୍ରାଧାନ୍ୟ ବୃଦ୍ଧି କରିପାରନ୍ତି। ପୁନର୍ବସୁ ନକ୍ଷତ୍ରର ଭ୍ରାତୃ ସମ୍ପର୍କରେ ତିକ୍ତତା ସମାଧାନରେ ପଡ଼ୋଶୀ ସାହାଯ୍ୟ କରିବେ। ଆତ୍ମୀୟମାନେ ନିଜ ଫାଇଦା ପାଇଁ ଫନ୍ଦିଫିକର କରିପାରନ୍ତି। କର୍ମକ୍ଷେତ୍ରରେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ମନ ଊଣା କରିପାରନ୍ତି।

**କର୍କଟ** ଅର୍ଥ ସମ୍ପର୍କୀୟ ସମସ୍ୟାକୁ ସୁଧାରି ନେବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଆଜିର ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିପାରନ୍ତି। ଅଶ୍ଳେଷାର ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଗଚ୍ଛିତ ଅର୍ଥ ଅନ୍ୟ ବାଟରେ ଖର୍ଚ୍ଚ ହୋଇଯାଇପାରେ। ପାରିବାରିକ କ୍ଷେତ୍ରରେ ବନ୍ଧୁସମ୍ପର୍କ ଏବଂ ଆଜିର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଫଳପ୍ରଦ ହେବାର ସମ୍ଭାବନା ରହିଛି।

**ସିଂହ** ପରିବାରରେ ଅର୍ଥସଙ୍କଟ ଲାଗି ରହିବାରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆଜିର କାମ ଯଥାରୀତି ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ନୂତନ ଯୋଜନା, ଜମିଜମା, ଯାନ୍ତ୍ରିକ କାରବାର, ଯାନବାହନ କ୍ରୟ ବିକ୍ରୟରେ ଅଗ୍ରଗତି ହେବ। ମଘା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ମାନସିକ ଅବସାଦ ଲାଗି ରହିବ।

**କନ୍ୟା** ବିଭିନ୍ନ ସମସ୍ୟାଜନିତ ପ୍ରତ୍ୟେକ କାମ ପ୍ରତିବନ୍ଧକ ମଧ୍ୟରେ ଅଟକି ରହିବ। ନିର୍ଦ୍ଦିଷ୍ଟ ଜାଗାରେ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ଆନୁଷ୍ଠାନିକ କାମରେ ସମ୍ମାନଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବା ସମ୍ଭାବନା ରହିଛି। ସାଧାରଣ ତର୍କବିତର୍କିତ କଥାରେ ପ୍ରିୟ ବ୍ୟକ୍ତିଟି ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ତୁଳା** ଆପଣଙ୍କ ପ୍ରତ୍ୟେକ ଉଦ୍ୟମ ବିଶୃଙ୍ଖଳିତ ରହିବ। ବନ୍ଧୁବର୍ଗଙ୍କ ସହାନୁଭୂତି ଯୋଗୁ କେତେକାଂଶରେ ସମସ୍ୟାର ସ୍ଥିତି ବଦଳି ଯାଇପାରେ। ମାନସିକ ଚାପ ବୃଦ୍ଧିଜନିତ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ। ଚିତ୍ରା ନକ୍ଷତ୍ରର ସହକର୍ମୀମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇପାରନ୍ତି।

**ବିଛା** ଅନୁରାଧା ନକ୍ଷତ୍ରର ଆର୍ଥିକ ସ୍ଥିତିର ଦୁରବସ୍ଥା ଗୁରୁତ୍ୱପୂର୍ଣ୍ଣ କାମ ସମୂହକୁ ଅଟକାଇ ଦେବ। ବିଜାତୀୟ ବନ୍ଧୁଙ୍କ ସହ ମିତ୍ରତା, ନୂଆ ସ୍ଥାନ ଭ୍ରମଣର ସୁଯୋଗ ମିଳିବ। ପ୍ରତ୍ୟେକ କାର୍ଯ୍ୟ ମନ୍ଥର ହେବାରୁ ସାମୟିକ ଅନୁଚିନ୍ତା କରିପାରନ୍ତି। ପ୍ରିୟ ବ୍ୟକ୍ତିରେ ଛଳନା ଓ ପ୍ରତାରଣା ପୂର୍ଣ୍ଣ କଥାରେ ମନରୁ ସରସତା ଉଭେଇ ଯାଇପାରେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। ପୂର୍ବାଷାଢ଼ା ନକ୍ଷତ୍ର ସକାଶେ ପାରିବାରିକ ସମସ୍ୟା ଅପରିବର୍ତ୍ତିତ ରହିଥିଲେ ମଧ୍ୟ କିଛିଟା ଲାଘବ ହେବାର ଅନୁଭବ କରିବେ। ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ଖବର, ଚୁକ୍ତିପତ୍ର ସ୍ୱାକ୍ଷର, ନୂତନ ସ୍ଥାନକୁ ଯାତ୍ରା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଯୋଗାଣ କାରବାର ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ମକର** ପାରିବାରିକ ବୁଝାମଣା, ଆର୍ଥିକ ଉନ୍ନତି ଓ ବନ୍ଧୁଙ୍କ ସାହାଯ୍ୟଲାଭରୁ ଖୁସି ରହିବେ। ବ୍ୟବସାୟ ଦିଗଟି ମନ୍ଦ ହେବନି, କିନ୍ତୁ ପରିବହନରେ ଝଗଡ଼ାର ଆଶଙ୍କା ରହିଛି। ଅତି ନିକଟରେ ରହୁଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବାର ସୂଚନା ପରିଲକ୍ଷିତ ହେବ। କଳା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ଆପଣଙ୍କ ଭୂମିକା ପ୍ରଶଂସନୀୟ ରହିବ।

**କୁମ୍ଭ** ଦୈହିକ, ମାନସିକ ଓ କର୍ମକ୍ଷେତ୍ର ପାଇଁ ଦିନଟି ଅନୁକୂଳ। ଶତଭିଷା ନକ୍ଷତ୍ର ବନ୍ଧୁଙ୍କ ସହ ଆଲୋଚନା, ପିଲାଙ୍କ କୃତିତ୍ୱ, ସାହିତ୍ୟାଦିରୁ ସମ୍ମାନିତ ହେବେ। ପାରିବାରିକ ସ୍ତରରେ ପୁରୁଣା କଥାକୁ ବେଶି ଆଲୋଚନା କରିବା ଠିକ୍ ହେବନି। କର୍ମକ୍ଷେତ୍ରରେ ସନ୍ଦେହାଚ୍ଛନ୍ନ ହୋଇ ସହକର୍ମୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି।

**ମୀନ** ବନ୍ଧୁ ଆର୍ଥିକ ମାନଦଣ୍ଡକୁ ମଜଭୁତ କରିବା ସହ ପାରିବାରିକ ଜୀବନକୁ ସୁଖ, ସନ୍ତୋଷର ମାର୍ଗଦର୍ଶକ ହୋଇପାରନ୍ତି। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ରେବତୀ ନକ୍ଷତ୍ର ସକାଶେ କ୍ରୀଡ଼ା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। ସନ୍ତାନଙ୍କ ବୈବାହିକ କାର୍ଯ୍ୟ ଦିଗରେ ମନୋନିବେଶ କରିପାରନ୍ତି।

ଆଜି ମେ ୨୫ ତାରିଖ, ଅନ୍ତର୍ଜାତୀୟ ନିଖୋଜ ଶିଶୁ ଦିବସ, ଭଜନ ସମ୍ରାଟ୍ ଭିକାରୀ ବଳଙ୍କ ଜୟନ୍ତୀ, ଗୁରୁ ଅର୍ଜୁନ ଦେବଙ୍କ ପୁଣ୍ୟ ଦିବସ, ଜ୍ୟେଷ୍ଠ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ରବିବାର। ରାଶିନକ୍ଷତ୍ର: ଦିବା ଘ.୧୧।୧୧.ମି.ରେ ଦ୍ୱିଜା/ମେଷ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣଶ୍ରାଦ୍ଧ, ସକାଳ ଘ.୦୬।୫୬ ଗତେ ଘ.୦୯।୩୩ ମଧ୍ୟେ, ଘ.୦୧।୨୧ ଗତେ ଘ.୦୨।୪୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୪।୩୭ ଗତେ ଘ. ୦୬।୧୫ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାପ ଭାଇ ଥିଲେ କିସ କରିବେ ଲୋ,**
**ଖଣ୍ଡେ ବୋଝେ ସିନା ଦେବେ;**
**ପୋଷିଲା ସାଆନ୍ତ ମଉଡ଼ମଣି ଲୋ**
**କାଳେ କାଳେ ଟେକିଥିବେ ।**

ଝିଅ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପ ଭାଇଙ୍କର ଚିନ୍ତା ସରିଯାଏ। କେତେବେଳେ କେମିତି ଭଲ ମନ୍ଦରେ ସମୟ ସୁବିଧା ଦେଖି ପଚାରିବାକୁ ଆସନ୍ତି ନ ହେଲେ ନାହିଁ। କିନ୍ତୁ ଯାହାକୁ ସେ ବିଭା ହୋଇଥାଏ ସେହି ସ୍ୱାମୀ ସବୁବେଳେ ତା'ର ପାଖେ ପାଖେ ରହିଥାଏ। ଜୀବନର ସୁଖଦୁଃଖରେ ସବୁବେଳେ ତାହାର ସାଥୀ ହୋଇ ରହୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବସି ଖାଇଲେ ନଈ ବାଲି ସରେ ।**

ଆୟ ଦେଖି ବ୍ୟୟ କରିବା ଉଚିତ। ତେବେ ଆୟ କରିବାର ପନ୍ଥା ସ୍ଥିର ନ କରି କେବଳ ସଞ୍ଚିତ ଅର୍ଥକୁ ବ୍ୟୟ କରିଚାଲିଲେ ନଈବାଲି ପରି ଅକଳନ ସମ୍ପତ୍ତି ମଧ୍ୟ ଅଚିରେ ଶେଷ ହୋଇଯାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଦେଶ ବିକାଶର ...

ଏହାକୁ ୨୦୩୬ ସୁଦ୍ଧା ୪୦% ଓ ୨୦୪୭ ସୁଦ୍ଧା ୬୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଅର୍ଥାତ୍ ସ୍ୱାଧୀନତା ପ୍ରାପ୍ତିର ଶତବାର୍ଷିକୀ ପାଳନ ବେଳେ ଓଡ଼ିଶାର ସମ୍ପୂର୍ଣ୍ଣ ସହରୀକରଣ ହୋଇସାରିଥିବ। କେବଳ ଏତିକି ନୁହେଁ, ୨୦୩୬ ସୁଦ୍ଧା ରାଜ୍ୟକୁ ୫୦୦ ବିଲିୟନ୍ ଡଲାର ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ କରିବାକୁ ଓଡ଼ିଶାବାସୀଙ୍କ ଲକ୍ଷ୍ୟ ରହିଛି। ଆମ ରାଜ୍ୟ ଆଗାମୀ ୨୫ ବର୍ଷରେ ଦେଶ ବିକାଶ ଯାତ୍ରାର ଗ୍ରୋଥ ଇଞ୍ଜିନ୍ ହେବାକୁ ଯାଉଛି। ୨୦୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରାଯିବ। ଏଥିସକାଶେ ରାଜ୍ୟ ସରକାର ଏକ 'ଭିଜନ୍ ଡକ୍ୟୁମେଣ୍ଟ' ପ୍ରସ୍ତୁତ କରିଛନ୍ତି। ଓଡ଼ିଶାର 'ଭିଜନ୍ ଡକ୍ୟୁମେଣ୍ଟ' ଏକ ବିସ୍ତୃତ, କାର୍ଯ୍ୟକାରୀଯୋଗ୍ୟ ଓ ସମାବେଶୀ ରିପୋର୍ଟ। ଅନ୍‌ଲାଇନ୍ ଜରିଆରେ ସଂଗୃହୀତ ୩,୨୦,୦୦୦ ଲୋକଙ୍କ ପ୍ରସ୍ତାବ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟ ଜୁନ୍ ୧୨ରେ ଓଡ଼ିଶାରେ ଭାଜପା ସରକାର କ୍ଷମତାସୀନ ହେବାର ବର୍ଷପୂର୍ତ୍ତି ପାଳନ ଅବସରରେ ଏହି ଭିଜନ୍ ଡକ୍ୟୁମେଣ୍ଟକୁ ଉନ୍ମୋଚନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରାଜ୍ୟରେ କୃଷି, ଶିଳ୍ପ ଓ ଅନ୍ୟ କ୍ଷେତ୍ରଗୁଡ଼ିକୁ ବିକଶିତ କରିବା ପାଇଁ ସରକାର ନେଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଅବତାରଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ସମସ୍ତ ଅମଳଯୋଗ୍ୟ ଅଞ୍ଚଳକୁ ଜଳସେଚନ କରାଯାଇ କୃଷି ଉତ୍ପାଦନଶୀଳତା ବୃଦ୍ଧି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହାଦ୍ୱାରା କୃଷକମାନଙ୍କ ଆୟ ବୃଦ୍ଧି ଘଟିବ। ଦ୍ରୁତ ଅଭିବୃଦ୍ଧି ଲକ୍ଷ୍ୟ ହାସଲ ଲାଗି ସହରୀକରଣକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ସେହିପରି ବିଶ୍ୱସ୍ତରୀୟ ରାସ୍ତା ଓ ରେଳପଥ ନିର୍ମାଣ ସହ ବିମାନ ଚଳାଚଳ କ୍ଷେତ୍ରରେ ଅଗ୍ରଗତି ସକାଶେ କେନ୍ଦ୍ର ସରକାରଙ୍କ ସହଯୋଗ ଲୋଡ଼ାଯାଉଛି। ରାଜ୍ୟର ବିସ୍ତୃତ ଉପକୂଳ ଅଞ୍ଚଳରେ ବନ୍ଦରଭିତ୍ତିକ ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ପ୍ରତିଷ୍ଠା କରି ଆର୍ଥିକ ଅଭିବୃଦ୍ଧିକୁ ଗତିଶୀଳ କରାଯିବ। ଏହାଦ୍ୱାରା ରାଜ୍ୟରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ବୟନଶିଳ୍ପ, ଗାର୍ମେଣ୍ଟ, ଖାଦ୍ୟ ପ୍ରକ୍ରିୟାକରଣ ଭଳି ଶିଳ୍ପ କ୍ଷେତ୍ରରେ ପୁଞ୍ଜିନିବେଶ ଆକର୍ଷଣ ପାଇଁ ସରକାର ସବୁ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି। 'ସ୍କିଲ୍ଡ ଇନ୍ ଓଡ଼ିଶା' ବର୍ତ୍ତମାନ ଏକ ବୈଶ୍ୱିକ ବ୍ରାଣ୍ଡରେ ପରିଣତ ହୋଇଛି। ଓଡ଼ିଶା ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି ଏନେବଲ୍ଡ ସର୍ଭିସେସ୍ (ଆଇଟିଇଏସ୍) ଏବଂ ଗ୍ଲୋବାଲ କାପାବିଲିଟି ସେଣ୍ଟର୍ସ ହବ୍ ରୂପେ ଉଭା ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପ୍ରିଲ ୨୨ର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶର ସଶସ୍ତ୍ର ବଳ 'ଅପରେଶନ୍ ସିନ୍ଦୂର' ବଳରେ ସୀମାନ୍ତରେ ଥିବା ଆତଙ୍କବାଦୀଙ୍କ ଭିତ୍ତିଭୂମିକୁ ଧ୍ୱସ୍ତବିଧ୍ୱସ୍ତ କରିବାରେ ସଫଳ ହୋଇଛନ୍ତି। ଏଭଳି ସମୟରେ ସବୁ ରାଜ୍ୟକୁ ଏକାଠି କରି ଦେଶ ସହ ଛିଡ଼ା କରାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଛନ୍ତି। ସେହିପରି '୨୦୪୭ରେ ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ'ର ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଏବଂ ଦେଶର ବିକାଶ ଯାତ୍ରାରେ ରାଜ୍ୟଗୁଡ଼ିକୁ ସହଭାଗୀ ହେବାର ସୁଯୋଗ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୨୪-୨୫ରେ ଜାତୀୟ ଅର୍ଥନୀତିର ବିକାଶ ହାର ୬.୫%କୁ ବୃଦ୍ଧି ପାଇଛି। ଏହି ସମୟରେ ଡବଲ ଇଞ୍ଜିନ୍ ଯୋଗୁ ଓଡ଼ିଶା ୭.୨% ଅଭିବୃଦ୍ଧି ହାସଲ କରିପାରିଛି। ପ୍ରଧାନମନ୍ତ୍ରୀ ଗତ ୧୧ ମାସ ଭିତରେ ଓଡ଼ିଶାକୁ ୫ ଥର ଗସ୍ତ କରିବା ରାଜ୍ୟର ବିକାଶ ପ୍ରତି ତାଙ୍କ ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି। ଓଡ଼ିଶା ଆଗାମୀ ୧୫ ବର୍ଷରେ ଦେଶ ପାଇଁ ଅଭିବୃଦ୍ଧିର ଇଞ୍ଜିନ୍ ପାଲଟିବାକୁ ଯାଉଛି। ଏହି ଲକ୍ଷ୍ୟ ହାସଲ ପାଇଁ ରାଜ୍ୟରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ ସକାଶେ ୫ ବର୍ଷ ଭିତରେ ଦେଢ଼ ଲକ୍ଷ ନିଯୁକ୍ତି ଦିଆଯିବ। ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନା ମହିଳା ସଶକ୍ତୀକରଣ ପାଇଁ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଛି। ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧୦,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପଠାଯାଇଛି। ସେହିପରି ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ସହ ଏହି କ୍ଷେତ୍ରରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। 'ଏକ ପେଡ୍ ମା' କେ ନାମ୍' ଅଭିଯାନରେ ଓଡ଼ିଶାରେ ୬.୬ କୋଟି ଚାରାରୋପଣ କରାଯାଇଛି। ଖୁବ୍‌ଶୀଘ୍ର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୭,୦୦୦ ପ୍ରାଥମିକ ସ୍କୁଲକୁ ଆଧୁନିକ ଉପକରଣ ଓ ଭିତ୍ତିଭୂମି ପ୍ରଦାନ ସହ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ଓଡ଼ିଶାରେ ନୂଆ ରେଳ ପ୍ରକଳ୍ପଗୁଡ଼ିକ ପାଇଁ ୭୩,୦୦୦ କୋଟି ଟଙ୍କା ଦେଇଛନ୍ତି। ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୪,୬୦୦ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଆହୁରି ୧୭,୫୦୦ କୋଟି ଟଙ୍କା ପ୍ରଦାନର ଯୋଜନା ରହିଛି। ରାଜ୍ୟ ସରକାର କେନ୍ଦ୍ର ସହ ସମନ୍ୱୟ ରଖି ପିଏମ୍ ଉଷା, ପିଏମ୍‌ଶ୍ରୀ, ମମତା-ପିଏମ୍‌ଏମ୍‌ଭିୱାଇ, ଏନ୍‌ଇପି ୨୦୨୦ ଏବଂ ପିଏମ୍ ଜେଏୱାଇ ଭଳି ଯୋଜନାଗୁଡ଼ିକୁ ସଫଳତାର ସହ କାର୍ଯ୍ୟକାରୀ କରୁଥିବା ନେଇ ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

### କେରଳ ଛୁଇଁଲା ...

ବିଭିନ୍ନ ସ୍ଥାନରେ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିପଡ଼ିଛି। ବର୍ଷା ଲାଗିରହିଥିବାରୁ ବହୁ ଅଞ୍ଚଳ ଜଳାର୍ଣ୍ଣବ ହୋଇଯାଇଛି। ୪୫ରୁ ସର୍ବାଧିକ ୫୫ କିଲୋମିଟର ବେଗରେ ପ୍ରବଳ ବହିବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରକୁ ନ ଯିବା ଲାଗି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଥିଲା। ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳରେ ପହଞ୍ଚିବା ପରେ ଜୁଲାଇ ୮ ସୁଦ୍ଧା ସମଗ୍ର ଦେଶରେ ପହଞ୍ଚିଥାଏ। ସେପ୍ଟେମ୍ବର ୧୭ରୁ ଏହାର ପ୍ରତ୍ୟାବର୍ତ୍ତନ ଆରମ୍ଭ ହେଉଥିବାବେଳେ ଅକ୍ଟୋବର ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଅପସରି ଯାଇଥାଏ। ଗତବର୍ଷ ମୌସୁମୀ ମେ' ୩୦ରେ ପହଞ୍ଚିଥିବାବେଳେ ୨୦୨୩ରେ ଜୁନ୍ ୮ରେ, ୨୦୨୨ରେ ମେ' ୨୯ରେ, ୨୦୨୧ରେ ଜୁନ୍ ୩ରେ, ୨୦୨୦ରେ ଜୁନ୍ ୧ରେ, ୨୦୧୯ରେ ଜୁନ୍ ୮ରେ ଏବଂ ୨୦୧୮ରେ ମେ' ୨୯ରେ ପହଞ୍ଚିଥିଲା। ୧୯୯୦ରେ ମୌସୁମୀ ସବୁଠୁ ସଅଳ ମେ' ୧୯ରେ କେରଳ ଛୁଇଁଥିଲା।

ଚଳିତ ବର୍ଷ ଏଲ୍ ନିନୋ ସମ୍ଭାବନା ନ ଥିବାରୁ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଗତମାସରେ ପୂର୍ବାନୁମାନ କରିଥିଲା। ଗତବର୍ଷ ଦେଶରେ ୯୩୪.୮ ମିଲିମିଟର ବୃଷ୍ଟିପାତ ହୋଇଥିଲା, ଯାହାକି ହାରାହାରି ବୃଷ୍ଟିପାତର ୧୦୮ ପ୍ରତିଶତ ଏବଂ ୨୦୨୦ରୁ ସର୍ବାଧିକ।

### ଫରେଷ୍ଟ ଗାର୍ଡଙ୍କୁ ...

ଶିକାରୀମାନେ ଥିବା ଜାଣିବା ମାତ୍ରେ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ସେମାନଙ୍କୁ ଘେରାଉ କରିଥିଲେ। ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ଘର ଭିତରକୁ ପ୍ରବେଶ କରିବା ପରେ ଶିକାରୀମାନଙ୍କ ସହ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ଶିକାରୀମାନେ ତାଙ୍କ ଉପରକୁ ଅତର୍କିତ ଗୁଳିମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ୪ଜଣ ବନ କର୍ମଚାରୀ ତାଙ୍କୁ ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଥିବା ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟମାନେ ସମ୍ପୃକ୍ତ ୪ ଶିକାରୀଙ୍କୁ ଧରି ନେଇଥିଲେ। ସେମାନେ ହେଲେ ହିନ୍ଦୋଳ ଥାନା ଅଞ୍ଚଳର ଶିବରାମ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ଦେହୁରୀ, କଟକ ଜିଲ୍ଲା ନରସିଂହପୁର ଅଞ୍ଚଳର ଲକ୍ଷ୍ମୀଧର ଆରୁଖ ଓ ସୁନୀଲ କୁମାର ଜେନା। ସେମାନଙ୍କ ନିକଟରୁ ବନ୍ଧୁକକୁ ଜବତ କରାଯାଇଥିବା ଜିଲ୍ଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଘଟଣା ସମ୍ପର୍କରେ ଖବରପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ବନ ସଂରକ୍ଷକ ଓ ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରମୁଖ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟଠାରେ ପହଞ୍ଚିଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ପ୍ରହ୍ଲାଦଙ୍କ ମରଶରୀରକୁ ବନ ବିଭାଗ ପକ୍ଷରୁ ପରଜଙ୍ଗ ଦେଇ କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ବହୁ ବିଧାୟକ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ପରେ ମୃତଦେହ ତାଙ୍କ ପୈତୃକ ଗ୍ରାମ ଜିରିଡ଼ାମାଳିକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିଲା। ଘଟଣାକୁ ନେଇ ହିନ୍ଦୋଳ ଥାନାରେ ୧୫୧/୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନଙ୍କୁ ଶିକାରୀ ଗୁଳି କରି ହତ୍ୟା କରିବା ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିଛନ୍ତି। ତାଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ୩୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏହାସହ ଘଟଣାସ୍ଥଳକୁ ଯାଇ ଅଧିକ ତଦନ୍ତ କରିବା ଲାଗି ପିସିସିଏଫ୍‌ଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ତାଙ୍କ ଏକ୍ସ ହ୍ୟାଣ୍ଡେଲରୁ ସୂଚନା ମିଳିଛି।




ନୂଆଦିଲ୍ଲୀରେ ଶନିବାର ନୀତି ଆୟୋଗର ଗଭର୍ନିଂ କାଉନସିଲ ବୈଠକରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା(ଡାହାଣ)ଙ୍କୁ ଭେଟୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ବସ୍ତିରୁ ବାର୍ ଯାଏ ମାଡିଛନ୍ତି ବାଂଲାଦେଶୀ: ମନ୍ତ୍ରୀ

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**

■ ନୂଆ ବାର୍ ଅନୁମତି ଦେବା ବେଳେ କଡ଼ାକଡ଼ି ହେବ ନିୟମ
■ ବାଂଲାଦେଶୀଙ୍କ ପାଇଁ ଟୁଇନ୍ ସିଟିରେ ବଢ଼ୁଛି ଅପରାଧ

ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ଟୁଇନ୍ ସିଟିରେ ଅପରାଧ ବଢ଼ୁଛି। ବସ୍ତିରୁ ବାର୍ ସବୁଠି ବାଂଲାଦେଶୀ ଅନୁପ୍ରବେଶକାରୀ ମାଡିଛନ୍ତି। କେବଳ ଏତିକି ନୁହେଁ, ଏମାନେ ଚୋରା ନିଶା କାରବାର ସହ ଅପରାଧ ଘଟାଉଛନ୍ତି। ଏହି ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚେକ୍ ଦେବାକୁ ନଗର ଉନ୍ନୟନ ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ବଡ଼ ଆକ୍ସନ ପ୍ଲାନ୍ କରାଯାଉଛି। ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଆରମ୍ଭ କରାଯିବା ସହ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶନିବାର ଗଣମାଧ୍ୟମକୁ କହିଛନ୍ତି। ସହରକୁ ସୁରକ୍ଷିତ ରଖିବାକୁ ଅନୁପ୍ରବେଶକାରୀ ମୁକ୍ତ କରାଯିବ। ବସ୍ତିରେ ରହୁଥିବା ଅପରାଧୀଙ୍କ ଘରକୁ ଭଙ୍ଗାଯାଉଛି। ସେହିପରି ନୂଆ ବାର୍ ଖୋଲିବାକୁ ଅନୁମତି ଦେବା ସମୟରେ ଯେପରି ନିୟମ କଡ଼ାକଡ଼ି ପାଳନ ହେବ ସେନେଇ ଅବକାରୀ ବିଭାଗ ସହ ଆଲୋଚନା ହୋଇଛି ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ବାଂଲାଦେଶୀଙ୍କ ସପକ୍ଷରେ ଭୁବନେଶ୍ୱର ମେୟର ବୟାନ ଦେବା ପରେ ରାଜ୍ୟ ରାଜନୀତିରେ ବିବାଦ ଦେଖାଦେଇଛି। ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ବରିଷ୍ଠ ଭାଜପା ନେତା ଜୟନାରାୟଣ ମିଶ୍ର କହିଛନ୍ତି, ଭୋଟବ୍ୟାଙ୍କ ପାଇଁ ଅନୁପ୍ରବେଶକାରୀଙ୍କୁ ବିଜେଡି ପ୍ରଶ୍ରୟ ଦେଇଥିଲା। ସେମାନଙ୍କ ଆଧାର କାର୍ଡ ପ୍ରସ୍ତୁତକରି ଶଙ୍ଖ ଦଳ ରାଜ୍ୟରେ ସେମାନଙ୍କୁ ଥଇଥାନ କରିଛି। ପଶ୍ଚିମବଙ୍ଗ ସରକାର ସମର୍ଥନରେ ବାଂଲାଦେଶୀ ଆଧାର କାର୍ଡ, ଭୋଟର କାର୍ଡ ଓ ରାଶନ କାର୍ଡ ପାଉଥିଲେ। ବିଜେଡି ପ୍ରଶ୍ରୟରେ ଓଡ଼ିଶାରେ ଅନୁପ୍ରବେଶ କରୁଥିଲେ। ତେଣୁ ସେମାନଙ୍କୁ ଶୀଘ୍ର ବାହାର କରିବାକୁ ରାଜ୍ୟ ସରକାରଙ୍କ ନିକଟରେ ଜୟନାରାୟଣ ଦାବି କରିଛନ୍ତି।

# ସୁନ୍ଦରଗଡ଼ ଖଣି ଦୁର୍ନୀତିର ତଦନ୍ତ ଆରମ୍ଭ କଲା ଏସ୍ଆଇଟି

**ଭୁବନେଶ୍ୱର,୨୪।୫ (ସୁନିତ୍ ମିଶ୍ର)**

ସୁନ୍ଦରଗଡ଼ ଖଣି ଦୁର୍ନୀତି ଘଟଣାରେ ମୁଖ୍ୟମନ୍ତ୍ରୀ ଭିଜିଲାନ୍ସ ନିର୍ଦ୍ଦେଶ ଦେବା ସହ ଏସ୍ଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭିଜିଲାନ୍ସ ଆଇଜି ସଞ୍ଜୟ କୁମାର କୌଶଲଙ୍କ ଅଧ୍ୟକ୍ଷତାରେ ଗଠିତ ୮ ଜଣିଆ ଏସ୍ଆଇଟି ଶନିବାର ଘଟଣାର ତଦନ୍ତ ଆରମ୍ଭ କରିଛି। ଉକ୍ତ ଟିମ୍‌ରେ ଡିଏସ୍‌ପି ଓ ଇନ୍ସପେକ୍ଟର ର୍‍ୟାଙ୍କର ଅଫିସରଙ୍କୁ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ କିଛି ତଥ୍ୟ ହସ୍ତଗତ ହୋଇଥିବା କୌଶଲ ସୂଚନା ଦେଇଛନ୍ତି। ଏହି ଟିମ୍ ସୁନ୍ଦରଗଡ଼ ଜିଲାର ହେମଗିର ଏବଂ କୋଇଡ଼ା ତହସିଲର ବେଆଇନ ଖଣି କାରବାରର ତଦନ୍ତ କରିବେ।

ଉକ୍ତ ପ୍ରସଙ୍ଗରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଖଣି ଦୁର୍ନୀତିରେ କାର୍ଯ୍ୟାନୁଷ୍ଠାନ ଏବଂ ତଦନ୍ତ ନିମନ୍ତେ ଭିଜିଲାନ୍ସକୁ ନିର୍ଦ୍ଦେଶ ଦିଆଯାଇଛି। ଭିଜିଲାନ୍ସ ବିଭାଗ ଏସ୍ଆଇଟି ମଧ୍ୟ ଗଠନ କରିସାରିଛି। ଏହି ଘଟଣାର ସରଜମିନ ତଦନ୍ତ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେତେବଡ଼ ପ୍ରଭାବଶାଳୀ ବ୍ୟକ୍ତି ହୁଅନ୍ତୁ ନା କାହିଁକି ଦୁର୍ନୀତି ଓ ଚୋରା ଖଣି କାରବାରର ଚେର ଯେତେଦୂରକୁ ଲମ୍ବିଥାଉ ନା କାହିଁକି ଏହାର ତଦନ୍ତ ହେବ ଏବଂ ଏହାର ସମୂଳେ ଉତ୍ପାଟନ ଲାଗି ଭାଜପା ସରକାର ଉଦ୍ୟମ କରିବେ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

# ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଭିଡିଓ ପ୍ରସାରିତ କରି ୨ ଗିରଫ

**କଟକ,୨୪।୫(କାର୍ତ୍ତିକ ସାହୁ)**

**ପାକିସ୍ତାନ ଜିନ୍ଦାବାଦ ଭିଡିଓ ଶୁଟିଂ କରିବା ମହଙ୍ଗା ପଡ଼ିଲା**

ପାକିସ୍ତାନ ଜିନ୍ଦାବାଦ ଭିଡିଓ ଶୁଟିଂ କରି ହ୍ୱାଟ୍ସଆପ ଗ୍ରୁପ୍‌ରେ ତାହା ପ୍ରସାରିତ କରିବା ୨ ଯୁବକଙ୍କୁ ମହଙ୍ଗା ପଡ଼ିଛି। ସ୍ଥାନୀୟ ଅଞ୍ଚଳରେ ସାମ୍ପ୍ରଦାୟିକତା ଭାବ ସୃଷ୍ଟି କରୁଥିବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ୨ଜଣଙ୍କୁ ଶନିବାର ଗିରଫ କରିଛି। ସେମାନେ ହେଲେ ମହାନଦୀ ବିହାରରେ ରହୁଥିବା ସୌରଭ କୁମାର ସାହୁ (୨୭) ଓ ଗୌତମ ଲେଙ୍କା (୨୮)। ପୋଲିସ ତାଙ୍କ ନିକଟରୁ ୨ଟି ମୋବାଇଲ ଫୋନ୍ ଜବତ କରିଛି। ଏ ନେଇ ଚାଉଳିଆଗଞ୍ଜ ଥାନାରେ ଏକ ମାମଲା (ନଂ.୨୪୦/୨୦୨୫) ରୁଜୁ ହୋଇଛି। ସୌରଭଙ୍କ ନାମରେ ପୂର୍ବରୁ ୨ଟି ମାମଲା ରହିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନାନୁସାରେ, ଅଭିଯୁକ୍ତଦ୍ୱୟ ଲୋକଙ୍କ ମଧ୍ୟରେ ବିଶୃଙ୍ଖଳା, ଘୃଣାଭାବ ସୃଷ୍ଟି କରିବାକୁ ଗତ ୧୫ ତାରିଖ ରାତି ୯ଟା ୩୦ ମିନିଟ୍‌ରେ ମହାନଦୀ କୂଳ ଗାନ୍ଧୀପଲ୍ଲୀ ଗଡ଼ା ନିକଟରେ ଉଦ୍ୟମ କରୁଥିଲେ। ସୌରଭ ପାକିସ୍ତାନ ଜିନ୍ଦାବାଦ କହି ଚିତ୍କାର କରୁଥିବା ବେଳେ ଗୌତମ ତାହା ମୋବାଇଲରେ ଶୁଟିଂ କରୁଥିଲେ। ଶୁଟିଂ ଶେଷ କରି ହ୍ୱାଟ୍ସଆପ ଗ୍ରୁପ୍‌ରେ ତାହା ପ୍ରସାରିତ କରିଥିଲେ। କଟକ ସହରର ସବୁ ଲୋକଙ୍କ ନିକଟରେ ଏଭଳି ଭିଡିଓ ଉପଲବ୍ଧ ହୋଇଥିଲା। ସମ୍ପ୍ରତି ଭାରତ-ପାକିସ୍ତାନ ମଧ୍ୟରେ ଅପ୍ରୀତିକର ସ୍ଥିତି ଲାଗି ରହିଥିବାବେଳେ ଏଭଳି ଭିଡିଓ ୨ ଦେଶ ମଧ୍ୟରେ ବିଭ୍ରାଟ ଓ ବିଶୃଙ୍ଖଳା ସୃଷ୍ଟି ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ପୋଲିସ ନିଜ ଆଡ଼ୁ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରିଛି।

# ରଥ ନିର୍ମାଣ ପାଇଁ ରେଢ଼ାଖୋଲରୁ ପୁରୀକୁ ଗଲା କାଠ



**ରେଢ଼ାଖୋଲ,୨୪।୫ (ଅଚ୍ୟୁତାନନ୍ଦ ପୁରୋହିତ)**

ଚଳିତବର୍ଷ ପୁରୀ ରଥ ନିର୍ମାଣ ପାଇଁ ରେଢ଼ାଖୋଲରୁ ଶନିବାର ପୂର୍ବାହ୍ନରେ ବିଭିନ୍ନ ପ୍ରକାର କାଠ ପଠାଯାଇଛି। ରେଢ଼ାଖୋଲ ବନଖଣ୍ଡର ଲଣ୍ଡାକୋର୍ଟ ସଂରକ୍ଷିତ ଜଙ୍ଗଲର ବ୍ରହ୍ମପୁରା ଅଞ୍ଚଳରୁ ୧୦ଖଣ୍ଡ ଧଉରା, ୨୦ଖଣ୍ଡ ଅସନ କାଠଗଣ୍ଡି ପୁରୀକୁ ଯାଇଛି। ଜଙ୍ଗଲରେ ଏକ ସୁସଜ୍ଜିତ ଟ୍ରକ୍‌ରେ କାଠଗଣ୍ଡିଗୁଡିକୁ ବୋଝେଇ କରାଯିବା ପରେ ପୂଜାର୍ଚ୍ଚନା କରାଯାଇଥିଲା। ନାମ ସଂକୀର୍ତ୍ତନ କରି ଚାରମାଳ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯିବା ପରେ ପୁରୀ ଅଭିମୁଖେ ଟ୍ରକ୍ ଯାଇଥିଲା। ଚାରମାଳ ବନରେଞ୍ଜ ଅଧିକାରୀ ଦର୍ଶନିଆ ଭୋଇ ଓ ଅନ୍ୟ କର୍ମଚାରୀମାନେ ଯୋଗଦେଇ ସମସ୍ତ ସହଯୋଗ କରିଥିଲେ। ଚାରମାଳ ସରପଞ୍ଚ ସଞ୍ଜୟ ପ୍ରଧାନ, ନାରୀନେତ୍ରୀ ସୁପ୍ରଭା ପ୍ରଧାନ, ସାମାଜିକ କର୍ମୀ ଅନାଦି ସାହୁଙ୍କ ସମେତ ଶତାଧିକ ଜଗନ୍ନାଥପ୍ରେମୀ ଯୋଗଦେଇଥିଲେ।

# ଢାବା ମାଲିକଙ୍କୁ ଅପହରଣ ଅଭିଯୋଗ

**ଛେଣ୍ଡିପଦା,୨୪।୫(ଅଜିତ ଧଳ)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ରାଇଝରଣ ପଞ୍ଚାୟତର ଶିତରାସାହିଠାରେ ଥିବା ଏକ ଢାବାର ମାଲିକଙ୍କୁ ଶନିବାର ସନ୍ଧ୍ୟାରେ କେହି ଅପହରଣ କରିନେଇଛି। ଢାବା ମାଲିକ ରାଇଝରଣର ଦୀପକ କୁମାର ବାରିକ ଗ୍ରାମରୁ ଢାବାକୁ ଯାଉଥିବା ସମୟରେ ପୂର୍ବରୁ ଢାବା ସମ୍ମୁଖରେ ଅପେକ୍ଷା କରିଥିବା କେତେଜଣ ଦୁର୍ବୃତ୍ତ ତାଙ୍କୁ ଏକ ଗାଡ଼ିରେ ଅପହରଣ କରି ନେଇଯାଇଥିଲେ। ଏହା ଦେଖି ଢାବାର କେତେଜଣ କର୍ମଚାରୀ ପାଟି କରିବା ସହ ପୋଲିସକୁ ଖବର ଦେଇଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥକୁ ଥାନା ସମ୍ମୁଖରେ ସିଲ କରି ଯାଞ୍ଚ ଚଳାଇଛି। କୋଇଲା ପରିବହନ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ଦୀପକଙ୍କୁ ଅପହରଣ କରାଯାଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି।

# ୧ରେ ବି.ଏଡ୍. ପ୍ରବେଶିକା ପରୀକ୍ଷା

**ଭୁବନେଶ୍ୱର,୨୪।୫ (ସୁଚିସ୍ମିତା ସାହୁ)**

ଜୁନ୍ ୧ରେ ବି.ଏଡ୍. ପ୍ରବେଶିକା ପରୀକ୍ଷା। ଏଥିପାଇଁ ଆଡ୍‌ମିଟ କାର୍ଡ ଉପଲବ୍ଧ କରାଯାଇଛି। ଏହି ଦୁଇବର୍ଷିଆ ବି.ଏଡ୍. ପାଠ୍ୟକ୍ରମରେ ନାମଲେଖାଇବାକୁ ଛାତ୍ରୀଛାତ୍ରମାନେ ସାମ୍ସ ପୋର୍ଟାଲ te.samsodisha.gov.in କିମ୍ବା ssbodisha.ac.inରୁ ନିଜ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିବାକୁ କୁହାଯାଇଛି। ତେବେ ଆଡ୍‌ମିଟ୍ କାର୍ଡ ପାଇବା ପରେ ପ୍ରାର୍ଥୀମାନେ ତାହାକୁ ଭଲ ଭାବେ ଯାଞ୍ଚ କରିବା ଦରକାର। କୌଣସି ଅସଙ୍ଗତ ବା ତ୍ରୁଟି ଥିଲେ ତୁରନ୍ତ ପରୀକ୍ଷା କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଆଡ୍‌ମିଟ କାର୍ଡରେ ରିପୋର୍ଟିଂ ସମୟ ସହିତ ଅନ୍ୟ ସମସ୍ତ ବିବରଣୀ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଲକ୍ଷ୍ୟ ରଖି ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ପାଇଁ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଆବେଦନକାରୀଙ୍କ ପାଇଁ ମାର୍ଚ୍ଚ ୨୪ରୁ କମନ ଆପ୍ଲିକେଶନ ଫର୍ମ(ସିଏଏଫ) ପୂରଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDARGARH DISTRICT)
Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | 1½ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031
NCHMCT

Food Partner
THE CHAMPARAN MUTTON KING OF MUTTON
Org.By.
GEM Gupta Event Management Pvt.Ltd Exhibition & Events
11th BHUBANESWAR
INTERNATIONAL
trade fair
23rd MAY - 2nd JUNE-2025
Time : 2:30 PM to 10:00 PM
JANATA MAIDAN, BHUBANESWAR
UPTO 70% OFF
100000+ NATIONAL & INTERNATIONAL PRODUCTS
A/C PAVILION
SUPPORTED BY
IN ASSOCIATE WITH
MSME
CREDAI ODISHA
RELAXIVE
KANHAR
20 STATES & 8 COUNTRIES

HOOGHLY ENGINEERING & TECHNOLOGY COLLEGE
APPROVED BY AICTE | RECOGNIZED BY UGC | AFFILIATED TO MAKAUT | ACCREDITED BY NAAC
ACCREDITED WITH GRADE B+ NAAC
21 YEARS OF EXCELLENCE
All Scholarships are Available
4700+ PLACEMENTS
Step into WEST BENGAL
Step up with HETC
B.TECH COURSES
• MECHANICAL ENGINEERING
• ELECTRICAL ENGINEERING
• CIVIL ENGINEERING
• COMPUTER SCIENCE AND ENGINEERING
• ELECTRONICS AND COMMUNICATIONS ENGINEERING
NO CAPITATION FEE
MANAGEMENT QUOTA
89811 08944 | 79804 86868
admission@hetc.ac.in | www.hetc.ac.in
Campus: Vivekananda Road, Pipulpati, P.O. & Dist. Hooghly, West Bengal, 712103 (50 Minutes from Howrah Station)
Odisha Office: Deula Sahi, Baripada, Mayurbhanj, Odisha

SAI INTERNATIONAL SCHOOL
SAI INTERNATIONAL RESIDENTIAL SCHOOL
CBSE XII BOARD RESULTS 2025
88.80% SCHOOL AVG.
88.28% SCIENCE AVG.
89.08% COMMERCE AVG.
89.05% HUMANITIES AVG.
COMMERCE
DHIRAJ DHANUKA 98.8%
20.3% Students 95% +
44.6% Students 90% +
91.5% Students 75% +
100% Students 60% +
HUMANITIES
ANOUSHKA PANDA 98.2%
SCIENCE
N. SHREYA AMOLIKA 98%
NIKHIL KASERA 98%
SHIKSHA BANKA 98%
CBSE X BOARD RESULTS 2025
88.76% SCHOOL AVERAGE
AAHANA PARIJA 99.2%
21.3% Students 95% +
59.2% Students 90% +
93.2% Students 75% +
100% Students 60% +
HARSH AGARWALL 98.8%
ANUSKA PANDA 98.6%
VALLABH S. AGRAWALLA 98.6%
SWAGAT MOHAPATRO 98.6%
ADMISSIONS OPEN FOR PLAYGROUP TO XI
CBSE, CAMBRIDGE & IBCP
www.saiinternational.edu.in | Call: 0674-7100200, +91 9338336699

ପ୍ରତି ମୁହୂର୍ତ୍ତରେ ଭଗବାନଙ୍କ ଉପସ୍ଥିତି ଭିତରେ ବଞ୍ଚି ରହ। ପ୍ରତି ମୁହୂର୍ତ୍ତରେ ଏହି କ ଦିମ ଅଚେତନା ଭିତରୁ ମୁକ୍ତି ପାଇ ଏକ ଗତିଶୀଳ ଚେତନା ଭିତରକୁ ପ୍ରବେଶ କରିବାକୁ ଚାହୁଁ ଥାଅ- ତା'ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା- ଏବଂ ସବୁଠାରୁ ବଡ କଥା ମଧ ହେଲା – ତୁମର ଚରମ ନିଷ୍ଠାପରତା। –ଶ୍ରୀମା



# ଗଣତନ୍ତ୍ର ଓ ବ୍ୟକ୍ତି ସ୍ୱାଧୀନତା



ଆକାର ପଟେଲ

ଗଣତନ୍ତ୍ର ବ୍ୟବସ୍ଥା ମୁଖ୍ୟତଃ ବ୍ୟକ୍ତି ସ୍ୱାଧୀନତାକୁ ବୁଝାଏ। ସାମାଜିକ ମାନଦଣ୍ଡ ଓ ସାଂସ୍କୃତିକ ମୂଲ୍ୟବୋଧର ପାଳନ ଯେ କୌଣସି ସରକାରଙ୍କ ଗଣତାନ୍ତ୍ରିକ ଗୁଣବତ୍ତା ହୋଇପାରେ। ଗଣତନ୍ତ୍ରର ସଂସ୍କୃତି, ପରମ୍ପରା ଓ ଭାବନା ଗୋଟିଏ ଦେଶର ନାଗରିକଙ୍କୁ ସଶକ୍ତ କରି ଉଚ୍ଚତର ସ୍ତରକୁ ନେଇ ସେହି ଦେଶକୁ ଆଗକୁ ବଢ଼ାଇଥାଏ। ଏହା କରିବା ଲାଗି ହିଁ ଗଣତନ୍ତ୍ର ଗଢ଼ାଯାଇଛି। ସିଏସ୍ ଲୁଇସ ତାଙ୍କ ପ୍ରବନ୍ଧରେ କହିଛନ୍ତି, କର୍କସ୍କ୍ରୁ (ମଦବୋତଲ ମୁହଁରେ ଦିଆଯାଇଥିବା କର୍କଠିପି ବାହାର କରିବା ଯନ୍ତ୍ର)ଠାରୁ ଆରମ୍ଭ କରି ଗୀର୍ଜା ଯାଏ, ସେଗୁଡ଼ିକର କାରିଗରି ବା ନିର୍ମାଣ କୌଶଳ ନିର୍ଣ୍ଣୟ କରିବାର ପ୍ରଥମ ଯୋଗ୍ୟତା ହେଉଛି, ଏହା କ'ଣ ଜାଣିବା ଆବଶ୍ୟକ। ଏହା ମଧ ଜାଣିବା ଦରକାର ଯେ, ଏହାର ଉଦ୍ଦେଶ୍ୟ କ'ଣ ଥିଲା ଓ ଏହାର ଉପଯୋଗ କେଉଁ ପ୍ରକାର କରାଯାଏ। ତାହା ଜାଣିବା ପରେ ଜଣେ ମଦ୍ୟପାନ କରୁ ନ ଥିବା ସମାଜ ସୁଧାରକ ଜାଣିବେ ଯେ, କର୍କସ୍କ୍ରୁ ଖରାପ ଉଦ୍ଦେଶ୍ୟରେ ତିଆରି କରାଯାଇଥିଲା ଏବଂ କମ୍ୟୁନିଷ୍ଟ ମଧ କାଥେଡ୍ରାଲ ସମ୍ପର୍କରେ ସମାନ ଚିନ୍ତା କରିପାରନ୍ତି। ପ୍ରଥମ ବିଷୟ ହେଉଛି, ତୁମ ସାମ୍ନାରେ ଥିବା ଲକ୍ଷ୍ୟକୁ ବୁଝିବା ଦରକାର। କର୍କସ୍କ୍ରୁ ଟିଣଡବା ଖୋଲିବା ପାଇଁ କିମ୍ବା କାଥେଡ୍ରାଲ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ବୋଲି ଯେତେବେଳଯାଏ ବିଚାର କରୁଥିବା ସେଗୁଡ଼ିକର ଲକ୍ଷ୍ୟ ସମ୍ପର୍କରେ କିଛି କହିପାରିବ ନାହିଁ। ସେହିଭଳି ଗଣତନ୍ତ୍ରକୁ ସ୍ପଷ୍ଟତଃ ନିର୍ବାଚନର ଏକ ଶୃଙ୍ଖଳା ଭାବେ ବିଚାର କରିବା ମାନେ ତାହାର ମହତ୍ତ୍ୱର ସ୍ୱରୂପକୁ ଭୁଲ୍ ବୁଝିବା। ଏକ ଦମନକାରୀ ଓ ଏକ ନିର୍ବାଚିତ ଏକଛତ୍ରବାଦ ଶାସନରେ ଯଦି ବ୍ୟକ୍ତିଙ୍କ ଅଭିବ୍ୟକ୍ତିର ସ୍ୱାଧୀନତାରେ ବାଧା ଆଣି, ମତ ଓ ସ୍ୱାଧୀନତାକୁ ସୀମିତ କରି ଏବଂ ଗୋଟିଏ ପ୍ରକାର ବିଚାର ଲଦି ଦିଆଯାଇ ସେମାନଙ୍କୁ ଅବଦମିତ କରି ରଖାଯାଏ, ତେବେ ଉଭୟ ଶାସନ ମଧ୍ୟରେ କୌଣସି ପ୍ରଭେଦ ରହି ନ ଥାଏ। ବ୍ୟବସ୍ଥା ବିରୋଧରେ ବିଚାରପତିଙ୍କ ରାୟ ଉପରେ ଅସହମତି ପ୍ରକାଶ ପାଇବା ଗଣତନ୍ତ୍ରରେ ଗୁରୁତ୍ୱପୂର୍ଣ୍ଣ, କାରଣ ବ୍ୟବସ୍ଥା ବିରୋଧରେ ଠିଆ ହୋଇ ବ୍ୟକ୍ତିକୁ ରକ୍ଷା କରିବା ପାଇଁ ବିଚାରପତିଙ୍କର ଅଧିକାର ଅଛି। ଏହା ଶୁଣିବାକୁ କଟୁ ଲାଗିପାରେ, କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଚାରପତି ଅତ୍ୟାଚାରୀ ଶାସନରୁ ବ୍ୟକ୍ତିଙ୍କୁ ମୁକ୍ତ କରିବା ଉଚିତ। ସବୁ ପ୍ରକାର ଶାସନ ଲୋକଙ୍କୁ ଏକାଠି ଧରି ରଖିବାକୁ ଚାହିଁଲେ ଏହା ହୋଇପାରିବ।

ଉପର ଉଲ୍ଲିଖିତ ଶବ୍ଦଗୁଡ଼ିକ (ଦମନକ ଓ ଏକଛତ୍ରବାଦ)ର ଅର୍ଥ ଆମ ଦେଶରେ ପ୍ରତ୍ୟେକ ଘଟଣାରେ ବୁଝିପାରିବ ଏବଂ ନିର୍ଦ୍ଦିଷ୍ଟ ଘଟଣା ସମ୍ପର୍କରେ କହିବା ଠିକ୍ ହେବ ନାହିଁ। ଯଦି କିଛି ପରିବର୍ତ୍ତନ ହେଉଥାଏ ତେବେ ଜଣେ ଲେଖକ ଭାବେ ଲକ୍ଷ୍ୟ ଓ ସମ୍ଭାବନା ପ୍ରତି ଆଗ୍ରହୀ ହେବା ଏବଂ ଦେଶର ଶାସନ ଦ୍ୱାରା ହେଉଥିବା ପରିବର୍ତ୍ତନ ପ୍ରତି ସାଧାରଣ ନାଗରିକ କିଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ତାହା ଉପରେ ମଧ ଅନୁଧ୍ୟାନ କରିବା ସ୍ୱାଭାବିକ। ବିଶେଷକରି ପରିବର୍ତ୍ତନ ସବୁ ଫଳପ୍ରଦ ନୁହେଁ କିମ୍ବା ଏହିଗୁଡ଼ିକ ଉପରେ ସବିଶେଷ ବର୍ଣ୍ଣନା କରିବା ଅନାବଶ୍ୟକ। କାରଣ ସେମାନେ ଶାସନରେ ଦୀର୍ଘ ସମୟ ରହିଲେଣି (ଏବେ ୧୨ ବର୍ଷରେ ପଦାର୍ପଣ କରିଛନ୍ତି) ଏବଂ ନିର୍ବାଚନରେ ଆମେ ସେମାନଙ୍କୁ ସମର୍ଥନ କରିଛୁ। କିନ୍ତୁ ଖବରର ଶୀର୍ଷକୁ ଦେଖିବା ଭଲ ହେବ ଏବଂ ଯଦି ଆଗ୍ରହୀ ହୁଅନ୍ତି, ତେବେ ପାଠକ ସବିଶେଷ ଜାଣିପାରିବେ ଏବଂ ଏଠାରେ ନାଗରିକଙ୍କୁ ସଶକ୍ତ ନା ଗଣତନ୍ତ୍ରକୁ ଦୃଢ଼ କରାଯାଉଛି କିମ୍ବା ତାହା ବିପରୀତ ଘଟୁଛି, ତାହା ଦେଖିପାରିବ। ଦେଶ ଆମକୁ ଏକ ନିର୍ଦ୍ଦିଷ୍ଟ ଦିଗରେ ନେତୃତ୍ୱ ଦେଉଛି ଏବଂ ଲମ୍ବା ସମୟକୁ ଦେଖିଲେ ଏବକାର ବ୍ୟବସ୍ଥାରେ ଯାହାସବୁ ଏହା କରିଛି ଆମେ ସେଗୁଡ଼ିକ ଉପରେ ଦୀର୍ଘଦିନରୁ ଉଦାସୀନତା ପ୍ରକାଶ କରିଛୁ। ଆଇନ ମାଧ୍ୟମରେ ଆମକୁ ଏକ ଭିନ୍ନ ଦିଗ ଦେଖାଇଛି। ସେହିସବୁ ଆଇନ ମଧ୍ୟରୁ କେତୋଟି ଦେଖାଯାଉ। ଉତ୍ତରାଖଣ୍ଡ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ ୨୦୧୮, ହିମାଚଳ ପ୍ରଦେଶ ଫ୍ରିଡମ୍ ଅଫ୍ ରିଲିଜିଅନ ଆକ୍ଟ ୨୦୧୯ ; ଉତ୍ତରପ୍ରଦେଶ ବିଧି ବିରୁଦ୍ଧ ଧର୍ମ ସମପରିବର୍ତ୍ତନ ପ୍ରତିବନ୍ଧ ଅଧ୍ୟାଦେଶ ୨୦୨୦, ମଧ୍ୟପ୍ରଦେଶ ଫ୍ରିଡମ ଅଫ୍ ରିଲିଜିଅନ ଆକ୍ଟ ୨୦୨୧, ଗୁଜରାଟ ଫ୍ରିଡମ୍ ଅଫ୍ ରିଲିଜିଅନ (ଆମେଣ୍ଡମେଣ୍ଟ)ଆକ୍ଟ ୨୦୨୧, କର୍ଣ୍ଣାଟକ ପ୍ରୋଟେକ୍ସନ ଅଫ୍ ରାଇଟ୍ ଟୁ ଫ୍ରିଡମ୍ ଅଫ୍ ରିଲିଜିଅନ ୨୦୨୨, ହରିୟାଣା ପ୍ରିଭେନ୍ସନ ଅଫ୍ ଅନ୍-ଲ'ଫୁଲ କନ୍‌ଭର୍ସନ ଅଫ୍ ରିଲିଜିଅନ ଆକ୍ଟ ୨୦୨୨। ଅନ୍ୟ କେତେକ ଆଇନ ହେଉଛି- ମହାରାଷ୍ଟ୍ର ଆନିମଲ ପ୍ରୋଟେକ୍ସନ ଆକ୍ଟ ୨୦୧୫, ହରିୟାଣା ଗୋବଂଶ ସଂରକ୍ଷଣ ଆଣ୍ଡ୍ ଗୋସମ୍ବର୍ଦ୍ଧନା ଆକ୍ଟ ୨୦୧୫, ଗୁଜରାଟ ଆନିମଲ ପ୍ରିଜରଭେଶନ୍ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୭, କର୍ଣ୍ଣାଟକ ପ୍ରିଭେନ୍ସନ ଅଫ୍ ସ୍ଲାଟର ଆଣ୍ଡ୍ ପ୍ରିଜରଭେଶନ୍ ଅଫ୍ କ୍ୟାଟେଲ ଆକ୍ଟ ୨୦୧୭। ଆଉ କେତେକ ଆଇନ ମଧ୍ୟରେ ରହିଛି, ଅନ୍-ଲ'ଫୁଲ ଆକ୍ଟିଭିଟିଜ (ପ୍ରିଭେନ୍ସନ) ଆମେଣ୍ଡମେଣ୍ଟ ଆକ୍ଟ ୨୦୧୯, ରାଇଟ ଟୁ ଇନ୍‌ଫର୍ମେଶନ (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୯, ଉତ୍ତରପ୍ରଦେଶ ରିକଭରି ଅଫ୍ ଡ୍ୟାମେଜ୍ ଟୁ ପବ୍ଲିକ ଆଣ୍ଡ୍ ପ୍ରାଇଭେଟ ପ୍ରପର୍ଟି ଆକ୍ଟ ୨୦୨୦, ଟେମ୍ପୋରାରି ସସ୍‌ପେନ୍ସନ ଅଫ୍ ଟେଲିକମ୍ ସର୍ଭିସ (ପବ୍ଲିକ ଏମର୍ଜେନ୍ସି ଅର୍ ପବ୍ଲିକ ସେଫ୍ଟି) ରୁଲ୍ସ ୨୦୧୭, ଆଧାର ଆଣ୍ଡ୍ ଅଦର ଲ'(ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୯।

ଦେଖିବାକୁ ଗଲେ ଏହିସବୁ ବର୍ଷ ଗୁରୁତ୍ୱପୂର୍ଣ୍ଣ, କାରଣ ଏଗୁଡ଼ିକ ଆମକୁ ପ୍ରଗତି ଆଣିଛି ବୋଲି କୁହାଯାଉଛି ଓ ଆନ୍ଦୋଳନର ବାଟ ଦେଖାଇଛି। ସେଗୁଡ଼ିକ ଆମକୁ ଏବକାର ସ୍ଥିତିକୁ ଆଣି ପହଞ୍ଚାଇଛି, ଯାହା ଆମେ ଅନୁଭବ କରୁଛୁ। ହେଲେ ଘଟିଥିବା ଘଟଣାଗୁଡ଼ିକୁ ନେଇ ପ୍ରକାଶ ପାଇଥିବା ଖବରସବୁ ଦେଖିଲେ ଆଇନ ଦ୍ୱାରା ଏବର ବ୍ୟବସ୍ଥା ବଳବତ୍ତର ରହିଛି। ତୁମର ଏକ ସୁବ୍ୟବସ୍ଥିତ ଏକଛତ୍ରବାଦ ଥାଇପାରେ ଏବଂ ସାରା ପୃଥିବୀରେ ଏହାର ଅନେକ ଉଦାହରଣ ଅଛି, ବିଶେଷକରି ଆମ ଚାରିପାଖର ପଡ଼ୋଶୀ ଦେଶଗୁଡ଼ିକରେ। ଏଠାରେ ବ୍ୟବସ୍ଥା ହେଉଛି ସମ୍ପୂର୍ଣ୍ଣ ଭାବେ ଅର୍ଥନୈତିକ ଶ୍ରେଣୀର ଏବଂ ନାଗରିକ ଚାହାନ୍ତୁ ବା ନ ଚାହାନ୍ତୁ, ତାଙ୍କ ସ୍ୱତନ୍ତ୍ରତା ଓ ସ୍ୱାଧୀନତାକୁ ସମର୍ପଣ କରିବାକୁ ପଡ଼ିବ। ଦୁର୍ଭାଗ୍ୟବଶତଃ, ବ୍ୟବସ୍ଥାଗତ ଦମନରେ ଏକ ଗଣତନ୍ତ୍ର ସୁସ୍ଥ ରହିବା ଓ ସଫଳହେବାର କୌଣସି ଦୃଷ୍ଟାନ୍ତ ନାହିଁ। ଗଣତନ୍ତ୍ରର ସୁଫଳ ଓ ଲାଭ ବ୍ୟାପକ ସ୍ୱାଧୀନତା ଦ୍ୱାରା ହାସଲ ହୁଏ, ଦମନରେ ନୁହେଁ। ଏହା ସ୍ୱୀକାର୍ଯ୍ୟ ଯେ, ସ୍ୱାଧୀନ ନାଗରିକ ଦେଶପାଇଁ ଅଧିକ ଉପଯୋଗୀ, ସୃଜନଶୀଳ ତଥା ଅଧିକ ସକ୍ଷମ ହେବେ। ଏହାକୁ ଛାଡ଼ି ଅନ୍ୟ ରାସ୍ତାରେ ଗଲେ ସଫଳତା ମିଳିବ ନାହିଁ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | | 3 | 6 | | |
| 2 | | 3 | | | | | | |
| | | | | 7 | | | | 4 |
| 1 | | | | | | | | |
| 6 | | 9 | 3 | | | | 8 | |
| 7 | | 8 | 6 | | 1 | | | |
| 8 | | | | | | 9 | 2 | |
| | 2 | 1 | | | | | 4 | 5 |
| | | 6 | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 7 | 3 | 8 | 6 | 2 | 4 |
| 6 | 8 | 3 | 9 | 2 | 4 | 1 | 5 | 7 |
| 2 | 7 | 4 | 1 | 6 | 5 | 3 | 9 | 8 |
| 4 | 1 | 9 | 6 | 5 | 7 | 2 | 8 | 3 |
| 8 | 6 | 7 | 3 | 4 | 2 | 5 | 1 | 9 |
| 5 | 3 | 2 | 8 | 1 | 9 | 7 | 4 | 6 |
| 9 | 2 | 6 | 5 | 8 | 3 | 4 | 7 | 1 |
| 7 | 5 | 1 | 4 | 9 | 6 | 8 | 3 | 2 |
| 3 | 4 | 8 | 2 | 7 | 1 | 9 | 6 | 5 |

ଗତକାଲିର ଉତ୍ତର

# ବିସମ୍ବାଦର ବିଡ଼ମ୍ବନା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ସେକାଳରୁ ଏକାଳଯାଏ ଏ ସଂସାରରେ ଏମିତି କେହି ଜଣେ ନ ଥିବେ, ଯିଏ ଏହି ସଂସାରକୁ ଆସିବାଠୁ ପୁଣି ଚିରଦିନ ପାଇଁ ବିଦାୟ ନେବା ପର୍ଯ୍ୟନ୍ତ କୌଣସି ଖବର ସହ ସମ୍ପୃକ୍ତ ନ ଥିବେ! ସମ୍ପୃକ୍ତ ଥିବେନି ବୋଇଲେ ନିଜ ଅନୁଭବ ଓ ଅନୁଭୂତି ବାହାରେ କୌଣସି ଘଟଣା କାନରେ ଶୁଣି ନ ଥିବେ ଅବା ଘଟଣା ସମ୍ପର୍କିତ ଖବର ଆଖିରେ ପଢ଼ି ନ ଥିବେ ବା ଘଟଣାର ଦୃଶ୍ୟରାଜି ଆଖିରେ ଦେଖି ନ ଥିବେ। ନିଜ ପରିସର ବାହାରେ ସଂଘଟିତ ହେଉଥିବା ଘଟଣାଟି ଯେଉଁ ରୂପ ଧରି ନିଜ ଚେତନାକୁ ସ୍ପର୍ଶ କରେ, ସେଇ ରୂପର ନାମ ଖବର, ତେଣିକି ତାହା ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ହେଉ ଅବା ପହଲଗାମ୍‌ରେ ନିର୍ଦ୍ଦୟ ନରସଂହାର ହେଉ। ନିଜ ଚାରିପଟରେ ଘଟୁଥିବା ଘଟଣାବଳୀର ଯଦି ଖବର ରୂପ ନେଇ ପ୍ରସାରିତ ହେଉ ନ ଥା'ନ୍ତା, ତେବେ ମଣିଷ କୂପମଣ୍ଡୁକ ହୋଇ ନିଜ କ୍ଷୁଦ୍ର ଦୁନିଆ ମଧ୍ୟରେ ଅବରୁଦ୍ଧ ବନ୍ଦୀ ଜୀବନ ବିତାଉଥାଆନ୍ତା ଅବା ଇତର ପଶୁମାନଙ୍କ ଭଳି ଖାଇପିଇ, ବଂଶ ବିସ୍ତାର କରି କେବଳ ମରଣକୁ ଅପେକ୍ଷା କରି ରହନ୍ତା।

ଏବେ ସିନା ନବ୍ୟ ଆଧୁନିକତାର ଭବ୍ୟ ଆକର୍ଷଣ ମଧ୍ୟରେ ମଣିଷ ନିମିଷକ ମଧ୍ୟରେ ବିଶ୍ୱର ଏ ପ୍ରାନ୍ତରୁ ସେ ପ୍ରାନ୍ତଯାଏ ଘଟୁଥିବା ଘଟଣାବଳୀ ସମ୍ପର୍କରେ ଅବଗତ ହୋଇପାରିଛି; ମାତ୍ର ଟିକେ ପଛକୁ ଫେରି ଚାହିଁଲେ ସ୍ପଷ୍ଟ ରୂପେ ଜାଣିହେବ ଯେ ଅତୀତରେ ମଣିଷ କେମିତି ଏକ ସଂକୁଚିତ ପୃଥିବୀର ବାସିନ୍ଦା ଥିଲା। ନା ତା' ପାଖରେ ଥିଲା ବାହାର ଦୁନିଆ ସମ୍ପର୍କରେ ଜାଣିବାର କିଛି ମାଧ୍ୟମ ନା ଥିଲା ନିଜ ଜ୍ଞାନ ପରିସରକୁ ପ୍ରଶସ୍ତ ଓ ପ୍ରସାରିତ କରିବାର ସୁଯୋଗ। ବିଜ୍ଞାନକୁ ଶତ ଧନ୍ୟବାଦ, ଯାହା ମଣିଷକୁ ଶ୍ରୀଲଙ୍କାରୁ ସାଇବେରିଆଯାଏ ସମସ୍ତ ଭୂଗୋଳ ସମ୍ପର୍କରେ ପରିଚିତ କରାଇପାରୁଛି, ପୁଣି ଭୁବନରେ ନିଆଁ ଲାଗିଲେ ନିମିଷକ ମଧ୍ୟରେ ତାହାର ତାତି ଭୁବନେଶ୍ୱରରେ ଅନୁଭୂତ କରାଇପାରୁଛି।

ଆମ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ଭାବେ ଗୃହୀତ 'ବସୁଧୈବ କୁଟୁମ୍ବକମ୍' ହିଁ ଆଧୁନିକ ବିଶ୍ୱର 'ଗ୍ଲୋବାଲ୍ ଭିଲେଜ' ବା 'ବିଶ୍ୱଗ୍ରାମ' ସ୍ଲୋଗାନ୍‌ର ମୂଳପିଣ୍ଡ। ବିଶାଳ ବିଶ୍ୱ ଭୂଖଣ୍ଡର ପରିବ୍ୟାପ୍ତ ପରିସୀମା ଭିତରେ ସାମ୍ପ୍ରତିକ ଖବର ସରବରାହ ବ୍ୟବସ୍ଥା ଏ ପୃଥିବୀକୁ ଏବେ ଛୋଟ କରିଦେଇଛି ସିନା, ମାତ୍ର ଯେତେବେଳେ ପ୍ରାଚୀନ ଯୁଗର ମଣିଷ କେହି କାହାର ଖବର ରଖିପାରୁ ନ ଥିଲେ, ସେତେବେଳେ ଦେବର୍ଷି ନାରଦ ନିଜର ବୀଣାବାଦନ ମାଧ୍ୟମରେ ବିଶ୍ୱର ଗୋଟିଏ ପ୍ରାନ୍ତର ଖବର ଅନ୍ୟ ପ୍ରାନ୍ତଯାଏ ନେଇଯାଉଥିଲେ। ସେଥିପାଇଁ ତ ବିଶ୍ୱର ଆଦ୍ୟ ସାମ୍ବାଦିକ ଭାବେ ସେ ପରିଚିତ ଓ ପୂଜିତ।



ନବ୍ୟ ଜୀବନର ଭବ୍ୟ ଆହ୍ୱାନ ମଧ୍ୟରେ ପରିପୁଷ୍ଟ ଏବେକାର ସମାଜ ଆଧୁନିକତାର ପ୍ରବାହ ମଧ୍ୟରେ ଖବରର ପ୍ରାଚୀନ ପରିଭାଷା ବଦଳାଇଦେଇଛି। ସମାଜର ଲୋକେ ଯାହା ଜାଣିନାହାନ୍ତି, ତାହା ତାଙ୍କୁ ଜଣାଇଦେବାର ମହତ୍ ଲକ୍ଷ୍ୟ ମଧ୍ୟରେ ଆଉ ନିର୍ଣ୍ଣିତ ହେଉନାହିଁ ଖବରର ସଂଜ୍ଞା। ବରଂ ସେମାନେ ଜାଣିଥିବା କଥାଟି ବାହାରେ ଆଉ କିଛି କଥା ଅଛି ଓ ସେଇ କଥାଟିକୁ ନ ଜାଣିଲେ ସମ୍ପୂର୍ଣ୍ଣ ସତ୍ୟ ପାଖରେ ପହଞ୍ଚି ହେବ ନାହିଁ, ଏହିଭଳି ଏକ ଅବବୋଧ ସୃଷ୍ଟି କରାଯାଇ ଖବରଟିକୁ ରୋଚକ କରିବା ଭିତ୍ତିରେ ନିର୍ଣ୍ଣିତ ହେଉଛି ସାମ୍ବାଦିକର ସାମର୍ଥ୍ୟ। ଆଉ ଏ ସବୁ କରିବାରେ ଭିନ୍ନ ମତ ପୋଷଣ କରୁଥିବା ଓ ଏହା ପ୍ରକୃତ ସାମ୍ବାଦିକ ଧର୍ମର ପରିପନ୍ଥୀ ବିଚାରୁଥିବା ସାମ୍ବାଦିକଟିଏ ଖବର ପ୍ରସାରଣ ବଜାରରେ ଅଲୋଡ଼ା ହୋଇ ରହିଯାଉଛି। ଛାପା ଖବର ସଂସ୍ଥା ବା ପ୍ରିଣ୍ଟ ମିଡିଆ ଅପେକ୍ଷା ବିଭିନ୍ନ ଟିଭି ଚ୍ୟାନେଲ ବା ଇଲେକ୍‌ଟ୍ରୋନିକ ମିଡିଆରେ ଏହି ଧାରାର ଖବର ପ୍ରସାରଣ ଅଧିକ ଗୁରୁତ୍ୱ ହାସଲ କରୁଛି।

ବିଜ୍ଞାନ ଓ ବୌଦ୍ଧିକତାର ବିସ୍ତାରଣ ମଧ୍ୟରେ ବିଶ୍ୱର ଭୂଗୋଳ କ୍ରମେ ସଙ୍କୁଚିତ ହୋଇ ବିଶ୍ୱ ଗ୍ରାମରେ ପହଞ୍ଚିଯାଉଛି ସିନା, ମାତ୍ର ଅନେକ କ୍ଷେତ୍ରରେ ଖବର ପ୍ରସାରଣ ଆଶାନୁରୂପ ହୋଇପାରୁନି। ଏମିତି କେତେକ ଖବର ପ୍ରକାଶ ପାଉଛି, ଯାହା ଜନମଙ୍ଗଳରେ ଆସିପାରୁନାହିଁ ବୋଲି ଚର୍ଚ୍ଚା ହୋଇଥାଏ। ପୂର୍ବରୁ ରାଜଧାନୀ ଭୁବନେଶ୍ୱରର ଅଧିବାସୀମାନଙ୍କ ପାରସ୍ପରିକ ଅସଂଲଗ୍ନ ଅବସ୍ଥାକୁ ବ୍ୟଙ୍ଗ କରି କୁହାଯାଉଥିଲା- 'ଭୁବନେଶ୍ୱର ଏମିତି ଏକ ବିଚିତ୍ର ସହର ଯେ, ଏଠି ଏପାଖ ଘରର କେହି ମରିଗଲେ ତାଙ୍କ ପୁଅ ନାତିମାନେ ଲଣ୍ଡା ନ ହେବାଯାଏ ସେ ପାଖଘରର ଲୋକ କେହି ଜାଣିପାରିବେ ନାହିଁ।' ଅବଶ୍ୟ ସେ ଅବସ୍ଥାରେ ଅନେକ ପରିବର୍ତ୍ତନ ଆସିଲାଣି।

ଇଲେକ୍‌ଟ୍ରୋନିକ ଗଣମାଧ୍ୟମର କଥା କହିଲେ ନ ସରେ। ସମାନ ଖବରଟିଏ ସଂଘଟିତ ହୋଇଥିବ କେଉଁ ଏକ ସ୍ଥାନରେ, ଏକ ନିର୍ଦ୍ଦିଷ୍ଟ ସମୟରେ। ଅଥଚ ଦୁଇଟି ଟିଭି ଚ୍ୟାନେଲରେ ତାହାର ପ୍ରସାରଣର ଭାଷା ହୋଇଥିବ ଭିନ୍ନ। ଟିଭି ଚ୍ୟାନେଲରେ କେଉଁଠି ହତ୍ୟା ଆତ୍ମହତ୍ୟାର ରୂପ ନେଉଥିବ ତ ଅନ୍ୟଠି ଆତ୍ମହତ୍ୟାକୁ ହତ୍ୟା ଭାବେ ପ୍ରଚାର କରାଯାଉଥିବ। ତହିଁରେ ଏଠାକାର ଖବରଦାତାମାନଙ୍କ ଖବର ପରିବେଷଣର ଶୈଳୀ ପୁଣି ଆହୁରି ବିଚିତ୍ର। ସୀମାନ୍ତ ସୁରକ୍ଷାରେ ନିୟୋଜିତ ସୈନ୍ୟ ଜଣେ ଶତ୍ରୁର ଗୁଳିରେ ଶହୀଦ ହୋଇଗଲେ ମୁଣ୍ଡ ଉପରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଥିବା ତାଙ୍କ ବୃଦ୍ଧ ପିତାଙ୍କୁ କେଉଁଠି ପଚରା ଯାଉଥିବ ଅତ୍ୟନ୍ତ ଅମାନବିକ ଏକ ପ୍ରଶ୍ନ- ''ପୁଅ ଆପଣଙ୍କର ଶହୀଦ ହୋଇଗଲେ। କ'ଣ କହିବେ ଆପଣ!'' ପୁଣି ଅନ୍ୟ କେଉଁଠି ପ୍ରଚଣ୍ଡ ଅଗ୍ନିକାଣ୍ଡରେ ନିଜର ସର୍ବସ୍ୱ ହରାଇଥିବା ଲୁଗା ଗୋଦାମର ହତଭାଗ୍ୟ ମାଲିକଙ୍କୁ ପଚରା ଯାଉଥିବ ଏକ କ୍ରୋଧ ଉଦ୍ଦୀପକ ହାସ୍ୟାସ୍ପଦ ପ୍ରଶ୍ନ- ''ଆପଣଙ୍କର ଏ ବିପୁଳ କ୍ଷତି ଦେଖି କ'ଣ କହିବେ! କେତେ ଦୁଃଖ ଲାଗୁଛି ଆପଣଙ୍କୁ?''

ଖବର ମଧ୍ୟରେ ଏପ୍ରକାର ବିସମ୍ବାଦର ଧାରା ସବୁଠୁଁ ଉତ୍କଟ ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମରେ। ସ୍ମାର୍ଟଫୋନ୍ ପ୍ରଚଳନ ହେବା ଦିନରୁ ହ୍ୱାଟ୍ସଆପ୍, ଫେସ୍‌ବୁକ୍, ୟୁଟ୍ୟୁବ୍ ବା ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଖବର ପ୍ରସାରଣର ଧାରା ଏତେ ବ୍ୟାପକ ହୋଇଗଲାଣି ଯେ, ଏହାର ପ୍ରତ୍ୟେକ ବ୍ୟବହାରକାରୀ ଏବେ ଜଣେ ଜଣେ ସାମ୍ବାଦିକ। ସଚ୍ଚା ସାମ୍ବାଦିକର ଭୂମିକା ନିର୍ବାହ କରି ମୋବାଇଲ ମିଡିଆରେ ବିଭିନ୍ନ ଖବର ପରିବେଷଣ କରୁଥିଲେ ଆଉ କଥା ନ ଥା'ନ୍ତା। ମାତ୍ର ଆଖି ଖୋସି ହୋଇଗଲା ପରି ହଟଚମଟ ସୃଷ୍ଟିକାରୀ ବିସମ୍ବାଦ ପ୍ରସାରଣ କରି ଏଇ ବିସାମ୍ବାଦିକମାନେ ନିଜେ ନିଜକୁ ସାମାଜିକ ଗଣମାଧ୍ୟମର ନାୟକ ମନେକରନ୍ତି। କେଉଁଠି ବ୍ୟାଙ୍କର ଅନେକ କୋଟି ଟଙ୍କା ଠକି ନେଇ ବିଦେଶ ପଳାଇ ଯାଇଥିବା ଅର୍ଥନୈତିକ ଅପରାଧୀ ନୀରବ ମୋଦିଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କୀୟ ଭାଇ ବୋଲି ଘୋଷଣା କରନ୍ତି ତ ପୁଣି ଅନ୍ୟଠି କେଇକ୍ଷଣ ପୂର୍ବରୁ ବହୁଦର୍ଶିତ ଟେଲିଭିଜନ ଶୋ' 'କୌନ୍ ବନେଗା କରୋଡ଼ପତି'କୁ ସକ୍ରିୟ ଭାବେ ସଞ୍ଚାଳନ କରିଥିବା ବିଗ୍ ବି ଅମିତାଭ ବଚ୍ଚନଙ୍କ ଫଟୋଚିତ୍ରରେ ଫୁଲମାଳ ଲମ୍ବାଇ 'ଏକ ଯୁଗର ଅବସାନ' ଭଳି ଶୋକବାର୍ତ୍ତା ଲେଖି ଶ୍ରଦ୍ଧାଞ୍ଜଳି ଅର୍ପଣ କରନ୍ତି!

ଏମିତି ବିଚିତ୍ର ବିସମ୍ବାଦରୁ ଆଧୁନିକ ବୋଲାଉଥିବା ଆମ ଏବେକାର ଅତ୍ୟାଧୁନିକ ସମାଜ କେବେ ଓ କେମିତି ଏଥିରୁ ମୁକ୍ତି ପାଇବ, ତାହା ଆମ ସମାଜପତିମାନେ ଯେତେଶୀଘ୍ର ଚିନ୍ତା କରିବେ ସେତେ ମଙ୍ଗଳ।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର,
ଚକେଇସିଆଣି, ଭୁବନେଶ୍ୱର
ମୋ: ୮୮୯୫୬୨୪୧୦୫

# 'ହୃଦୟ ଦୀପ'ର କାହାଣୀକାର

ବ୍ୟକ୍ତିତ୍ୱ



ବାନୁ ମୁସ୍ତାକ୍

'ମୋ ଗାଁ ବରଗଛ ମୂଳେ ଜନ୍ମ ହୋଇଥିବା ଏକ କାହାଣୀ ସମଗ୍ର ବିଶ୍ୱରେ ତା'ର ଛାୟା ବିସ୍ତାର କରିପାରେ।' ଇଣ୍ଟରନ୍ୟାଶନାଲ ବୁକର ପ୍ରାଇଜ୍ ପାଇବା ପରେ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ଏଭଳି ବୈଶ୍ୱିକ ବାଣୀ ଉଚ୍ଚାରଣ କରିଥିବା ମହିଳା ବାନୁ ମୁସ୍ତାକ୍ ଏବେ ପାଲଟି ଯାଇଛନ୍ତି ଚର୍ଚ୍ଚିତ ଲେଖିକା। କନ୍ନଡ଼ ଭାଷାରେ ଲିଖିତ 'ହୃଦୟ ଦୀପ'କୁ 'ଇଂଲିଶ୍‌ରେ 'ହାର୍ଟ ଲ୍ୟାମ୍ପ' ଭାବେ ଅନୁବାଦ କରି ଅନ୍ତର୍ଜାତୀୟ ପୁରସ୍କାର ସିଦ୍ଧ କରିଥିବାରୁ ଅନୁବାଦିକା ଦୀପା ଭସ୍ତିଙ୍କୁ ବାନୁ ଉଚ୍ଚ ପ୍ରଶଂସା କରିଛନ୍ତି। ମୁସଲମାନ ଲେଖିକା ଓ ହିନ୍ଦୁ ଅନୁବାଦିକାଙ୍କ ଯୁଗଳ ସୃଜନ କର୍ଣ୍ଣାଟକ ସାହିତ୍ୟକୁ ଉଚ୍ଚରେ ପହଞ୍ଚାଇବାରେ ସକ୍ଷମ ହୋଇଛି। ଅନେକଟି ସୃଷ୍ଟିରେ ନାରୀକୁ କେନ୍ଦ୍ରୀୟ ଚରିତ୍ର କରି ତା'ର ଅଧିକାର ସାବ୍ୟସ୍ତ ସକାଶେ ଲେଖନୀ ଚାଳନା କରିଥିବା ମହିଳାଙ୍କ ଚିନ୍ତାଧାରାକୁ ଉଚିତ ବ୍ୟାଖ୍ୟାନ କରିଥିବା ଆଉ ଜଣେ ମହିଳା ନିଶ୍ଚିତ ଭାବେ ସମ୍ମାନଯୋଗ୍ୟା। ଦୁହିଁଙ୍କୁ ଅନ୍ତର୍ଜାତୀୟ ସମ୍ମାନର ଅର୍ଥ ନାରୀ ସମାଜକୁ ମର୍ଯ୍ୟାଦାର ଗାଦିରେ ବସାଇ ଦିଆଯିବା। ଜୀବନବ୍ୟାପୀ ମହିଳାଙ୍କ ହକ୍ ପାଇଁ ସାମାଜିକ ଆନ୍ଦୋଳନ ଓ ସଂସ୍କୃତିସମ୍ପନ୍ନ ସାହିତ୍ୟ ଯାତ୍ରା ମାଧ୍ୟମରେ ସ୍ଥାନୀୟ ଚରିତ୍ରକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇଥିବାରୁ ବାନୁଙ୍କୁ ନେଇ ଚାରିଆଡ଼େ ଗୋଟେ ସକାରାତ୍ମକ ଆଲୋଚନା ହେବା ଜଣେ ସ୍ରଷ୍ଟା ପାଇଁ ଅତି ଗୌରବର କଥା। ପ୍ରତ୍ୟେକଙ୍କ ହୃଦୟରେ ଦୀପଟିଏ ଜାଳିବା ପାଇଁ ନିଜେ ସଳିତା ପାଲଟିବା ସମସ୍ତଙ୍କ ଭାଗ୍ୟରେ ଜୁଟି ନ ଥାଏ। ବାନୁ ଆଜି ତାଙ୍କ ସୃଜନ ସଳିତାରେ ବିଶ୍ୱକୁ ଆଲୋକୀକରଣ କରିଥିବାରୁ ତାଙ୍କ ଜୀବନ ଓ ସୃଜନଯାତ୍ରା ବିଷୟରେ ସମସ୍ତେ ଜିଜ୍ଞାସା ରଖିବା ସ୍ୱାଭାବିକ।

ବାନୁ ମୁସ୍ତାକ୍ କର୍ଣ୍ଣାଟକର ହାସାନଠାରେ ୧୯୪୮ରେ ଏକ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲେ। ମାତ୍ର ୮ ବର୍ଷ ବୟସରେ ତାଙ୍କୁ ଶିବମୋଗାସ୍ଥିତ କନ୍ନଡ଼ ଲାଙ୍ଗୁଏଜ୍ ମିଶନାରି ସ୍କୁଲରେ ଭର୍ତ୍ତି କରାଯାଇଥିଲା। ସର୍ତ୍ତ ଥିଲା ସେ ୬ ମାସ ମଧ୍ୟରେ ଯେପରି କନ୍ନଡ଼ ଭାଷା ଲେଖିବା ଓ ପଢ଼ିବା କରିପାରନ୍ତି। ହେଲେ ସେ ମାତ୍ର କେଇ ଦିନରେ ତାହା କରି ଦେଖାଇବା ପରେ ତାଙ୍କ ପ୍ରତିଭାର ପରିଚୟ ପିଲାଦିନୁ ମିଳିପାରିଥିଲା। ପରବର୍ତ୍ତୀ ସମୟରେ ସେ ବିଶ୍ୱବିଦ୍ୟାଳୟରେ ପଢ଼ାଶେଷ କରିଥିଲେ। ୨୬ ବର୍ଷରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ତାଙ୍କ ପ୍ରାରମ୍ଭିକ ବୃତ୍ତି ଥିଲା ସାମ୍ବାଦିକତା, 'ଲଙ୍କେଶ ପତ୍ରିକେ'ରେ ରିପୋର୍ଟର। ପରବର୍ତ୍ତୀ ସମୟରେ ସେ କିଛି ସମୟ ପାଇଁ ବେଙ୍ଗାଲୁରୁସ୍ଥିତ ଆକାଶବାଣୀରେ କାର୍ଯ୍ୟ କରିଥିଲେ। ୧୯୮୦ରେ ବାନୁ କର୍ଣ୍ଣାଟକରେ ଦେଖାଦେଇଥିବା ମୌଳବାଦ ଓ ସାମାଜିକ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରି ଆନ୍ଦୋଳନରେ ସାମିଲ ହୋଇଥିଲେ। ମସ୍‌ଜିଦରେ ମୁସଲମାନ ମହିଳାଙ୍କ ପ୍ରବେଶ ଅଧିକାରକୁ ସମର୍ଥନ କରିବାରୁ ତାଙ୍କୁ ଓ ତାଙ୍କ ପରିବାର ବିରୋଧରେ ୨୦୦୦ ମସିହାରେ ୩ ମାସିଆ ସାମାଜିକ ବାସନ୍ଦ ଲାଗୁ କରାଯାଇଥିଲା। ଏପରିକି ତାଙ୍କୁ ଟେଲିଫୋନ୍‌ରେ ଅନେକେ ଅଭଦ୍ର ଭାଷାରେ ଗାଳି କରିବା ସହ ଜଣେ ଛୁରି ଭୁସିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସ୍ୱାମୀଙ୍କ ପ୍ରତିରୋଧ ଯୋଗୁ ସେ ଅଘଟଣରୁ ବର୍ତ୍ତି ଯାଇଥିଲେ। ଅସ୍ୱାଭାବିକ ସ୍ଥିତିର ସମ୍ମୁଖୀନ ହୋଇଥିଲେ ମଧ ସେ ତାଙ୍କ ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନ ଥିଲେ, ବରଂ ସବୁ ଅଡୁଆ ଘଟଣା ତାଙ୍କୁ ସଶକ୍ତ ହେବା ଲାଗି ସୁଯୋଗ ଯୋଗାଇ ଦେଇଥିଲା।

ପିଲାଟିବେଳୁ ଲେଖାଲେଖି ପ୍ରତି ଆଗ୍ରହ ଥିଲେ ମଧ ୨୯ ବର୍ଷଯାଏ ସେ ଲେଖକୀୟ ସ୍ୱୀକୃତି ପାଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ମହିଳାଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାରକୁ ସେ ପ୍ରତ୍ୟକ୍ଷ କରିବା ପରେ ନାରୀବାଦୀ ଲେଖିକା ହୋଇଯାଇଥିଲେ। ୬ଟି କ୍ଷୁଦ୍ରଗଳ୍ପ ସଙ୍କଳନ ସହ ଗୋଟିଏ ଲେଖାଏ ଉପନ୍ୟାସ, ପ୍ରବନ୍ଧ ଓ କବିତା ସମଗ୍ରକୁ ନେଇ ତାଙ୍କ ସୃଜନ ସଂସାର ବେଶ୍ ସୁଦୃଢ଼। ତାଙ୍କ କାହାଣୀ 'ହାସିନା' ଚଳଚ୍ଚିତ୍ର ଭାବେ ମୁକ୍ତିଲାଭ କରିବା ପରେ ତାହା ଅନେକଙ୍କୁ ପ୍ରଭାବିତ କରିଥିଲା। ୧୯୭୦ରେ ବନ୍ଦୟ ସାହିତ୍ୟ (ଲେଖକଙ୍କ ବୈପ୍ଳବିକ ମଞ୍ଚ)ର ସେ ଅଂଶବିଶେଷ ପାଲଟିଥିଲେ। ପୁଣି ଜଣେ ଆଇନଜୀବୀ ଭାବେ ବାନୁ ମହିଳାଙ୍କୁ ନ୍ୟାୟ ବାଣ୍ଟିବା ବେଳେ ସେଥିରୁ ସେ ଅନେକ ଚରିତ୍ରକୁ ଭେଟିଛନ୍ତି, ଯେଉଁଗୁଡ଼ିକ ତାଙ୍କ ପାଇଁ ପରବର୍ତ୍ତୀ ସମୟରେ କାହାଣୀର ରୂପ ପାଇପାରିଛି। ଏକ ଶୁଦ୍ଧ ମନ ଓ ସକାରାତ୍ମକ ସଂକଳ୍ପ ନେଇ ସେ ପ୍ରତିଟି ଚରିତ୍ରକୁ ବାସ୍ତବାୟିତ କରିପାରିଥିବାରୁ ଦିନେ ତାଙ୍କ ଉପରେ ଲାଗିଥିବା 'ଫତ୍‌ୱା' ତାଙ୍କ ପାଇଁ 'ଫେମ୍' ଆଣିଦେଲା ବୋଲି ସମୀକ୍ଷକମାନେ ମତ ଦେଇଥାଆନ୍ତି। ବିଶେଷକରି ୧୨ଟି କ୍ଷୁଦ୍ରଗଳ୍ପ ସଙ୍କଳନ 'ହୃଦୟ ଦୀପ'ରେ ବାନୁ ଦକ୍ଷିଣ ଭାରତର ପିତୃକୈନ୍ଦ୍ରିକ ପରିବାରରେ ମହିଳାଙ୍କ ଦୈନନ୍ଦିନ ଜୀବନ, ସେମାନଙ୍କୁ କରାଯାଉଥିବା ଶୋଷଣ ଓ ସ୍ୱାଧୀନତାକୁ କ୍ୱଚିତ ସହ୍ୟ କରୁଥିବା ରକ୍ଷଣଶୀଳ ସମାଜର ପ୍ରତିଟି ଦିଗକୁ ବ୍ୟାଖ୍ୟାନ କରିଛନ୍ତି। ତେଣୁ ୭୧ ବର୍ଷୀୟା ମହିଳା ତାଙ୍କ ଲେଖା ମାଧ୍ୟମରେ କହିବାକୁ ଚାହିଁଛନ୍ତି 'ଆମ୍ଭେମାନେ ଏପରିକି ଏକ ବିଶ୍ୱ ସମୁଦାୟ ଭାବେ ତିଷ୍ଠିପାରିବା ଯେତେବେଳେ ବିବିଧତାକୁ କୋଳେଇ ନେବା, ମତଭେଦକୁ ସମ୍ମାନ ଦେବା ଓ ପରସ୍ପରର ଉନ୍ନତିରେ ନିଜକୁ ଉତ୍ସର୍ଗ କରିପାରିବା'। ଆଞ୍ଚଳିକ ଚିନ୍ତାଧାରା କିଭଳି ବୈଶ୍ୱିକ ଭାବଧାରାକୁ ପରିବର୍ତ୍ତନ କରିବାରେ ସହାୟକ ହୋଇପାରେ, ବାନୁ 'ହୃଦୟ ଦୀପ' ଜରିଆରେ ଦର୍ଶାଇବାକୁ ଚାହିଁଛନ୍ତି। ଦୀର୍ଘ ୩୦ ବର୍ଷ ଧରି ରଚିତ କାହାଣୀର ସଙ୍କଳିତ ରୂପ 'ହାର୍ଟ ଲ୍ୟାମ୍ପ' ନିଶ୍ଚିତ ଭାବେ ଅନେକଙ୍କ ପାଇଁ ଆଲୋକବର୍ତ୍ତିକା ପାଲଟିବା ଥୟ।

କୌତୂହଳର ବିଷୟ, ଲଣ୍ଡନର ଟାଟେ ମଡର୍ନଠାରେ ମର୍ଯ୍ୟାଦାପୂର୍ଣ୍ଣ ସାହିତ୍ୟ ସମ୍ମାନ ଗ୍ରହଣ କରୁଥିବା ବେଳେ ବାନୁଙ୍କ ହସ ବେଶ୍ ସୁନ୍ଦର ଥିଲା ଓ ତାଙ୍କ ଶାଢ଼ି ମଧ ଝଟକୁଥିଲା। କିନ୍ତୁ ସେ ପରିଧାନ କରିବାକୁ ଯୋଜନା କରିଥିବା ଶାଢ଼ି ତାହା ନ ଥିଲା। କାରଣ ଲଣ୍ଡନଯାତ୍ରା ସମୟରେ ତାଙ୍କ ସୁଟ୍‌କେଶଟି ହଜିଯାଇଥିଲା, ଯେଉଁଥିରେ ଥିଲା ଆବଶ୍ୟକ ଔଷଧ ଓ ପୁରସ୍କାର ଉତ୍ସବ ପାଇଁ ବାଛିଥିବା ରେଶମୀ ଶାଢ଼ି। କାହାଣୀକାର ଯେତେବେଳେ ନିଜ କାହାଣୀର ଚରିତ୍ର ପାଲଟି ଯାଆନ୍ତି, ସେତେବେଳେ ହଜିଯାଇଥିବା ଜିନିଷ ତାଙ୍କ ପାଖକୁ ନ ଆସି 'ଦାବିବିହୀନ ବସ୍ତୁ' ବିକ୍ରୟ କେନ୍ଦ୍ରରେ ନୂଆ ମାଲିକ ପାଇଯିବା ନିଶ୍ଚିତ।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ପ୍ରତିକୂଳ ସ୍ଥିତି ଉଲଫତା ବାନୋଙ୍କୁ ତାଙ୍କ କର୍ତ୍ତବ୍ୟରୁ ବିରତ କରିପାରିନାହିଁ। ଦୀର୍ଘ ୩୦ ବର୍ଷ ଧରି କଶ୍ମୀରର ଏହି ୫୫ ବର୍ଷୀୟା ପୋଷ୍ଟଓମେନ ସେବା ଯୋଗାଇ ଆସୁଛନ୍ତି। ଉଲଫତା ରହୁଛନ୍ତି ଦକ୍ଷିଣ କଶ୍ମୀରର ଶୋପିଆନ ଜିଲାର ହିରପୋରା ଗାଁରେ। ସେ ଶୀତଦିନେ ବରଫରେ ଯାଇ ଲୋକଙ୍କ ପାଖରେ ପାର୍ସଲ ପହଞ୍ଚାଇଥାନ୍ତି। ସେ ଦିନକୁ ୨୦-୨୫ ପାର୍ସଲ ଦେଇଥାନ୍ତି। ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଛନ୍ତି। ଏହି କାର୍ଯ୍ୟ ପାଇଁ ସେ କେବେ ବି ପରିବହନ ବ୍ୟବସ୍ଥାର ସାହାଯ୍ୟ ଲୋଡ଼ି ନାହାନ୍ତି। ଏପରି କି ନିଜ ପାଇଁ ସୁରକ୍ଷା ଚାହିଁନାହାନ୍ତି। ସେ ପ୍ରବଳ ଶୀତରେ ତାଙ୍କ କର୍ତ୍ତବ୍ୟ ଜାରି ରଖିଥାନ୍ତି। ତାଙ୍କ ଗାଁ ଶ୍ରୀନଗରଠାରୁ ପାଖାପାଖି ୭୦ କିଲୋମିଟର ଦୂର। ସେଠାରେ ଶୀତଦିନେ ତାପମାତ୍ରା ମାଇନସ୍ ୧୫ ଡିଗ୍ରୀ ସେଲ୍‌ସିୟସ ରହେ ଓ ଗାଁଟି ବରଫରେ ମାସ ମାସ ଧରି ବୁଡ଼ିରହେ। ଜୀବନଜୀବିକା ବାଧାପ୍ରାପ୍ତ ହୋଇଥାଏ। ତଥାପି ଉଲଫତା ପ୍ରତିଦିନ ହିପୋରା ପୋଷ୍ଟ ଅଫିସ୍‌ରୁ ଚିଠି ଓ ପାର୍ସଲଗୁଡ଼ିକୁ ନେଇ ଲୋକମାନଙ୍କ ନିକଟରେ ପହଞ୍ଚିଯାଆନ୍ତି। ବିଶେଷକରି ହିପୋରାର ଛାତ୍ରୀଛାତ୍ରମାନେ ସେମାନଙ୍କ ପାଠ୍ୟ ଉପକରଣ ଓ ବହି ପାଇବା ଲାଗି ଉଲଫତାଙ୍କୁ ଚାହିଁ ରହିଥାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୫ ମେ ୧୯୭୬

- ସହଯୋଗ ବୃଦ୍ଧି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିନିମୟ ନିମନ୍ତେ ଭାରତ ଓ ରୋମାନିଆ ମଧ୍ୟରେ ୨ଟି ଚୁକ୍ତି ସ୍ୱାକ୍ଷରିତ।
- ଅନୁନ୍ନତ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଛାତ୍ରବୃତ୍ତି, ମାଗଣାରେ ପାଠ୍ୟପୁସ୍ତକ ଓ ଅନ୍ୟାନ୍ୟ ଶିକ୍ଷାଗତ ସୁବିଧା ଯୋଗାଣ ପାଇଁ କେନ୍ଦ୍ର ସରକାର ୨୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ଚିରନ୍ତନୀ

ଏ ଜୀବନେ ଲଭିଛି ଯେ ନିଧି
ତୁଚ୍ଛ କରିଦିଏଁ ସ୍ୱର୍ଗ ସିଦ୍ଧି,
ଭୋଗିବାକୁ ତାହା
ବେଳ ନାହିଁ, ଆହା !
କିବା ଲୋଡ଼ା
ସ୍ୱର୍ଗ ଯୋଡ଼ା ?

(ପୁରୀ-ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତାକଡ଼ ଖାଦ୍ୟ କେତେ ସୁରକ୍ଷିତ

ମହାଶୟ,

ରାଜଧାନୀ ଭୁବନେଶ୍ୱରରେ ଗଳିକନ୍ଦିଠାରୁ ଆରମ୍ଭ କରି ଜନଗହଳିପୂର୍ଣ୍ଣ ପର୍ଯ୍ୟନ୍ତ ଯେଉଁଠି ଦେଖ ଜଳଖିଆ ସହଜରେ ମିଳିପାରିବ। ଠେଲାଗାଡ଼ିରେ ହେଉ ଅବା ତଲେଇ ଟାଣି ହେଉ ସବୁଠି ଫାଷ୍ଟଫୁଡ୍‌ର ମଜା ନେଇପାରିବେ ଆପଣ। ମାତ୍ର ତାହା କେତେ ସୁରକ୍ଷିତ ଆପଣ ଜାଣନ୍ତି କି? ସରକାର ସ୍ୱଚ୍ଛ ପରିବେଶ ସାଙ୍ଗକୁ ସ୍ୱାସ୍ଥ୍ୟକର ଖାଦ୍ୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିକ୍ରି କରିବା ନିମନ୍ତେ ବିଭିନ୍ନ ନିୟମ ପ୍ରଣୟନ କରିଛନ୍ତି, ମାତ୍ର ଦୋକାନୀ ସେ ସବୁକୁ ଖାତିର ନ କରି ଯିଏ ଯେଉଁଠି ପାଇଲା ଦୋକାନ ଖୋଲି ଦେଉଛନ୍ତି। ଅସ୍ୱାସ୍ଥ୍ୟକର ପରିବେଶ ଓ ନିମ୍ନ ମାନର ଉପକରଣ ବ୍ୟବହାର କରି ପାଟିକୁ ସୁଆଦିଆ ଲାଗୁଥିବା ଜିନିଷକୁ ଗ୍ରାହକଙ୍କୁ ଦେଇ ଭଲ ଦି' ପଇସା ରୋଜଗାର କରୁଛନ୍ତି। ଯାହାକୁ ଖାଇ ପେଟ ସମସ୍ୟା ଦେଖାଦେଉଛି। ଡାକ୍ତର ମଧ ବାହାର ଖାଦ୍ୟ ଖାଇବାକୁ ମନା କରୁଛନ୍ତି। ମାତ୍ର ନାଲି, ନେଳି ଦେଖାଯାଉଥିବା ଖାଦ୍ୟକୁ ଆମେ ଆମର ଲୋଭ ସମ୍ବରଣ କରି ନ ପାରି ଖାଇ ଦେଉଛୁ ଆଉ ତାହା ଆମ ଶରୀର ପାଇଁ କେତେ ସୁରକ୍ଷିତ ତାହା ବିଚାର କରିବାର ଆବଶ୍ୟକତା ଅଛି ବୋଲି ମନେହୁଏ।

– ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଦକ୍ଷିଣ ଆଫ୍ରିକାରେ ଇସ୍କନର ଅଦିନିଆ ରଥଯାତ୍ରା

## ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିକଲେ ସେବାୟତ

ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)

ଇସ୍କନର ମନମାନି କାର୍ଯ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି, ଯାହାକୁ ନେଇ ଅଗଣିତ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। କିଛିଦିନ ପୂର୍ବେ ଇସ୍କନ ପକ୍ଷରୁ ଲଣ୍ଡନଠାରେ ଅଦିନିଆ ରଥଯାତ୍ରା କରାଯାଇଥିବା ବେଳେ ଏବେ ପୁଣି ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଆୟୋଜନ କରାଯାଇଛି। ଗତ ୩ଦିନ ତଳେ ଦକ୍ଷିଣ ଆଫ୍ରିକାରେ ରଥଯାତ୍ରା କରାଯାଇଥିଲା। ସେହିପରି ଲଣ୍ଡନର ଅନ୍ୟ ଏକ ସହରରେ ଜୁଲାଇ ୬ରେ ସ୍ନାନଯାତ୍ରା ଓ ଜୁଲାଇ ୨୦ରେ ରଥଯାତ୍ରା ଇସ୍କନ ପକ୍ଷରୁ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ତେବେ ଦକ୍ଷିଣ ଆଫ୍ରିକାର ସାଣ୍ଡଟନ୍ ସହରରେ ହୋଇଥିବା ଏହି ଅଦିନରେ ରଥଯାତ୍ରା ସମ୍ପର୍କରେ ଇସ୍କନ ପକ୍ଷରୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ଗୋଟିଏ ରଥରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବସାଯାଇ ରଥ ଟଣାଯାଉଥିବା ଏକ ଭିଡିଓ ରହିଛି। ଉକ୍ତ ପୋଷ୍ଟରେ ଚତୁର୍ଥ ବାର୍ଷିକ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ଉଲ୍ଲେଖ କରାଯାଇଛି।



ଦକ୍ଷିଣ ଆଫ୍ରିକାର ସାଣ୍ଡଟନ୍ ସହରରେ ଆୟୋଜିତ ରଥଯାତ୍ରା।

ସ୍ନାନ ପୂର୍ଣ୍ଣିମା ନ ହେଉଣୁ ଇସ୍କନ୍ ବିଭିନ୍ନ ଦେଶରେ ଅଦିନିଆ ରଥଯାତ୍ରା ଆୟୋଜନ କରୁଛି। ବାରମ୍ବାର ଇସ୍କନ ପକ୍ଷରୁ ଜଗନ୍ନାଥ ସଂସ୍କୃତି ପରମ୍ପରାକୁ କୁଠାରାଘାତ କରାଯାଉଥିବାରୁ ଏନେଇ ଇସ୍କନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଇଛି। ଏନେଇ ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଇସ୍କନର ଏପରି କାର୍ଯ୍ୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ କ୍ଷୋଭ ପ୍ରକାଶ କରିଛନ୍ତି। ବରିଷ୍ଠ ସେବାୟତ ଗୌରହରୀ ପ୍ରଧାନ କହିଛନ୍ତି, ଇସ୍କନ ବାରମ୍ବାର ମନମାନି କରି ଅଦିନରେ ରଥଯାତ୍ରା ଆୟୋଜନ କରୁଛି। ତେଣୁ ଇସ୍କନ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି।

ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ଇସ୍କନ ବାରମ୍ବାର ଅଦିନରେ ରଥଯାତ୍ରା କରୁଛି। ବନ୍ଦ କରିବାକୁ କୁହାଗଲେ ମଧ୍ୟ ଇସ୍କନ ଶୁଣୁନାହିଁ। ସରକାର ଏଥିରେ ହସ୍ତକ୍ଷେପ କରନ୍ତୁ। ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଇସ୍କନ ପକ୍ଷରୁ କରାଯାଉଥିବା ଅଦିନିଆ ରଥଯାତ୍ରା ଯେପରି ନ ହେବ ସେଥିପାଇଁ ପୂର୍ବରୁ ଗଜପତି ମହରାଜ ସଂସ୍ଥା ସହ ଆଲୋଚନା କରିଥିଲେ। ମୁଖ୍ୟ ପ୍ରଶାସକ ଆଲୋଚନା କଲେ, ସେବାୟତ, ଭକ୍ତ ବାରଣ କରିବା ସତ୍ତ୍ୱେ ଇସ୍କନ ତାଙ୍କ ମନମାନି କାର୍ଯ୍ୟ ଜାରି ରଖିଛି। ଏନେଇ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ କହିଛନ୍ତି, ଯେପରି ଇସ୍କନ ଅଦିନିଆ ରଥଯାତ୍ରାରୁ ବିରତ ରହିବ ସେ ନେଇ ଆଲୋଚନା କରାଯାଉଛି। ଆଗକୁ ମଧ୍ୟ ଏନେଇ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଉତ୍ତର ଉପକୂଳ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଭୁବନେଶ୍ୱରରେ ଶନିବାର ମଧ୍ୟାହ୍ନରେ ହୋଇଥିବା ପ୍ରାକ୍ ମୌସୁମୀ ବର୍ଷା। (ଫଟୋ: ବିକାଶ ନାୟକ)

# ଭିଜାଇଲା ପ୍ରାକ୍ ମୌସୁମୀ ବର୍ଷା

## ଆଜିଠୁ ବଢ଼ିବ, ଅଧିକାଂଶ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର,୨୪।୫ (ଅନୁରାଧା ମହାରଣା)

ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଇତିମଧ୍ୟରେ ମୌସୁମୀ କେରଳ ଛୁଇଁଥିବାବେଳେ ଏହା ପ୍ରଭାବରେ ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଉତ୍ତର ଉପକୂଳ ଓଡ଼ିଶା ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ବର୍ଷାର ବିସ୍ତୃତି ବଢ଼ିବା ସହ କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭଦ୍ରକ, କଟକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଆଦି ଜିଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଅପରାହ୍ନ ଓ ସନ୍ଧ୍ୟାରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଢେଙ୍କାନାଳ, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝରଗଡ଼, ବାଲେଶ୍ୱର, ନୟାଗଡ଼, ଖୋର୍ଦ୍ଧା, ପୁରୀ, କନ୍ଧମାଳ ଆଦି ଜିଲାରେ ପ୍ରବଳ ବର୍ଷା ହୋଇପାରେ। ଏହି ସମସ୍ତ ଜିଲାରେ ବଜ୍ରପାତ ସହ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରି ବିଭାଗ ସତର୍କ କରିଛି। ଅନ୍ୟପଟେ ୧୮ ଜିଲାର କିଛି ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର ଆଦି ରହିଛି।

# ଚାକିରି ଦେବା ନାଁରେ ଠକେଇ, ୩ ଗିରଫ

କଟକ,୨୪।୫(କାର୍ତ୍ତିକ ସାହୁ)

ଚାକିରି ଦେବା ନାଁରେ ଠକେଇ ମାମଲାରେ ଜଡ଼ିତ ୩ଜଣଙ୍କୁ ଚାଉଳିଆଗଞ୍ଜ ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବକ୍ସିବଜାର ବଡ଼େଇସାହିର ବେବି ଓରଫ ସୁବାସିନୀ ମହାରଣା (୪୪), ମଧୁପାଟଣା ବେଲେଶ୍ୱରର ସତ୍ୟ ଓରଫ ସତ୍ୟସାଗର ସେନାପତି (୪୪) ଏବଂ ଜଗତସିଂହପୁର ସୋମପୁର ବେଗୁନିଆର କ୍ଷୀରୋଦ ଓରଫ ଚନ୍ଦନ ସାହୁ (୩୮)। ସେମାନଙ୍କ ନିକଟରୁ ଲାପ୍‌ଟପ, ପେନ୍ ଡ୍ରାଇଭ, ପ୍ରଚାରପତ୍ର, ନିଯୁକ୍ତିପତ୍ର, ଆଧାର କାର୍ଡ ଓ ୩ଟି ମୋବାଇଲ ଫୋନ୍ ଆଦି ସାମଗ୍ରୀ ଜବତ କରାଯାଇଛି। ଏ ନେଇ ଥାନାରେ ମାମଲା (ନଂ.୨୩୮/୨୦୨୫) ରୁଜୁ ହୋଇଛି।

ସୂଚନାନୁସାରେ, ଅଭିଯୋଗକାରୀ ପିଠାପୁର ଅଞ୍ଚଳର ଶିଭମ୍ ଜୈସ୍ୱାଲ (୨୨) ହ୍ୱାଟ୍ସଆପ ଗ୍ରୁପ ଜରିଆରେ ଡାଟା ଆନାଲିଷ୍ଟ ଚାକିରି ନିମନ୍ତେ ଏକ ବିଜ୍ଞାପନ ପାଇଥିଲେ। ସେଥିରେ ଥିବା ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାରୁ ଫୋନ୍ ଉଠାଇଥିବା ମହିଳା ସୁବାସିନୀ ମାମ୍ ଭାବେ ପରିଚୟ ଦେଇଥିଲେ। ଚାଉଳିଆଗଞ୍ଜ ପୋଷ୍ଟ ଅଫିସ ନିକଟରେ ସେମାନଙ୍କ ଏକ ଅଫିସ ରହିଛି। ସେଠାକୁ ଆସିବା ନିମନ୍ତେ ସେ ପରାମର୍ଶ ଦେଲେ। ତଦନୁସାରେ ଗତ ୨୩ରେ ଅଭିଯୋଗକାରୀ ସେଠାରେ ପହଞ୍ଚି ଦେଖିଲେ ଏକ ଛୋଟ କ୍ୟାବିନ୍‌ରେ ୨ଜଣ ବସିଛନ୍ତି। ସେମାନେ ହେଲେ ସୁବାସିନୀ ଓ ସତ୍ୟସାଗର। ଦୁହେଁ ଚାକିରି ସମ୍ବନ୍ଧୀୟ କମ୍ପାନୀର ଅନେକ କାଗଜପତ୍ର ଦେଖାଇଥିଲେ। ସେମାନେ ଅନେକ ଲୋକଙ୍କୁ ଚାକିରି ଦେଇଥିବା କହିଥିଲେ। ଏଥିସହ ରେଜିଷ୍ଟ୍ରେଶନ ଓ ପ୍ରୋସେସିଂ ଫି' ଆକାରରେ ୫ ହଜାର ଟଙ୍କା ସହ ରିଜ୍ୟୁମ୍ ଦେବାକୁ ଉଭୟେ କହିଥିଲେ। ଅଭିଯୋଗକାରୀ ପଇସା ଦେଇସାରିବା ପରେ ଚାକିରିର ସମୟ ଓ କି ପ୍ରକାର କାର୍ଯ୍ୟ ଆଦି ପଚାରିଥିଲେ। ମାତ୍ର ଦୁହେଁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ଫଳରେ ସେମାନଙ୍କ ଉପରେ ସନ୍ଦେହ ହେବାରୁ ଟଙ୍କା ଫେରସ୍ତ ଦେବାକୁ ସେ କହିଥିଲେ। ମାତ୍ର ସେମାନେ ଟଙ୍କା ଫେରସ୍ତ ନ ଦେଇ ଗାଳିଗୁଲଜ କରିଥିଲେ। ଏହାପରେ ଅଭିଯୋଗକାରୀ ଥାନାରେ ଏତଲା ଦେଇଥିଲେ। ପୋଲିସ ତଦନ୍ତ ପରେ ତୃତୀୟ ବ୍ୟକ୍ତି ବି ଏମାନଙ୍କ ସହ ସମ୍ପୃକ୍ତ ଥିବା ଜାଣିପାରି ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ସାବିତ୍ରୀ ଭାର ନେଇ ଯାଉଥିବା ବେଳେ ବଜ୍ରପାତରେ ଭାଇଙ୍କ ଜୀବନଗଲା

ଟାଙ୍ଗୀ/ନିରାକାରପୁର, ୨୪।୫
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ସାବିତ୍ରୀ ବ୍ରତ ପାଇଁ ଶନିବାର ଭଉଣୀ ଘରକୁ ଭାର ନେଇ ଯାଉଥିବା ବେଳେ ବଜ୍ରପାତରେ ଭାଇଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ କନ୍ତଳବାଇ ଗ୍ରାମର ଅଭୟ ମହାପାତ୍ର(୩୦)। ସେ ଏକ ଘରୋଇ କଲେଜରେ ଅଧ୍ୟାପକଭାବେ କାର୍ଯ୍ୟରତ ଥିଲେ ବୋଲି ଜଣାପଡ଼ିଛି। ସୂଚନା ମୁତାବକ ଟାଙ୍ଗୀ ଅଞ୍ଚଳରେ ଅପରାହ୍ନରେ ହଠାତ୍ ବର୍ଷା ହୋଇଥିଲା। ଅଭୟ ଭଉଣୀ ଘରକୁ ସାବିତ୍ରୀ ବ୍ରତ ପାଇଁ ଭାରନେଇ ଯାଉଥିବା ବେଳେ ବର୍ଷାରୁ ରକ୍ଷା ପାଇବା ପାଇଁ ମଙ୍ଗଳାଯୋଡ଼ି ରାସ୍ତା ଭଜାଗଡ଼ ଛକ ନିକଟରେ ଅଟକି ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି।

# କରତ କଳରେ ଚଢ଼ାଉ: ଯନ୍ତ୍ରାଂଶ, କାଠ ଜବତ

ବାଲିପାଟଣା,୨୪।୫
(ଅଭିମନ୍ୟୁ ନାୟକ)

ବାଲିପାଟଣାସ୍ଥିତ ଏକ କରତ କଳରେ ଶନିବାର ଚଢ଼ାଉ କରାଯାଇ ଯନ୍ତ୍ରାଂଶ ସହ କାଠ ଜବତ କରାଯାଇଛି। ବାଲିପାଟଣା ଅଞ୍ଚଳରେ ବେଆଇନଭାବେ କରତ କଳ ଚାଲୁଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏସିଏଫ୍ ସାଧନା ପ୍ରିୟଦର୍ଶିନୀ ସ୍ୱାଇଁ, ବାଲିପାଟଣା ରେଞ୍ଜ କାର୍ଯ୍ୟାଳୟ ରେଞ୍ଜର ରେସମା ପରିଡ଼ା ସଦଳବଳ ଉକ୍ତ କରତକଳରେ ଚଢ଼ାଉ ଯନ୍ତ୍ରାଂଶ ସହ କାଠ ଜବତ କରିଥିଲେ। ସେହିପରି ଅନ୍ୟ ଏକ କରତ କଳରେ ଚଢ଼ାଉ ବେଳେ ରହିତାଦେଶ ଥିବା ଜାଣିବା ପରେ ଫେରିଯାଇଥିଲେ। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସୁଧୀର ଦାସ କୁହନ୍ତି, ବାରମ୍ବାର ଚଢ଼ାଉ ଅପେକ୍ଷା ବାଲିପାଟଣା ରେଞ୍ଜ ଅଞ୍ଚଳରେ ସରକାରୀ ସ୍ୱୀକୃତିପ୍ରାପ୍ତ କରତ କଳ କରାଗଲେ ସାଧାରଣଲୋକଙ୍କୁ ଗୃହ ଉପକରଣ ପାଇଁ କାଠ ଚିରିବାକୁ ସୁବିଧା ହୁଅନ୍ତା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରିୟଙ୍କା



@ ପ୍ରାର୍ଥନା



@ ସିପ୍ରା



@ ସତ୍ୟ ନାରାୟଣ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜମାଲପୁର ୱାର୍କଶପ୍‌ରେ ୱାଗନ ପିଓଏଚ୍ କ୍ଷମତା ବୃଦ୍ଧି ହେବ

## ପ୍ରକଳ୍ପ ଉଦ୍‌ଘାଟନ କଲେ, ନୀତୀଶ କୁମାରଙ୍କୁ ଭେଟିଲେ ରେଳମନ୍ତ୍ରୀ



ଅନ୍ୟ ଅତିଥିଙ୍କ ଉପସ୍ଥିତିରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର,୨୪।୫(ଅନୁରାଧା ମହାରଣା)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିହାର ଗସ୍ତ କରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ରାଜ୍ୟରେ ରେଳ ସମ୍ପର୍କିତ ପ୍ରକଳ୍ପଗୁଡ଼ିକ ବିଷୟରେ ଆଲୋଚନା କରିଛନ୍ତି। ଏହି ଅବସରରେ ସେ ପାଟନାରୁ ଜମାଲପୁର ମଧ୍ୟରେ ୱିଣ୍ଡୋ ଟ୍ରେଲିଂ ଯାଞ୍ଚ କରି ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ସହ କେନ୍ଦ୍ର ପଞ୍ଚାୟତିରାଜ, ମତ୍ସ୍ୟ, ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ, ବିହାରର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ବିଜୟ କୁମାର ସିହ୍ନା ମଧ୍ୟ ଉପସ୍ଥିତ ଥିଲେ। ରେଳମନ୍ତ୍ରୀ ବୈଷ୍ଣବ ଜମାଲପୁର ଷ୍ଟେଶନ ପରିଦର୍ଶନ କରି ୩୦ କୋଟି ଟଙ୍କା ବ୍ୟୟରେ ଚାଲିଥିବା ପୁନଃ ବିକାଶ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଜମାଲପୁର ୱାର୍କଶପ୍‌ରେ ସେ ୱାଗନ ନିର୍ମାଣ ଦୋକାନ ଏବଂ କ୍ରେନ ଦୋକାନ ଇତ୍ୟାଦି ଯାଞ୍ଚ କରିଥିଲେ। ଏଥିସହ ସେଠାରେ ୱାଗନ ପିଓଏଚ୍ କ୍ଷମତା ବୃଦ୍ଧି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୭୮.୯୬ କୋଟି ଟଙ୍କା ବ୍ୟୟରେ ଏହାର ଉନ୍ନତୀକରଣ କରାଯିବ। ଜମାଲପୁର ୱାଗନରେ ନିର୍ମିତ ଶୌଚାଳୟ ସହିତ ବକ୍ସଏନ ୱାଗନ, ବିଏଲ୍‌ସିଏସ୍ ୱାଗନ ଏବଂ ବ୍ରେକ ଭ୍ୟାନ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରିଥିଲେ। କ୍ରେନ କର୍ମଶାଳାରେ ନୂତନ ଭାବରେ ନିର୍ମିତ ୧୪୦ ଟନ୍ କ୍ରେନ, ୮-ଚକିଆ ଟାୱାର କାର୍ ଏବଂ ଜମାଲପୁର ଜ୍ୟାକ ନିରୀକ୍ଷଣ କରିଥିଲେ। ପରେ ସେ ଜମାଲପୁରସ୍ଥିତ ଇଣ୍ଡିଆନ ରେଲୱେ ଇନ୍‌ଷ୍ଟିଚ୍ୟୁଟ ଅଫ ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପରିଦର୍ଶନ କରି 'ସେଣ୍ଟର ଅଫ ଏକ୍ସିଲେନ୍ସ' ନାମକ ପୁସ୍ତିକା ଉନ୍ମୋଚନ କରିଥିଲେ। ଏହି ଅବସରରେ ବିଧାୟକ ପ୍ରଣବ କୁମାର, ଅଜୟ କୁମାର ସିଂହ, ପୂର୍ବ କେନ୍ଦ୍ରୀୟ ରେଳପଥର ମହାପ୍ରବନ୍ଧକ ଛତ୍ରସାଲ ସିଂହ, ପୂର୍ବ ରେଳପଥର ମହାପ୍ରବନ୍ଧକ ମିଳିନ୍ଦ ଦେଉସ୍କର ଉପସ୍ଥିତ ଥିଲେ।


केंद्रीय पेट्रोरसायन इंजीनियरिंग और प्रौद्योगिकी संस्थान
**CENTRAL INSTITUTE OF PETROCHEMICALS ENGINEERING & TECHNOLOGY (CIPET)-IPT**
Department of Chemicals & Petrochemicals, Ministry of Chemicals & Fertilizers, Govt of India
B/25, CNIC, Patia, Bhubaneswar, Odisha 751024, E-mail: bhubaneswar@cipet.gov.in, www.cipet.gov.in

**ADMISSIONS - 2025**

CIPET: IPT Bhubaneswar, Govt. of India a premier national institution invites online applications for admission in following Under Graduate and Post Graduate programs in Engineering and Science for the Academic Year 2025-26.

| PROGRAMME | QUALIFICATION | DURATION |
|---|---|---|
| B.Tech. (Plastics Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 4 Years |
| B.Tech. (Manufacturing Engineering & Technology) (Equivalent to Production Engg.) | | |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and one more subject. | 5 Years |
| Lateral Entry for B. Tech (Plastics Engineering) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| Lateral Entry for B. Tech. (Manufacturing Engineering & Technology) | | |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |
| M.Tech. (Polymer Nanotechnology) | | |

Excellent Placement Track Record

Candidates may apply through the link : **https://forms.gle/nUbAXmQFSfpeqe9e8**
Last date for filling online application : **26.05.2025**
Date of CIPET-Joint Entrance Examination : **30.05.2025**
Please visit our website : **www.cipet.gov.in** for detailed information for Admission

**Contact: 8144919800/ 8170044113/ 9348795434**

Scan Me

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ପୁରୀ, ୨୪।୫(ଅଜିତ୍ କୁମାର ମହାନ୍ତି):** ଡକାୟତି ଯୋଜନା କରୁଥିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିର ସୁନୀଲ କୁମାର ସାହୁ (୨୫), ଆର୍ ରାମଚନ୍ଦ୍ର ବେହେରା (୨୬), ପି. କେ. ଆର୍‌ଆଇଟି କଲୋନିର ପିଣ୍ଟୁ ଥାପା, ତାଳବଣିଆ ପ୍ରଥମ ଲେନ୍ ତାରିଣୀ ମନ୍ଦିର ନିକଟର ବିଶାଳ ନାୟକ (୨୧), ଭଗବତୀ ଆଶ୍ରମ ରେଲ୍‌ୱେ କଲୋନିର ବାବୁଲି ନାୟକ (୨୪)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ କଟୁରି, ଲୁହାରଡ୍, ଛୁରି, ପ୍ଲାସ୍, ଲଙ୍କାଗୁଣ୍ଡ, ବିୟର, ବିଡି ସହ ଅନ୍ୟାନ୍ୟ ଜିନିଷ ଜବତ କରିଛି। ଏନେଇ କେସ୍ ନଂ ୧୩୨/୨୫ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସର ସୂଚନାନୁଯାୟୀ, ସମୁଦ୍ରକୂଳ ଥାନା ଅଞ୍ଚଳରେ ପାଟ୍ରୋଲିଂ ଚାଲୁଥିବା ସମୟରେ ବିଶେଷସୂତ୍ରରୁ ଖବରପାଇ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଶନିବାର କୋର୍ଟଚାଲାଣ କରିଥିଲା।

### ସମୁଦ୍ରରେ ଓଲଟିଲା ବୋଟ୍, ବର୍ତ୍ତିଲେ ୪ ପର୍ଯ୍ୟଟକ

**ପୁରୀ, ୨୪।୫(ଅଜିତ୍ କୁମାର ମହାନ୍ତି):** ପୁରୀ ବେଳାଭୂମିରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବଡ଼ ଅଘଟଣରୁ ବର୍ତ୍ତିଛନ୍ତି ପର୍ଯ୍ୟଟକ। ଏପରି ଘଟଣାକୁ ପ୍ରଶାସନ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି। ବେଳାଭୂମିରେ ପର୍ଯ୍ୟଟକମାନଙ୍କୁ ୱାଟର ସ୍ପୋର୍ଟ୍ସର ମଜା ଦେବା ପାଇଁ ବିଭିନ୍ନ ପ୍ରକାର ୱାଟର ସ୍ପୋର୍ଟ୍ସ ବୋଟ୍ ରହିଛି। କିଛି ଘରୋଇ ସଂସ୍ଥା ପକ୍ଷରୁ ଏପରି ଖେଳର ଆୟୋଜନ କରାଯାଉଛି। ଶନିବାର ୪ ଜଣ ବଙ୍ଗୀୟ ପର୍ଯ୍ୟଟକଙ୍କୁ ନେଇ ୱାଟର ସ୍ପୋର୍ଟ୍ସ ବୋଟ୍ ସମୁଦ୍ର ମଧ୍ୟରେ ଯାଉଥିବା ବେଳେ ଉଚ୍ଚ ଢେଉ ମାଡ଼ରେ ବୋଟ୍‌ଟି ଓଲଟି ପଡ଼ିଥିଲା। ଫଳରେ ସମସ୍ତ ପର୍ଯ୍ୟଟକ ଓ ଚାଳକ ସମୁଦ୍ର ମଧ୍ୟରେ ପଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲାଇଫ୍ ଗାର୍ଡ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଏକ ବଡ଼ ଦୁର୍ଘଟଣା ଘଟିବାରୁ ପର୍ଯ୍ୟଟକମାନେ ବର୍ତ୍ତି ଯାଇଛନ୍ତି। ବେଆଇନ ଭାବେ ପୁରୀ ବେଳାଭୂମିରେ ଚାଲିଥିବା ଏପରି ଦୁଃସାହସିକ ଖେଳକୁ ପ୍ରଶାସନ ବନ୍ଦ କରିବା ସହ ଏପରି ଖେଳ ଆୟୋଜନ କରି ଲୋକଙ୍କ ଜୀବନକୁ ବାଜି ଲଗାଇଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

### ରାତିକରେ ସ୍କୁଟି, ପିକ୍‌ଅପ୍ ଭ୍ୟାନ୍ ଚୋରି

**ଅସ୍ତରଙ୍ଗ, ୨୪।୫(ମମତା ଜେନା):** କାକଟପୁର ମଙ୍ଗଳା ମନ୍ଦିର ନିକଟରେ ଥିବା ଅକ୍ଷୟ କୁମାର ଦୀକ୍ଷିତଙ୍କ ଘରୁ ସମ୍ମୁଖରୁ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସ୍କୁଟି (ଓଡି ୩୩ ଜି ୨୩୨୪) ଚୋରି ହୋଇଥିବା କାକଟପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେ ସ୍କୁଟି ଚୋରି ବାବଦରେ ସକାଳେ ଜାଣିବା ପରେ ପଚରାଉଚରାରୁ କେହି ବିଳମ୍ବିତ ରାତିରେ ତାକୁ ଚୋରି କରିନେଇଥିବା ପ୍ରତ୍ୟକ୍ଷଦର୍ଶୀ କହିଥିଲେ। ସେହିପରି ଉକ୍ତ ରାତିରେ କାକଟପୁର ବ୍ଲକ ଛକ ନିକଟରେ ଥିବା ବୀଣାପାଣି ଷ୍ଟୋର ଆଗରୁ ଏକ ପିକ୍‌ଅପ ଭ୍ୟାନ (ଓଡି ୦୨ କେ ୦୨୨୩) ଚୋରି ହୋଇଥିବା ଷ୍ଟୋର ମାଲିକ ବିଜୟ କୁମାର ତ୍ରିପାଠୀ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଧିକାଂଶ ସମୟରେ ଏହି ଅଞ୍ଚଳରେ ଏପରି ଚୋରି ହେଉଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଧରିବାରେ ସଫଳ ହେଉ ନ ଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

### ଜମିବାଡ଼ିକୁ ନେଇ ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ, ଜଣେ ଆହତ

**ଯୋଗେଶ୍ୱରପୁର, ୨୪।୫(ରଶ୍ମିରଞ୍ଜନ ସାହୁ):** ଜମିବାଡ଼ି ବଣ୍ଟନକୁ ନେଇ ବଡ଼ ଭାଇ ଆକ୍ରମଣରେ ସାନ ଭାଇ ଆହତ ହୋଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ବାଉଲଙ୍ଗ ପଞ୍ଚାୟତ ବରିମୁଣ୍ଡ ଗ୍ରାମର କମଳାକାନ୍ତ ବେହୁରା ଓ ସାନ ଭାଇ ଅରୁଣ କୁମାର ବେହୁରାଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଜମିବାଡ଼ି ବଣ୍ଟନକୁ ନେଇ ବିବାଦ ଲାଗି ରହିଥିଲା। ପୋଲିସ ସୂତ୍ରରୁ ପ୍ରକାଶ କମଳାକାନ୍ତ ବାହାରେ ରହୁଥିଲେ। ସେ ସାନ ଭାଇକୁ ଭାଗ ଦେବାକୁ ବିଭିନ୍ନ ସମୟରେ ଅରାଜି ହେଉଥିଲେ। ଶୁକ୍ରବାର ଏହି ଜମିବାଡ଼ି ଘଟଣାକୁ ନେଇ ୨ ଭାଇଙ୍କ ମଧ୍ୟରେ ବଚସା ହୋଇ ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା।

## ଗଙ୍ଗୁଆନାଳ, ଦୟା ପଶ୍ଚିମ କେନାଲ ଜବରଦଖଲମୁକ୍ତ ହେବ

### କ୍ଷେତ୍ର ପରିଦର୍ଶନ କଲେ ପ୍ରମୁଖ ସଚିବ

**ଭୁବନେଶ୍ୱର, ୨୪।୫(ବନ୍ଦନା ସେଠୀ)**



ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅନ୍ୟ ଅଧିକାରୀଙ୍କ ସହ ଜଳ ନିଷ୍କାସନ ସ୍ଥିତିର ଅନୁଧ୍ୟାନ କରୁଛନ୍ତି।

ସହରାଞ୍ଚଳ ବନ୍ୟା ଆହ୍ୱାନର ମୁକାବିଲା କରିବା ତଥା ଭୁବନେଶ୍ୱରରେ ଜଳାଶୟଗୁଡ଼ିକର ସ୍ଥାୟୀ ପରିଚାଳନାକୁ ସୁଦୃଢ଼ କରିବା ଲାଗି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ଶନିବାର ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ବିଏମ୍‌ସି ଏବଂ ବିଡିଏ ଅଧୀନରେ ଥିବା ଗଙ୍ଗୁଆନାଳ ଓ ଦୟା ପଶ୍ଚିମ କେନାଲ ଅଞ୍ଚଳ ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ସହରର ଜଳ ପରିଚାଳନା ସମେତ ଜବରଦଖଲ ଉଚ୍ଛେଦ ଓ ଜଳାଶୟ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସହରର ଜଳ ପରିଚାଳନା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଜଳ ନିଷ୍କାସନ ଚ୍ୟାନେଲ ଏବଂ ସମ୍ପୃକ୍ତ ଜଳାଶୟଗୁଡ଼ିକର ସ୍ଥିତିକୁ ଆକଳନ କରାଯାଇଥିଲା। ଏହି ଚ୍ୟାନେଲଗୁଡ଼ିକର ପ୍ରାକୃତିକ ପ୍ରବାହକୁ ସହଜ କରିବା, ଅବରୋଧମୁକ୍ତ କରିବା ଏବଂ ପୁନରୁଦ୍ଧାର କରିବା ପାଇଁ ତୁରନ୍ତ ଦୀର୍ଘକାଳୀନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଜବରଦଖଲ ସମସ୍ୟା, ଢାଞ୍ଚାଗତ ପ୍ରତିବନ୍ଧକ, ସହରାଞ୍ଚଳ ଜଳସ୍ରୋତର ଜଳ ପରିବହନ କ୍ଷମତା ଏବଂ ପରିବେଶ ସନ୍ତୁଳନ ପାଇଁ ସମନ୍ୱିତ ଯୋଜନାର ଆବଶ୍ୟକତା ଉପରେ ସମୀକ୍ଷା କରାଯାଇଥିଲା। ନିର୍ଦ୍ଦିଷ୍ଟ ସମୟସୀମା ସହିତ ଜଳ ପରିଚାଳନା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପ୍ରମୁଖ ସଚିବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗସ୍ତ ସମୟରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର ଏବଂ ବିଏମ୍‌ସି ଓ ବିଡିଏର ବରିଷ୍ଠ ଯନ୍ତ୍ରୀଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରଥଖଳାରୁ...

### ୩ ରଥର ୧୪ ନାହାକା ଚଉପଟ କାର୍ଯ୍ୟ ଆରମ୍ଭ



**ପୁରୀ, ୨୪।୫(ଅଜିତ୍ କୁମାର ମହାନ୍ତି):** ରଥଖଳାରେ ରବିବାର ସୁଦ୍ଧା ତିନିରଥର ୩୬ଟି ଚକ ନିର୍ମାଣ ଶେଷ ହୋଇ ୧୪ ନାହାକା ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥର ନିର୍ମାଣ କାର୍ଯ୍ୟ ସମାନ୍ତରାଳ ଭାବେ ଆଗେଇ ଚାଲିଛି। ମହାରଣା ସେବକଙ୍କ ପ୍ରତିଟି ନିର୍ମାଣ କାର୍ଯ୍ୟର ସହାୟକ ଭାବେ ଭୋଇ ସେବକମାନେ ଜଗି ରହିଛନ୍ତି। ତିନିରଥର ଶେଷ ଦୁଇ ଦୁଇ ଗୋଟି ଚକ ନିର୍ମାଣ ଜାରି ରହିଛି। ଚକ ତୁମ୍ବରେ ସିଙ୍ଗଡ଼ା ବାଡିଆ ଶେଷ ହୋଇ ସିଙ୍ଗଡ଼ା କଟା ପରେ ଅର ମୁଖ ସାଲ ଶେଷ ହୋଇଛି। ପଇ ବିନ୍ଧ ଶେଷପର୍ଯ୍ୟାୟରେ ପହଞ୍ଚିଛି। ରବିବାର ପଇ ସଂଯୋଗ ସହ ପଇ କଳସା କାର୍ଯ୍ୟ ହେବ, ଏଥିସହ ତିନିରଥର ୧୨ ଗୋଟି ଲେଖାଏଁ ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ବିନ୍ଧ ଅନୁକୂଳ ହୋଇ ବିନ୍ଧ କାର୍ଯ୍ୟପାଇଁ ଚଉତାରେ ମାପ ଚିହ୍ନ ଦିଆ ଶେଷ ହୋଇଛି। ଏଥିରେ ୧୪ ନହାକା ନିର୍ମାଣ କାର୍ଯ୍ୟ ପାଇଁ ରଥ ଅମିନ ଯୋଗାଇଥିବା ୪ ଗୋଟି ଲେଖାଏଁ ୨୦ ଫୁଟିଆ କାଠ ଫାଳିର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ରୂପକାର ସେବକମାନେ ତିନିରଥ ସାଲ ଗୁଜରେ ରୂପ ଖୋଦେଇ ଶେଷପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଦଣ୍ଡାବିଡ଼ିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।

## ଗଳ୍ପ ହେଉଛି ଗତାନୁଗତିକ ରଜୁମାର୍ଗର ପଥିକ





ସମାବେଶରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଗାଳ୍ପିକା ଗାଳ୍ପିକମାନେ।

**ଭୁବନେଶ୍ୱର, ୨୪।୫ (ସୌମ୍ୟରଞ୍ଜନ ରାଉତ)**

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଯୁବ ଗାଳ୍ପିକ ସମାବେଶ'

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର 'ଯୁବ ଗାଳ୍ପିକ ସମାବେଶ' ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟିକ ଡ. ମିହିର କୁମାର ସାହୁ, ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଅରବିନ୍ଦ ରାୟ, ସୁସାହିତ୍ୟିକା ଡ. ହିରଣ୍ମୟୀ ମିଶ୍ର ଓ ନାଟ୍ୟକାର ଶରତ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ କହିଲେ, ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପର ଇତିହାସ ଆଜିର ନୁହେଁ। ଏହା ପିଢ଼ି ପରେ ପିଢ଼ି ରଚନା କରିବାରେ ଅନେକ ଯୁବ ଗାଳ୍ପିକ ଓ ଗାଳ୍ପିକା ବହୁ ପରିଶ୍ରମ କରୁଛନ୍ତି। ଇଂଲିଶ ଶିକ୍ଷା, ସାହିତ୍ୟ ଓ ସଭ୍ୟତାର ପ୍ରଭାବ ଫଳରେ ହଜିଯାଉଥିବା ପୂର୍ବ ପ୍ରଚଳିତ ବହୁ ଲୋକକାହାଣୀକୁ ଯୁବ ଗାଳ୍ପିକାଗାଳ୍ପିକମାନେ ନିଜ ଲେଖନୀ ମାଧ୍ୟମରେ ବଞ୍ଚାଇ ରଖିପାରିଛନ୍ତି। ଗଳ୍ପ ହେଉଛି ଗତାନୁଗତିକ ରଜୁମାର୍ଗର ପଥିକ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଯୋଗଦେଇଥିବା ଯୁବ ଗାଳ୍ପିକା ଓ ଗାଳ୍ପିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ଗଳ୍ପ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଯୁବ ଗାଳ୍ପିକାଗାଳ୍ପିକଙ୍କୁ ଅଭିନନ୍ଦନ ଜଣାଇଥିଲେ।

## '୨୦୩୦ ସୁଦ୍ଧା ମିଶନ୍ ମଧୁମେହ ମୁକ୍ତ ଓଡ଼ିଶା' ଅଭିଯାନ

**ଭୁବନେଶ୍ୱର, ୨୪।୫ (ଅନୁରାଧା ମହାରଣା)**

ହେଲଥିଭିଲେ ଯୋଗ ଓ ଚିକିତ୍ସା କେନ୍ଦ୍ର ଦ୍ୱାରା '୨୦୩୦ ସୁଦ୍ଧା ମିଶନ୍ ମଧୁମେହ ମୁକ୍ତ ଓଡ଼ିଶା' ଅଭିଯାନ ଆରମ୍ଭ ହୋଇଛି। ବିଧାନସଭା ବାଚସ୍ପତି ସୁରମା ପାଢ଼ି ଓ ବିଶିଷ୍ଟ ନ୍ୟୁରୋସର୍ଜନ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଡା. ମାଧବ ନାୟକ, ହେଲଥିଭିଲେର ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଲିନ୍ଦ ପରାଶର, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ହେଲଥଭିଲେର ମ୍ୟାନେଜିଂ ଟ୍ରଷ୍ଟି ଇନ୍ଦୁମତୀ ରାୟ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ହେଲଥ୍ ଭିଲେର ପ୍ରତିଷ୍ଠାତା ସତ୍ୟବ୍ରତ ମୀନକେତନ କହିଲେ, ଆମେ ନିର୍ଭିକ ଭାବରେ ପୁଷ୍ଟିକର ଖାଦ୍ୟ, ଯୋଗ, ପ୍ରାଣାୟମ, ସୁସ୍ଥ ଏବଂ ଆନନ୍ଦପୂର୍ଣ୍ଣ ଜୀବନଶୈଳୀ ଆପଣେଇ ମଧୁମେହର ନିବାରଣ ଓ ନିରାକରଣ କରିପାରିବା। ୨୦୩୦ ସୁଦ୍ଧା ୪୬.୯୫ ନିୟୁତ ଲୋକଙ୍କୁ ପ୍ରାକୃତିକ ଚିକିତ୍ସା ପ୍ରଣାଳୀରେ ମଧୁମେହ ମୁକ୍ତ କରିବା ଅଭିଯାନର ଲକ୍ଷ୍ୟ ରହିଥିବା ସେ କହିଥିଲେ।

## ୧୨ଲକ୍ଷ ଠକେଇ, ସାଇବର ଠକ ଗିରଫ

**ଭୁବନେଶ୍ୱର, ୨୪।୫ (ଅନୁରାଧା ମହାରଣା)**

ବ୍ଲିଙ୍କଏକ୍ସ ସିକ୍ୟୁରିଟିଜ୍ ନାମକ ଏକ କମ୍ପାନୀରେ ନିବେଶ କରି ମାସିକ ୭% ରିଟର୍ନ ଦେବା ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୧୨ ଲକ୍ଷ ଟଙ୍କା ଠକେଇ ହୋଇଛି। ନୟାପଲ୍ଲୀ ଅଞ୍ଚଳର ମିଲନ୍ କୁମାର ବେଉରା ଏହି ଠକେଇର ଶିକାର ହୋଇଥିବାବେଳେ ଏନେଇ ସେ ଗତ ୭ ତାରିଖରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଇକୋନୋମିକ ଅଫେନ୍ସ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୮୧/୨୦୨୫) ରୁଜୁ କରି ତଦନ୍ତ କରିବା ସହ ସମ୍ପୃକ୍ତ ଜଣେ ସାଇବର ଠକଙ୍କୁ ଗିରଫ କରିବା ସହ ୮,୩୯,୯୦୦ଟଙ୍କା ଫ୍ରିଜ୍ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ କୋଲତିରା ଅଞ୍ଚଳର ପ୍ରମୋଦ କୁମାର ମହାନ୍ତି (୩୪)। ଏହାସହ ତାଙ୍କଠାରୁ ୩ଟି ମୋବାଇଲ୍ ଫୋନ୍, ବନ୍ଧନ ବ୍ୟାଙ୍କର ଚେକ୍ ବୁକ୍ ଓ ଡେବିଟ୍ କାର୍ଡ, ପ୍ୟାନକାର୍ଡ, ବୈଷ୍ଣବୀ ଏଣ୍ଟରପ୍ରାଇଜେଶ୍ ନାମରେ ଏକ ଫ୍ଲେକ୍ସ ପ୍ରିଣ୍ଟ, ନକଲି ଜିଏସ୍‌ଟି ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍(୨୧ସିୱାଇଏନ୍‌ପିପି୩୨୭୯ଏଫ୍୧ଜେଡ୍୭) ଓ ଏକ ଅସଲି ଜିଏସ୍‌ଟି ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ଆଦି ଦସ୍ତାବିଜ ଜବତ କରାଯାଇଛି। ସୂଚନା ଥାଉକି, ସାଇବର ଠକଙ୍କ ପ୍ରଲୋଭନରେ ପଡି ମିଲନ ନିବେଶ ପାଇଁ ଆଇଏମ୍‌ପିଏସ୍ ଏବଂ ଆର୍‌ଟିଜି ମାଧ୍ୟମରେ ୨ଲକ୍ଷ, ୫୦ ହଜାର, ୪ଲକ୍ଷ ୫୦ ହଜାର ଓ ୫ ଲକ୍ଷ ଟଙ୍କା ପୈଠ କରିଥିଲେ। ତେବେ କମ୍ପାନୀ ପକ୍ଷରୁ ମିଳିଥିବା ପ୍ରତିଶ୍ରୁତି ପୂରଣ ନ ହେବାରୁ ମିଲନ ସାଇବର ଥାନାରେ ଅଭିଯୋଗ କରିଥିଲେ। ତେବେ ତଦନ୍ତ ସମୟରେ ଉକ୍ତ କମ୍ପାନୀର କୌଣସି ବ୍ରାଞ୍ଚ୍ ଅଫିସ୍ ନ ଥିବା ଜଣାପଡ଼ିଛି। ମାତ୍ର ଭୁବନେଶ୍ୱରରେ କମ୍ପାନୀର ପ୍ରତିନିଧି ସକ୍ରିୟ ଥିବାରୁ ସତର୍କ ରହିବାକୁ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ୧୧ମାସ ଧରି ଗ୍ରାମରୁ ବାସନ୍ଦ

**କଣାସ, ୨୪।୫(ବିଭୂତି ଭୂଷଣ ତ୍ରିପାଠୀ)**

ପୁରୀ ଜିଲା କଣାସ ବ୍ଲକ ଓଗାଳପୁର ଗ୍ରାମର ଜଣେ ଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଭଲ ପାଇବା ଏବଂ ପରବର୍ତ୍ତୀ ସମୟରେ ପ୍ରତାରଣା କରିବା ଅଭିଯୋଗରେ ଦୀର୍ଘ ୧୧ମାସ ହେଲା ଉକ୍ତ ଯୁବକଙ୍କ ପରିବାରକୁ ଗ୍ରାମରେ ନିଆଁ, ପାଣି ବାସନ୍ଦ କରାଯାଇଛି। ଏପରି କି ବାରମ୍ବାର ଉକ୍ତ ପରିବାରର ବିଦ୍ୟୁତ୍ କାଟ କରାଯିବା ଫଳରେ ପରିବାର ସଦସ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜଣେ ଅବସରପ୍ରାପ୍ତ ଯବାନଙ୍କ ପରିବାର ପ୍ରତି ଗ୍ରାମବାସୀଙ୍କ ଏଭଳି ଆଭିମୁଖ୍ୟକୁ ପ୍ରଶାସନିକସ୍ତରରେ ସମାଧାନ କରିବାର ଉଦ୍ୟମ ମଧ୍ୟ ହେଉ ନ ଥିବା ଦେଖିବାକୁ ମିଳିଛି। ଏପରି କି ମାମଲା ଅଦାଲତରେ ବିଚାରାଧୀନ ଥିବା ସତ୍ତ୍ୱେ ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନାନୁସାରେ, ଓଗାଳପୁର ଗ୍ରାମର ଜଣେ ଯୁବତୀଙ୍କୁ ସେହି ଗ୍ରାମର ମନୋଜ ପଲାଇ ଗତ କିଛି ବର୍ଷ ଧରି ଭଲପାଇ ଆସୁଥିଲେ। ମନୋଜ ଉକ୍ତ ଯୁବତୀଙ୍କୁ ପ୍ରଥମେ ବିବାହ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶେଷରେ ବିବାହ ପାଇଁ ମନା କରିଦେଇଥିଲେ। ଫଳରେ ନ୍ୟାୟ ଆଶାରେ ଯୁବତୀ ଜଣକ ମନୋଜଙ୍କ ଘର ଆଗରେ ବସିବା ସହ ୨୦୨୪ ଜୁନ୍ ୯ରେ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମନୋଜଙ୍କ ସମେତ ତାଙ୍କ ମା'ବାପାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ମନୋଜଙ୍କ ବାପା ଲକ୍ଷ୍ମୀଧର ପଲାଇ ଏବଂ ମା' ଝୁଲଣା ହାଇକୋର୍ଟରୁ ଆଗୁଆ ଜାମିନରେ ଆସିଥିବାବେଳେ ପୋଲିସ ମନୋଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୨ଦିନ ଜେଲରେ ରହିବା ପରେ ମନୋଜ ଜାମିନରେ ଆସିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିବା ସତ୍ତ୍ୱେ ସେବେଠାରୁ ଉକ୍ତ ପରିବାରକୁ ନିଆଁ, ପାଣି, ବିଦ୍ୟୁତ୍, ଦୋକାନ ସଉଦା, ମନ୍ଦିରକୁ ବାଛନ୍ଦ କରାଯାଇଥିଲା। କିଛି ଦିନ ପରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ସୁଦ୍ଧା ପୁନର୍ବାର ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା। ଗତ ଏପ୍ରିଲ ୨୨ରେ ଗ୍ରାମର କେତେଜଣ ବିବାଦର ଆପୋସ ସମାଧାନ ପାଇଁ ବୈଠକ ଡାକିଥିଲେ ସୁଦ୍ଧା ଉକ୍ତ ଯୁବତୀଙ୍କ ସହ କୌଣସି ସମ୍ପର୍କ ନ ଥିବା ଦର୍ଶାଇ ବିବାହ ପାଇଁ ମନୋଜ ମନା କରିଦେଇଥିଲେ। ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନକୁ ପ୍ରତିବାଦ କରି ତୁରନ୍ତ ସଂଯୋଗ ପାଇଁ ଲକ୍ଷ୍ମୀଧର ନିକଟରେ କଣାସ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାର ବିଚାରକରି ଶନିବାର ଲକ୍ଷ୍ମୀଧରଙ୍କ ପରିବାରକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଜଣାପଡ଼ିଛି।

## କୋଟପା ଆଇନ କଡ଼ାକଡ଼ି କରିବାକୁ ଦାବି

**ଭୁବନେଶ୍ୱର, ୨୪।୫(ସୁଚିସ୍ମିତା ସାହୁ)**

ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ପକ୍ଷରୁ ନିଶା ସେବନ ବିରୋଧରେ ସଚେତନତା କାର୍ଯ୍ୟକ୍ରମ, ଭିଡ଼ିଓ ଓ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ସଚେତନତା ସୃଷ୍ଟି ଆଦି ଜାରି ରହିଛି। ଏହିକ୍ରମରେ ରାଜ୍ୟ ସରକାର ରାଜ୍ୟରେ ସିଗାରେଟ ଆଣ୍ଡ୍ ଅଦର ଟୋବାକ ପ୍ରଡକ୍ଟ ଆକ୍ଟ(କୋଟପା)କୁ କଡ଼ାକଡ଼ି କରିବାକୁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ୨୦୧୩ରେ ତମାଖୁ ସାମଗ୍ରୀର ବିକ୍ରିବଟା ଉପରେ କଟକଣା ଲଗାଇବା ପାଇଁ କୋଟପା ଆଇନ ପ୍ରଣୟନ କରାଯାଇଥିଲା। ନିୟମର ଧାରା ୪, ୫ ଓ ୬ ଅନୁଯାୟୀ ସର୍ବସାଧାରଣ ସ୍ଥାନରେ ତମାଖୁ ସେବନ କଲେ ଜରିମାନା, ବିଜ୍ଞାପନ ଉପରେ ନିଷେଧାଦେଶ ଓ କୌଣସି ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ନିକଟରେ ବିକ୍ରି ନ କରିବାକୁ କଠୋର ଆଇନ ରହିଛି। ଆଇନ ପ୍ରଣୟନର ଦୁଇ ତିନି ବର୍ଷ ଯାଏ ଏହା କଡ଼ାକଡ଼ି ଭାବେ ଲାଗୁ କରାଗଲା। ହେଲେ କୋଟପା ଆଇନ କେବଳ ଘୋଷଣାରେ ସୀମିତ ହୋଇ ରହିଯାଇଛି। ଗଳିକନ୍ଦିରେ ନିଶାଦ୍ରବ୍ୟର ବିକ୍ରି ବୃଦ୍ଧି ପାଉଥିବାରୁ ଅନେକେ ଗୁଟ୍‌ଖା ଖାଇ ମୁଖ ଗହ୍ୱର କର୍କଟ ଭଳି ମାରାତ୍ମକ ରୋଗରେ ପୀଡିତ ହେଉଛନ୍ତି। ତୁରନ୍ତ କୋଟପା ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ମୀର ଅହମ୍ମଦ ଅଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ଲାଞ୍ଚ: ଏଏସ୍‌ଆଇ, ହୋମ୍‌ଗାର୍ଡ ଗିରଫ

**ବୋଲଗଡ଼, ୨୪।୫(ଦେବବ୍ରତ ହୋତା)**





୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡିର ଏଏସ୍‌ଆଇ ତୁଷାରକାନ୍ତ ନାୟକ ଏବଂ ହୋମ୍‌ଗାର୍ଡ ପି.କେ ସୁନ୍ଦରାୟ। ଉଭୟଙ୍କୁ ଶନିବାର ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ରାଜସୁନାଖଳା କାଉଁରୀପାଟଣାସାହିର ରାକେଶ କୁମାର ପୃଷ୍ଟି ଗତ ମାସରେ ସାଙ୍ଗସାଥି ମେଳରେ ଭୋଜି କରୁଥିବା ସମୟରେ ଗଣ୍ଡଗୋଳ ଘଟି ବାଙ୍କୋଇ ଫାଣ୍ଡିରେ ଏକ ମାମଲା ପଞ୍ଜୀକୃତ ହୋଇଥିଲା। ଏଥିରେ ସମ୍ପୃକ୍ତ କେତେଜଣ ଯୁବକ ଫାଣ୍ଡିରୁ ଜାମିନରେ ଆସିଥିଲେ। ତେବେ ରାକେଶଙ୍କ ଚଳିତ ମାସରେ ଏକ ଚାକିରିରେ ଯୋଗଦେବା ପାଇଁ ଆବଶ୍ୟକ ଥିବା ଚରିତ୍ର ପ୍ରମାଣପତ୍ର(କ୍ୟାରେକ୍ଟର)ନିମନ୍ତେ ଅନଲାଇନରେ ଆବେଦନ କରିଥିଲେ। ଏହା ପୋଲିସ ରେକର୍ଡ ଅନୁଯାୟୀ ମିଳୁଥିବାରୁ ପୂର୍ବ ଗଣ୍ଡଗୋଳ ଘଟଣାରୁ ତାଙ୍କ ନାମ ହଟାଇବାକୁ ସେ ଏଏସ୍‌ଆଇ ନାୟକଙ୍କୁ ଯୋଗାଯୋଗ କରିଥିଲେ। ଏନେଇ ଫାଣ୍ଡି ଅଧିକାରୀ ଜଣକ ଫୋନ ମାଧ୍ୟମରେ ୧୫ ହଜାର ଟଙ୍କା ଦେଲେ ପ୍ରମାଣପତ୍ର ମିଳିବ ବୋଲି କହିଥିଲେ। ପରେ ୧୦ହଜାର ଟଙ୍କା ଦେବେ ବୋଲି ସ୍ଥିର ହୋଇଥିଲା। ଉକ୍ତ ଟଙ୍କା ହୋମଗାର୍ଡଙ୍କ ମାଧ୍ୟମରେ ଶୁକ୍ରବାର ରାତିରେ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏନେଇ ରାକେଶ ଭିଜିଲାନ୍ସ ବିଭାଗ ସହ ଯୋଗାଯୋଗ କରିଥିଲେ। ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ଖୋର୍ଦ୍ଧା ଓ ଭୁବନେଶ୍ୱରର ଭିଜିଲାନ୍ସ ଟିମ୍ ଛକି ରହିଥିବା ବେଳେ ୧୦ହଜାର ଟଙ୍କା ହୋମଗାର୍ଡ ମାଧ୍ୟମରେ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ମାଡ଼ି ବସିଥିଲା। ପରେ ନାୟକଙ୍କ ବାଙ୍କୋଇଠାରେ ରହୁଥିବା ଘର ଓ ନୟାଗଡ ଦେବତ୍ତର କଲୋନୀ ଘର ଉପରେ ଭିଜିଲାନ୍ସ ତନାଘନା କରିବା ସହ ଉଭୟଙ୍କୁ ଗିରଫ କରିଛି।

## ସ୍ନାନଯାତ୍ରା ଶୃଙ୍ଖଳିତ କରିବାକୁ ଗୁରୁତ୍ୱ

### ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ପାଇଁ ବୈଠକ

**ପୁରୀ, ୨୪।୫(ଅଜିତ୍ କୁମାର ମହାନ୍ତି)**



ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଅନ୍ୟ ଅଧିକାରୀ।

ଚଳିତବର୍ଷର ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୧୧ ତାରିଖରେ ଅନୁଷ୍ଠିତ ହେବ। ପରଦିନଠାରୁ ବ୍ରହ୍ମଗିରି ଅଲାରନାଥ ପୀଠରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଯିବ। ସ୍ନାନଯାତ୍ରା ଓ ଅଲାରନାଥଙ୍କ ଦର୍ଶନକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ଏକ ପ୍ରସ୍ତୁତି ବୈଠକ ସଦ୍‌ଭାବନା ସଭାଗୃହଠାରେ ଶନିବାର ପୂର୍ବାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୂର୍ବରୁ ଏକାଧିକ ବୈଠକ ମାଧ୍ୟମରେ ସ୍ନାନ ଯାତ୍ରା, ଅଲାରନାଥ ଦର୍ଶନ ଓ ରଥଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାହାର ନିର୍ଯାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଯେଭଳି ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନେ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରନ୍ତି ଓ ଅନ୍ୟାନ୍ୟ ମୌଳିକ ସୁବିଧାପ୍ରାପ୍ତ ହୁଅନ୍ତି, ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳ ସିଞ୍ଚନ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏସ୍‌ପି ବିନୀତ ଅଗ୍ରୱାଲ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଉପଜିଲାପାଳ ରାଜକିଶୋର ଜେନା, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅଲାରନାଥ ମନ୍ଦିର ସେବାୟତ ବୃନ୍ଦ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଧାର୍ଯ୍ୟ ସମୟ ଅନୁସାରେ ନୀତିକାନ୍ତି ଶେଷ ପାଇଁ ସେବାୟତ ମାନଙ୍କୁ ଅନୁରୋଧ କରାଯାଇଥିଲା।

# ଜବରଦଖଲରେ କେନାଲ ବନ୍ଧ

ବାଲିପାଟଣା,୨୪।୫(ଅଭିମନ୍ୟୁ ନାୟକ)

ବାଲିପାଟଣା ଜଳସେଚନ ବିଭାଗ ଅଧୀନ ଗିରିଙ୍ଗ ମାଇନର କେନାଲର ଦକ୍ଷିଣ ପାର୍ଶ୍ୱ ବନ୍ଧ ସାଇଡ଼ାବାଠାରୁ ସରିପୁର-ଚଣାହଙ୍ଗା ରାସ୍ତାକୁ ଛୁଉଁଥିବା ରାସ୍ତା ନିର୍ମାଣ ପାଇଁ ବର୍ଷେ ହେବ ୧୧ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମାତ୍ର ଉକ୍ତ ବିଭାଗର ଜଣେ କର୍ମଚାରୀ ଦୀର୍ଘବର୍ଷ ହେବ ୪୦ ମିଟର ଦୈର୍ଘ୍ୟବିଶିଷ୍ଟ କେନାଲ ବନ୍ଧକୁ ଜବରଦଖଲରେ ରଖିଛନ୍ତି। ରାସ୍ତା ପାଇଁ ଟେଣ୍ଡର ହୋଇଥିଲେ ବି କାମ ହେଉନାହିଁ। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ସୁରେଶ ସ୍ୱାଇଁ କହିଛନ୍ତି ଯେ, ତହସିଲ ପ୍ରଶାସନକୁ ଚିଠି କରି ଉକ୍ତ ପ୍ଲଟ ନମ୍ବର ୧୫୬୭୧ ଏବଂ ଖାତା ନଂ. ୫୩୪କୁ ମାପ କରି ପ୍ରାୟ ୧୫ ଫୁଟ ଜାଗା ଅବରୋଧରେ ଥିବା ଜଣାପଡ଼ିଛି। ବିଭାଗୀୟ କର୍ମଚାରୀ ହୋଇଥିବାରୁ ସେ ତିନିଦିନ ମଧ୍ୟରେ ବେଆଇନଭାବେ ଗଢ଼ିଥିବା ଘର ଏବଂ ଗଛ ନ କାଟିଲେ ତାଙ୍କ ନାମରେ ଥାନାରେ ଅଭିଯୋଗ ହେବା ସହ ଦରମା ବନ୍ଦ କରାଯିବ ବୋଲି ସେ କହିଛନ୍ତି।

# ଓଡ଼ିଶା ସହ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରର ସଭ୍ୟତାଗତ ସାମଞ୍ଜସ୍ୟ ରହିଛି

ଭୁବନେଶ୍ୱର, ୨୪।୫ (ସୌମ୍ୟରଞ୍ଜନ ରାଉତ)




ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡ଼ିଆ ଷ୍ଟଡ଼ିଜ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶନିବାର 'କଳିଙ୍ଗ ଓ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରର ସଭ୍ୟତାଗତ ସାମଞ୍ଜସ୍ୟ'କୁ ନେଇ ସ୍ଥାନୀୟ ଏକ ହୋଟେଲରେ ଅନ୍ତର୍ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଛି। ପ୍ରଥମ ଦିନରେ କଳିଙ୍ଗ ଓ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ମଧ୍ୟରେ ଥିବା ଐତିହାସିକ ଓ ସାଂସ୍କୃତିକ ସଂଯୋଗ ଏବଂ ବିଶ୍ୱ ରାଜନୀତି ଦୃଶ୍ୟପଟରେ ଓଡ଼ିଶାର ଭୂମିକାକୁ ନେଇ ଦୁଇଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ଓଡିଶାର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ, ଓଡ଼ିଶା ସହ ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ରର ସାମାଜିକ, ସାଂସ୍କୃତିକ ଓ ସଭ୍ୟତାଗତ ସାମଞ୍ଜସ୍ୟ ରହିଛି। ଆମ କଳା, ସଂସ୍କୃତି, ପରମ୍ପରାକୁ ଚିର ଉଜ୍ଜୀବିତ କରି ରଖିବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏହାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଆମେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ। ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ନିର୍ଦ୍ଦେଶକ ଚଣ୍ଡୀପ୍ରସାଦ ନନ୍ଦ, ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂ, ଇଣ୍ଡୋନେସିଆର ଶିକ୍ଷାବିତ୍ ଡ. ନିଆ ଡେଲିଆନା, ନେପାଳ ବିଶ୍ୱବିଦ୍ୟାଳୟରୁ ଡ. ଜନାର୍ଦ୍ଦନ ପାଇଦେଲ, କୋଲକାତା ବିଶ୍ୱବିଦ୍ୟାଳୟର ଡ. କୌଶିକ ଗଙ୍ଗୋପାଧ୍ୟାୟ, ଇଣ୍ଡୋନେସିଆ ଜେମ୍ବର ବିଶ୍ୱବିଦ୍ୟାଳୟର ଡ. ଅବୁବାକର, ମାଲେସିଆରୁ ଡ. ଶିବା ପେରସଗମ୍ ଯୋଗଦେଇ ଓଡ଼ିଶାର ନୌବାଣିଜ୍ୟ ଇତିହାସ ଓ ରହିଥିବା ଭାବଗତ ସମ୍ପର୍କ ଉପରେ କହିଥିଲେ। ପ୍ରଫେସର ସବିତା ଆଚାର୍ଯ୍ୟ, ପ୍ରଫେସର ପତିତ ପାବନ ମିଶ୍ର, ପ୍ରଫେସର ଉପେନ୍ଦ୍ର ପାଢ଼ୀ ପ୍ରମୁଖ କଳିଙ୍ଗର ସମୃଦ୍ଧ ନୌବାଣିଜ୍ୟ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ଓଡ଼ିଶା ଏବଂ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ମଧ୍ୟରେ କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ରହିଥିବା ବିଭିନ୍ନ ସାମଞ୍ଜସ୍ୟ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଦେଶାନ୍ତରେ କଳିଙ୍ଗ', ପତିତ ପାବନ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକ 'କଳିଙ୍ଗ ଆଣ୍ଡ ସାଉଥ୍ ଇଷ୍ଟ ଏସିଆ : ଏ ସାଗା ଅଫ୍ ଶେୟାର୍ଡ଼ ସିଭିଲାଇଜେଶନ', 'କ୍ରସ୍ କରେଣ୍ଟସ : ଦି କଳିଙ୍ଗ ସାଉଥ ଇଷ୍ଟ ଏସିଆନ୍ ଲିଙ୍କେଜେସ' ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଓଡ଼ିଶୀ ସମେତ ଲୋକନୃତ୍ୟ ପରିବେଷିତ ହୋଇଥିଲା।

# '୨୦୩୦ ସୁଦ୍ଧା ମିଶନ ମଧୁମେହମୁକ୍ତ ଓଡ଼ିଶା' ଅଭିଯାନ



ହେଲ୍‌ଥଭିଲେ ପକ୍ଷରୁ ଅଭିଯାନର ଶୁଭାରମ୍ଭ ଅବସରରେ ଅତିଥିମାନେ।

ଭୁବନେଶ୍ୱର,୨୪।୫(ଅନୁରାଧା ମହାରଣା)

ହେଲ୍‌ଥଭିଲେ ଯୋଗ ଓ ଚିକିତ୍ସା କେନ୍ଦ୍ର ଦ୍ୱାରା '୨୦୩୦ ସୁଦ୍ଧା ମିଶନ ମଧୁମେହମୁକ୍ତ ଓଡ଼ିଶା' ଅଭିଯାନ ଆରମ୍ଭ ହୋଇଛି। ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଓ ବିଶିଷ୍ଟ ନ୍ୟୁରୋସର୍ଜନ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଡା. ମାଧବ ନାୟକ, ହେଲ୍‌ଥଭିଲେର ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଲିଣ୍ଡ ପରାଶର, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ହେଲ୍‌ଥଭିଲେର ମ୍ୟାନେଜିଂ ଟ୍ରଷ୍ଟି ଇନ୍ଦୁମତି ରାୟ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ହେଲ୍‌ଥଭିଲେର ପ୍ରତିଷ୍ଠାତା ସତ୍ୟବ୍ରତ ମୀନକେତନ କହିଲେ, ଆମେ ନିର୍ଭୀକ ଭାବରେ ପୁଷ୍ଟିକର ଖାଦ୍ୟ, ଯୋଗ, ପ୍ରାଣାୟମ, ସୁସ୍ଥ ଏବଂ ଆନନ୍ଦପୂର୍ଣ୍ଣ ଜୀବନଶୈଳୀ ଆପଣାଇ ମଧୁମେହର ନିବାରଣ ଓ ନିରାକରଣ କରିପାରିବା। ୨୦୩୦ ସୁଦ୍ଧା ୪୬.୯୫ ନିୟୁତ ଲୋକଙ୍କୁ ପ୍ରାକୃତିକ ଚିକିତ୍ସା ପ୍ରଣାଳୀରେ ମଧୁମେହମୁକ୍ତ କରିବା ଅଭିଯାନର ଲକ୍ଷ୍ୟ ଥିବା ସେ କହିଥିଲେ।

# ଥାନାରେ ଏତଲା ଦେବ ଆଞ୍ଚଳିକ ସୁରକ୍ଷା ମଞ୍ଚ

ଭୁବନେଶ୍ୱର, ୨୪।୫ (ବନ୍ଦନା ସେଠୀ)

## ମେୟରଙ୍କ ବାଂଲାଦେଶୀ ମନ୍ତବ୍ୟ

ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ବାଂଲାଦେଶୀ ମନ୍ତବ୍ୟକୁ ନେଇ ବିବାଦ ଥମିବାର ନାଁ ଧରୁନି। ଏନେଇ ମେୟର ଚାରିଆଡୁ ସମାଲୋଚନାର ଶିକାର ହେଉଥିବାବେଳେ ରବିବାର ତାଙ୍କ ନାମରେ କ୍ୟାପିଟାଲ ଥାନାରେ ଏତଲା ଦିଆଯିବ ବୋଲି ଆଞ୍ଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ବାଂଲାଦେଶୀମାନେ ସୀମା ସୁରକ୍ଷାକୁ ଭେଦ କରି ଦେଶ ଭିତରକୁ ପ୍ରବେଶ କରିବା ସହ ଦେଶରେ ଅସୁରକ୍ଷିତ ବାତାବରଣ ସୃଷ୍ଟି କରୁଛନ୍ତି। ଦେଶର ସୁରକ୍ଷା ଦୃଷ୍ଟିରୁ ବାଂଲାଦେଶୀଙ୍କୁ ବାହାର କରିବା ପାଇଁ ସରକାର ଚେଷ୍ଟା ଚଳାଇଛନ୍ତି। ତେଣୁ ତାଙ୍କୁ ଦେଶରୁ ବାହାର କରିବା ପାଇଁ ଦେଶବାସୀ ସ୍ୱର ଉତ୍ତୋଳନ କରିଛନ୍ତି। ମାତ୍ର ଏଭଳି ସ୍ଥିତିରେ ମେୟର ସୁଲୋଚନା ଦାସ ବାଂଲାଦେଶୀଙ୍କ ସମର୍ଥନରେ ମନ୍ତବ୍ୟ ରଖିଥିଲେ। ସହରରୁ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟାରେ ବିଏମ୍‌ସି ସହଯୋଗ କରିବ। ତେବେ ଯେଉଁମାନଙ୍କର ଭୋଟର ପରିଚୟ ପତ୍ର, ଆଧାର କାର୍ଡ ଓ ରାଶନ କାର୍ଡ ଅଛି ସେମାନେ ଭାରତୀୟ। ତାଙ୍କର କୌଣସି ସମସ୍ୟା ନାହିଁ। ମାତ୍ର ଯେଉଁମାନେ ଅବୈଧ ଭାବେ ସୀମା ପାର୍ ହୋଇ ଆସୁଛନ୍ତି ବା ଯେଉଁମାନଙ୍କର ଖାତା ଖତିୟାନ ନାହିଁ, ତାଙ୍କୁ ସହରରୁ ବାହାର କରାଯିବ ବୋଲି ମେୟର କହିଥିଲେ। ମେୟରଙ୍କ ଏହି ବୟାନକୁ ଭାଜପା ଓ ବହୁ ସଂଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଉଛି। ତେଣୁ ମେୟର ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଜଗନ୍ନାଥ ଦାବି କରିଛନ୍ତି।

# ଗଳ୍ପ ହେଉଛି ଗତାନୁଗତିକ ରଜୁମାର୍ଗର ପଥିକ




ଭୁବନେଶ୍ୱର, ୨୪।୫ (ସୌମ୍ୟରଞ୍ଜନ ରାଉତ)

## ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ 'ଯୁବ ଗାଳ୍ପିକ ସମାବେଶ'

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶନିବାର 'ଯୁବ ଗାଳ୍ପିକ ସମାବେଶ' ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାହିତ୍ୟିକ ଡ. ମିହିର କୁମାର ସାହୁ, ଗାଳ୍ପିକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଅରବିନ୍ଦ ରାୟ, ସୁସାହିତ୍ୟିକା ଡ. ହିରଣ୍ମୟୀ ମିଶ୍ର ଓ ନାଟ୍ୟକାର ଶରତ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନେ କହିଲେ, ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପର ଇତିହାସ ଆଜିର ନୁହେଁ। ଏହା ପିଢ଼ି ପରେ ପିଢ଼ି ରଚନା କରିବାରେ ଅନେକ ଯୁବ ଗାଳ୍ପିକ ଓ ଗାଳ୍ପିକା ବହୁ ପରିଶ୍ରମ କରୁଛନ୍ତି। ଇଂଲିଶ ଶିକ୍ଷା, ସାହିତ୍ୟ ଓ ସଭ୍ୟତାର ପ୍ରଭାବ ଫଳରେ ହଜିଯାଉଥିବା ପୂର୍ବ ପ୍ରଚଳିତ ବହୁ ଲୋକକାହାଣୀକୁ ଯୁବ ଗାଳ୍ପିକାଗାଳ୍ପିକମାନେ ନିଜ ଲେଖନୀ ମାଧ୍ୟମରେ ବଞ୍ଚାଇ ରଖିପାରିଛନ୍ତି। ଗଳ୍ପ ହେଉଛି ଗତାନୁଗତିକ ରଜୁମାର୍ଗର ପଥିକ ବୋଲି ସେମାନେ ମତପ୍ରକାଶ କରିଛନ୍ତି। ଏହି ଅବସରରେ ଯୋଗଦେଇଥିବା ଯୁବ ଗାଳ୍ପିକା ଓ ଗାଳ୍ପିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଲସିଂହ ଗଳ୍ପ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଯୁବ ଗାଳ୍ପିକାଗାଳ୍ପିକଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଯୁକ୍ତ ୨ ପରୀକ୍ଷାରେ ଆଦ୍ୟାନ୍ତର ସଫଳତା

ଭୁବନେଶ୍ୱର,୨୪।୫ (ଅନୁରାଧା ମହାରଣା)

## ୯୦% ଉପରେ ୬୫ଜଣ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷାରେ ଖୋର୍ଦ୍ଧା ଜିଲା ଗଙ୍ଗପଡ଼ାସ୍ଥିତ ଆଦ୍ୟାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ମୋଟ ୩୬୧ଜଣ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୫୬ଜଣ ୯୦%ରୁ ଅଧିକ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ବିଜେତା ବେହେରା ୯୬.୬୭%, ଶ୍ରଦ୍ଧା ସୁମନ ସେନ୍ ୯୫.୫୦%, ରତ୍ନସାଗର ଦାସ ୯୫.୩୫%, ରାଜେଶ୍ୱରୀ ଜେନା ୯୪.୮୩%,ଏସ୍ କ୍ରିଷ୍ଣା ସାହୁ ୯୪.୩୩%, ଅଭିଜିତ୍ ମହାନ୍ତି ୯୪.୧୭%, ସୂର୍ଯ୍ୟକାନ୍ତ ସ୍ୱାଇଁ ୯୩.୬୭%, ସୁଶ୍ରୀ ସଙ୍ଗୀତା ବେହେରା ୯୩.୬୭%, ଅସ୍ମିତା ବେହେରା ୯୩.୫୦%, ହିମାଂଶୁ ଶେଖର ପୃଷ୍ଟି ୯୩.୫୦%, ରମେଶ ନାୟକ ୯୩.୫୦%, ରାଜେନ୍ଦ୍ର କୁମାର ସାମନ୍ତରାୟ ୯୩.୩୩%, ଆୟୁଷ ଜେନା ୯୩.୧୭%, ଅଭୀପ୍ସା ବେହେରା ୯୩.୧୭% ନମ୍ବର ରଖିଛନ୍ତି। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ଅଜୟ ବାହାଦୁର ସିଂ, ନିର୍ଦ୍ଦେଶିକା ଉମା ସିଂ, ଉପନିର୍ଦ୍ଦେଶକ ସମରେନ୍ଦ୍ର କୁମାର, ଅଧକ୍ଷା ପ୍ରଭାତୀ ଶତପଥୀ, ଉପାଧକ୍ଷ ଅଜୟ କୁମାର ସାହୁ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କ ସହ ଅଧାପିକା ଅଧାପକ ଓ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଯୁକ୍ତ ୨ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଆଦ୍ୟାନ୍ତର ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଉଛି।

# ଚନ୍ଦନ ଉତ୍ସବରେ ନେତା, ଜନ ପ୍ରତିନିଧି

ପୁରୁଣା ଭୁବନେଶ୍ୱର,୨୪।୫(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ୨୨ଦିନିଆ ଚନ୍ଦନଯାତ୍ରା ଗତ ବୁଧବାର ଶେଷ ହୋଇଛି। ଏହି ଅବସରରେ ଗୁରୁବାର ସନ୍ଧ୍ୟାରେ ଭୁବନେଶର ସାଂସ୍କୃତିକ ପରିଷଦ ପକ୍ଷରୁ ଏକାମ୍ର ଚନ୍ଦନ ଉତ୍ସବ-୨୦୨୫ ସ୍ଥାନୀୟ ଗୁଆଝରଠାରେ ପାଳିତ ହୋଇଯାଇଛି। ପରିଷଦ ସଭାପତି ଅଶୋକ ଚନ୍ଦ୍ର ପଣ୍ଡା ଏବଂ ବିଜୁ ଜନତା ଦଳର କର୍ମୀମାନେ ବିଭିନ୍ନ ନିଯୋଗ ସେବାୟତ, ବରିଷ୍ଠ ନାଗରିକ ଏବଂ ଶ୍ରଦ୍ଧାଳୁଙ୍କୁ ଚନ୍ଦନ ବୋଳି ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମରେ ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ସଞ୍ଜୁଲତା କଅଁର, ପ୍ରମିଳା ମଲ୍ଲିକ, ଅତନୁ ସବ୍ୟସାଚୀ, ଦେବୀ ମିଶ୍ର, ଅରୁଣ ସାହୁ, ମନ୍ମଥ ରାଉତରାୟ, ଲେଖାଶ୍ରୀ ସାମନ୍ତରାୟ, ଲେନିନ୍ ମହାନ୍ତି, ଦେବୀରଞ୍ଜନ ତ୍ରିପାଠୀ, ବ୍ୟୋମକେଶ ରାୟ ଏବଂ ବିଜେଡିର ବହୁ ବିଧାୟକ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଚନ୍ଦ୍ରଶେଖର ମଲିଆ, ମହାମାୟା ସ୍ୱାଇଁ, ଶିବ ନାରାୟଣ ରାୟ, ପୂର୍ବତନ କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ, ମାନସ ରଞ୍ଜନ ପଟ୍ଟନାୟକ, କୃତାର୍ଥ ପ୍ରଧାନ, ହରେକୃଷ୍ଣ ସାହୁ ଓ ବୃନ୍ଦାବନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମନୋଜ କୁମାର ବେହେରା ଏବଂ ଦାଶରଥି ଗରାବଡୁ ପରିଚାଳନା କରିଥିଲେ।

# ଅଯୋଧ୍ୟା ହନୁମାନ ଗଡି ମନ୍ଦିରରେ ପ୍ରାର୍ଥନା କଲେ ଯୋଗୀ

ଭୁବନେଶ୍ୱର,୨୪।୫ (ଅନୁରାଧା ମହାରଣା)



ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁକ୍ରବାର ଦିନିକିଆ ଗସ୍ତରେ ଅଯୋଧ୍ୟା ଯାଇଥିଲେ। ରାମକଥା ପାର୍କସ୍ଥିତ ହେଲିପ୍ୟାଡ୍‌ରେ ଯୋଗୀଙ୍କୁ ସ୍ଥାନୀୟ ଜନପ୍ରତିନିଧି ଓ ଭାଜପା ନେତା ସ୍ୱାଗତ ଜଣାଇଥିଲେ। ସେଠାରୁ ସେ ସିଧାସଳଖ ହନୁମାନ ଗଡ଼ି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଯୋଗୀ ଶ୍ରୀ ହନୁମାନ କଥା ମଣ୍ଡପମ୍‌ର ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ। ଏହାପରେ ସେ ରାମଲାଲାଙ୍କ ଦର୍ଶନ କରି ରାଜ୍ୟ ତଥା ଦେଶର ଉନ୍ନତି ପାଇଁ ପ୍ରାର୍ଥନା କରିଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟ ସଦସ୍ୟଙ୍କ ଉଦ୍ୟମକୁ ସେ ସମ୍ମାନ ଜଣାଇବା ସହ ମନ୍ଦିରରେ ଜାରି ରହିଥିବା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ଯୋଗୀ ଚଳିତ ମାସରେ ଦ୍ୱିତୀୟଥର ଅଯୋଧ୍ୟା ଗସ୍ତ କରିଛନ୍ତି। ପୂର୍ବରୁ ସେ ମେ' ୧୦ରେ ସନ୍ଥ ରବିଦାସ ମନ୍ଦିର ଏବଂ ସତସଙ୍ଗ ଭବନ ଉଦ୍‌ଘାଟନ ପାଇଁ ଯାଇଥିଲେ।

# ମଣିପାଲ ହସ୍ପିଟାଲରେ ଜଟିଳ ମୁଖଗହ୍ୱର କ୍ୟାନ୍‌ସରର ସଫଳ ଚିକିତ୍ସା

ଭୁବନେଶ୍ୱର,୨୪।୫

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଜଟିଳ ମୁଖ ଗହ୍ୱର କ୍ୟାନ୍‌ସରର ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି। କଳାହାଣ୍ଡି ଜିଲାର ୩୮ ବର୍ଷୀୟ ଯୁବକଙ୍କ ମୁହଁର ବାମ ପାର୍ଶ୍ୱ ଗାଲର ମାଂସପେଶୀରେ ଏକ ଘା' ହୋଇଥିଲା। ଏପରିକି ଠିକ୍ ସମୟରେ ଚିକିତ୍ସା ନ କରିବାରୁ ଜଳାପୋଡ଼ା ଅନୁଭବ ଏବଂ ଅବହେଳା କାରଣରୁ ଏହା ଧୀରେ ଧୀରେ ଜବଡ଼ା ହାଡ଼କୁ ପ୍ରସାରିତ ହେବାକୁ ଲାଗିଲା। ଫଳରେ ସେ ପାଟି ଖୋଲିବାରେ ଅସୁବିଧା ଅନୁଭବ କରିଥିଲେ। ପରିଶେଷରେ ତାଙ୍କ ପରିବାର ସଦସ୍ୟମାନେ ଠିକ୍ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ମଣିପାଲ ହସ୍ପିଟାଲକୁ ନେଇଆସିଥିଲେ। ହସ୍ପିଟାଲରେ ତାଙ୍କର ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା ସହ ସିଟି ସ୍କାନ୍ ଓ ବାୟୋପ୍ସି କରାଯାଇଥିଲା। ଏପରିକି ସମସ୍ତ ପ୍ରକାର ପରୀକ୍ଷା ପରେ ତାଙ୍କର ଆଡଭାନ୍ସ କ୍ୟାନ୍‌ସର ଚିହ୍ନଟ ହୋଇଥିଲା। ରୋଗର ଜଟିଳତାକୁ ଦେଖି ମଣିପାଲ ହସ୍ପିଟାଲର ସର୍ଜିକାଲ ଅଙ୍କୋଲୋଜି ବିଭାଗର ଡା. ନୀତୀଶ ରଞ୍ଜନ ଆଚାର୍ଯ୍ୟ ଏବଂ ପ୍ଲାଷ୍ଟିକ୍ ସର୍ଜନ ଡା. ବିଶ୍ୱଜିତ ମିଶ୍ରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଥିଲା। ଡା. ଆଚାର୍ଯ୍ୟ କ୍ୟାନ୍‌ସର ଆକ୍ରାନ୍ତ ହୋଇଥିବା ମାଢ଼ିକୁ କାଟି ଅଲଗା କରିଦେଇଥିଲେ। ଏହା ପରେ ଡା. ମିଶ୍ର ବାମଗୋଡ଼ର ଗୋଟିଏ ହାଡ଼ ସହ ଚର୍ମ ମାଇକ୍ରୋଭାସ୍କୁଲାର ସର୍ଜରି ଦ୍ୱାରା ପୁନର୍ନିର୍ମାଣ କରିଥିଲେ। ଏହି ଜଟିଳ ଅତ୍ୟାଧୁନିକ ସର୍ଜରି ମାଧ୍ୟମରେ ରୋଗୀଙ୍କ ଫିବୁଲା ହାଡ଼ ଦ୍ୱାରା ତଳ ଜବଡ଼ାକୁ ପୁଣି ଥରେ ତିଆରି କରାଯାଇଥିଲା। ଫଳରେ ରୋଗୀ ଜଣକ ପୂର୍ବଭଳି ପାଟି ଖୋଲିବା ଏବଂ ମୁହଁର ଗଠନ ମଧ୍ୟ ପୂର୍ବ ଭଳି ପାଇଥିଲେ। ଏ ନେଇ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଏମ୍‌ଏସ୍ ଡା. ଶକ୍ତିମୟ ମହାପାତ୍ର ଡା. ନୀତୀଶ ରଞ୍ଜନ ଆଚାର୍ଯ୍ୟ ଏବଂ ଡା. ବିଶ୍ୱଜିତ ମିଶ୍ରଙ୍କ ସମେତ ଟିମ୍‌ର ସମସ୍ତ ଡାକ୍ତର ଓ ନର୍ସଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ନିତିଶ ରଞ୍ଜନ ଆଚାର୍ଯ୍ୟ କହିଥିଲେ, ଏହା ଏକ ଅତ୍ୟନ୍ତ ଜଟିଳ କେସ ଥିଲା। ସେଥିପାଇଁ କ୍ୟାନସର ସର୍ଜନ ଓ ପ୍ଲାଷ୍ଟିକ୍ ସର୍ଜନଙ୍କ ମଧ୍ୟରେ ସଠିକ୍ ସମନ୍ୱୟ ଏବଂ ସୂକ୍ଷ୍ମତା ଆବଶ୍ୟକ ଥିଲା। ଆମର ଲକ୍ଷ୍ୟ କେବଳ କ୍ୟାନସର ସଂକ୍ରମିତ ହାଡ଼କୁ କାଢିବା ସହିତ ରୋଗୀ ଜଣକ କିଭଳି କଥା କହିବା ସହ ଖାଇବ ପିଇବାରେ କିଛି ଅସୁବିଧା ସହିତ ଏବଂ ସୌନ୍ଦର୍ଯ୍ୟ ମଧ୍ୟ ଠିକ୍ ରହିବ।

# ଓଡ଼ିଶାରେ ଡିଜିଟାଲ ଟ୍ରାନ୍ସଫର୍ମେଶନ ଭ୍ୟାନ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୪।୫(ଅଭୟ କୁମାର ଦାଶ)

ଗ୍ରାମୀଣ ଭାରତରେ ଡିଜିଟାଲ ବିଭେଦ ଦୂରକରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଇଣ୍ଡସ୍ ଟାୱାର୍ସ ପକ୍ଷରୁ ଓଡ଼ିଶାରେ ଡିଜିଟାଲ ଟ୍ରାନ୍ସଫର୍ମେଶନ ଭ୍ୟାନ୍ (ଡିଟିଭି)ର ଶୁଭାରମ୍ଭ କରାଯାଇଛି। ନିଟ୍ ଫାଉଣ୍ଡେଶନର ମିଳିତ ସହଯୋଗରେ କମ୍ପାନୀ ନୂଆପଡ଼ା ଜିଲାରେ ଡିଟିଭିର ଆନୁଷ୍ଠାନିକ ଆରମ୍ଭ କରିଛି। ଏ ନେଇ ଆୟୋଜିତ ଉତ୍ସବରେ ଖରିଆର ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ସେହିଭଳି ଏହି ଭ୍ୟାନ୍ (ସୌର ଶକ୍ତିଚାଳିତ ୨୧ ଆସନ ବିଶିଷ୍ଟ ଡିଜିଟାଲ ଟ୍ରାନ୍ସଫର୍ମେଶନ ଭ୍ୟାନ୍)ରେ ହାଇ-ସ୍ପିଡ୍ ଇଣ୍ଟରନେଟ୍, ଆଧୁନିକ କମ୍ପ୍ୟୁଟର, ପ୍ରିଣ୍ଟିଂ ଓ ଇ-ଲର୍ଣ୍ଣିଂ ଟୁଲ୍ ଆଦି ରହିଛି। ବିଶେଷକରି ଅନଗ୍ରସର ଗୋଷ୍ଠୀକୁ ମାଗଣା ଡିଜିଟାଲ ଶିକ୍ଷା ଏବଂ ସାର୍ବଜନୀନ ସେବା ଯୋଗାଇବା ପାଇଁ ଏହି ଭ୍ୟାନ୍ ପ୍ରସ୍ତୁତ କରାଯାଇଛି। ଆଗାମୀ ଦିନରେ ଡିଟିଭି ଭ୍ୟାନ୍ ନୂଆପଡ଼ା ଏବଂ ପାଶ୍ୱର୍ବର୍ତ୍ତୀ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ୧୨ରୁ ଅଧିକ ବୟସର ପିଲା, ଯୁବକ, ମହିଳା ଏବଂ ବୟସ୍କ ନାଗରିକଙ୍କୁ ତାଲିମ ପ୍ରଦାନ କରିବ। ଏହି ଉଦ୍ୟମ ଇଣ୍ଡସ୍ ଟାୱାର୍ସର ପ୍ରମୁଖ ସିଏସ୍‌ଆର୍ କାର୍ଯ୍ୟକ୍ରମ 'ସକ୍ଷମ'ର ଏକ ଅଂଶ। ଏଥିସହିତ ମୌଳିକ ଆଇଟି ଶିକ୍ଷା, ସାଇବର ସୁରକ୍ଷା, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ (ଆଇଓଟି) ଏବଂ ଆର୍ଥିକ ସାକ୍ଷରତା କ୍ଷେତ୍ରରେ ସାର୍ଟିଫାଏଡ୍ ତାଲିମ ପ୍ରଦାନ କରିବା ଲକ୍ଷ୍ୟରେ ଏହାକୁ ଗଠନ କରାଯାଇଛି। ଇଣ୍ଡସ୍ ଟାୱାର୍ସର ଡିଟିଭି ଏକ ମୋବାଇଲ ହବ୍ ଭାବେ ମଧ୍ୟ କାର୍ଯ୍ୟ କରୁଛି, ଯାହା ଡିଜିଟାଲ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଆବର୍ଜନା ପରିଚାଳନା ଭଳି ଗୋଷ୍ଠୀ ସଚେତନତା ଅଧିବେଶନ ପାଇଁ ବ୍ୟବହୃତ ହେଉଛି। ଏହାର ସମସ୍ତ ଅଧିବେଶନ ନିଟ୍ ଫାଉଣ୍ଡେଶନର ବିଶେଷଜ୍ଞଙ୍କ ତାଲିମ ଦ୍ୱାରା ପରିଚାଳିତ ହେଉଛି, ଯାହା ପ୍ରଶିକ୍ଷାର୍ଥୀଙ୍କୁ ବ୍ୟକ୍ତିଗତ ସହାୟତା ନିଶ୍ଚିତ କରୁଛି।ଏ ନେଇ ବିଧାୟକ ପାଣିଗ୍ରାହୀ କହିଛନ୍ତି, ନୂଆପଡ଼ା ପାଇଁ ଏହି ପରିବର୍ତ୍ତନଶୀଳ ଯାତ୍ରାର ଏକ ଅଂଶ ହେବା ଗର୍ବର ବିଷୟ। ଇଣ୍ଡସ୍ ଟାୱାର୍ସ ଏବଂ ନିଟ୍ ଫାଉଣ୍ଡେଶନକୁ ଆମ ଘର ପାଖରେ ଏଭଳି ଏକ ଶକ୍ତିଶାଳୀ ଉଦ୍ୟମ ଆଣିବା ପାଇଁ ଧନ୍ୟବାଦ। ଏହି ଭ୍ୟାନ୍ କେବଳ ଶିକ୍ଷା ଦେବ ନାହିଁ, ବରଂ ଆମ ଲୋକଙ୍କୁ ବିଶେଷକରି ଯୁବକ ଏବଂ ମହିଳାଙ୍କୁ ଡିଜିଟାଲ ଦୁନିଆରେ ଉନ୍ନତି କରିବା ପାଇଁ ସଶକ୍ତ କରିବ। ଇଣ୍ଡସ୍ ଟାୱାର୍ସ ଲିମିଟେଡ୍‌ର ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସର୍କଲ ସିଇଓ ଅମୃତା ସିଂହ କହିଛନ୍ତି, ଓଡ଼ିଶାରେ ଡିଟିଭିର ଶୁଭାରମ୍ଭ ସହିତ ଆମେ କେବଳ ଶିକ୍ଷା ପ୍ରଦାନ କରୁନାହୁଁ, ଆଶା, ସୁଯୋଗ ଏବଂ ସଶକ୍ତୀକରଣ ପ୍ରଦାନ କରୁଛୁ। ଏହି ଉଦ୍ୟମ ଡିଜିଟାଲ ଅନ୍ତର୍ଭୁକ୍ତ ଭାରତ ଆଡ଼କୁ ଏକ ପଦକ୍ଷେପ ବୋଲି କୁହାଯାଉଛି। ନିଟ୍ ଫାଉଣ୍ଡେଶନର କଣ୍ଟ୍ରି ଡାଇରେକ୍ଟର ଚାରୁ କାପୁର କହିଛନ୍ତି, ଓଡ଼ିଶାରେ ଏହି ଶୁଭାରମ୍ଭ ସହ ଆମେ ଅଧିକ ଲୋକଙ୍କୁ ଡିଜିଟାଲ, ଆର୍ଥିକ ଏବଂ ଦକ୍ଷତା ତାଲିମ ପ୍ରଦାନ କରିବା ପାଇଁ ଉତ୍ସାହିତ ରହିଛୁ।

## ଫଟୋରେ ଖବର




ଅପରେସନ 'ସିନ୍ଦୁର'ର ସଫଳତାକୁ ନେଇ ଭାରତୀୟ ଯୁବମୋର୍ଚ୍ଚା ଓ ଧନ୍ଦାମୂଳକ ଶିକ୍ଷକ କଲ୍ୟାଣ ସଂଘ ପକ୍ଷରୁ ଶନିବାର ବ୍ଲାଇଣ୍ଡ ଆସୋସିଏଶନଠାରେ ଆୟୋଜିତ ରକ୍ତଦାନ ଶିବିରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟାମାନେ।




ଭାରତୀୟ ବିଦ୍ୟାଭବନଠାରେ ଶନିବାର ନୂଆ ଚଳଚ୍ଚିତ୍ର 'ଭାବାନ୍ତର'ର ପୋଷ୍ଟର ରିଲିଜ୍ କରଯାଉଛି।

## ସଂକ୍ଷେପରେ

### ରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ ଉଦ୍‌ଯାପିତ

**ବଡ଼ମ୍ବା, ୨୪।୫(ମାୟାଧର ମଲ୍ଲିକ)**

ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମ ଅନ୍ତର୍ଗତ କପାପଦା ସାହିଠାରେ ଦୀର୍ଘ ୯ ଦିନ ଧରି ଚାଲିଥିବା ଶ୍ରୀଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡିଶାର ସୁନାମଧନ୍ୟ ପ୍ରବଚକ ଯୋଗଦେଇ ପ୍ରବଚନ ଦେଇଥିଲେ। ଏହି ଅବସରରେ ରାମାୟଣ ବିଭିନ୍ନ ବିଷୟବସ୍ତୁ ଓ ଅନ୍ୟାନ୍ୟ ଆଧାତ୍ମିକ ବିଷୟ ଉପରେ ପ୍ରବଚନ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରତ୍ୟହ ବହୁ ଭକ୍ତଙ୍କ ସମାଗମ ହେଉଥିଲା। କପାପଦା ସାହି ଯୁବ ଗୋଷ୍ଠୀ ଏବଂ ସାହିବାସୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଡ୍ରାଇଭର ସଂଘ ସଦସ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

**ଟିଗିରିଆ,୨୪।୫(ଜାଫର ଖାଁ)**

ଟିଗିରିଆ ବ୍ଲକ ଡ୍ରାଇଭର ମହାସଂଘ ପୁରୁଣା ଟିଗିରିଆ ପଞ୍ଚାୟତର ସଦସ୍ୟ ମାଧବ ବେହେରାଙ୍କ ପରଲୋକ ଘଟିଛି। ଶନିବାର ତାଙ୍କ ଏକାଦଶାହ ଅବସରରେ ମହାସଂଘ ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଟିଗିରିଆ ଡ୍ରାଇଭର ମହାସଂଘ ସଭାପତି ମନୋଜ କୁମାର ଭୁଜବଳ, ଉପସଭାପତି ଚନ୍ଦ୍ରଶେଖର ପତି, ସମ୍ପାଦକ ସୌମ୍ୟକାନ୍ତ ସାମଲ ଓ ସହ ସମ୍ପାଦକ ଅମୀୟ କୁମାର ସାହୁଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ବେହେରାଙ୍କ ପୁରୁଣା ଟିଗିରିଆ ପଞ୍ଚାୟତସ୍ଥିତ ପାଇକିଆଁରା ଗ୍ରାମର ବାସଭବନରେ ପହଞ୍ଚି ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ବେହେରାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଏହାପରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜନ କରାଯାଇ ସମସ୍ତ ସଦସ୍ୟ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଡ୍ରାଇଭର ସଂଘ ସଦସ୍ୟଙ୍କ ତରଫରୁ ସ୍ୱର୍ଗତ ବେହେରାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, ଫୁସ୍‌ଫୁସ୍ ସଂକ୍ରମଣ ଜନିତ ରୋଗରେ ବେହେରାଙ୍କ ମୃତ୍ୟୁ ଘଟିଥିଲା।

# ବାଉଁଶ ଚାଷ ପ୍ରତି ଚାଷୀଙ୍କ କମୁଛି ଆଗ୍ରହ

## ସରକାର ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ଦାବି

**ବାଙ୍କୀ,୨୪।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )**



ଦିନ ଥିଲା ଚାଷୀମାନେ ନିଜ ବାଡ଼ି ବଗିଚା ଓ ଚାଷ ଜମିରେ ବାଉଁଶ ଗଛ ଚାଷ କରୁଥିଲେ। ଏପରିକି ସରକାରୀ ଓ ଅନାବାଦୀ ଜମିରେ ମଧ୍ୟ ବାଉଁଶ ଚାଷ ହେଉଥିଲା। ମାତ୍ର ସମୟ ବଦଳିବା ଅନୁସାରେ ଚାଷୀଙ୍କ ଆଗ୍ରହ କମିବାରେ ଲାଗିଛି। ଏବେ ଗାଁଗୁଡ଼ିକରେ ଚାଳଘର ଲୋପପାଇବାକୁ ବସିଲାଣି। ତେଣୁ ବାଉଁଶର ଚାହିଦା କମିଗଲାଣି। ଏଭଳିସ୍ଥିତିରେ ବାଉଁଶ ଚାଷ ପ୍ରତି ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯାଉ ନ ଥିବାରୁ ଚାଷୀମାନଙ୍କର ଆଗ୍ରହ କମିବାରେ ଲାଗିଛି। ଏଥିଯୋଗୁ ଧୀରେ ଧୀରେ ବାଙ୍କୀର ବିଭିନ୍ନ ଗ୍ରାମରେ ବାଉଁଶଗଛ ଲୋପ ପାଇଗଲାଣି ବୋଲି ପ୍ରକୃତିବନ୍ଧୁ ପ୍ରାଧାପକ ମନୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି। ବାଉଁଶ ଚାଷ ଏକ ଅର୍ଥକରୀ ଚାଷ ହୋଇଥିବାରୁ ଏହାକୁ ଚାଷୀମାନେ କାଗଜ କଳକୁ ଓ ଘର ତିଆରି ଉପକରଣ ପାଇଁ ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିଲେ। ବାଉଁଶରେ କୁଲା, ଟୋକେଇ, ବାଉଁଶଘର ଇତ୍ୟାଦି ବହୁ ପ୍ରକାରର ସାମଗ୍ରୀ ତିଆରି ହୋଇଥାଏ। ଆଉ ମଧ୍ୟ ଗାଁ ମୁଣ୍ଡରେ ବାଉଁଶ ବଣ ଥିଲେ ବଡଧରଣର ବାତ୍ୟାପବନକୁ ଅଟକାଇ ଥାଏ ବୋଲି ପ୍ରାଧାପକ ମହାପାତ୍ର ଉଲ୍ଲେଖ କରିଛନ୍ତି। ଏବେ ବାଉଁଶ ଗଛର ଅଭାବ ଦେଖା ଦେଇଛି ବୋଲି ବହୁ ଚାଷୀ ପ୍ରକାଶ କରିଛନ୍ତି। ପୂର୍ବରୁ ବାଉଁଶ ଗୋଟିଏର ମୂଲ୍ୟ ୩୦ ରୁ ୫୦ ଟଙ୍କା ବିକ୍ରି ହେଉଥିବା ବେଳେ ଏବେ ଏହା ପ୍ରାୟ ୩୦୦ ଟଙ୍କା ହୋଇଗଲାଣି। ଜଙ୍ଗଲ ବିଭାଗ ଓ ରାଜ୍ୟ ସରକାର ଏହି ଚାଷ ପାଇଁ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବାକୁ ଚାଷୀ ଅଜୟ କୁମାର ସାମଲ, ଦୀପକ କୁମାର ସାହୁ ଓ ଅମିତ କୁମାର ସାହୁ ପ୍ରମୁଖ ଦାବି କରିଛନ୍ତି।

# ଡମପଡ଼ା ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତୃମଣ୍ଡଳୀ ଓ ଅନ୍ୟମାନେ।

**ବାଙ୍କୀ,୨୪।୫ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ପାକିସ୍ତାନର ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଭାରତୀୟ ସୈନ୍ୟବାହିନୀ ଧ୍ୱଂସ କରି ଅପରେଶନ ସିନ୍ଦୂରର ସଫଳତା ହାସଲ କରିଥିବାରୁ ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡମପଡ଼ା ଗ୍ରାମପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବାଙ୍କୀର ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ଉଦ୍‌ଘାଟନ କରିଥିଲେ। ସଙ୍ଗଠନ ସଂଯୋଜକ ଜଗନ୍ନାଥ ପରିଡାଙ୍କ ପରିଚାଳନାରେ ଏହି ତ୍ରିରଙ୍ଗା ଯାତ୍ରାରେ ମଣ୍ଡଳ ସଭାପତି ଦାଶରଥି ପଡ଼ିହାରୀ, ମଣ୍ଡଳ ପ୍ରଭାରୀ ସନ୍ତୋଷ ପାଣି, ଡମପଡ଼ା ପଞ୍ଚାୟତ ପ୍ରମୁଖ ଅନ୍ନପୂର୍ଣ୍ଣା ପରିଡା, ସହ ପ୍ରମୁଖ ଭକ୍ତି ପଟ୍ଟନାୟକ, ବରିଷ୍ଠ କାର୍ଯ୍ୟକର୍ତ୍ତା ଉପେନ୍ଦ୍ର ବାରିକ, ଅରୁଣ ମିଶ୍ର, ଅଜିତ୍ ବେହେରା, ସିଦ୍ଧେଶ୍ୱର ମିଶ୍ର ପ୍ରମୁଖ ଯୋଗଦେଇ ବିଭିନ୍ନ ସାହି ପରିକ୍ରମା କରିଥିଲେ। ଶେଷରେ ଅନ୍ନପୂର୍ଣ୍ଣା ପରିଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

### '୨୦୩୦ ସୁଦ୍ଧା ମିଶନ ମଧୁମେହମୁକ୍ତ ଓଡ଼ିଶା' ଅଭିଯାନ

**ଭୁବନେଶ୍ୱର,୨୪।୫(ଅନୁରାଧା ମହାରଣା)**

ହେଲ୍‌ଥଭିଲେ ଯୋଗ ଓ ଚିକିତ୍ସା କେନ୍ଦ୍ର ଦ୍ୱାରା '୨୦୩୦ ସୁଦ୍ଧା ମିଶନ ମଧୁମେହମୁକ୍ତ ଓଡ଼ିଶା' ଅଭିଯାନ ଆରମ୍ଭ ହୋଇଛି। ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଓ ବିଶିଷ୍ଟ ନ୍ୟୁରୋସର୍ଜନ ପଦ୍ମଶ୍ରୀ ଡ. ଅଶୋକ ମହାପାତ୍ର ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା ବିଶେଷଜ୍ଞ ଡା. ମାଧବ ନାୟକ, ହେଲ୍‌ଥଭିଲେର ମୁଖ୍ୟ ଚିକିତ୍ସାଧିକାରୀ ଡା. ମିଲିଣ୍ଡ ପରାଶର, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ହେଲ୍‌ଥଭିଲେର ମ୍ୟାନେଜିଂ ଟ୍ରଷ୍ଟି ଇନ୍ଦୁମତି ରାୟ ପ୍ରମୁଖ ଯୋଗଦେଇଥିଲେ। ଏ ଅବସରରେ ହେଲ୍‌ଥଭିଲେର ପ୍ରତିଷ୍ଠାତା ସତ୍ୟବ୍ରତ ମୀନକେତନ କହିଲେ, ଆମେ ନିର୍ଭୀକ ଭାବରେ ପୁଷ୍ଟିକର ଖାଦ୍ୟ, ଯୋଗ, ପ୍ରାଣାୟମ, ସୁସ୍ଥ ଏବଂ ଆନନ୍ଦପୂର୍ଣ୍ଣ ଜୀବନଶୈଳୀ ଆପଣାଇ ମଧୁମେହର ନିବାରଣ ଓ ନିରାକରଣ କରିପାରିବା। ୨୦୩୦ ସୁଦ୍ଧା ୪୬.୯୫ ନିୟୁତ ଲୋକଙ୍କୁ ପ୍ରାକୃତିକ ଚିକିତ୍ସା ପ୍ରଣାଳୀରେ ମଧୁମେହମୁକ୍ତ କରିବା ଅଭିଯାନର ଲକ୍ଷ୍ୟ ଥିବା ସେ କହିଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ: ୬ ଗୋରୁ ଉଦ୍ଧାର



ଉଦ୍ଧାର ଗୋରୁ ଓ ଜବତ ଗାଡ଼ି।

**ବାଙ୍କୀ,୨୪।୫(ଶୁଭେନ୍ଦୁ ମହାପାତ୍ର)**

## ଜଣେ କୋର୍ଟ ଚାଲାଣ

କଟକ ଜିଲା ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ବୈଦେଶ୍ୱର ପୋଲିସ କଳାପଥର ବଜାର ନିକଟରୁ ଶନିବାର ଭୋର ସମୟରେ ଏକ ଗୋରୁ ବୋଝେଇ ଟାଟା ଏସିଇ ଗାଡ଼ି ଉପରେ ଚଢ଼ାଉ କରିଛି। ସେଥିରୁ ୬ଟି ଗୋରୁ ଉଦ୍ଧାର କରିଛି। ଏହି ଅଭିଯୋଗରେ ବେଗୁନିଆ ଥାନା ଅନ୍ତର୍ଗତ କୁସପଲ୍ଲୀ ଗ୍ରାମର ଆଜାଦ ଖାଁ (୩୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ବୈଦେଶ୍ୱର ପୋଲିସ ଥାନାରେ ମାମଲା (ନଂ. ୯୪/୨୫) ରୁଜୁ କରିଛି।

ଭୋର୍ ସମୟରେ ଖଜୁରିପଦା ଗ୍ରାମରୁ ଖୋର୍ଦ୍ଧା ଅଞ୍ଚଳକୁ ଟାଟା ଏସିଇ ଗାଡ଼ିରେ ଗୋରୁ ବୋଝେଇ କରି ନିଆଯାଉଥିବାବେଳେ କଳାପଥର ନିକଟରେ ସ୍ଥାନୀୟ ଲୋକେ ଦେଖି ବୈଦେଶ୍ୱର ଥାନାରେ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆଜାଦଙ୍କୁ ଧରିଥିଲେ। ଏଥିସହ ଗୋରୁ ବୋଝେଇ ଗାଡ଼ି ଜବତ କରିବା ସହ ଗୋରୁଗୁଡ଼ିକୁ ଗୋ ଶାଳାରେ ରଖିବା ପାଇଁ ବ୍ୟବସ୍ଥା କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସଞ୍ଜୟ କୁମାର ଜେନା କହିଛନ୍ତି। ସୂଚନାଯୋଗ୍ୟ, ବେଗୁନିଆ ଥାନା ଅନ୍ତର୍ଗତ କୁସୁପଲା ଅଞ୍ଚଳରୁ ଟିଗିରିଆ, ବଡ଼ମ୍ବା, ଖୋର୍ଦ୍ଧା, ନୟାଗଡ଼ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଗୋ ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି।

# ଚାରାରୋପଣ କାର୍ଯ୍ୟକ୍ରମ

**ବାଙ୍କୀ,୨୪।୫ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପ ବ୍ଲକ ଅନ୍ତର୍ଗତ ଭଗିପୁର ଗ୍ରାମ ପ୍ରାଥମିକ ବିଦ୍ୟାଳୟର ପରିସରରେ ଥିବା ଅଙ୍ଗନୱାଡି କେନ୍ଦ୍ର-୨ରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ସୌଦାମିନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥିଭାବେପ୍ରକୃତିବନ୍ଧୁ ମନୋଜ କୁମାର ମହାପାତ୍ର ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଆଦର୍ଶ ଯୁବପରିଷଦ ଆବାହକ ଅକ୍ଷୟ କୁମାର ସାମଲ ଯୋଗଦେଇ ଚାରାରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶ୍ୱରଞ୍ଜନ ସ୍ୱାଇଁ ଓ ଲଲାଟେନ୍ଦୁ ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସୋନାଲି ଜେନା, ଲିଜା ସାହୁ, ରୋଜାଲିନ ଜେନା, କ୍ରୀଷ୍ଣା ନାୟକ, ଶୁଭଶ୍ରୀ ସାହୁ, ମାଣିକ ଜେନା, ନିବେଦିତା ନାୟକ, ରାଣୀ ଭୋଇ, ଚାନ୍ଦିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ୨ ମାସ ପୂରିଲାନି ଭାଙ୍ଗିଲା ସେତୁ, ତଦନ୍ତ ଦାବି

## ବିନା ସୂଚନାଫଳକରେ ଶେଷ ହୋଇଥିଲା କାମ

**ନିଶ୍ଚିନ୍ତକୋଇଲି, ୨୪।୫**
**(ଅଶୋକ କୁମାର ମହାପାତ୍ର)**



ଭାଙ୍ଗିଯାଇଥିବା କେନାଲ ପୋଲ।

କେନ୍ଦ୍ରାପଡ଼ା ଜିଲା ଛତା ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଧୀନରେ ଥିବା ଏକ ନବ ନିର୍ମିତ ସେତୁ ଭାଙ୍ଗି ପଡ଼ିଛି। ଫଳରେ ଏହି ସେତୁର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳ ଦେଇ ୯ ନଂ. କେନାଲ ପ୍ରବାହିତ ହେଉଛି। ଏହି କେନାଲର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ରାପଡା ଜିଲା ଛତା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ରହିଛି। ତେବେ ଏହି କେନାଲର କଟରପଡା ପଞ୍ଚାୟତ ମୁରଦାବାଦ ନିକଟରେ ୨ ମାସ ତଳେ ଏକ ସେତୁ ନିର୍ମାଣ କରାଯାଇଥିଲା। ଏହି ସେତୁ ନିର୍ମାଣ ସମ୍ପର୍କରେ କୌଣସି ସୂଚନା ଫଳକ ଲଗା ଯାଇ ନ ଥିଲା। ତେବେ ଅଟକଳ ଅନୁଯାୟୀ ଏହି ସେତୁ ନିର୍ମାଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସେତୁ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କାରଣରୁ ନିର୍ମାଣର ମାତ୍ର ୨ ମାସ ମଧ୍ୟରେ ଏହି ସେତୁଟିର ବହୁ ଅଂଶ ଭାଙ୍ଗି ଯାଇଛି। ତେବେ ଏ ଦିଗରେ ବିଭାଗୀୟ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ନବୀନ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଅସ୍ତ୍ରୋପଚାର ପାଇଁ ୨ମାସ ଅପେକ୍ଷା

## ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର

**କଟକ,୨୪।୫(ଶିଳ୍ପା ପ୍ରିୟଦର୍ଶିନୀ)**

ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ୨ମାସ ହେବ ଅସ୍ତ୍ରୋପଚାର ଅପେକ୍ଷାରେ ପଡ଼ି ରହିଛନ୍ତି ରୋଗୀ। ଡାହାଣ ଗୋଡ଼ର ଅସ୍ତ୍ରୋପଚାର ଆବଶ୍ୟକ ଥିବାବେଳେ ମେଡିକାଲରେ କେବଳ ମେଡିସିନ ଓ ସାଲାଇନରେ ଚାଲିଛି ଚିକିତ୍ସା। ଏପରି କି କେବଳ ଡାକ୍ତରଙ୍କୁ ଦେଖାଇବା ଏବଂ ପରୀକ୍ଷାରେ ଦିନ କାଟୁଛନ୍ତି ରୋଗୀ ଓ ସମ୍ପର୍କୀୟ। ତେବେ କର୍କଟ କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗଜପତି ଜିଲାର ସୀମାଞ୍ଚଳ ନାଏକ ଆଜକୁ ଦେଢ଼ ବର୍ଷ ହେବ ଡାହାଣ ଗୋଡ଼ ପାଦ ଉପରେ ଏକ ବଥ ବାହାରି ଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ଅସ୍ତ୍ରୋପଚାରର କିଛି ମାସ ପରେ ଉକ୍ତ ଡାହାଣ ଗୋଡ଼ର ଜଙ୍ଘରେ ସେହିପରି ବଥ ହେବାରୁ ପ୍ରଥମେ ସେ ନିଜ ଅଞ୍ଚଳର ଡାକ୍ତରଙ୍କ ପରାମର୍ଶ କରି ଔଷଧ ଖାଇଥିଲେ। ହେଲେ ତାହା କାମ ଦେଇ ନ ଥିଲା। ଧୀରେ ଧୀରେ ତାହା ବଢ଼ିବାରେ ଲାଗିଥିଲା। ଚିକିତ୍ସା ପାଇଁ ସୀମାଞ୍ଚଳ ଗତ ମାର୍ଚ୍ଚ ୨୩ରେ କଟକସ୍ଥିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନକୁ ଆସିଥିଲେ। ସେଠାରେ ଡାକ୍ତରଙ୍କ ପରାମର୍ଶ ମୁତାବକ ଆବଶ୍ୟକ ପରୀକ୍ଷା ନିରୀକ୍ଷା କରାଇବା ସହ ଏସ୍‌ସିବିରେ ମଧ୍ୟ ଡାକ୍ତର ଦେଖାଇଥିଲେ। ପରେ ସୀମାଞ୍ଚଳଙ୍କୁ କର୍କଟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ମେଡିକାଲରେ ଭର୍ତ୍ତି ହେବାର ପାଖାପାଖି ୨ମାସ ହେବ ତାଙ୍କ ଅସ୍ତ୍ରୋପଚାର କରାଯାଇ ନାହିଁ। ଏପରି କି ମେଡିକାଲରେ କେବଳ ସାଲାଇନ ଓ ଔଷଧରେ ଚିକିତ୍ସା ଜାରି ରହିଛି। ସୀମାଞ୍ଚଳଙ୍କ ଶଶୁର ଭାସ୍କର ନାଏକ କହିଛନ୍ତି, ରୋଗ ଚିକିତ୍ସା ପାଇଁ ଆସି ଏଠାରେ ହଟହଟା ହେବାକୁ ପଡୁଛି। ମେଡିକାଲରେ କେବଳ ପଡ଼ି ରହି ଦିନ କାଟୁଛୁ। ଦିନ ମଜୁରିଆ ଭାବେ ଖଟିଲେ ପେଟକୁ ଦିମୁଠା ଖାଇବାକୁ ମିଳିଥାଏ, ହେଲେ ଏଠାରେ ଚିକିତ୍ସା ହୋଇପାରୁନାହିଁ। କେବଳ ଅସ୍ତ୍ରୋପଚାରକୁ ଅପେକ୍ଷା କରି ୨ମାସ ବିତିବାକୁ ଯାଉଛି। ଡାକ୍ତରଙ୍କୁ ଏ ବିଷୟରେ ପଚାରିଲେ ମଧ୍ୟ ସୁଫଳ ମିଳିପାରୁନାହିଁ। ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ନୀହାରିକା ପଣ୍ଡାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଅପେକ୍ଷାରତ ରୋଗୀଙ୍କ ସମ୍ପର୍କୀୟ।

## ଫଟୋରେ ଖବର



**ବିପଦକୁ ଆମନ୍ତ୍ରଣ:** ରାଜାବଗିଚା ସର୍ବୋଦୟପୁର ସିଏନ୍‌ବିଟି ମୁଖ୍ୟ ରାସ୍ତାପାର୍ଶ୍ୱ ଡ୍ରେନ ମୁକୁଳା ପଡ଼ିରହିଛି।




ସିଡିଏସ୍ଥିତ କଟକ ଟ୍ୟାକ୍ସ ବାର ଆସୋସିଏଶନ ସଭାଗୃହରେ ଡ.ଦେବାଶିଷ ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ ପୁସ୍ତକ ତୁମେ ଗଲା ପରେ ଓ ତିନୋଟି ବିଜ୍ଞାନ ବାଟିକା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୪।୫।୨୦୨୫

| ୬,୩୪,୫୬୦ ଟଙ୍କା | |
|---|---|
| ସୁନା | ୬୦୦ ମିଲିଗ୍ରାମ୍ |
| ରୁପା | ୯୮.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)

ଡକାୟତି ଯୋଜନା କରୁଥିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିର ସୁନୀଲ କୁମାର ସାହୁ (୨୫), ଆର୍ ରାମଚନ୍ଦ୍ର ବେହେରା (୨୬), ପି. କେ. ଆର୍‌ଆଇଟି କଲୋନିର ପିଣ୍ଟୁ ଥାପା, ତାଳବଣିଆ ପ୍ରଥମ ଲେନ୍ ତାରିଣୀ ମନ୍ଦିର ନିକଟର ବିଶାଳ ନାୟକ (୨୧), ଭଗବତୀ ଆଶ୍ରମ ରେଲ୍‌ୱେ କଲୋନିର ବାବୁଲି ନାୟକ (୨୪)। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ କଟୁରି, ଲୁହାରଡ୍, ଛୁରି, ପ୍ଲାସ୍, ଲଙ୍କାଗୁଣ୍ଡ, ବିୟର, ବିଡି ସହ ଅନ୍ୟାନ୍ୟ ଜିନିଷ ଜବତ କରିଛି। ଏନେଇ କେସ୍ ନଂ ୧୩୨/୨୫ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସର ସୂଚନାନୁଯାୟୀ, ସମୁଦ୍ରକୂଳ ଥାନା ଅଞ୍ଚଳରେ ପାଟ୍ରୋଲିଂ ଚାଲୁଥିବା ସମୟରେ ବିଶେଷସୂତ୍ରରୁ ଖବରପାଇ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଶନିବାର କୋର୍ଟଚାଲାଣ କରିଥିଲା।

### ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯିବ

ଗୋପ,୨୪।୫(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅଧୀନ କୁଆଁପଡ଼ାସ୍ଥିତ ନୀଳକଣ୍ଠେଶ୍ୱର ଶୈବପୀଠଠାରେ ୧୦ମ ରଜ ଉତ୍ସବର ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମା' ଅଡଙ୍ଗେଇ ସାଂସ୍କୃତିକ କଳା ପରିଷଦ ସମ୍ପାଦକ ଫକୀର ବିଶ୍ୱାଳ ଯୋଗଦେଇ ଓଡ଼ିଆ ଘରର ପରମ୍ପରା, ସଂସ୍କୃତି ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ। ଚଳିତବର୍ଷ ଏହି ଉତ୍ସବରେ ହଜି ଯାଉଥିବା ପାରମ୍ପରିକ ବାଦ୍ୟ, ହୁଳହୁଳି, ପୁଚି, ଶଙ୍ଖ ବାଦନ, ଦୋଳି ପ୍ରତିଯୋଗିତା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଉପରେ ଅଧିକ ମାତ୍ରାରେ ଗୁରୁତ୍ୱ ଦିଆଯିବ ବୋଲି ଆଲୋଚନା ହୋଇଥିଲା। ୩ ଦିନ ଧରି ଏହି ରଜ ପର୍ବକୁ ପାଳନ କରାଯିବ ବୋଲି ସୂଚନା ମିଳିଛି। ଗ୍ରାମାଞ୍ଚଳର ପ୍ରତିଭାଙ୍କୁ ଏଥିରେ ସାମିଲ କରାଯାଇ ସେମାନଙ୍କୁ ମଧ୍ୟ ସମ୍ମାନିତ କରାଯିବ ବୋଲି ଜଣାପଡ଼ିଛି। ପ୍ରସ୍ତୁତି ବୈଠକରେ ରିସପ ଚନ୍ଦ୍ର ଦତ୍ତ, ପର୍ଶୁରାମ ମହାନ୍ତି, ରାମଚନ୍ଦ୍ର ଓଝା, ଦାମୋଦର ଓଝା, ରାମଚନ୍ଦ୍ର ନାୟକ, ରାଜକିଶୋର ନାୟକ, ରବୀନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ନାନଯାତ୍ରା ଶୃଙ୍ଖଳିତ କରିବାକୁ ଗୁରୁତ୍ୱ



ପୁରୀ ସଦ୍‌ଭାବନା ଗୃହରେ ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥଙ୍କ ଦର୍ଶନ ପାଇଁ ଆୟୋଜିତ ବୈଠକରେ ଉପସ୍ଥିତ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ।

ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)

## ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ପାଇଁ ବୈଠକ

ଚଳିତବର୍ଷର ଦେବସ୍ନାନ ପୂର୍ଣ୍ଣିମା ଜୁନ୍ ୧୧ ତାରିଖରେ ଅନୁଷ୍ଠିତ ହେବ। ପରଦିନଠାରୁ ବ୍ରହ୍ମଗିରି ଅଲାରନାଥ ପୀଠରେ ମହାପ୍ରଭୁଙ୍କ ଦର୍ଶନ ଆରମ୍ଭ ହୋଇଯିବ। ସ୍ନାନଯାତ୍ରା ଓ ଅଲାରନାଥଙ୍କ ଦର୍ଶନକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ଏକ ପ୍ରସ୍ତୁତି ବୈଠକ ସଦ୍‌ଭାବନା ସଭାଗୃହଠାରେ ଶନିବାର ପୂର୍ବାହ୍ନରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପୂର୍ବରୁ ଏକାଧିକ ବୈଠକ ମାଧ୍ୟମରେ ସ୍ନାନ ଯାତ୍ରା, ଅଲାରନାଥ ଦର୍ଶନ ଓ ରଥଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ତାହାର ନିର୍ଯ୍ୟାସ ଆଧାରରେ ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଯେଭଳି ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀମାନେ ଭଲ ଭାବେ ମହାପ୍ରଭୁଙ୍କ ଦର୍ଶନ କରନ୍ତି ଓ ଅନ୍ୟାନ୍ୟ ମୌଳିକ ସୁବିଧାପ୍ରାପ୍ତ ହୁଅନ୍ତି, ସେଥିପାଇଁ ଉତ୍ତରଦାୟୀ ଭାବେ କାର୍ଯ୍ୟ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ମରାମତି ଓ ଉନ୍ନତୀକରଣ, ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳ ସିଞ୍ଚନ ବ୍ୟବସ୍ଥା ଇତ୍ୟାଦି ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏସ୍‌ପି ବିନୀତ ଅଗ୍ରୱାଲ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ ବ୍ୟବସ୍ଥା, ଶାନ୍ତି ଶୃଙ୍ଖଳା ରକ୍ଷା ଇତ୍ୟାଦି ସମ୍ପର୍କରେ ଆଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଉପଜିଲାପାଳ ରାଜକିଶୋର ଜେନା, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଅଲାରନାଥ ମନ୍ଦିର ସେବାୟତ ବୃନ୍ଦ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲାସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଧାର୍ଯ୍ୟ ସମୟ ଅନୁସାରେ ନୀତିକାନ୍ତି ଶେଷ ପାଇଁ ସେବାୟତମାନଙ୍କୁ ଅନୁରୋଧ କରାଯାଇଥିଲା।

# ରଥଖଳାରୁ...

## ତିନି ରଥର ୧୪ ନାହାକା ଚଉପଟ କାର୍ଯ୍ୟ ଆରମ୍ଭ



ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)

ରଥଖଳାରେ ରବିବାର ସୁଦ୍ଧା ତିନିରଥର ୩୬ଟି ଚକ ନିର୍ମାଣ ଶେଷ ହୋଇ ୧୪ ନାହାକା ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ତିନିରଥର ନିର୍ମାଣ କାର୍ଯ୍ୟ ସମାନ୍ତରାଳ ଭାବେ ଆଗେଇ ଚାଲିଛି। ମହାରଣା ସେବକଙ୍କ ପ୍ରତିଟି ନିର୍ମାଣ କାର୍ଯ୍ୟର ସହାୟକ ଭାବେ ଭୋଇ ସେବକମାନେ ଜଗି ରହିଛନ୍ତି। ତିନିରଥର ଶେଷ ଦୁଇ ଗୋଟି ଚକ ନିର୍ମାଣ ଜାରି ରହିଛି। ଚକ ତୁମ୍ବରେ ସିଙ୍ଗଡ଼ା ବାଡିଆ ଶେଷ ହୋଇ ସିଙ୍ଗଡ଼ା କଟା ପରେ ଅର ମୁଖ ସାଲ ଶେଷ ହୋଇଛି। ପଇ ବିନ୍ଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରବିବାର ପଇ ସଂଯୋଗ ସହ ପଇ କଳସା କାର୍ଯ୍ୟ ହେବ, ଏଥିସହ ତିନିରଥର ୧୨ ଗୋଟି ଲେଖାଏଁ ଭୂଇଁ ଚଉତାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ବିନ୍ଧ ଅନୁକୂଳ ହୋଇ ବିନ୍ଧ କାର୍ଯ୍ୟପାଇଁ ଚଉତାରେ ମାପ ଚିହ୍ନ ଦିଆ ଶେଷ ହୋଇଛି। ଏଥିରେ ୧୪ ନାହାକା ନିର୍ମାଣ କାର୍ଯ୍ୟ ପାଇଁ ରଥ ଅମିନ ଯୋଗାଇଥିବା ୪ ଗୋଟି ଲେଖାଏଁ ୨୦ ଫୁଟିଆ କାଠ ଫାଳିର ଚଉପଟ କାର୍ଯ୍ୟ ଆରମ୍ଭ ହୋଇଛି। ରୂପକାର ସେବକମାନେ ତିନିରଥ ସାଲ ଗୁଜରେ ରୂପ ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଦଣ୍ଡାବିଡ଼ିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି।



ପ୍ରାକ୍ ମୌସୁମୀ ପ୍ରଭାବରେ ଶନିବାର ଅପରାହ୍ନରେ ଶ୍ରୀମନ୍ଦିର ଉପରେ କଳା ବାଦଲ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

## ଗୋଟିଏ ରାତିରେ ସ୍କୁଟି, ପିକ୍‌ଅପ୍ ଭ୍ୟାନ ଚୋରି

ଅସ୍ତରଙ୍ଗ,୨୪।୫(ମମତା ଜେନା)

କାକଟପୁର ମଙ୍ଗଳା ମନ୍ଦିର ନିକଟରେ ଥିବା ଅକ୍ଷୟ କୁମାର ଦୀକ୍ଷିତଙ୍କ ଘର ସମ୍ମୁଖରୁ ଶୁକ୍ରବାର ରାତିରେ ଏକ ସ୍କୁଟି ଚୋରି ହୋଇଥିବା କାକଟପୁର ଥାନାରେ ଅଭିଯୋଗ ହୋଇଛି। ସେହିପରି ଉକ୍ତ ରାତିରେ କାକଟପୁର ବ୍ଲକ ଛକ ନିକଟରେ ଥିବା ବୀଣାପାଣି ଷ୍ଟୋର ଆଗରୁ ଏକ ପିକ୍‌ଅପ ଭ୍ୟାନ (ଓଡି ୦୨ କେ ୦୨୨୩) ଚୋରି ହୋଇଥିବା ଷ୍ଟୋର ମାଲିକ ବିଜୟ କୁମାର ତ୍ରିପାଠୀ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଅଧିକାଂଶ ସମୟରେ ଏହି ଅଞ୍ଚଳରେ ଏପରି ଚୋରି ହେଉଥିଲେ ମଧ୍ୟ ପୋଲିସ ସେମାନଙ୍କୁ ଧରିବାରେ ସଫଳ ହେଉ ନ ଥିବାରୁ ଲୋକେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

## ଜମିବାଡ଼ିକୁ ନେଇ ୨ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ, ଜଣେ ଆହତ

ଯୋଗେଶ୍ୱରପୁର,୨୪।୫(ରଶ୍ମିରଞ୍ଜନ ସାହୁ)

ଜମିବାଡ଼ି ବଣ୍ଟନକୁ ନେଇ ବଡ଼ ଭାଇ ଆକ୍ରମଣରେ ସାନ ଭାଇ ଆହତ ହୋଇଥିବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ଏନେଇ ଗୋପ ଥାନା ପୋଲିସ କେସ୍ ନଂ. ୧୬୦/୨୫ ଓ ୧୬୧/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ବାଉଲଙ୍ଗ ପଞ୍ଚାୟତ ବରିମୁଣ୍ଡ ଗ୍ରାମର କମଳାକାନ୍ତ ବେହୁରା ଓ ସାନ ଭାଇ ଅରୁଣ କୁମାର ବେହୁରାଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଜମିବାଡ଼ି ବଣ୍ଟନକୁ ନେଇ ବିବାଦ ଲାଗି ରହିଥିଲା। ପୋଲିସ ସୂତ୍ରରୁ ପ୍ରକାଶ କମଳାକାନ୍ତ ବାହାରେ ରହୁଥିଲେ। ସେ ସାନ ଭାଇକୁ ଭାଗ ଦେବାକୁ ବିଭିନ୍ନ ସମୟରେ ଅରାଜି ହେଉଥିଲେ। ଶୁକ୍ରବାର ଏହି ଜମିବାଡ଼ି ଘଟଣାକୁ ନେଇ ୨ ଭାଇଙ୍କ ମଧ୍ୟରେ ବଚସା ହୋଇ ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଏଥିରେ କମଳାକାନ୍ତଙ୍କ ଆକ୍ରମଣରେ ସାନ ଭାଇ ଅରୁଣ ଆହତ ହୋଇଥିଲେ। ପରେ ଉଭୟଙ୍କ ପକ୍ଷରୁ ଥାନାରେ ୨ଟି ମାମଲା ରୁଜୁ ହୋଇଛି।

# ଫଳକ ଭଙ୍ଗା ଘଟଣା: ପିପିଲି ଥାନା ଘେରିଲା ବିଜେଡି ଟିମ୍



ପିପିଲି ଥାନାଧିକାରୀ, ଏସ୍‌ଡିପିଓଙ୍କ ସହ ବିଜେଡି ପ୍ରତିନିଧିଦଳ ଆଲୋଚନା କରୁଛନ୍ତି ।

ପିପିଲି,୨୪।୫(ପ୍ରଭାତ କୁମାର ମହାପାତ୍ର)

ପୋଲିସର ଏକପାଖିଆ ମିଥ୍ୟା ମାମଲା ରୁଜୁ ବିରୋଧରେ ପ୍ରତିବାଦ ଜଣାଇବା ପାଇଁ ବିଜେଡିର ସ୍ୱତନ୍ତ୍ର ପ୍ରତିନିଧି ଦଳ ପିପିଲି ଥାନାକୁ ଘେରିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିନିଧି ଦଳ ପିପିଲି ଥାନାଧିକାରୀ ସୌମ୍ୟେନ୍ଦୁ ଶେଖର ତ୍ରିପାଠୀ ଓ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି।

ପିପିଲି ବିଜ୍ଞାପିତ ଅଞ୍ଚଳ ପରିଷଦ ୱାର୍ଡ ନଂ.୧୨ରେ ଏକ କଲ୍ୟାଣମଣ୍ଡପ ଶିଳାନ୍ୟାସ ଫଳକ ଭଙ୍ଗା ଅଭିଯୋଗରେ ପିପିଲି ଏନ୍‌ଏସି ଅଧ୍ୟକ୍ଷ ଓ ବିଜେଡି କାଉନ୍‌ସିଲରଙ୍କ ନାମରେ ମାମଲା ରୁଜୁ ପରେ ବିଜେଡିର ପ୍ରତିନିଧି ଦଳ ଶନିବାର ଅପରାହ୍ନରେ ପିପିଲି ଥାନାରେ ପହଞ୍ଚିଥିଲା। ପିପିଲିରେ ଗତ କିଛିମାସ ଧରି ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଇଥିବାବେଳେ ପିପିଲି ପୋଲିସ କେବଳ ଭାଜପାର ହାତବାରିସି ସାଜିଥିବା ନେଇ ବିଜେଡି ଅଭିଯୋଗ କରିଛି। ଭାଜପା କଥାରେ ପୋଲିସ ଆଖିବୁଜି ବିଜେଡି ଲୋକଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରୁଛି ବୋଲି ବିଜେଡି ଅଭିଯୋଗ କରିଥିବାବେଳେ ଆଇନ ଅନୁସାରେ ପୋଲିସ କାମ କରୁ ବୋଲି ବିଜେଡି କହିଛି। ଏହି ସମୟରେ ପୁରୀ ଜିଲା ବିଜେଡି ସଭାପତି ଉମା ସାମନ୍ତରାୟଙ୍କ ନେତୃତ୍ୱରେ ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ନେତା ସୁବ୍ରତ ଛାଟୋଇଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ବିଜେଡିର ଏହି ଅଭିଯୋଗକୁ ପିପିଲି ଥାନାଧିକାରୀ ଖଣ୍ଡନ କରିଥିବାବେଳେ ପୋଲିସ ତା'ର ଆଇନ ଅନୁଯାୟୀ ନିରପେକ୍ଷ କାମ କରୁଛି ବୋଲି ସେ କହିଛନ୍ତି।

# ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ୧୧ମାସ ଧରି ଗ୍ରାମରୁ ବାସନ୍ଦ

କଣାସ,୨୪।୫(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକ ଓଗାଳପୁର ଗ୍ରାମର ଜଣେ ଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଭଲ ପାଇବା ଏବଂ ପରବର୍ତ୍ତୀ ସମୟରେ ପ୍ରତାରଣା କରିବା ଅଭିଯୋଗରେ ଦୀର୍ଘ ୧୧ମାସ ହେଲା ଉକ୍ତ ଯୁବକଙ୍କ ପରିବାରକୁ ଗ୍ରାମରେ ନିଆଁ, ପାଣି ବାସନ୍ଦ କରାଯାଇଛି। ଏପରି କି ବାରମ୍ବାର ଉକ୍ତ ପରିବାରର ବିଦ୍ୟୁତ୍ କାଟ କରାଯିବା ଫଳରେ ପରିବାର ସଦସ୍ୟ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜଣେ ଅବସରପ୍ରାପ୍ତ ଯବାନଙ୍କ ପରିବାର ପ୍ରତି ଗ୍ରାମବାସୀଙ୍କ ଏଭଳି ଆଭିମୁଖ୍ୟକୁ ପ୍ରଶାସନିକସ୍ତରରେ ସମାଧାନ କରିବାର ଉଦ୍ୟମ ମଧ୍ୟ ହେଉ ନ ଥିବା ଦେଖିବାକୁ ମିଳିଛି। ଏପରି କି ମାମଲା ଅଦାଲତରେ ବିଚାରାଧୀନ ଥିବା ସତ୍ତ୍ୱେ ଏଭଳି କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମିଳିଥିବା ସୂଚନାନୁସାରେ, ଓଗାଳପୁର ଗ୍ରାମର ଜଣେ ଯୁବତୀଙ୍କୁ ସେହି ଗ୍ରାମର ମନୋଜ ପଲାଇ ଗତ କିଛି ବର୍ଷ ଧରି ଭଲପାଇ ଆସୁଥିଲେ। ମନୋଜ ଉକ୍ତ ଯୁବତୀଙ୍କୁ ପ୍ରଥମେ ବିବାହ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଶେଷରେ ବିବାହ ପାଇଁ ମନା କରିଦେଇଥିଲେ। ଫଳରେ ନ୍ୟାୟ ଆଶାରେ ଯୁବତୀ ଜଣକ ମନୋଜଙ୍କ ଘର ଆଗରେ ବସିବା ସହ ୨୦୨୪ ଜୁନ୍ ୯ରେ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ମନୋଜଙ୍କ ସମେତ ତାଙ୍କ ମା'ବାପାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ମନୋଜଙ୍କ ବାପା ଲକ୍ଷ୍ମୀଧର ପଲାଇ ଏବଂ ମା' ଝୁଲଣା ହାଇକୋର୍ଟରୁ ଆଗୁଆ ଜାମିନରେ ଆସିଥିବାବେଳେ ପୋଲିସ ମନୋଜଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ୨୨ଦିନ ଜେଲରେ ରହିବା ପରେ ମନୋଜ ଜାମିନରେ ଆସିଛନ୍ତି। ମାମଲା କୋର୍ଟରେ ବିଚାରାଧୀନ ଥିବା ସତ୍ତ୍ୱେ ସେବେଠାରୁ ଉକ୍ତ ପରିବାରକୁ ନିଆଁ, ପାଣି, ବିଦ୍ୟୁତ୍, ଦୋକାନ ସଉଦା, ମନ୍ଦିରକୁ ବାଛନ୍ଦ କରାଯାଇଥିଲା। କିଛି ଦିନ ପରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ସୁଦ୍ଧା ପୁନର୍ବାର ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା। ଗତ ଏପ୍ରିଲ ୨୨ରେ ଗ୍ରାମର କେତେଜଣ ବିବାଦର ଆପୋସ ସମାଧାନ ପାଇଁ ବୈଠକ ଡାକିଥିଲେ ସୁଦ୍ଧା ଉକ୍ତ ଯୁବତୀଙ୍କ ସହ କୌଣସି ସମ୍ପର୍କ ନ ଥିବା ଦର୍ଶାଇ ବିବାହ ପାଇଁ ମନୋଜ ମନା କରିଦେଇଥିଲେ। ବାରମ୍ବାର ବିଦ୍ୟୁତ୍ ବିଚ୍ଛିନ୍ନକୁ ପ୍ରତିବାଦ କରି ତୁରନ୍ତ ସଂଯୋଗ ପାଇଁ ଲକ୍ଷ୍ମୀଧର ନିକଟରେ କଣାସ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଏହାର ବିଚାରକରି ଶନିବାର ଲକ୍ଷ୍ମୀଧରଙ୍କ ପରିବାରକୁ ବିଦ୍ୟୁତ୍ ସଂଯୋଗ କରାଯାଇଥିବା ଜଣାପଡ଼ିଛି।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉପଶାସ୍ତ୍ରୀ ପରୀକ୍ଷାଫଳ ପ୍ରକାଶ

ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)

## ପାସ୍ ହାର ୯୦.୧୮%

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀ ଦ୍ୱାରା ପରିଚାଳିତ ୨୦୨୫ ମସିହାର ଉପଶାସ୍ତ୍ରୀ (+୨) ନିୟମିତ ଓ ପୂର୍ବ ନିୟମିତ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ମୋଟ ୨୨ ଜିଲାରେ ଥିବା ସର୍ବମୋଟ ୧୬୯ଟି ସଂସ୍କୃତ ମହାବିଦ୍ୟାଳୟର ପରୀକ୍ଷାର୍ଥୀ ୧୨୯ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଚଳିତବର୍ଷ ୯୧୭୬ ଜଣ ପରୀକ୍ଷା ପାଇଁ ଫର୍ମ ଫିଲ୍‌ଅପ କରିଥିଲେ। ସେଥିରୁ ମୋଟ ୮୧୬୬ ଜଣ ପରୀକ୍ଷା ଦେଇଥିବା ବେଳେ ୭୩୪୩ ଜଣ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ପାସ୍ ହାର ଶତକଡ଼ା ୯୦.୧୮ ରହିଛି। ତନ୍ମଧ୍ୟରୁ ଛାତ୍ରୀମାନଙ୍କ ପାସ୍ ହାର ୯୨.୭୪ ଥିବାବେଳେ ଛାତ୍ରଙ୍କର ପାସ୍ ହାର ୮୭.୮୭ ରହିଛି। ପ୍ରଥମ ଶ୍ରେଣୀରେ ୧୭୬୫, ଦ୍ୱିତୀୟ ଶ୍ରେଣୀରେ ୪୭୪୨, ତୃତୀୟ ଶ୍ରେଣୀରେ ୮୨୨ ଜଣ ଏବଂ କମ୍ପାର୍ଟମେଣ୍ଟାଲରେ ୧୪ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଅସାଧୁ ଉପାୟ ଅବଲମ୍ବନ କରିଥିବା ଯୋଗୁ ମୋଟ ୨୧ ଜଣଙ୍କର ପରୀକ୍ଷା ଫଳକୁ ରଦ୍ଦ କରାଯାଇଥିବା ବେଳେ ୦୩ ଜଣଙ୍କର ପରୀକ୍ଷା ଫଳକୁ ଅନ୍ୟ କାରଣବଶତଃ ସ୍ଥଗିତ ରଖାଯାଇଛି। କେନ୍ଦୁଝରର ବଳଭଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ବିଦିଶା ପଣ୍ଡା ୭୦୦ରୁ ୫୭୧ ତଥା ୮୧.୫୭% ନମ୍ବର ରଖି ଟପ୍ପର ହୋଇଛନ୍ତି। ଶ୍ରୀରାଧାମାଧବ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସୁମତି ମଲ୍ଲିକ ୫୩୦ ନମ୍ବର ରଖି ଦ୍ୱିତୀୟ ଏବଂ ପ୍ରଦୀପ୍ତ ରାୟ ସଂସ୍କୃତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚନ୍ଦ୍ରକାନ୍ତି ପ୍ରଧାନ ୫୨୮ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଶୀର୍ଷ ୧୦ ସ୍ଥାନରେ ୯ଜଣ ଛାତ୍ରୀ ରହିଥିବା ବେଳେ ଜଣେ ମାତ୍ର ଛାତ୍ର ରହିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ପରୀକ୍ଷା ନିୟନ୍ତ୍ରକ ଡ. ବସନ୍ତ କୁମାର ମିଶ୍ର, ଆସିଷ୍ଟାଣ୍ଟ ପ୍ରଫେସର ଡ. ନିବେଦିତା କର ଓ ଅଧିକାରୀ ଶରତ କୁମାର ବେହେରା ପ୍ରମୁଖ ପରୀକ୍ଷା ଫଳ ପୁସ୍ତିକା ଉନ୍ମୋଚନ କରିଥିଲେ।




ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଉପଶାସ୍ତ୍ରୀ ଫଳ ପ୍ରକାଶ କରାଯାଉଛି।

# ୬ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା

ପିପିଲି,୨୪।୫(ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକର ପ୍ରାୟ ୬ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ନେଇ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଅଭିଯୋଗ କରିଥିଲେ। ଏଥିସହ ପୁରୀ ଜିଲାପାଳଙ୍କ ଅଫିସରୁ ବିଭ୍ରାନ୍ତିକର ଉତ୍ତର ମିଳିଥିବା ନେଇ ସେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ରାଜ୍ୟ ସରକାର ବହୁ ଟଙ୍କା ଖର୍ଚ୍ଚ କରି ବସୁଧା ଯୋଜନାରେ ଅନେକ ଟାଙ୍କି ନିର୍ମାଣ କରିଛନ୍ତି। ହେଲେ ଜନସାଧାରଣଙ୍କ ପାଖରେ ପାଣି ପହଞ୍ଚିପାରୁ ନାହିଁ। ଫଳରେ ନଦୀଜଳ ଉପରେ ନିର୍ଭର କରୁଛନ୍ତି ଲୋକେ।

ବ୍ଲକର ରୁପଦେଇପୁର ପଞ୍ଚାୟତ ଅନ୍ତର୍ଗତ ନାହାମଙ୍ଗ ପାଟଣା, ଯଶୁଆପୁର ପଞ୍ଚାୟତର କୁମାରେଶ୍ୱର, ରଥପୁରୁଷୋତ୍ତମ ପଞ୍ଚାୟତର ବାହାବଳପୁର, ବୀରପୁରୁଷୋତ୍ତମପୁର ପଞ୍ଚାୟତର ମାହାରୀ ପୋଖରୀ ଓ ଦାଣ୍ଡମୁକୁନ୍ଦପୁର ପଞ୍ଚାୟତରେ ପାଣି ସମସ୍ୟା ଦେଖାଦେଇଛି। କିଛି ଦିନ ପୂର୍ବେ ପୁରୀ ଜିଲା ପରିଷଦ ସଭାରେ ସାହୁ ଏହି ପ୍ରସଙ୍ଗ ଉଠାଇଥିବାବେଳେ ଜିଲାପାଳ ତାଙ୍କୁ ଟୋଲ୍ ଫ୍ରି ନମ୍ବର ୧୯୧୬ରେ ଫୋନ କରିବାକୁ କହିଥିଲେ। କିନ୍ତୁ ଉକ୍ତ ନମ୍ବର କଲ୍‌ରେ ଏଭଳି ସମସ୍ୟା ଶୁଣାଯିବ ନାହିଁ ବୋଲି ଟୋଲ ଫ୍ରି କର୍ମଚାରୀ ସିଧା ମନା କରିଦେଇଥିଲେ। ଫଳରେ ଜିଲାପାଳ ତାଙ୍କୁ ଭଣ୍ଡାଉଥିବା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପଟେ ଅନେକ ସ୍ଥାନରେ ପାଣି ଟାଙ୍କି ନିର୍ମାଣ ଅଧାପନ୍ତରିଆ ଭାବେ ପଡ଼ି ରହିଥିବାବେଳେ ଆଉ କିଛି ସ୍ଥାନରେ ଟାଙ୍କିରେ ତାଲା ଝୁଲୁଛି। ଏଥିସହ ନିୟୋଜିତ କର୍ମଚାରୀମାନେ ମଧ୍ୟ ରହୁନାହାନ୍ତି। ଫଳରେ ଲୋକେ ଏହି ପ୍ରଚଣ୍ଡ ଖରାରେ ପାଣି ନ ପାଇ ହନ୍ତସନ୍ତ ହେଉଛନ୍ତି। ବହୁ ଲୋକ ପୋଖରୀ ଓ ନଦୀରୁ ପାଣି ଆଣିବାକୁ ଯାଉଥିବା ଦେଖିବାକୁ ମିଳୁଛି। ଏହି ସମସ୍ୟା ବାବଦରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାବେଳେ ଅଧିକାରୀ କୌଣସି କଥା ଶୁଣୁନାହାନ୍ତି ବୋଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ ଅଭିଯୋଗ କରିଛନ୍ତି। ନାହାମଙ୍ଗ ପାଟଣା ଗ୍ରାମରେ ବୃହତ୍ ପାଣିଟାଙ୍କି ଦୀର୍ଘ ଦିନ ହେବ ନିର୍ମାଣ ସରିଥିଲେ ମଧ୍ୟ ଜଳ ସଂଯୋଗ ହୋଇପାରିନି। ଫଳରେ ଗ୍ରାମବାସୀ ଭାର୍ଗବୀର ଜଳ ବ୍ୟବହାର କରୁଛନ୍ତି। ଏହି ଜଳ ବ୍ୟବହାର ଫଳରେ ଯଦି ସାଧାରଣ ଲୋକ ରୋଗାକ୍ରାନ୍ତ ହୁଅନ୍ତି, ତେବେ କ'ଣ ପ୍ରଶାସନ ଏଥିପାଇଁ ଦାୟୀ ରହିବ କି ବୋଲି ସରପଞ୍ଚ ରୀନାମଣି ମିଶ୍ର କହିଛନ୍ତି। ଏନେଇ ବିଡିଓ ସରୋଜ ରାଉତଙ୍କୁ ପଚାରିବାରେ, ସେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଉତ୍ତର ରଖିବେ ଏବଂ ସମସ୍ତ ଅଭିଯୋଗର ସମାଧାନ କରିବେ ବୋଲି କହିଛନ୍ତି।



ମହିଳାମାନେ ନଦୀରୁ ଜଳ ଆଣୁଛନ୍ତି ।




୨୪।୫।୨୦୨୫

| ୬,୩୪,୫୬୦ ଟଙ୍କା | |
|---|---|
| ସୁନା | ୬୦୦ ମିଲିଗ୍ରାମ୍ |
| ରୁପା | ୯୮.୩୦୦ ଗ୍ରାମ୍ |

### 'ଓଡ଼ିଶା ଭିଜନ ଡକ୍ୟୁମେଣ୍ଟ-୨୦୩୬'କୁ ସ୍ୱାଗତ
## ନିଯୁକ୍ତି ପୂର୍ବରୁ ୨୭% ସଂରକ୍ଷଣ ଦିଅ: ଓବିସି ଫୋରମ୍

ଭୁବନେଶ୍ୱର,୨୪।୫(ସୁଚିସ୍ମିତା ସାହୁ): ନୀତି ଆୟୋଗ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଶା ଭିଜନ୍ ଡକ୍ୟୁମେଣ୍ଟ-୨୦୩୬' ଉପସ୍ଥାପିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଆଗାମୀ ୫ ବର୍ଷରେ ଦେଢ଼ଲକ୍ଷ ସରକାରୀ ପଦବୀରେ ନିଯୁକ୍ତି ଦିଆଯିବ। ଏହାକୁ ଓବିସି ଫୋରମ୍ ରାଜ୍ୟ କମିଟି ସ୍ୱାଗତ କରିବା ସହ ଏ କ୍ଷେତ୍ରରେ ଓବିସି ବର୍ଗ ପାଇଁ ୨୭% ସଂରକ୍ଷଣ ରଖିବାକୁ ଦାବି କରାଯାଇଛି। ଫୋରମ୍‌ର ରାଜ୍ୟ ଅଧକ୍ଷ ରବି ବେହେରା କହିଛନ୍ତି, କେନ୍ଦ୍ର ସରକାର ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ପଛୁଆବର୍ଗ ପାଇଁ ୨୭% ସଂରକ୍ଷଣ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ଏହାକୁ ସୁନିଶ୍ଚିତ କରୁନାହାନ୍ତି। ଫଳରେ ରାଜ୍ୟର ପଛୁଆବର୍ଗମାନେ ନିଯୁକ୍ତି ସୁଯୋଗ ହରାଇବେ। ନିଯୁକ୍ତି ପୂର୍ବରୁ ରାଜ୍ୟ ସରକାର ଯଦି ଓବିସି ବର୍ଗଙ୍କୁ ତାଙ୍କର ୨୭ ଭାଗ ସାମ୍ବିଧାନିକ ହକ୍ ଓ ଅଧିକାର ନ ଦିଅନ୍ତି, ତା'ହେଲେ ହଜାର ହଜାର ଓବିସି ପିଲା ସରକାରୀ ଚାକିରିରୁ ବଞ୍ଚିତ ହେବେ। ବର୍ତ୍ତମାନ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାର ପଛୁଆବର୍ଗଙ୍କୁ ୧୧.୨୫ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି। ଫଳରେ ମାତ୍ର ୧୬ ହଜାର ୮୭୫ ଜଣ ପିଲା ନିଯୁକ୍ତି ସୁଯୋଗ ପାଇପାରିବେ, ଅର୍ଥାତ୍ ଦେଢ଼ଲକ୍ଷ ପଦବୀରୁ ରାଜ୍ୟର ପଛୁଆବର୍ଗ ୨୩ ହଜାର ୬୨୫ ପଦବୀ ହରେଇବାକୁ ଯାଉଛନ୍ତି।

## ପଣ୍ଡିତ ହରିପ୍ରସାଦ ଚୌରାସିଆ ପାଇବେ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ'

ଭୁବନେଶ୍ୱର, ୨୪।୫ (ସୌମ୍ୟରଞ୍ଜନ ରାଉତ)– ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ୧୦୨ତମ ଜୟନ୍ତୀ ଏବଂ ଫାଉଣ୍ଡେଶନର ୩୩ତମ ବାର୍ଷିକ ଉତ୍ସବ ଆସନ୍ତା ୨୬ ତାରିଖ ସନ୍ଧ୍ୟା ସାଢ଼େ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ସଙ୍ଗୀତ କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ଲାଗି ବଂଶୀବାଦକ ପଦ୍ମ ବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କୁ 'ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶ ସ୍ମାରକୀ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ଗୁରୁ ନୀଳମାଧବ ଦାସଙ୍କୁ 'ସଙ୍ଗୀତ ସରସ୍ୱତୀ', ଅଲେଖ ବିଶ୍ୱାଳଙ୍କୁ 'ଗୀତି ସରସ୍ୱତୀ', ପଣ୍ଡିତ ରମେଶ ଚନ୍ଦ୍ର ଦାସଙ୍କୁ 'ବାଦ୍ୟ ସରସ୍ୱତୀ' ଓ ନୃତ୍ୟାଚାର୍ଯ୍ୟ ପଦ୍ମଶ୍ରୀ ଦୁର୍ଗାଚରଣ ରଣବୀରଙ୍କୁ 'ନୃତ୍ୟ ସରସ୍ୱତୀ' ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଯୁବ ପ୍ରତିଭା ତନୁଜା ପ୍ରିୟଦର୍ଶିନୀ ପ୍ରହରାଜଙ୍କୁ 'ସଙ୍ଗୀତ ଗୀତ ସୁଧାକର ସ୍ମୃତିବୃତ୍ତି' ସମ୍ମାନ ଏବଂ ଖବରଦାତା ରଶ୍ମି ରଞ୍ଜନ ସ୍ୱାଇଁ ଓ ବନ୍ଦନା ସେଠୀଙ୍କୁ 'ସାମ୍ବାଦିକ ସମ୍ମାନ'ରେ ସମ୍ମାନିତ କରାଯିବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଫାଉଣ୍ଡେଶନର ଆବାହକ ଅରକ୍ଷିତ ଦାଶ ସୂଚନା ଦେଇଛନ୍ତି।

# ଗଙ୍ଗୁଆନାଳ, ଦୟା ପଶ୍ଚିମ କେନାଲ ଜବରଦଖଲମୁକ୍ତ ହେବ

### କ୍ଷେତ୍ର ପରିଦର୍ଶନ କଲେ ପ୍ରମୁଖ ସଚିବ

ଭୁବନେଶ୍ୱର, ୨୪।୫(ବନ୍ଦନା ସେଠୀ)

ସହରାଞ୍ଚଳ ବନ୍ୟା ଆହ୍ୱାନର ମୁକାବିଲା କରିବା ତଥା ଭୁବନେଶ୍ୱରରେ ଜଳାଶୟଗୁଡ଼ିକର ସ୍ଥାୟୀ ପରିଚାଳନାକୁ ସୁଦୃଢ଼ କରିବା ଲାଗି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ଶନିବାର ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ବିଏମ୍‌ସି ଏବଂ ବିଡିଏ ଅଧୀନରେ ଥିବା ଗଙ୍ଗୁଆନାଳ ଓ ଦୟା ପଶ୍ଚିମ କେନାଲ ଅଞ୍ଚଳ ପରିଦର୍ଶନ କରିଥିଲେ। ଗସ୍ତ ସମୟରେ ସହରର ଜଳ ପରିଚାଳନା ସମେତ ଜବରଦଖଲ ଉଚ୍ଛେଦ ଓ ଜଳାଶୟ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସହରର ଜଳ ପରିଚାଳନା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଜଳ ନିଷ୍କାସନ ଚ୍ୟାନେଲ



ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଅନ୍ୟ ଅଧିକାରୀଙ୍କ ସହ ଜଳ ନିଷ୍କାସନ ସ୍ଥିତିର ଅନୁଧ୍ୟାନ କରୁଛନ୍ତି।

ଏବଂ ସମ୍ପୃକ୍ତ ଜଳାଶୟଗୁଡ଼ିକର ସ୍ଥିତିକୁ ଆକଳନ କରାଯାଇଥିଲା। ଏହି ଚ୍ୟାନେଲଗୁଡ଼ିକର ପ୍ରାକୃତିକ ପ୍ରବାହକୁ ସହଜ କରିବା, ଅବରୋଧମୁକ୍ତ କରିବା ଏବଂ ପୁନରୁଦ୍ଧାର କରିବା ପାଇଁ ତୁରନ୍ତ ଦୀର୍ଘକାଳୀନ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଏଥିସହ ଜବରଦଖଲ ସମସ୍ୟା, ଢାଞ୍ଚାଗତ ପ୍ରତିବନ୍ଧକ, ସହରାଞ୍ଚଳ ଜଳସ୍ରୋତର ଜଳ ପରିବହନ କ୍ଷମତା ଏବଂ ପରିବେଶ ସନ୍ତୁଳନ ପାଇଁ ସମନ୍ୱିତ ଯୋଜନାର ଆବଶ୍ୟକତା ଉପରେ ସମୀକ୍ଷା କରାଯାଇଥିଲା। ନିର୍ଦ୍ଦିଷ୍ଟ ସମୟସୀମା ସହିତ ଜଳ ପରିଚାଳନା କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପ୍ରମୁଖ ସଚିବ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗସ୍ତ ସମୟରେ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର ଏବଂ ବିଏମ୍‌ସି ଓ ବିଡିଏର ବରିଷ୍ଠ ଯନ୍ତ୍ରୀଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମଞ୍ଚେଶ୍ୱର ଫୋମ୍ କମ୍ପାନୀରେ ଅଗ୍ନିକାଣ୍ଡ



ଭୁବନେଶ୍ୱର, ୨୪।୫(ସତ୍ୟଜିତ୍ ରାଉତ)

ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଏକ ଗଦି କମ୍ପାନୀ ଟି.କେ. ଫୋମ୍‌ସ ପ୍ରାଇଭେଟ ଲିମିଟେଡ୍‌ରେ ଶନିବାର ରାତି ପ୍ରାୟ ୧୨.୪୫ ମିନିଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏଥିରେ କୌଣସି ଜୀବନ ହାନୀର ସୂଚନା ମିଳି ନ ଥିବାବେଳେ ବ୍ୟାପକ ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ତେବେ କ୍ଷୟକ୍ଷତିର ପରିମାଣ ଆକଳନ ପରେ ଜଣାପଡ଼ିବ ବୋଲି କୁହାଯାଇଛି। ଅଗ୍ନିଶମ ବାହିନୀର ଏକ ଗାଡ଼ି ପହଞ୍ଚି ପୋଲିସ ସହାୟତାରେ ନିଆଁକୁ ଲିଭାଇବା କାର୍ଯ୍ୟରେ ନିୟୋଜିତ ହୋଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ନିଆଁକୁ ଆୟତ୍ତ କରାଯାଇପାରି ନାହିଁ। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଆଶଙ୍କା କରୁଛି।

# ପାରିବାରିକ ବନ୍ଧନକୁ ପଛରେ ପକାଇଲା 'ବିଦେଶିଆ'



ସପ୍ତମ ଜାତୀୟ ନାଟ୍ୟ ମହୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ନାଟକ 'ବିଦେଶିଆ'ର ଏକ ଦୃଶ୍ୟ।

ଭୁବନେଶ୍ୱର, ୨୪।୫
(ସୌମ୍ୟରଞ୍ଜନ ରାଉତ)

କର୍ମସଂସ୍ଥାନ ଯୋଗାଡ଼ କରିବା ପାଇଁ ସାରା ପୃଥିବୀରେ ଶ୍ରମିକମାନେ ଏ ଦେଶରୁ ସେ ଦେଶ, ଏ ରାଜ୍ୟରୁ ସେ ରାଜ୍ୟ, ଏ ସହରରୁ ସେ ସହର ଦିନରାତି ଘୂରିବୁଲନ୍ତି। ଏଥିପାଇଁ ସେମାନେ ନିଜ ପାରିବାରିକ ବନ୍ଧନକୁ ପଛରେ ପକାଇବାକୁ ବାଧ୍ୟ ହୋଇଥାନ୍ତି। ବଡ଼ ବଡ଼ ସହରର ଚାକଚକ୍ୟ ଓ ଭଲ ରୋଜଗାର ପାଇବା ଆଶାରେ ଛୋଟ ଛୋଟ ଗାଁଗୁଡିକରୁ ଶ୍ରମିକଙ୍କ ଧାଡ଼ି ଲାଗିଥାଏ ସହରକୁ। ସେହିପରି ଏକ ଆକର୍ଷଣୀୟ ସହର ହେଲା କୋଲକାତା। ବିଦେଶିଆ ବିବାହର ଅଳ୍ପଦିନ ପରେ ଭଲ ପଇସା ରୋଜଗାର କରିବା ପାଇଁ ନିଜ ସୁନ୍ଦରୀ ସ୍ତ୍ରୀକୁ ଗାଁରେ ଛାଡ଼ି କୋଲକାତା ଚାଲିଯାଏ। ସେଠାରେ କର୍ମସଂସ୍ଥା ଯୋଗାଡ଼ କରିବା ସହ ନିଜର ପ୍ରଥମ ସ୍ତ୍ରୀକୁ ଭୁଲି ସେଠାରେ ଦ୍ୱିତୀୟ ବିବାହ କରି ଦୁଇ ପିଲାଙ୍କର ବାପା ବନିଯାଏ। ପରେ ବିଦେଶିଆର ପ୍ରଥମ ସ୍ତ୍ରୀ ସ୍ୱାମୀଙ୍କ ଏହି ଦ୍ୱିତୀୟ ବିବାହ କଥା ଜାଣିପାରେ ଓ ବିଦେଶିଆକୁ ବୁଝାଇଶୁଝାଇ ଗାଁକୁ ନେଇଆସେ। ଦିନେ ହଠାତ୍ ଦ୍ୱିତୀୟ ସ୍ତ୍ରୀ ପିଲା ଛୁଆଙ୍କୁ ଧରି ବିଦେଶିଆର ଗାଁରେ ପହଞ୍ଚିଯାଏ। ଏପରି ଏକ କାହାଣୀକୁ ନେଇ ରବୀନ୍ଦ୍ର ମଣ୍ଡପରେ ପରିବେଷିତ ହୋଇଥିଲା ନାଟକ 'ବିଦେଶିଆ'। ଅବସର ଥିଲା ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଚାଲିଥିବା ସପ୍ତମ ଜାତୀୟ ନାଟ୍ୟ ମହୋତ୍ସବର ଶନିବାର ଚତୁର୍ଥ ସନ୍ଧ୍ୟା। ଏହି ସନ୍ଧ୍ୟାରେ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ସାମାଜିକକର୍ମୀ ଗୋଲଖ ମହାପାତ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ନର ମନୋଜ କୁମାର ତ୍ରିପାଠୀ, ନାଟ୍ୟକାର ସତ୍ୟବ୍ରତ ରାଉତ, ନାଟ୍ୟ ନିର୍ଦ୍ଦେଶକ ରାଜୀବ ପାଣି ପ୍ରମୁଖ ଉପସ୍ଥିତ ଥିଲେ।

## କୋଟପା ଆଇନ କଡ଼ାକଡ଼ି କରିବାକୁ ଦାବି

ଭୁବନେଶ୍ୱର,୨୪।୫(ସୁଚିସ୍ମିତା ସାହୁ): ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ପକ୍ଷରୁ ନିଶା ସେବନ ବିରୋଧରେ ସଚେତନତା କାର୍ଯ୍ୟକ୍ରମ, ଭିଡିଓ ଓ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ସଚେତନତା ସୃଷ୍ଟି ଆଦି ଜାରି ରହିଛି। ଏହି କ୍ରମରେ ରାଜ୍ୟ ସରକାର ରାଜ୍ୟରେ ସିଗାରେଟ ଆଣ୍ଡ ଅଦର ଟବାକୋ ପ୍ରଡକ୍ଟ ଆକ୍ଟ(କୋଟପା)କୁ କଡ଼ାକଡ଼ି କରିବାକୁ ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ୨୦୧୩ରେ ତମାଖୁ ସାମଗ୍ରୀର ବିକ୍ରିବଟା ଉପରେ କଟକଣା ଲଗାଇବା ପାଇଁ କୋଟପା ଆଇନ ପ୍ରଣୟନ କରାଯାଇଥିଲା। ନିୟମର ଧାରା ୪, ୫ ଓ ୬ ଅନୁଯାୟୀ ସର୍ବସାଧାରଣ ସ୍ଥାନରେ ତମାଖୁ ସେବନ କଲେ ଜରିମାନା, ବିଜ୍ଞାପନ ଉପରେ ନିଷେଧାଦେଶ ଓ କୌଣସି ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନ ନିକଟରେ ବିକ୍ରି ନ କରିବାକୁ କଠୋର ଆଇନ ରହିଛି। ଆଇନ ପ୍ରଣୟନର ଦୁଇ ତିନିବର୍ଷ ଯାଏ ଏହା କଡ଼ାକଡ଼ି ଭାବେ ଲାଗୁ କରାଗଲା। ହେଲେ କୋଟପା ଆଇନ କେବଳ ଘୋଷଣାରେ ସୀମିତ ହୋଇ ରହିଯାଇଛି। ଗଳିକନ୍ଦିରେ ନିଶାଦ୍ରବ୍ୟର ବିକ୍ରି ବୃଦ୍ଧି ପାଉଥିବାରୁ ଅନେକେ ଗୁଟ୍‌ଖା ଖାଇ ମୁଖଗହ୍ୱର କର୍କଟ ଭଳି ମାରାତ୍ମକ ରୋଗରେ ପୀଡ଼ିତ ହେଉଛନ୍ତି। ତୁରନ୍ତ କୋଟପା ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ମୀର୍ ଅହମ୍ମଦ ଅଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

## ପ୍ରଥମ ମିଶାଇଲ ଲଞ୍ଚ୍‌କୁ ମନେପକାଇଲେ ଡିଆର୍‌ଡିଓ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୪।୫ (ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ରେ ଏକ ଶିକ୍ଷାଭିତ୍ତିକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଅର୍ଗାନାଇଜେଶନ (ଡିଆର୍‌ଡିଓ)ର ନିର୍ଦ୍ଦେଶକ ତଥା ମୁଖ୍ୟ ବୈଜ୍ଞାନିକ ଡ. ବିନୟ କୁମାର ଦାସ ଯୋଗଦେଇ ଭାରତର ଡିଫେନ୍ସ ଟେକ୍ନୋଲୋଜିର ବିକାଶ ବିଷୟରେ କହିଥିଲେ। ୧୯୮୯ରେ ଭାରତ ପ୍ରଥମ ଏଇ୦୧ ମିଶାଇଲ ଲଞ୍ଚ୍ କରିଥିବା ଐତିହାସିକ ଦିନକୁ ସେ ମନେପକାଇ କହିଥିଲେ। ଏହି ଦିନଟି ଭାରତର ପ୍ରତିରକ୍ଷା ଦିଗ୍‌ଦର୍ଶନକୁ ପରିବର୍ତ୍ତନ କରିଥିଲା। ଏଥିସହିତ ମିଜାଇଲ କିପରି କାମ କରେ, ଡିଫେନ୍ସ ଉପକରଣର ନୂଆ ପ୍ରଯୁକ୍ତି ଓ ଡିଆର୍‌ଡିଓର ଉଦ୍ୟମ ବିଷୟରେ ସେ ଆଲୋଚନା କରିଥିଲେ। ଆଧୁନିକ ମିଜାଇଲ ବ୍ୟବସ୍ଥା ଓ ତାହାର ଜାତୀୟ ତଥା ବିଶ୍ୱସ୍ତରରେ ବ୍ୟବହାର ବିଷୟରେ ସୂଚନା ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ଡ. ବିଭୂତି ଭୂଷଣ ବିଶ୍ୱାଳ, ଆଇଏନ୍‌ଇଏର କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡ. ରାଧାକାନ୍ତ ପାଢ଼ୀ ଏବଂ ବିଭିନ୍ନ ବିଭାଗର ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଓୟୁଟିଆର୍‌ର ଏକାଡେମିକ ଡିନ୍ ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ରେଜିଷ୍ଟ୍ରାର୍ ପ୍ରଫେସର ଆଶିଷ ଜେନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।




ଓୟୁଟିଆର୍‌ରେ ଆୟୋଜିତ ସେମିନାରରେ ଡିଆର୍‌ଡିଓ ନିର୍ଦ୍ଦେଶକ ଡ. ବିନୟ କୁମାର ଦାସଙ୍କ ସହ ଅନ୍ୟ ଅତିଥିମାନେ।

## ୧୨ ଲକ୍ଷ ଠକେଇ, ସାଇବର ଠକ ଗିରଫ

ଭୁବନେଶ୍ୱର,୨୪।୫(ଅନୁରାଧା ମହାରଣା)

କ୍ଲିଙ୍କଏକ୍ସ ସିକ୍ୟୁରିଟିଜ୍ ନାମକ ଏକ କମ୍ପାନୀରେ ନିବେଶକରି ମାସିକ ୭% ରିଟର୍ନ ଦେବା ଲୋଭ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୧୨ ଲକ୍ଷ ଟଙ୍କା ଠକେଇ ହୋଇଛି। ନୟାପଲ୍ଲୀ ଅଞ୍ଚଳର ମିଲନ୍ କୁମାର ବେଉରା ଏହି ଠକେଇର ଶିକାର ହୋଇଥିବାବେଳେ ଏନେଇ ସେ ଗତ ୭ ତାରିଖରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଇକୋନୋମିକ ଅଫେନ୍ସ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୮୧/୨୦୨୫) ରୁଜୁକରି ତଦନ୍ତ କରିବା ସହ ସମ୍ପୃକ୍ତ ଜଣେ ସାଇବର ଠକଙ୍କୁ ଗିରଫ କରିବା ସହ ୮,୩୯,୯୦୦ ଟଙ୍କା ଫ୍ରିଜ୍ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କେନ୍ଦ୍ରାପଡ଼ା ଜିଲା ନିକିରାଇ ଥାନା ଅନ୍ତର୍ଗତ କୋଲତିରା ଅଞ୍ଚଳର ପ୍ରମୋଦ କୁମାର ମହାନ୍ତି(୩୪)। ଏହାସହ ତାଙ୍କଠାରୁ ୩ଟି ମୋବାଇଲ ଫୋନ୍, ବନ୍ଧନ ବ୍ୟାଙ୍କର ଚେକ୍‌ବୁକ୍ ଓ ଡେବିଟ କାର୍ଡ, ପାନ୍‌କାର୍ଡ, ବୈଷ୍ଣବୀ ଏଣ୍ଟରପ୍ରାଇଜେଶ୍ ନାମରେ ଏକ ଫ୍ଲେକ୍ସ ପ୍ରିଣ୍ଟ, ନକଲି ଜିଏସ୍‌ଟି ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ(୨୧ସିଓ୍ୱାଇଏନ୍‌ପିପି୩୨୭୯ ଏଫ୍୧ଜେଡ୍୭) ଓ ଏକ ଅସଲି ଜିଏସ୍‌ଟି ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ଆଦି ଦସ୍ତାବିଜ ଜବତ କରାଯାଇଛି। ସୂଚନାଥାଉ କି, ସାଇବର ଠକଙ୍କ ପ୍ରଲୋଭନରେ ପଡ଼ି ମିଲନ୍ ନିବେଶ ପାଇଁ ଆଇଏମ୍‌ପିଏସ୍ ଏବଂ ଆର୍‌ଟିଜି ମାଧ୍ୟମରେ ୨ ଲକ୍ଷ ୫୦ ହଜାର, ୪ ଲକ୍ଷ ୫୦ ହଜାର ଓ ୫ ଲକ୍ଷ ଟଙ୍କା ପୈଠ କରିଥିଲେ। ତେବେ କମ୍ପାନୀ ପକ୍ଷରୁ ମିଳିଥିବା ପ୍ରତିଶ୍ରୁତି ପୂରଣ ନ ହେବାରୁ ମିଲନ ସାଇବର ଥାନାରେ ଅଭିଯୋଗ କରିଥିଲେ। ତେବେ ତଦନ୍ତ ସମୟରେ ଉକ୍ତ କମ୍ପାନୀର କୌଣସି ବ୍ରାଞ୍ଚ୍ ଅଫିସ୍ ନ ଥିବା ଜଣାପଡ଼ିଛି। ମାତ୍ର ଭୁବନେଶ୍ୱରରେ କମ୍ପାନୀର ପ୍ରତିନିଧି ସକ୍ରିୟ ଥିବାରୁ ସତର୍କ ରହିବାକୁ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ଉଠାଦୋକାନୀଙ୍କ ଦାବି ପୂରଣ ନେଇ ଆଲୋଚନା କଲେ କମିଶନର

### ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ସ୍ଥଗିତ ରଖିଲା ମହାସଂଘ

ଭୁବନେଶ୍ୱର, ୨୪।୫(ବନ୍ଦନା ସେଠୀ)

ଉଠାଦୋକାନ ଉଚ୍ଛେଦ ପ୍ରତିବାଦରେ ମେ' ୨୬ରେ ହେବାକୁଥିବା ମୁଖ୍ୟମନ୍ତ୍ରୀଙ୍କ ୨ନଂ. ଓ ୫ନଂ. ବାସଭବନ ଘେରାଉ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଛି। ଏନେଇ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ଦ୍ଧାରିତ ଦିନ ୨୦ ହଜାରରୁ ଉର୍ଦ୍ଧ୍ୱ ଉଠାଦୋକାନୀ ଏକାଠି ହୋଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବେ ବୋଲି ପୂର୍ବରୁ ଡାକରା ଦିଆଯାଇଥିଲା। ତେବେ ଏହାକୁ ଗୁରୁତ୍ୱର ସହ ନେଇ ଶନିବାର ବିଏମ୍‌ସି



ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ଉଠାଦୋକାନୀ ମହାସଂଘ ପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ସଭାପତିତ୍ୱରେ ଏକ ଜରୁରିକାଳୀନ ଆଲୋଚନା ହୋଇଥିଲା। କମିଶନର ମହାସଂଘର ମୋଟ୍ ୧୭ଟି ଦାବିରୁ ୧୪ଟିକୁ ମାନିବା ସହ ଖୁବ୍‌ଶୀଘ୍ର ଏହା ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ କମିଶନରଙ୍କ ପ୍ରତିଶ୍ରୁତିକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିବା ମହାସଂଘ ସଭାପତି ପ୍ରତାପ କୁମାର ସାହୁ ସୂଚନା ଦେଇଛନ୍ତି। ଆଲୋଚନା ସମୟରେ ମହାସଂଘ ପକ୍ଷରୁ ଓଡ଼ିଶା ଷ୍ଟ୍ରିଟ୍ ଭେଣ୍ଡର୍ସ ୱେଲ୍‌ଫେୟାର ବୋର୍ଡ ଗଠନ କରିବା, ଉଠାଦୋକାନୀ ଆଇନ ୨୦୧୪କୁ କାର୍ଯ୍ୟକାରୀ କରିବା, ସିଟି ମାଷ୍ଟରପ୍ଲାନ୍‌ରେ ଉଠାଦୋକାନୀଙ୍କ ପାଇଁ ସ୍ଥାନ ସଂରକ୍ଷଣ କରିବା, ଓଡ଼ିଶାର ସବୁ ସହରରେ ଟାଉନ ଭେଣ୍ଡିଂ କମିଟି ଗଠନ କରିବା, ବିଏମ୍‌ସି, ବିଡିଏ ଓ ଜିଏର ମିଳିତ ସ୍କ୍ୱାଡ୍‌ର ଆଇନ ବିରୋଧୀ କାର୍ଯ୍ୟକୁ ବନ୍ଦ କରିବା, ବିଏମ୍‌ସି ଓ ବିଡିଏରେ ଥିବା ତୃତୀୟ ସଂସ୍ଥାର କର୍ମଚାରୀମାନେ ଉଠାଦୋକାନୀମାନଙ୍କୁ ଖରାପ ବ୍ୟବହାର ବନ୍ଦ କରିବା, ନୂତନ ଟାଉନ ଭେଣ୍ଡିଂ କମିଟି ଗଠନ କରିବା ଆଦି ୧୭ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଆଲୋଚନାରେ ବିଏମ୍‌ସି ଡେପୁଟି କମିଶନର ଶୁଭେନ୍ଦୁ ସାହୁ, ଅଜୟ ମହାନ୍ତି, ପୋଲିସ ଆଇଆଇସି କମଳଲୋଚନ ଭୂୟାଁ, ମହାସଂଘର ସାଧାରଣ ସମ୍ପାଦକ ଅନୁଜ କୁମାର ପ୍ରଧାନ, ନିରଞ୍ଜନ ପାଣ୍ଡେ, ବିପିନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର



ବିଜେବି କଲେଜରେ ଶନିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୁକ୍ତ୨ ପରୀକ୍ଷାରେ ଭଲ ପ୍ରଦର୍ଶନ କରିଥିବା କଲେଜର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।




ଭୁବନେଶ୍ୱର କେଦାରନାଥ ଗବେଷଣା ପ୍ରତିଷ୍ଠାନଠାରେ ଗୁଣନିଧି ମହାପାତ୍ରଙ୍କ ଦ୍ୱାଦଶ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ବାଚସ୍ପତି ସୁରମା ପାଢୀ ଓ ଅନ୍ୟ ଅତିଥିମାନେ ସମାଜସେବୀ ନିରଞ୍ଜନ ମହାନ୍ତିଙ୍କୁ 'ଗୁଣନିଧି ସ୍ମୃତି ସମ୍ମାନ' ପ୍ରଦାନ କରୁଛନ୍ତି।

# ସୁଧୁରୁନି ସହରର ପରିମଳ ବ୍ୟବସ୍ଥା



ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହିଛି।

ଖୋର୍ଦ୍ଧା,୨୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବର୍ଷାଦିନକୁ ଦୃଷ୍ଟିରେ ରଖି ପୌର ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। ଶନିବାର ବର୍ଷା ହେବାରୁ ଡ୍ରେନ୍‌ରେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତା ଉପରେ ଜମି ରହିବା ସହ ଅଳିଆ ଆବର୍ଜନା ଭାସୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପଟେ ଡ୍ରେନ୍ ପୋଟିହୋଇପଡ଼ିଥିବା ବେଳେ ଅଳିଆ ଆବର୍ଜନା ଜମିରହି ପଚି ଦୁର୍ଗନ୍ଧ ହେଉଛି। ଫଳରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବଢୁଛି। ସେହିପରି ସହରର ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ଏକାଧିକ ଗଳିକନ୍ଦିରେ ଅଳିଆ ଆବର୍ଜନା ପଡ଼ି ରହୁଛି। ପରିମଳ ନାଁରେ ଅର୍ଥ ହରିଲୁଟ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ପୁରୁଣା ମେଡିକାଲ ରାସ୍ତାରେ ଦୟନୀୟ ସ୍ଥିତି ରହିଛି। ତହସିଲ ଅଫିସଠାରୁ ପେଟ୍ରୋଲ ପମ୍ପକୁ ସଂଯୋଗ କରୁଥିବା ରାସ୍ତା ସାରା ପ୍ଲାଷ୍ଟିକ, ପଲିଥିନ, ଅଳିଆ ଆବର୍ଜନା ଗଦା ହୋଇ ରହିଛି। ସମାନ ଦୃଶ୍ୟ ରହିଛି ନୟାଗଡ ରୋଡ। ପୁରୁଣା ବସଷ୍ଟାଣ୍ଡରୁ ଟ୍ରାଫିକ ଛକ, ଗୋପିପୋଖରୀ ଛକ ପର୍ଯ୍ୟନ୍ତ ରାସ୍ତା ଉପରେ ଅଳିଆ ଆବର୍ଜନା ପଡ଼ି ରହିଛି। ସେହିଭଳି ନୂଆ ବସଷ୍ଟାଣ୍ଡ ରୋଡ, ବସଷ୍ଟାଣ୍ଡ ପରିସର, ପଲା ଛକ ସମେତ ସମସ୍ତ ସାହି ଗଳିକନ୍ଦିରେ ରହିଥିବା ଡ୍ରେନରେ ପାଣି ନିଷ୍କାସନ ହୋଇ ନ ପାରି ଅଳିଆ ଆବର୍ଜନା ରାସ୍ତା ଉପରେ ଭାସୁଛି। ପ୍ରକାଶ ଯେ, ଖୋର୍ଦ୍ଧା ସହରର ଅଧିକାଂଶ ଡ୍ରେନ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଡ୍ରେନ ପଥର ଖସି ଭୁଷୁଡ଼ିପଡିଲାଣି। ଏପରିକି ଏକାଧିକ ଡ୍ରେନକୁ ମାଟି ଅଡଠା ଖସି ପୋଟିହୋଇଲାଣି। ଡ୍ରେନ ପୋଟି ହୋଇପଡିଥିବା ବେଳେ ପାଣିବୋତଲ, ପ୍ଲାଷ୍ଟିକ, ପଲିଥିନ ଆଦି ଅଳିଆ ଆବର୍ଜନା ପଚି ଦୁର୍ଗନ୍ଧ ହେଉଛି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହି, ସାମନ୍ତରାପୁର ଛକ ଠାରୁ ଉପରସାହି, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ପୌର କାର୍ଯ୍ୟାଳୟ ପାର୍ଶ୍ୱ ଡ୍ରେନ, ଉପଜିଲାପାଳଙ୍କ ବାସଭବନ ପାର୍ଶ୍ୱ ଡ୍ରେନ ସଫା କରାଯାଉନାହିଁ। ଏଠାରେ ଅଳିଆ, ଆବର୍ଜନା ପଡ଼ି ପୂତିଗନ୍ଧମୟ ହେଲାଣି। ଏଥିସହ ବର୍ଷା ହେଲେ ପାଣି ନିଷ୍କାସନ ହୋଇ ନ ପାରି ରାସ୍ତାରେ ଜମି ରହୁଛି। ମୌସୁମୀ ପ୍ରବେଶ କରିବା ପୂର୍ବରୁ ସମସ୍ତ ସହରାଞ୍ଚଳରେ ଡ୍ରେନ ସଫା କରିବା ସହ ଫୁଟ୍ଟା ଡ୍ରେନ ଉପରେ ସ୍ଲାବ ପକାଇବା ପାଇଁ ରାଜ୍ୟ ଗୃହ ନିର୍ମାଣ ବିଭାଗ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଥିଲେ। ତେବେ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ବର୍ଷାଦିନକୁ ଦୃଷ୍ଟିରେ ରଖି କୌଣସି ବ୍ୟବସ୍ଥା କରାଯାଇନାହିଁ। ବର୍ଷାହେଲେ ରାସ୍ତାରେ ଅଳିଆ ଆବର୍ଜନା ଭାସୁଥିବା ନଜିର ରହିଛି। ସହରର ମୁଖ୍ୟ ଡ୍ରେନକୁ ବାଦ୍ ଦେଲେ, ସହରର ଗଳିକନ୍ଦିରେ ଡ୍ରେନକୁ ମାଟି ଉଠାଯାଉନାହିଁ। ବର୍ଷାଦିନ ଆସିଲେ ପ୍ରଶାସନର ଡ୍ରେନ ସଫା କଥା ମନେ ପଡିଥାଏ। ତେବେ କେବଳ ପାଣି ଜମୁଥିବା ଅଞ୍ଚଳକୁ ବାଦ୍ ଦେଲେ ଅନ୍ୟ ଡ୍ରେନର ପୁନରୁଦ୍ଧାର କିମ୍ବା ଡ୍ରେନ ସଫେଇ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ।

### ଏମାନେ ଯାହା କୁହନ୍ତି...

"ଦୀର୍ଘ ବର୍ଷ ହେବ ଖୋର୍ଦ୍ଧା ସହରରେ ଏହି ସମସ୍ୟା ଲାଗିରହିଛି। ବର୍ଷାଦିନ ଆସିଲେ ପୌର ପ୍ରଶାସନ ପକ୍ଷରୁ ଲୋକଦେଖାଣିଆ ଡ୍ରେନ ସଫା କରାଯାଉଛି। ଅନ୍ୟଦିନଗୁଡ଼ିକରେ ସମାନ ସମସ୍ୟା ରହୁଛି। ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

-ଅବଧୂତ ହରିହର ଖାଉଙ୍ଗା, ଯୁବନେତା

"ଡ୍ରେନ୍ ମରାମତି କରାଯାଉ ନାହିଁ। ଏପରିକି ପୋତିହୋଇ ରହିଥିବା ଡ୍ରେନ୍ ମଧ୍ୟ ସଫେଇ କରାଯାଉନାହିଁ। ଗତବର୍ଷ ସମାନ ଅବସ୍ଥା ରହିଥିବା ବେଳେ ଚଳିତବର୍ଷ ମଧ୍ୟ ସମାନ ସମସ୍ୟା ରହିଛି। ପୌର ପ୍ରଶାସନ ପକ୍ଷରୁ ଡ୍ରେନ ସଫେଇ ନ ହେବାରୁ ସହରବାସୀ ଦୁର୍ଦ୍ଦଶା ଭୋଗୁଛନ୍ତି।

- ବସନ୍ତ ଦାସ, ଆଇନଜୀବୀ

"ପରିମଳ ସୁଧାରିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ତେବେ ସବୁ କିଛି ସରକାରୀ କାଗଜକଲମରେ ଚାଲିଛି, କୌଣସି ପରିବର୍ତ୍ତନ ନାହିଁ। ପୌର ନିର୍ବାଚନ ପରେ ନବନିର୍ବାଚିତ ଜନପ୍ରତିନିଧି ଏଥିପ୍ରତି ଗୁରୁତ୍ୱ ଦେବା ପରିବର୍ତ୍ତେ ସଭାସମିତି ଏବଂ ବୈଠକରେ ସୀମିତ ରହୁଛନ୍ତି।

- ସ୍ୱପନ ପଟ୍ଟନାୟକ, ସାମାଜିକ କର୍ମୀ

"ଡ୍ରେନ ସଫେଇ ପାଇଁ ପଦକ୍ଷେପ ନିଆଯାଉଛି। ପ୍ରାଥମିକ ପର୍ଯ୍ୟାୟରେ ୱାର୍ଡ ଲଗାଏ ରହିଥିବା ଡ୍ରେନଗୁଡ଼ିକର ସଫେଇକୁ ଗୁରୁତ୍ୱ ଦିଆଯାଉଛି ଯେପରି ବର୍ଷା ଆସିଲେ ରାସ୍ତାରେ ପାଣି ଜମିବ ନାହିଁ। ପର୍ଯ୍ୟାୟକ୍ରମେ ସମସ୍ତ ଡ୍ରେନ ସଫେଇ କରାଯିବ।

- ରିଜ୍ୱାନ କଥକ୍, ପୌର ନିର୍ବାହୀ ଅଧିକାରୀ

## ରାସ୍ତାରେ ବର୍ଷାଜଳ, ଲୋକେ ହଇରାଣ



ବେଗୁନିଆ,୨୪।୫(ସନ୍ଧ୍ୟାରାଣୀ ମିଶ୍ର)

କାଳବୈଶାଖୀ ପ୍ରଭାବରେ ବର୍ଷା ଯୋଗୁ ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପଦର ଗ୍ରାମ ରାସ୍ତାରେ ବର୍ଷାଜଳ ଜମି ରହିଛି। ନିଷ୍କାସନ ପାଇଁ ଡ୍ରେନେଜ ସୁବିଧା ନ ଥିବାରୁ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଲୋକେ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷାଜଳ ନିଷ୍କାସନ ପାଇଁ ଆଗାମୀ ଦିନରେ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ବେଗୁନିଆ ପୂର୍ତ୍ତ ବିଭାଗ ଅଧୀନରେ ହୋଇଥିବା କୋଟପଲ୍ଲୀ-ପାଣିକୋଇଲି ରାସ୍ତା କାର୍ଯ୍ୟ ଦୁଇ ମାସ ହେବ ଶେଷ ହୋଇଛି। ତେବେ କାର୍ଯ୍ୟ ହେଉଥିବା ସମୟରେ ମଲ୍ଲୀପଦର ଗ୍ରାମବାସୀ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ଦାବିକରିଥିଲେ ମଧ୍ୟ କେହି କର୍ଣ୍ଣପାତ କଲେ ନାହିଁ। ଫଳରେ ଲୋକେ ହଇରାଣ ହେଉଛନ୍ତି। ବର୍ଷାଦିନ ଆସିବା ପୂର୍ବରୁ ଡ୍ରେନେଜ ବ୍ୟବସ୍ଥା କରିବା ପାଇଁ ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ବେହେରା, ସମିତିସଭ୍ୟ ଶିଶିର କୁମାର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ମହାନ୍ତି, ସମାଜସେବୀ ବିଦ୍ୟାଧର ମହାରଣା, ରବୀନ୍ଦ୍ର ନାଥ ବାରିକ, ମାଗୁଣି ସାମନ୍ତରାୟଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଗଣ୍ଡଗୋଳ ଘଟଣାରେ ୩ ଯୁବକ ଗିରଫ

ବୋଲଗଡ଼,୨୪।୫(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି। ଗତ ହୋଲି ପର୍ବ ସମୟରେ ଘଟିଥିବା ଏକ ଗଣ୍ଡଗୋଳ ଘଟଣାକୁ ନେଇ ପରେ ଜଣେ କଲେଜ ଛାତ୍ରଙ୍କୁ କେତେଜଣ ଯୁବକ ମାରପିଟ କରି ଭୁଲ ମଗାଇବା ଘଟଣା ଥାନାରେ ଅଭିଯୋଗ ହୋଇଥିବା ବେଳେ ପୋଲିସ ଏକ ମାମଲା (ନଂ. ୧୦୮/୨୫) ରୁଜୁ କରି ଶନିବାର ୩ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୋଲଗଡ଼ର ଅନିଲ ବରାଡ(୧୭), ଇଚ୍ଛାପୁରର ସରତାଜ ମଲ୍ଲିକ(୨୨), ମୀର ଅଫସର ଅଲ୍ଲୀ ଖାଁ (୨୦)। ସୂଚନା ଅନୁଯାୟୀ, ଗତ ହୋଲିପର୍ବରେ ଡ଼ାବରଧୁଆ ପାଟଣା ଗ୍ରାମର କଲେଜ ଛାତ୍ର ଉମେଶ ପରିଡ଼ା(୨୦) ଗ୍ରାମ ନିକଟସ୍ଥ ଏକ ପଡ଼ିଆରେ ସାଙ୍ଗମାନଙ୍କ ସହ ରଙ୍ଗ ଖେଳୁଥିବା ବେଳେ କେତେଜଣ ଯୁବକ ନିଶାସକ୍ତ ଅବସ୍ଥାରେ ସେଠାରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ସେମାନଙ୍କୁ ଉମେଶ ଓ ତାଙ୍କ ସାଙ୍ଗମାନେ ସେଠାରୁ ଘଉଡାଇ ଦେଇଥିଲେ। ତେବେ ଏହାର କିଛିଦିନ ପରେ ଉମେଶଙ୍କୁ ଏକୁଟିଆ ପାଇ ଉପରୋକ୍ତ ଅଭିଯୁକ୍ତଙ୍କ ସହ ଅନ୍ୟ କେତେଜଣ ତାଙ୍କୁ ଏକ ନିକାଞ୍ଚନ ସ୍ଥାନକୁ ନେଇ ମାରପିଟ କରିବା ସହ ବନ୍ଧୁକ ଦେଖାଇ ଭୁଲ ସ୍ୱୀକାର କରିବାକୁ ବାଧ୍ୟ କରିଥିଲେ। ଏନେଇ ସେ ଶୁକ୍ରବାର ବୋଲଗଡ଼ ଥାନାରେ ଅଭିଯୋଗ କରିବା ପରେ ଉପରୋକ୍ତ ୩ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ଆଇ ଲିଲି ପାଢ଼ୀ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବେଗୁନିଆ,୨୪।୫(ହର ପ୍ରସନ୍ନ ପଣ୍ଡା)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ବେଗୁନିଆ ମହାବିଦ୍ୟାଳୟ ପକ୍ଷରୁ ଶନିବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧକ୍ଷା ଡ.ସବିତାଞ୍ଜଳି ସେନାପତି ଏବଂ ଅଧାପକ ଜୟକୃଷ୍ଣ ପାଣିଗ୍ରାହୀଙ୍କ ସହିତ ସମସ୍ତ ଅଧାପିକା, ଅଧାପକ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପ୍ରକାଶ ଯେ, ଉକ୍ତ ମହାବିଦ୍ୟାଳୟର କଳାରେ ୨୧୭ ଓ ବିଜ୍ଞାନରେ ୪୦ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବିଜ୍ଞାନରେ ୯୭% ପ୍ରତିଶତ ଏବଂ କଳାରେ ୭୫% ପ୍ରତିଶତ ପାସହାର ରହିଛି। ତେବେ କଳାରେ ୧୬୩ଜଣ ପାସ କରିଥିବା ବେଳେ ୫୪ଜଣ ଛାତ୍ରୀଛାତ୍ର ଫେଲ ହୋଇଛନ୍ତି। ଛାତ୍ରୀ ସରସ୍ୱତୀ ଦାସ ସର୍ବାଧିକ ୫୨୦ ନମ୍ବର ରଖିଥିବା ବେଳେ ଛାତ୍ରୀ ମିକି ସାହୁ ୪୯୪ ଏବଂ ଛାତ୍ର ମହାଜନ ବିବେକ ସାହୁ ୪୮୩ ନମ୍ବର ରଖି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ସେହିପରି ବିଜ୍ଞାନରେ ୩୯ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଜଣେ ଫେଲ ହୋଇଛନ୍ତି। ବିଶଜିତ୍ ସାହୁ ସର୍ବାଧିକ ୪୮୫ ନମ୍ବର ରଖିଥିବା ବେଳେ ଅର୍ଚ୍ଚିତା ସାହୁ ୪୭୨ ଏବଂ କୃଷ୍ଣଚନ୍ଦ୍ର ପାଇକରାୟ ୪୪୮ ନମ୍ବର ରଖିଛନ୍ତି।

## ୬ ଗୋରୁ ଉଦ୍ଧାର, ଜଣେ ଗିରଫ

କଳାପଥର,୨୪।୫(ଗଙ୍ଗାଧର ସାହୁ)

ବୈଦେଶ୍ୱର ପୋଲିସ ୬ଗୋରୁଙ୍କୁ ଉଦ୍ଧାର କରିବା ସହ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଅଜାଦ ଖାଁ। ସୂଚନା ମୁତାବକ, ଖଜୁରୀପଦା ଅଞ୍ଚଳରୁ ବେଗୁନିଆର କୁଶପଲ୍ଲାକୁ ଏକ ପିକ୍‌ଅପ୍ ଭ୍ୟାନ(ଓଡି ୦୨ସିବି ୦୬୧୩)ରେ ଗୋରୁଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ପୋଲିସ ଚଢ଼ାଉ କରି ପିକ୍‌ଅପ୍ ଭ୍ୟାନ ଜବତ କରିବା ସହ ଗୋରୁଙ୍କୁ ଉଦ୍ଧାର କରିଥିଲା। ଗୋରୁଙ୍କ ନିକଟ ଗୋଶାଳାରେ ଛଡ଼ାଯାଇଛି ବୋଲି ଥାନା ଅଧିକାରୀ ସଞ୍ଜୟ ଜେନା କହିଛନ୍ତି।

## ତାଳପତ୍ର ପୋଥି ପଠନ

ବେଗୁନିଆ,୨୪।୫(ସନ୍ଧ୍ୟାରାଣୀ ମିଶ୍ର)

ବଡ଼ବେରେଣାର ସଡ଼କ ସାହିରେ ଶ୍ରୀରାମ ନବମୀଠାରୁ ପ୍ରତିଦିନ ସନ୍ଧ୍ୟାରେ ରାମଲୀଳା ପୋଥି ପଠନ ହେଉଥିଲା। ଅନଙ୍ଗ ନରେନ୍ଦ୍ରଙ୍କ ଦ୍ୱାରା ରଚିତ ଏବଂ ସ୍ୱର୍ଗତ କାହ୍ନୁ ମାଝିଙ୍କ ଦ୍ୱାରା ତାଳପତ୍ରରେ ଲିଖିତ ପୁରାଣ ପଠନ ହୋଇଥିଲା। ଉଦ୍‌ଯାପନ ଦିବସରେ ଶେଷ ବନ୍ଦନା ଉଠ ରାମ ପାହିଲା ରଜନୀ ଶ୍ରଦ୍ଧାଳୁଙ୍କ ମନକୁ ଛୁଇଁଥିଲା। ନୀଳମଣି ମାଝୀ, ବ୍ରଜବନ୍ଧୁ ବେହେରା, ଭଗବାନ ପଣ୍ଡା, ଭଗବାନ ମହାନ୍ତି, ମନମୋହନ ପଣ୍ଡା, ଉମାକାନ୍ତ ରଣା, ଓମ୍‌ପ୍ରକାଶ ମହାପାତ୍ର, ଅଂଶୁମାନ ପଣ୍ଡା, ପ୍ରାଣନାଥ ପ୍ରଧାନ, ଚିନ୍ମୟ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭାଧାରୀ।

ବେଗୁନିଆ,୨୪।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ କୁରାଡ଼ିଲୋ ଗ୍ରାମରେ ତିନିଦିନଧରି ଚାଲିଥିବା ବିଂଶତମ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାଧାକାନ୍ତଜୀଉ ନାଟ୍ୟ ସଂସଦ ପକ୍ଷରୁ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା', ଗୋପୀନାଥଜୀଉ ନାଟ୍ୟ ସଂସଦ ପକ୍ଷରୁ 'କାନ୍ଦେନା ଲୁହ ସରିଯିବ' ଏବଂ 'କିଏ କାନ୍ଦି ନାହିଁ ହାତ ଟେକ' କଳାକାରଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଗ୍ରାମ କମିଟି ସଭାପତି ଶ୍ୟାମ ସୁନ୍ଦର ବରିଶଲଙ୍କ ଅଧ୍ୟକ୍ଷତା ଏବଂ କଳାକାର ବୀରେନ୍ଦ୍ର କୁମାର ଲେଙ୍କାଙ୍କ ସଂଯୋଜନାରେ ଆଇନଜୀବୀ ତଥା ସାମାଜିକକର୍ମୀ ନିର୍ଭୟ କୁମାର ସାମନ୍ତରାୟ ମୁଖ୍ୟ ଅତିଥି, ଅବସରପ୍ରାପ୍ତ କୃଷି ଅଧିକାରୀ ପ୍ରସନ୍ନ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ବୀରେନ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ନାଟକ ସୁପ୍ତ ପ୍ରତିଭାକୁ ଜାଗ୍ରତ କରିବାର ସୁଯୋଗ ଦେଇଥାଏ ବୋଲି କହିଥିଲେ। ଏହି ଅବସରରେ ଯାତ୍ରା ନିର୍ଦ୍ଦେଶକ ଦୀପକ ପ୍ରଧାନଙ୍କୁ 'ଗୁରୁଶ୍ରୀ'ଉପାଧିରେ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ଗୋପୀନାଥଜୀଉ ନାଟ୍ୟ ସଂସଦ ସମ୍ପାଦକ ଦେବରାଜ ଲେଙ୍କା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ନାଟକ ପ୍ରତିଯୋଗିତାରେ କାନ୍ଦେନା ଲୁହ ସରିଯିବ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲା। ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

ବେଗୁନିଆ,୨୪।୫(ସନ୍ଧ୍ୟାରାଣୀ ମିଶ୍ର)

ଅତ୍ରି ଗ୍ରାମର ଏକାଦଶ ରୁଦ୍ର ଡ୍ରାମାଟିକ କ୍ଲବ ପକ୍ଷରୁ ଗତ ବୁଧବାର ତୃତୀୟ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ ସାହୁ, ପ୍ରଶାନ୍ତ ଜଗଦ୍ଦେବ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତିସଭ୍ୟ ନବନିତା ମହାନ୍ତି, ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ଶଶିଭୂଷଣ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପରେ ନାଟକ ମଞ୍ଚସ୍ଥ ହୋଇଥିଲା।

# ସାବିତ୍ରୀ ବ୍ରତ ପାଇଁ ଜମୁଛି ଫଳ ବେପାର

ବାଘମାରୀ/କଳାପଥର,୨୪।୫
(ମିହିର ରଞ୍ଜନ ମହାପାତ୍ର/ଗଙ୍ଗାଧର ସାହୁ)



ସାବିତ୍ରୀ ବ୍ରତ ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ବାଘମାରୀ ଏବଂ କଳାପଥର ବଜାର। ରାସ୍ତାକଡ଼, ଛକ ଓ ବଜାରରେ ଫଳ ବ୍ୟବସାୟୀ ପସରା ମେଲାଇଛନ୍ତି। ସାବିତ୍ରୀ ବ୍ରତ ପାଳନ ନିମନ୍ତେ ଆବଶ୍ୟକ ସାମଗ୍ରୀକୁ ବେପାରୀମାନେ ଉଚ୍ଚା ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଅବଶ୍ୟ ବିଭିନ୍ନ ସ୍ଥାନରେ ଚାହିଦା ଅନୁସାରେ ରେଟ୍ କମ୍ ଓ ଅଧିକ ରହିଛି। କଦଳୀ ଡଜନ ୭୦ରୁ ୮୦ଟଙ୍କା, ସପୁରି ଗୋଟାକ ୫୦ଟଙ୍କା, ତରଭୁଜ କେଜି ୨୦ଟଙ୍କା, ସେଓ କେଜି ୧୫୦ଟଙ୍କା, ଲିଚୁ କେଜି ୧୫୦ରୁ ୨୦୦ଟଙ୍କା, ନଡ଼ିଆ ଗୋଟା ୪୦ରୁ ୫୦ଟଙ୍କା, କାକୁଡି କିଲୋପିଛା ୩୦ରୁ ୪୦ଟଙ୍କା, ପଣସ ଗୋଟିଏ ପିଛା ୫୦ରୁ ୩୫୦ଟଙ୍କା ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଦରଦାମରେ କଳାବଜାରୀ ରୋକିବାକୁ ବିଭାଗୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ପାଳନ ପାଇଁ ପ୍ରସ୍ତୁତି

ବେଗୁନିଆ,୨୪।୫
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାରେ ଥିବା ସର୍ବପୁରାତନ ଆଦର୍ଶ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟକୁ ୧୦୦ବର୍ଷ ପୂରଣ ହେବ। ଆଡ଼ମ୍ବରରେ ପୂର୍ତ୍ତି ଉତ୍ସବ ପାଳନ ପାଇଁ ଆସନ୍ତା ଡିସେମ୍ବର ମାସକୁ ଧାର୍ଯ୍ୟ କରାଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ଶନିବାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବିଦ୍ୟାଳୟର ୩୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ସାହୁ ବୈଠକରେ ବିବରଣୀ ପାଠ କରିଥିବା ବେଳେ ସ୍ମୃତି ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ୧୯୨୫ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟର ପୂର୍ତ୍ତି ଉତ୍ସବ ପାଳନକୁ ସରସ, ସୁନ୍ଦର ଏବଂ ପରିଚାଳନା ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କ ସହଯୋଗ ଏକାନ୍ତ କାମ୍ୟ ବୋଲି ସଭାପତି ସୁନ୍ଦରାୟ କହିଥିଲେ। ଆସନ୍ତା ଜୁନ ୮ରେ ତୃତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ଶେଷରେ ଶିକ୍ଷାବିତ୍ ଭାଗୀରଥି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।



ବୈଠକରେ ବିଦ୍ୟାଳୟର ପୁରାତନ ଛାତ୍ର ଏବଂ ଅନ୍ୟମାନେ।

# ଡ୍ରେନ୍ ନିର୍ମାଣ ନିଷ୍ପତ୍ତିକୁ ବିରୋଧ

ବାଣପୁର,୨୪।୫ (ଦିଲୀପ କୁମାର ସ୍ୱାଇଁ)

ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ୧୦ନମ୍ବର ୱାର୍ଡ ଅନ୍ତର୍ଗତ ଭଗବତୀ ପାଟଣା ସାହିର ବାସିନ୍ଦାଙ୍କ ପକ୍ଷରୁ ଡ୍ରେନ୍ ନିର୍ମାଣ ନିଷ୍ପତ୍ତିକୁ ବିରୋଧ କରାଯାଇଛି। ଉକ୍ତ ସାହିର ରାସ୍ତା ବାଣପୁର ପୋଷ୍ଟ ଅଫିସଠାରୁ ଧର୍ମଶାଳା ଛକ ପର୍ଯ୍ୟନ୍ତ ଲମ୍ବିଛି। ଏହା ବ୍ୟବହାର ଅଯୋଗ୍ୟ, ଅପରିଷ୍କାର ଏବଂ ପୂତିଗନ୍ଧମୟ ହୋଇ ପଡ଼ିରହିଥିଲା। ଏନେଇ ପରିଷଦ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିବା ପରେ ଏକ ବର୍ଷ ତଳେ ଫେବର ବ୍ଲକ ପକାଯାଇ ରାସ୍ତା ସର୍ବସାଧାରଣଙ୍କ ବ୍ୟବହାରଯୋଗ୍ୟ କରାଯାଇଛି। ଉକ୍ତ ୱାର୍ଡରେ ଉଦବୃତ୍ତ ଜଳ ପାଇଁ ଡ୍ରେନର ଆବଶ୍ୟକ ନ ଥିବା ବେଳେ ପରିଷଦ ପକ୍ଷରୁ ପୋଷ୍ଟ ଅଫିସଠାରୁ ୫୦ମି. ପରେ ଧର୍ମଶାଳା ଛକ ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଡ୍ରେନ୍ ନିର୍ମାଣ ପାଇଁ ଯୋଜନା କରାଯାଇଥିବା ଜଣାପଡ଼ିଛି। ତେବେ ଡ୍ରେନ୍ ନିର୍ମାଣ ହେଲେ ସୁନ୍ଦର ରାସ୍ତା ନଷ୍ଟ ହେବା ସହ ରାସ୍ତା ସଙ୍କୀର୍ଣ୍ଣ ହେବ। ଏଥିସହ ସାହିସାରା ଦୁର୍ଗନ୍ଧମୟ ହୋଇ ପରିବେଶ ପ୍ରଦୂଷଣ ସହ ବିଭିନ୍ନ ରୋଗରେ ଲୋକେ ଆକ୍ରାନ୍ତ ହେବେ। ଡ୍ରେନ୍ ନିର୍ମାଣ ନିଷ୍ପତ୍ତିକୁ ସ୍ଥାନୀୟ ବାସିନ୍ଦା ପକ୍ଷରୁ ବିରୋଧ କରାଯିବା ସହ ଗତ ୧୭ତାରିଖରେ ଅଭିଯୋଗପତ୍ର ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହି ଅଧିକାରୀ, ତହସିଲଦାର, ଜିଲାପାଳ ଏବଂ ଆଇନମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଅନ୍ୟପଟେ ଶୁକ୍ରବାର ସ୍ଥାନୀୟ ଏନ୍‌ଏସି ପ୍ରଶାସନ, ତହସିଲଦାର, ବାଣପୁର ଥାନା ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୁଖ ସଦଳବଳେ ପହଞ୍ଚି ଜେସିବି ଦ୍ୱାରା ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ଫଳରେ ପ୍ରଶାସନ ଉଚ୍ଛେଦ ନ କରି ଫେରିଯାଇଥିଲା। ଏ ସମ୍ପର୍କରେ ଅଞ୍ଚଳର ବାସିନ୍ଦା ଆଇନଜୀବୀ ଗୌରୀ ଶଙ୍କର ଷଡ଼ଙ୍ଗୀ କହିଛନ୍ତି, ପ୍ରଶାସନ ପକ୍ଷରୁ ନିରପେକ୍ଷ ଭାବେ ମାପଚୁପ ନ ହୋଇ ଡ୍ରେନ ନିର୍ମାଣ କରାଗଲେ ବିରୋଧ କରାଯିବ। ଅନ୍ୟପକ୍ଷରେ ନଗରପାଳ ମିଟୁ ନାୟକ କହୁନ୍ତି, ସରକାରୀ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ।



ଉଚ୍ଛେଦକୁ ଭଗବତୀ ପାଟଣା ସାହିର ଲୋକମାନେ ବିରୋଧ କରୁଛନ୍ତି।

# ଗର୍ଭଗୃହରୁ ବାଲି କଢ଼ା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

**କୋଣାର୍କ,୨୪।୫(ଜ୍ୟୋତିରାଜ ମହାନ୍ତି)**



ସୂର୍ଯ୍ୟ ମନ୍ଦିରରେ ଏଏସ୍ଆଇର ୧୫ ଜଣିଆ ବିଶେଷଜ୍ଞ ଟିମ୍ ।

କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ମହାନିର୍ଦ୍ଦେଶକ ଯଦୁବୀର ସିଂ ରାୱତଙ୍କ ସମେତ ୧୫ ଜଣିଆ ବିଶେଷଜ୍ଞ ଟିମ୍ ଶନିବାର ପୂର୍ବାହ୍ନରେ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛି। ଏଥିସହ ମନ୍ଦିର ଗର୍ଭଗୃହରେ ଭର୍ତ୍ତି କରାଯାଇଥିବା ବାଲିକୁ ଜଗମୋହନରୁ କଢାଯିବା ନେଇ ସ୍ଥିତି ଅନୁଧାନ କରିଛି।

ସୂର୍ଯ୍ୟ ମନ୍ଦିରର ପ୍ରାଚୀନ କଳାକୃତି, ସ୍ଥାପତ୍ୟ, କାରୁକାର୍ଯ୍ୟ ଓ ଭାସ୍କର୍ଯ୍ୟ ବିଶ୍ୱର କୋଣାନୁକୋଣରେ ପରିଚିତ। ଏହି ପ୍ରାଚୀନ ସୂର୍ଯ୍ୟମନ୍ଦିରକୁ ସାମୁଦ୍ରିକ ଭୂସ୍ଖଳନ ଓ ଲୁଣା ପବନ ଦାଉରୁ ସୁରକ୍ଷା ପ୍ରଦାନ କରିବା ଲାଗି ୧୯୦୩ ମସିହାରେ ଏସିଏଟିକ ସୋସାଇଟି ମାଧ୍ୟମରେ ସୂର୍ଯ୍ୟ ମନ୍ଦିରର ଗର୍ଭଗୃହରେ ବାଲି ଭର୍ତ୍ତି କରାଯାଇଥିଲା। ୧୦୦ ବର୍ଷରୁ ଊର୍ଦ୍ଧ୍ୱସମୟ ଧରି ମନ୍ଦିରର ଗର୍ଭଗୃହରେ ଭର୍ତ୍ତି ବାଲି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ ମନ୍ଦିର ଚତୁଃପାର୍ଶ୍ୱରେ ବର୍ଷାଜଳ ଜମିବାରୁ ତାହା ଦବିବା ଦ୍ୱାରା ମନ୍ଦିର ପ୍ରତି ବିପଦ ଆଶଙ୍କା ଦେଖାଦେଇଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନପୂର୍ବକ ସୂର୍ଯ୍ୟମନ୍ଦିର ଗର୍ଭଗୃହରେ ଥିବା ବାଲି କାଢିବାକୁ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୦୦୭ଠାରୁ ବିଭିନ୍ନ ପର୍ଯ୍ୟାୟରେ କର୍ମଶାଳା ଓ ବିଶେଷଜ୍ଞଙ୍କୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଲୋଚନାରୁ ବାହାରିଥିବା ନିର୍ଯାସକୁ ଭିତ୍ତିକରି ଏଏସ୍ଆଇ କର୍ତ୍ତୃପକ୍ଷ ଓ ବିଡିଆର୍ ନିର୍ମାଣ ବିଭାଗ ପକ୍ଷରୁ ୨୦୨୨ ସେପ୍ଟେମ୍ବର ୮ରେ ମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବାକୁ ଭୂମି ପୂଜନ ଓ ହୋମଯଜ୍ଞ ଆଦି ଆୟୋଜିତ ହୋଇଥିଲା। ୨୦୨୩ ଜାନୁଆରୀରେ ମନ୍ଦିର ପାଦଦେଶରେ ପ୍ଲାଟଫର୍ମ କାର୍ଯ୍ୟ ଆରମ୍ଭ ହୋଇ ଚତୁଃପାର୍ଶ୍ୱର ସୁରକ୍ଷା ପାଇଁ ଲୁହାପାଇପ ବନ୍ଧା ଯାଇଥିଲା। ସମସ୍ତ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲେ ସୁଦ୍ଧା ଗର୍ଭଗୃହରୁ ବାଲି କାଢ଼ିବା ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଛି। ଯାହାକୁ ନେଇ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିଥିବା ୧୫ ଜଣିଆ ବିଶେଷଜ୍ଞ ଟିମ୍ ବିରକ୍ତି ପ୍ରକାଶ କରିଥିଲା। ଏଥିସହ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବିଶେଷଜ୍ଞ ଟିମ୍, ଏଏସ୍ଆଇ ଏଡିଜିଙ୍କ ସହିତ ଡିଜି ରାୱତ ବାଲି କାଢ଼ିବା ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟମନ୍ଦିର ପରିସରରେ ପୂଜାର୍ଚ୍ଚନା ହୋଇଥିଲା। ମନ୍ଦିରର ଉତ୍ତର ପଶ୍ଚିମ ଦ୍ୱାରରେ ଟନେଲ ନିର୍ମାଣ କରାଯାଇ ବିଶେଷଜ୍ଞ ଟିମ୍ ଓ ଏଏସ୍ଆଇ ବରିଷ୍ଠ ଅଧିକାରୀଙ୍କ ପରାମର୍ଶକ୍ରମେ ନିଷ୍ପତ୍ତି ହୋଇ ଗର୍ଭଗୃହରୁ ବାଲି କାଢ଼ିବା ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଏଏସ୍ଆଇ ମହାନିର୍ଦ୍ଦେଶକ ରାୱତ ମତବ୍ୟକ୍ତ କରିଛନ୍ତି।

## ଏଏସ୍ଆଇର ୧୫ ଜଣିଆ ବିଶେଷଜ୍ଞ ଟିମ୍‌ର ସୂର୍ଯ୍ୟ ମନ୍ଦିର ପରିଦର୍ଶନ

ଗସ୍ତ ସମୟରେ ଏଏସ୍ଆଇର ଏଡିଜି, ନିର୍ଦ୍ଦେଶକ ସଂରକ୍ଷଣ, ଏଏସ୍ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡିବି ଗଡ଼ନାୟକ, ସୁପରିଣ୍ଟେଣ୍ଡେଣ୍ଟ ଚିତ୍ତରଞ୍ଜନ ଦାଶଙ୍କ ସମେତ ବିଶେଷଜ୍ଞ ଟିମ୍ ଉପସ୍ଥିତ ଥିଲେ। ଏହି ଅବସରରେ କୋଣାର୍କ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇଥିଲା। ଏଥିସହ ଶନିବାର ସୂର୍ଯ୍ୟମନ୍ଦିର ପ୍ରବେଶ ଶୁଳ୍କ ଛାଡ଼, ଭବ୍ୟ ନବଗ୍ରହ ମନ୍ଦିର ନିର୍ମାଣ ଆଦି ଦାବି ନେଇ କୋଣାର୍କ ସୁରକ୍ଷା ସମିତି ଏଏସ୍ଆଇ ଡିଜିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲା। କୋଣାର୍କ ସୁରକ୍ଷା ସମିତି ସଭାପତି ସୌମ୍ୟସୌରଭ ଦାଶ, ସମ୍ପାଦକ ରାମକୃଷ୍ଣ ମହାନ୍ତି, ନିରଞ୍ଜନ ତ୍ରିପାଠୀ, ପ୍ରିୟରଞ୍ଜନ ରଥ ପ୍ରମୁଖ କର୍ମକର୍ତ୍ତା ସୂର୍ଯ୍ୟମନ୍ଦିର ସମ୍ମୁଖରେ ଡିଜିଙ୍କୁ ସାକ୍ଷାତ କରି ଦାବି ଜଣାଇଥିଲେ। ଏନେଇ ଦୀର୍ଘ ୨୭ ବର୍ଷ ଧରି ସୁରକ୍ଷା ସମିତି ଆନ୍ଦୋଳନ କରି ଆସୁଛି।

# ମାନସିକ ଅସୁସ୍ଥଙ୍କ ସହ ସିଜୋଫ୍ରେନିଆ ଦିବସ ପାଳିତ




ସିଜୋଫ୍ରେନିଆ ଦିବସ ପାଳିତ ଅବସରରେ ବାହାରିଥିବା ସଚେତନତା ରାଲି ।

**କଣାସ,୨୪।୫(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅଧୀନ ଦୟାବିହାରଠାରେ ପ୍ରତିଷ୍ଠିତ ନୀଳାଚଳ ସେବା ପ୍ରତିଷ୍ଠାନର ମାନସିକ ଅସୁସ୍ଥ ବିଭାଗରେ ୫୭୩ ମହିଳା, ପୁରୁଷ ଅନ୍ତେବାସୀଙ୍କୁ ନେଇ ଶନିବାର ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକଙ୍କୁ ସିଜୋଫ୍ରେନିଆ ରୋଗର ଲକ୍ଷଣ ଏବଂ ନିରାକରଣ ବାବଦରେ ବାର୍ତ୍ତା ଦିଆଯାଇଥିଲା। ପରେ ଏକ ସଭାର ଆୟୋଜିତ ହୋଇଥିଲା। ସଭାରେ ପରିଚାଳନା ପରିଷଦ ସଭ୍ୟ ସୁଦର୍ଶନ ପରିଡ଼ା ଏବଂ ଡ. ସସ୍ମିତା ସାମନ୍ତରାୟ ଯୋଗଦେଇଥିଲେ। ଏହି ଅବସରରେ ପ୍ରକଳ୍ପ ସଂଯୋଜକ କୃଷ୍ଣଚନ୍ଦ୍ର ନିଶଙ୍କ ସିଜୋଫ୍ରେନିଆ ରୋଗ କ'ଣ ଏବଂ ଏହାର ନିରାକରଣ ଉପରେ ଉଦ୍‌ବୋଧନ ଦେଇଥିଲେ। ସଭାରେ ବିଭାଗୀୟ କର୍ମଚାରୀ ନିଜ ନିଜର ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମକୁ ତତ୍ତ୍ୱାବଧାରକ ନିଗମାନନ୍ଦ ବାରିକ, ଭାଗ୍ୟଲକ୍ଷ୍ମୀ ସାହୁଙ୍କ ସହିତ ତପନ ଦାସ, ମନସ୍ତତ୍ତ୍ୱବିତ୍ ସାମାଜିକ କର୍ମୀ ନୟନ ମୁର୍ମୁ, ଚିକିତ୍ସା ମନୋବିଜ୍ଞାନୀ ଶୁଭଲକ୍ଷ୍ମୀ ସାହୁ, ଅର୍ପିତା ସ୍ୱାଇଁ, ସୁଜାତା ବେହେରା, ମାନସୀ ସାସମଲ, ସ୍ୱପ୍ନାଶ୍ରୀ ମହାନ୍ତି, ଲିପି ପ୍ରଧାନ, ସୁଶ୍ରୀ ଶିବାନୀ ଜେନା, ସୁନନ୍ଦା ପାଲଟାସିଂ, ଦେବେନ୍ଦ୍ର ସିଂ ପ୍ରମୁଖ ସୁଚାରୁରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରକଳ୍ପ ଅଧିକାରୀ କୃଷ୍ଣଚନ୍ଦ୍ର ନିଶଙ୍କ ସିଜୋଫ୍ରେନିଆ ରୋଗ ଉପରେ ବିଶେଷ ଭାବେ ବୁଝାଇ କହିଥିଲେ ଏବଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଭକ୍ତମାନେ ଫୋନ୍ ଶ୍ରୀମନ୍ଦିର ନେବାକୁ ସରକାର ଅନୁମତି ଦିଅନ୍ତୁ

**ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସୁରକ୍ଷା ପାଇଁ ମୋବାଇଲ ନିଷିଦ୍ଧ ଯେ, ଏକ କାରଣ ନୁହେଁ, ଏହା ଉପଲବ୍ଧି କରି ସରକାର ଆଣ୍ଟି ଡ୍ରୋନ୍ ସିଷ୍ଟମ ପାଇଁ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶ୍ରୀଜଗନ୍ନାଥ ଧର୍ମ, ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ପକ୍ଷରୁ ଏଣିକି ସାଧାରଣ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ମୋବାଇଲ୍ ନେବାର ଅନୁମତି ଦେବାକୁ ସଂଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ଯଦି ଆବଶ୍ୟକ କି 'ଜରୁରୀ ମନେକରି ସେବାୟତ, ପୋଲିସ, ଜେଟିପି, ଫୁଲବାଲା, ଦୀପବାଲା, ଅବଢ଼ା ବିକିବା ବାଲା ଏପରି କି ବରିଷ୍ଠ ସେବାୟତଙ୍କ ଯାତ୍ରୀମାନେ ମୋବାଇଲ୍ ନେଇ ପାରୁଛନ୍ତି ଓ ଶ୍ରୀମନ୍ଦିରରେ ପ୍ରତ୍ୟହ ଏକହଜାରରୁ ଊର୍ଦ୍ଧ୍ୱ ମୋବାଇଲ ବ୍ୟବହାର ହେଉଛି, ତେବେ ସାଧାରଣ ଭକ୍ତଙ୍କୁ ଏଥିରୁ ବାରଣ କରିବା, ତାଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି। ବରଂ ସମସ୍ତେ ମୋବାଇଲ୍ ନିଅନ୍ତୁ ମାତ୍ର ଫଟୋ ଉଠାଇବା ସମ୍ପୂର୍ଣ୍ଣ ନିଷିଦ୍ଧ ହେଉ।

### ଶ୍ରୀ ନୀଳାଚଳ କ୍ଷତ୍ରିୟ ଖଣ୍ଡାୟତ ମହାସଭା

**ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)**

ପୁରୀ ଲୋକନାଥ ରୋଡ ମୁଖ୍ୟ କାର୍ଯ୍ୟାଳୟଠାରେ ଶ୍ରୀନୀଳାଚଳ କ୍ଷତ୍ରିୟ ଖଣ୍ଡାୟତ ମହାସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ 'ଶବ୍ଦ ସୁରଭି' ବିଶେଷାଙ୍କ ଉନ୍ମୋଚିତ ହୋଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟବକ୍ତା ଡ. ନବଘନ ପରିଡ଼ା, ସମ୍ମାନିତ ବକ୍ତା ଡ. ବାୟାମନୁ ଚର୍ଚ୍ଚି, ସୌମେନ୍ଦ୍ର ଜେନା, ସମ୍ମାନିତ ଅତିଥି ଗୌରହରି ପ୍ରଧାନ, ବଂଶୀଧର ନାୟକ, କିଶୋର ଚନ୍ଦ୍ର ପାତ୍ର, କୁଞ୍ଜବିହାରୀ ରାଉତ, ସଭାପତି ଶ୍ରୀଧର ଜେନା, ସମ୍ପାଦକ ପତିତପାବନ ଜେନା, ବିଭୁଦତ୍ତ ଭିକାରୀ ଚରଣ ଜେନା ମଞ୍ଚ ପରିଚାଳନା କରିଥିଲେ।



ପୁରୀ ସଦାଶିବ ପରିସରରେ ଶ୍ରୀଜଗନ୍ନାଥ ଧାମ ପୁରୀ ଉତ୍ସବ ଅବସରରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଚାଷୀଙ୍କ ମୁହଁରେ ହସ ଆଣିଲା ବର୍ଷା

**କାକଟପୁର/ଅସ୍ତରଙ୍ଗ,୨୪।୫
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଗତବର୍ଷ ଖରିଫ ଧାନ ଫସଲ ଅମଳ ସମୟରେ ଅଦିନିଆ ବର୍ଷା ଫସଲ ନଷ୍ଟ କରିଦେଇଥିଲା। ପରେ ଘନ କୁହୁଡ଼ି ଯୋଗୁ ରବି ଫସଲ ମଧ୍ୟ ବ୍ୟାପକ ପ୍ରଭାବିତ ହୋଇଥିଲା। ଚଳିତବର୍ଷ ମୌସୁମୀ ବର୍ଷା ଶୀଘ୍ର ଆସିବାକୁ ନେଇ ଚାଷୀ ମନ ଆନନ୍ଦିତ। ଚଷାପୁଅ ଏବେ କ୍ଷେତମୁହାଁ ହୋଇଛନ୍ତି। କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ଚାଷ କାମ ଆରମ୍ଭ ହୋଇଯାଇଛି। ବର୍ଷକର ଧାନ ଫସଲ ଅମଳ ପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। କାକଟପୁର, ଅସ୍ତରଙ୍ଗ ଅଞ୍ଚଳର ୭୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି। ଧାନ ଚାଷ ଏମାନଙ୍କ ମୁଖ୍ୟ ଫସଲ। ଅସ୍ତରଙ୍ଗ ବ୍ଲକରେ ୯, ୮୧୫ ହେକ୍ଟର ଚାଷଜମି ଥିବାବେଳେ ୮, ୭୮୦ ହେକ୍ଟର ଜମିରେ ଧାନଚାଷ ହୋଇଛି। ଚଳିତଥର ମୌସୁମୀ ଶୀଘ୍ର ଆସିବାକୁ ନେଇ ଚାଷକାର୍ଯ୍ୟ ପାଇଁ ମୃତ୍ତିକା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଅଞ୍ଚଳରେ ଲଗାତାର ୨ ଦିନ ବର୍ଷା ହେବା ପରେ ହେକ୍ଟର ହେକ୍ଟର ଜମିରେ ଚାଷୀ ହଳ କରିବା ସହ ବିହନ ବୁଣାବୁଣି ଆରମ୍ଭ କରିଦେଇଛି। ମୁଣ୍ଡ ଝାଳ ତୁଣ୍ଡରେ ମାରି ଶୀଘ୍ର ଚାଷକାମ ସାରିବାକୁ ଲାଗି ପଡିଛନ୍ତି। ଆଗକୁ ବର୍ଷା ଭଲ ହେଲେ ଚାଷକାର୍ଯ୍ୟ ଭଲ ହେବ ବୋଲି ଆଶା ରଖିଛନ୍ତି ଚାଷୀ।

# କିଛିଦିନର ଅନ୍ତରାଳେ ପୁଣି ପକ୍ଷୀ ଶିକାରୀ ସକ୍ରିୟ

**କଣାସ,୨୪।୫(ବିଭୂତି ଭୂଷଣ ତ୍ରିପାଠୀ)**

ଶୀତଋତୁ ଆଗମନରେ ଚିଲିକାକୁ ଆସିଥିବା ବିଭିନ୍ନ ପ୍ରଜାତିର ପକ୍ଷୀ ପୁନଶ୍ଚ ଗ୍ରୀଷ୍ମ ଋତୁର ଆଗମନରେ ଫେରିଯାଆନ୍ତି। ଚଳିତବର୍ଷ ହଜାର ହଜାର ବିଦେଶୀ ପକ୍ଷୀ କଣାସ ବ୍ଲକର ଚିଲିକା ଉପକୂଳ ପାଇକମରା, ଗୋପୀନାଥପୁର, କଳାପଦର, ଜାଗୁଲାଇପଦର, ମାଳିସାହି, କଉଡ଼ଖଣି, ସାହସପୁର, ବଡ଼ଓରା, ସାନଓରା, ଓଗାଳପୁର, ସରସ୍ୱତୀ ନଗର, ଗଙ୍ଗାଧରପୁର, ଦୋଛିଆଁ, ଆଳିପଡ଼ା, ନୂଆଗାଁ, ଯାମଳଗୋଦା ଅଞ୍ଚଳର ଧାନ ଜମିରେ ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲୁଛନ୍ତି। ସପ୍ତାହ ତଳେ ବିଭିନ୍ନ ଖବରକାଗଜରେ ବିଦେଶୀ ପକ୍ଷୀ ଶିକାର ଖବର ପ୍ରକାଶ ପାଇବା ପରେ ଟାଙ୍ଗୀ ବନ ବିଭାଗ କର୍ମଚାରୀ ୨ ଦିନ ପ୍ରଭାତରୁ ଆସି ଜଗିଥିଲେ। ଫଳରେ ଶିକାରୀମାନେ ପକ୍ଷୀ ଶିକାରରୁ ନିବୃତ୍ତ ରହିଥିଲେ। ହେଲେ ଏବେ ୩ ଦିନ ହେଲା କୌଣସି ପକ୍ଷୀ ସୁରକ୍ଷା କର୍ମଚାରୀ ଆସୁ ନାହାନ୍ତି। ଫଳରେ ଶିକାରୀ ଶହ ଶହ ପକ୍ଷୀଙ୍କୁ ବିଷ ଦେଇ ଓ ଫାଶଜାଲ ବସାଇ ପ୍ରଭାତରୁ ଧରିନେଉଛନ୍ତି। ଏ ସମ୍ପର୍କରେ ବନ ବିଭାଗ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡାଙ୍କୁ ଜଣାଇବାରୁ, ଯେଉଁମାନେ ପକ୍ଷୀ ଶିକାର କରୁଛନ୍ତି, ସେମାନଙ୍କ ନାମ ଜିଲାପାଳ ଓ ମନ୍ତ୍ରୀଙ୍କୁ ଜଣାଇବାକୁ କହିଛନ୍ତି।

## ପାରମ୍ପରିକ ନାଗାଯାତ୍ରାରେ ଅଞ୍ଚଳ ଉତ୍ସବମୁଖର

**ବଳଙ୍ଗା,୨୪।୫(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ଗ୍ରାମର ଆରାଧ୍ୟ ଦେବତା ବକ୍ରେଶ୍ୱର ଦେବ ୨୧ ଦିନ ଧରି ଗ୍ରାମର ଶେଷ ମୁଣ୍ଡରେ ଥିବା ଚନ୍ଦନ ପୋଖରୀରେ ଚାପ ଖେଳିଥିଲେ। ପରେ କାଳୀପୂଜା ଅବସରରେ ବକ୍ରେଶ୍ୱର ଦେବଙ୍କ ବିମାନ ଓ ହାତୀଦାନ୍ତ ଖଚିତ ପାଲିଙ୍କିରେ ଗୋପାଳଜୀଉ ମନ୍ଦିରରୁ ବାହାରିଥିଲେ। ଏହି ସମୟରେ ୧୨ଟି ଜାଗାଘର ପକ୍ଷରୁ ପାଇକ ଆଖଡ଼ା ଖେଳ ଦେଖାଯାଇଥିଲା। ନାଗାଗୁଡ଼ିକ ସୁସଜ୍ଜିତ ହୋଇ ନୃତ୍ୟର ତାଳେ ତାଳେ ଗ୍ରାମ ପରିକ୍ରମା କରି ଚନ୍ଦନ ଖୋଲ ନିକଟ ଚନ୍ଦନ ଚକଡ଼ା ଉପରେ ବକ୍ରେଶ୍ୱର ଦେବଙ୍କୁ ଉପବେଶନ କରାଯାଇଥିଲା। ପରେ ଠାକୁର ଉଭଁରି ଚାପ ଖେଳିଥିଲେ। ଏହି ଉଭଉଁରି ଯାତ୍ରାର ମୁଖ୍ୟ ଆକର୍ଷଣ ହେଲା ନାଗାନୃତ୍ୟ। ଗୋଟିଏ ନାଗାରେ ୫୦ରୁ ୬୦ କେଜି ଚାନ୍ଦି, ରୁପା ତାରକସି କାରୁକାର୍ଯ୍ୟରେ ସଜ୍ଜିତ ହୋଇଥାଏ। ଚଳିତବର୍ଷ ଶମ୍ଭୁଭାରତୀ ପାଟଣା, ଦେଉଳି ସାହି, ତୋଟାସାହି, ନାୟକସାହି, ବଳଙ୍ଗା ଗ୍ରାମର ଚନ୍ଦନଗଡ଼, ମାଣିଆସାହି, ବ୍ରାହ୍ମଣ ସାହି, ଚମ୍ପାଗଡ଼ ଜାଗା, ୭୬ ଘର, ମହାପାତ୍ରସାହିରେ ଥିବା ୧୨ଟି ଜାଗା ଆଖଡ଼ା ପକ୍ଷରୁ ୨୩ଟି ନାଗା ବାହାରିଥିଲା। ବକ୍ରେଶ୍ୱର ଦେବ ମେଳଣ କମିଟି ପକ୍ଷରୁ ନାଗା, ପାଇକ ଆଖଡ଼ା ଖେଳାଳି ଫ୍ୟାନ୍ସି ଡ୍ରେସ୍ ପିନ୍ଧି ମନୋରଞ୍ଜନ କରିଥିଲେ। ମନୋରଞ୍ଜନ କରିଥିବା ଅଂଶଗ୍ରହଣକାରୀଙ୍କୁ ସମ୍ମାନ ଦେବାକୁ ଶାଢ଼ି, ଶିରପା, ଫୁଲମାଳ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବଳଙ୍ଗା ମେଳଣ କମିଟି ଉପଦେଷ୍ଟା ସୁବାସ ଚନ୍ଦ୍ର ପତି, ସଭାପତି ବୈଦ୍ୟନାଥ ପ୍ରଧାନ, ସମ୍ପାଦକ ବଳଭଦ୍ର ଜେନା, ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ, ସାମାଜିକ କର୍ମୀ ଶ୍ରୀକର ପ୍ରଧାନ, କୃପାସିନ୍ଧୁ ଦତ୍ତ, ବିଭିନ୍ନ ଜାଗାଘର ମୁରବି, ଜନପ୍ରତିନିଧି କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଆରକ୍ଷୀ ବିଭାଗ ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲା।

# ସମୁଦ୍ରରେ ଓଲଟିଲା ବୋଟ୍, ବର୍ତ୍ତିଲେ ୪ ପର୍ଯ୍ୟଟକ



ପୁରୀ ବେଳାଭୂମିରେ ସ୍ପିଡ୍ ବୋଟ ଓଲଟିପଡ଼ିଛି।

**ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)**

ପୁରୀ ବେଳାଭୂମିରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ବଡ଼ ଅଘଟଣରୁ ବର୍ତ୍ତିଛନ୍ତି ପର୍ଯ୍ୟଟକ। ଏପରି ଘଟଣାକୁ ପ୍ରଶାସନ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି। ବେଳାଭୂମିରେ ପର୍ଯ୍ୟଟକମାନଙ୍କୁ ୱାଟର ସ୍ପୋର୍ଟ୍ସର ମଜା ନେବା ପାଇଁ ବିଭିନ୍ନ ପ୍ରକାର ୱାଟର ସ୍ପୋର୍ଟ୍ସ ବୋଟ୍ ରହିଛି। କିଛି ଘରୋଇ ସଂସ୍ଥା ପକ୍ଷରୁ ଏପରି ଖେଳର ଆୟୋଜନ କରାଯାଉଛି। ଶନିବାର ୪ ଜଣ ବଙ୍ଗୀୟ ପର୍ଯ୍ୟଟକଙ୍କୁ ନେଇ ୱାଟର ସ୍ପୋର୍ଟ୍ସ ବୋଟ୍ ସମୁଦ୍ର ମଧ୍ୟରେ ଯାଉଥିବା ବେଳେ ଉଚ୍ଚ ଢେଉ ମାଡ଼ରେ ବୋଟ୍‌ଟି ଓଲଟି ପଡ଼ିଥିଲା। ଫଳରେ ସମସ୍ତ ପର୍ଯ୍ୟଟକ ଓ ଚାଳକ ସମୁଦ୍ର ମଧ୍ୟରେ ପଡ଼ି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଲାଇଫ୍ ଗାର୍ଡ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରି କୂଳକୁ ଆଣିଥିଲେ। ଏକ ବଡ଼ ଦୁର୍ଘଟଣାରୁ ପର୍ଯ୍ୟଟକମାନେ ବର୍ତ୍ତିଯାଇଛନ୍ତି। ବେଆଇନ ଭାବେ ପୁରୀ ବେଳାଭୂମିରେ ଚାଲିଥିବା ଏପରି ଦୁଃସାହସିକ ଖେଳକୁ ପ୍ରଶାସନ ବନ୍ଦ କରିବା ସହ ଏପରି ଖେଳ ଆୟୋଜନ କରି ଲୋକଙ୍କ ଜୀବନକୁ ବାଜି ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି।

# ଭଟିମୁଣ୍ଡା କଂସାରି ଘଣ୍ଟସେବା ନିଯୋଗକୁ ପୂର୍ଣ୍ଣ ସ୍ୱୀକୃତି ଦାବି

**ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)**

ଭଟିମୁଣ୍ଡା କଂସାରୀ ଘଣ୍ଟ ସେବା ମଧ୍ୟରେ ଲାଗିରହିଥିବା ବିବାଦ ତୁଟିବାର ନାଁନେଉନି। ଏନେଇ ନିଯୋଗ ପକ୍ଷରୁ ଶ୍ରୀମନ୍ଦିର ନୀତି ପ୍ରଶାସକଙ୍କ ସହ ଆଲୋଚନା କରାଯାଇଛି। ସୂଚନାଯୋଗ୍ୟ, ଭଟିମୁଣ୍ଡା କଂସାରୀ ଘଣ୍ଟସେବା ନିଯୋଗକୁ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଗତ ୧୭ ତାରିଖ ବୈଠକରେ ନିଜ ଭିତରେ ଥିବା ବିବାଦକୁ ଆପୋସ ସମାଧାନ କରି ଘୋଷଯାତ୍ରାରେ ସେବା ଯୋଗାଇବାକୁ କହିଥିଲେ। ଏହି କ୍ରମରେ ନିଯୋଗ ପକ୍ଷରୁ ଗତ ୨୦ ତାରିଖରେ ବୈଠକ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ନିଯୋଗ ପକ୍ଷରୁ ସଭାପତି ଅଭୟ କୁମାର ସାହୁ ଅପରପକ୍ଷର ଡମ୍ବରୁଧର ସାହୁଙ୍କୁ ଭଟିମୁଣ୍ଡା ଗ୍ରାମର ସତ୍‌ସଙ୍ଗ ମଠ ପରିସରରେ ଚକ୍ରଧର ସାହୁ, ତପସ୍ୱୀ ନାରାୟଣ ସାହୁ ଏବଂ ୨ୟ ପକ୍ଷର ଅନ୍ୟ ୪ଜଣ ପ୍ରତିନିଧିଙ୍କୁ ନେଇ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସଭାପତି ସାହୁ ଏବଂ ଅନ୍ୟମାନେ ଉକ୍ତ ଦିନ ରାତ୍ର ୧୧ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ଅପର ପକ୍ଷର କେହି ସଦସ୍ୟ ଆସି ନ ଥିଲେ। ଆଲୋଚନା କରିବାକୁ କେତେକ ସର୍ତ୍ତ ଆରୋପ କରି ବୈଠକକୁ ପ୍ରତ୍ୟାଖ୍ୟାନ କରିଥିଲେ; ଯାହାକୁ ନେଇ ନିଯୋଗ ପକ୍ଷରୁ ଗୁରୁବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ନୀତି ପ୍ରଶାସକଙ୍କ ସହ ଆଲୋଚନା କରିବା ସହିତ ସେମାନଙ୍କୁ ପୂର୍ଣ୍ଣ ସ୍ୱୀକୃତି ପ୍ରଦାନ କରିବାକୁ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ସରକାରଙ୍କ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ

**ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)**

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠର ସୁରକ୍ଷା, ସଂରକ୍ଷଣ ଓ ବିକାଶ କରାଯିବ ବୋଲି ଘୋଷଣା କରାଯାଇଥିଲା। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ସରକାର କଡ଼ାକଡ଼ି କରିଛନ୍ତି। ଉଭୟ ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

ଏନେଇ ଗୋବର୍ଦ୍ଧନ ମଠର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବାଶିଷ ମିଶ୍ର କହିଛନ୍ତି, ମଠ ଚାରିପାଖରେ ଥିବା ପୂର୍ବ ଆଚାର୍ଯ୍ୟମାନଙ୍କ ସମାଧିକୁ ଲୋକମାନେ ନିଜ ଅକ୍ତିଆରରେ ରଖିଛନ୍ତି। ଫଳରେ ସେମାନଙ୍କ ପୂଜା, ସେବା, ସଂସ୍କାର, ପ୍ରତିଦିନର ବିଧିବିଧାନ ସମ୍ପନ୍ନ ହୋଇପାରୁନି। ଏପରିକି ଅନେକ ସମାଧିସ୍ଥଳକୁ ଯିବା ପାଇଁ ରାସ୍ତା ଆଉ ନାହିଁ। ଲୋକମାନେ ରାସ୍ତା ମାଡ଼ିବସିଛନ୍ତି। ଏନେଇ ବିଗତ ଦିନଗୁଡ଼ିକରେ ସରକାରଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିଲା। ମାତ୍ର ଏନେଇ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ। ବର୍ତ୍ତମାନର ରାଜ୍ୟ ସରକାର ଯଦି ସଂରକ୍ଷଣ, ଉନ୍ନତି ପାଇଁ ପଦକ୍ଷେପ ନେଇଛନ୍ତି, ତାହା ସ୍ୱାଗତଯୋଗ୍ୟ।

## ଗୋବର୍ଦ୍ଧନ ପୀଠର ହେବ ବିକାଶ

ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଶଙ୍କରାଚାର୍ଯ୍ୟ ପୀଠର ଉନ୍ନତି, ସଂରକ୍ଷଣ ପାଇଁ ଆଲୋଚନା କରାଯାଇଛି। ପ୍ରତିଦିନ ସମୁଦ୍ର ଆଳତୀ ହେଉଛି, ତାହାର ସ୍ୱତନ୍ତ୍ର ପରିଚୟ ହେବା ସହ ଉକ୍ତ ସ୍ଥାନର ସଂରକ୍ଷଣ ଓ ସ୍ୱଚ୍ଛତା ନେଇ ଆଲୋଚନା କରାଯାଇଛି। ଏନେଇ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇ ଜିଲା ଓ ରାଜ୍ୟସ୍ତରରେ ଆଲୋଚନା କରାଯିବ ବୋଲି ଜିଲାପାଳ କହିଛନ୍ତି।

ଏନେଇ ଏସ୍‌ପି ବୀନିତ ଅଗ୍ରୱାଲ କହିଛନ୍ତି, ଜଗଦ୍‌ଗୁରୁଙ୍କ ସୁରକ୍ଷା ବ୍ୟବସ୍ଥା ଆମ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଶଙ୍କରାଚାର୍ଯ୍ୟଙ୍କ ସହ ହାଉସ୍ ଗାର୍ଡ, ପିଏସ୍‌ଓ ଓ ପାଇଲଟ୍ ଏସ୍କର୍ଟ ଗାଡ଼ି ରହୁଛି। ଆଗକୁ ଆହୁରି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ। ମହାରାଷ୍ଟ୍ରରୁ ଆସିଥିବା ଅଶୋକ ଦେଶମୁଖ କହିଛନ୍ତି, ଜଗଦ୍‌ଗୁରୁଙ୍କ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା ଉଚିତ ପଦକ୍ଷେପ। ବର୍ତ୍ତମାନ ହିନ୍ଦୁଧର୍ମ ଉପରେ ବିଭିନ୍ନଆଡୁ ଆକ୍ରମଣ ହେଉଛି। ଶଙ୍କରାଚାର୍ଯ୍ୟ ହିନ୍ଦୁଧର୍ମର ପ୍ରଚାରକ। ତେଣୁ ସରକାରଙ୍କ କର୍ତ୍ତବ୍ୟ ହେଉଛି ଜଗଦ୍‌ଗୁରୁଙ୍କ ସୁରକ୍ଷା। ସରକାରଙ୍କ ଏପରି ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ଦେଶମୁଖ କହିଛନ୍ତି।

# ଶ୍ରୀମନ୍ଦିରର ଐତିହ୍ୟ ଉପରେ ଗୁରୁତ୍ୱ

## ଏଏସ୍ଆଇ ଡିଜି, ମୁଖ୍ୟ ପ୍ରଶାସକଙ୍କ ଆଲୋଚନା

**ପୁରୀ,୨୪।୫(ଅଜିତ୍ କୁମାର ମହାନ୍ତି)**



ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଏଏସ୍ଆଇ ଡିଜିଙ୍କ ସହ ଆଲୋଚନା କରୁଛନ୍ତି।

ଏଏସ୍ଆଇ ପକ୍ଷରୁ ଶ୍ରୀମନ୍ଦିରରେ ଚାଲିଥିବା ସଂରକ୍ଷଣ, ମରାମତି ଆଦି ବିଷୟରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଶନିବାର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣର ମହାନିର୍ଦ୍ଦେଶକ ଡ. ଯଦୁବୀର ସିଂହ ରାୱତଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ଦିରର ସ୍ଥାପତ୍ୟ, ଐତିହ୍ୟ, ଢାଞ୍ଚାଗତ ଅଖଣ୍ଡତା ଏବଂ ସାଂସ୍କୃତିକ ଗୁରୁତ୍ୱକୁ ସଂରକ୍ଷଣ କରିବା ପାଇଁ ସହଯୋଗମୂଳକ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଛି। ମନ୍ଦିର ପରିସରର ସଂରକ୍ଷଣ, ପୁନରୁଦ୍ଧାର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। କିପରି ରଥଯାତ୍ରା ପୂର୍ବରୁ ରତ୍ନଭଣ୍ଡାରର ସଂରକ୍ଷଣ ଏବଂ ମରାମତି କାର୍ଯ୍ୟ ସମାପ୍ତ କରାଯିବ ସେନେଇ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ଉତ୍ତର ଦ୍ୱାରରେ ବୟସ୍କ ଏବଂ ଭିନ୍ନକ୍ଷମଙ୍କ ପ୍ରବେଶକୁ ସୁବିଧାଜନକ କରିବା ପାଇଁ ର୍ୟାମ୍ପ୍ ବ୍ୟବସ୍ଥା ଶୀଘ୍ର ଶେଷ କରିବାକୁ କହିଛନ୍ତି।

ନାଟମଣ୍ଡପରେ ଏୟାରକଣ୍ଡିଶନିଂ ସିଷ୍ଟମ ଏବଂ ମନ୍ଦିରର ମୁଖଶାଳା ଆଲୋକୀକରଣ ବ୍ୟବସ୍ଥା, ଜଗମୋହନର ବାହାର ଛାତର ସଂରକ୍ଷଣ କାର୍ଯ୍ୟ, ବିମଳା, ମହାଲକ୍ଷ୍ମୀ, ଭୁବନେଶ୍ୱରୀ, ନୃସିଂହ ଏବଂ ସୂର୍ଯ୍ୟ ମନ୍ଦିର ଭଳି ମନ୍ଦିରଗୁଡ଼ିକରେ ଆଲୋକୀକରଣ ବ୍ୟବସ୍ଥା କରାଯିବ। ଜଗମୋହନ ଏବଂ ଭୋଗମଣ୍ଡପର ସପୋର୍ଟ ପାଇଁ ବିମ୍ ଲଗାଯିବ। ଏଏସ୍ଆଇ ଏବଂ ଏସ୍‌ଜେଟିଏ ଉଭୟ ଏହି ପ୍ରତୀକାତ୍ମକ ଧାର୍ମିକ ଏବଂ ସାଂସ୍କୃତିକ ସ୍ଥଳର ସୁରକ୍ଷା ପାଇଁ ସେମାନଙ୍କର ସହଭାଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଏଏସ୍ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶ୍ରଦ୍ଧାଳୁଙ୍କ ପାଇଁ ଜୁନ୍ ଶେଷସୁଦ୍ଧା ଖୋଲିବ ପୂର୍ବଦ୍ୱାର

■ଚଣ୍ଡୀମନ୍ଦିର ଉନ୍ନତୀକରଣ ପ୍ରକଳ୍ପ ସମୀକ୍ଷା କଲେ ଏମ୍‌ପି, ଜିଲାପାଳ

■ପୂର୍ବ ଡିଜାଇନ ଉତ୍କଳୀୟ ପରମ୍ପରା ଅନୁଯାୟୀ ନ ଥିଲା, ତାହା ତାମିଲ ଢାଞ୍ଚାର ମନ୍ଦିର ଥିଲା: ଭର୍ତ୍ତୃହରି

କଟକ,୨୪।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଚଣ୍ଡୀମନ୍ଦିର ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ। ଶନିବାର ଏମ୍‌ପି ଭର୍ତ୍ତୃହରି ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିବା ସହ ମନ୍ଦିର ପୂଜକ ଏବଂ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା ଚଣ୍ଡୀମନ୍ଦିର ଉନ୍ନତିକରଣ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଏବଂ ଜୁନ ଶେଷ ସୁଦ୍ଧା ଶ୍ରଦ୍ଧାଳୁଙ୍କ ପାଇଁ ପୂର୍ବଦ୍ୱାର ଖୋଲାଯିବା ସହ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର କାର୍ଯ୍ୟ ମଧ୍ୟ ସମୟ ଅନୁସାରେ ଶେଷ ହେବ। ନିର୍ମାଣ ଦାୟିତ୍ୱରେ ଥିବା ସଂସ୍ଥା ଆବଶ୍ୟକ ମୁତାବକ କାରିଗର ନିୟୋଜିତ କରିବା ସହ ପର୍ଯ୍ୟାପ୍ତ ପରିମାଣରେ ଖଣ୍ଡେ ଲାଇଟ ପଥର ଯୋଗାଇବେ ବୋଲି ମହତାବ ନିର୍ଦ୍ଦେଶ ଦେଇଛନ୍ତି। ଏମ୍‌ପି ଭର୍ତ୍ତୃହରି କହିଛନ୍ତି, ପ୍ରଶାସନିକସ୍ତରରେ ଭୁଲ ବୁଝାମଣା ଯୋଗୁ ମନ୍ଦିର କାର୍ଯ୍ୟ ଆଗେଇ ପାରିନାହିଁ। ସରକାର ପରିବର୍ତ୍ତନ ପରେ ଏବେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି।



କଟକ ଚଣ୍ଡୀ ମନ୍ଦିରରେ ଚାଲିଥିବା ଉନ୍ନତୀକରଣ ପ୍ରକଳ୍ପର ଅନୁଧ୍ୟାନ କରୁଛନ୍ତି କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ନିକଟରେ ଅଛନ୍ତି ଜିଲାପାଳ ଏବଂ ଅନ୍ୟମାନେ।

ପୂର୍ବ ସରକାର ସମୟରେ ଯେଉଁ ଡିଜାଇନ ପ୍ରସ୍ତୁତ ହୋଇଥିଲା। ସେଥିରେ ଥିବା ମନ୍ଦିର ଉତ୍କଳୀୟ ପରମ୍ପରା ଅନୁଯାୟୀ ତିଆରି ହୋଇ ନ ଥିଲା। ତାହା ତାମିଲ ଢାଞ୍ଚାରେ ହୋଇଥିଲା। ଏପରି କି ରୋଷଘର ଅଗ୍ନିକୋଣରେ ହୋଇ ନ ଥିଲା କି ବାସ୍ତୁ ଅନୁସାରେ କୌଣସି କାର୍ଯ୍ୟ କରାଯାଇ ନ ଥିଲା। ସେଥିପାଇଁ ଡିଜାଇନରେ ପରିବର୍ତ୍ତନ କରାଗଲା। ଏବେ ବାସ୍ତୁ ଅନୁଯାୟୀ କାର୍ଯ୍ୟ କରାଯାଉଛି। ଆଗକୁ ଭବ୍ୟ ମନ୍ଦିର ନିର୍ମାଣ ହେବ। ମନ୍ଦିର ପରିସରରେ ପାର୍କିଂ ବ୍ୟବସ୍ଥା କରାଯିବ ନାହିଁ। ଏଥି ନିମନ୍ତେ ଅଲଗା ବ୍ୟବସ୍ଥା ହାତକୁ ନିଆଯିବ। ଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ପ୍ଲାନ ପ୍ରସ୍ତୁତ କରାଯାଉଛି। ବର୍ଷା ଦିନ ଆସୁଥିବାରୁ ମୋଟର ପମ୍ପର ବ୍ୟବସ୍ଥା କରାଯିବାକୁ ସିଏମ୍‌ସି ଅଧିକାରୀଙ୍କ ସହ ଆଲୋଚନା ହୋଇଥିବା ମହତାବ କହିଛନ୍ତି। ସମୀକ୍ଷା ସମୟରେ ସିଏମ୍‌ସି କମିଶନର ଅନାମ ପାତ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଥାଉ କି, କଟକ ଚଣ୍ଡୀ ମନ୍ଦିର ନବୀକରଣ କାର୍ଯ୍ୟ ୨୦୨୨ରେ ଆରମ୍ଭ ହୋଇଥିଲା। ଏଥିପାଇଁ ୭୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। କିନ୍ତୁ ମନ୍ଦିର ଉନ୍ନତିକରଣ ପ୍ରକଳ୍ପ ଅହେତୁକ ବିଳମ୍ବ ହେବା ସହ ମନ୍ଦିର ତିଆରିରେ ବ୍ୟବହାର ହେଉଥିବା ପଥର ଆସିବାରେ ବିଳମ୍ବ ହୋଇଆସୁଛି। କେତେବେଳେ ପଥର ନାହିଁ ତ ଆଉ କେତେବେଳେ ପଥର କାଟିବାକୁ କାରିଗର ନାହାନ୍ତି। ଏଭଳି ଅବ୍ୟବସ୍ଥା ମଧ୍ୟରେ ନିର୍ମାଣ କାର୍ଯ୍ୟ ଚାଲୁଛି। ଏବେ ସୁଦ୍ଧା ୩୦ ପ୍ରତିଶତ କାର୍ଯ୍ୟ ମଧ୍ୟ ଶେଷ ହୋଇନାହିଁ। ଏହାକୁ ନେଇ ମା' କଟକ ଚଣ୍ଡୀ ମନ୍ଦିର ସୁରକ୍ଷା କମିଟି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଭାଜପାର ପରାକ୍ରମ ଶୋଭାଯାତ୍ରା




ଭାଜପା ପକ୍ଷରୁ ଆୟୋଜିତ ପରାକ୍ରମ ଶୋଭାଯାତ୍ରା।

କଟକ ସଦର,୨୪।୫(ସୁଶାନ୍ତ କୁମାର ଜେନା)

କଟକ ସଦର ଭାଜପା ୫ ନଂ. ଜୋନ ଆନୁକୂଲ୍ୟରେ ଶନିବାର ପରାକ୍ରମ ଓ ତ୍ରିରଙ୍ଗା ଶୋଭାଯାତ୍ରା କନ୍ଦରପୁର-ଫୁଲମାରେ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ତିନି ସେନାର ଯବାନଙ୍କ ବିର ଗାଥା ଲିଖିତ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରିଥିଲେ। ପରେ ଯବାନମାନଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମାହାଳି, କୃଷକ ମୋର୍ଚ୍ଚା ଉପ ସଭାପତି ହୃଷୀକେଶ ଜେନା, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ସଂଯୋଜକ ସୁରେଶ ଜେନା, ପୂର୍ବତନ ମଣ୍ଡଳ ସଭାପତି ଅଭୟ ସ୍ୱାଇଁ, ଯୋଗେନ୍ଦ୍ର ଭୋଇ, ଅକ୍ଷୟ ଜେନା ଓ ବିନୋଦ ପତି ପ୍ରମୁଖ ଅପରେଶନ ସିନ୍ଦୂରରେ ତିନି ସେନାଙ୍କ ବିରତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବଳିଷ୍ଠ ନେତୃତ୍ୱ ପାଇଁ ଆମ ଦେଶ ବିଶ୍ୱରେ ନିଜର ପରାକାଷ୍ଠା ଦେଖାଇ ପାରିଛନ୍ତି ବୋଲି ବିଧାୟକ ସେଠୀ କହିଥିଲେ। ଏହି ପରିପ୍ରେକ୍ଷୀରେ ଅବସରପ୍ରାପ୍ତ ୩ଜଣ ଯବାନ ବୈକୁଣ୍ଠ ରାଉତ, ଅଜୟ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭୟ ସାହୁ, ସନ୍ତୋଷ ଭୋଇ ଓ ସୁବ୍ରତ ରଞ୍ଜନ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

# ଜଳ ସଙ୍କଟ ସ୍ଥାୟୀ ସମାଧାନ ପାଇଁ ବିଡିଓଙ୍କୁ ଦାବିପତ୍ର

**ଅତିରିକ୍ତ ବିଡିଓ ସହ ଆଲୋଚନ କଲେ ଭାଜପା ନେତା**

ମଙ୍ଗୁଳି-ଜଗତପୁର,୨୪।୫(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ୧୩ଟି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଓ ଏକ ବିୟର କମ୍ପାନୀର ଭୂତଳ ଜଳ ବ୍ୟାବହାର ପାଇଁ ଜଳସ୍ତର କମିବାରୁ ଜଳ ସଙ୍କଟ ଦେଖାଦେଇଛି। ସ୍ଥିତି ଗମ୍ଭୀର ହେବା ପୂର୍ବରୁ ଏହାର ସ୍ଥାୟୀ ସମାଧାନ ଉଦ୍ଦେଶ୍ୟରେ ଟାଙ୍ଗୀ-ସାଲେପୁର ଭାଜପା ନେତା ହିମାଂଶୁ ମହାନ୍ତି ଅତିରିକ୍ତ ବିଡିଓ ଶ୍ୱାସତ ଜେନାଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁଯାୟୀ ୬ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ପୋଖରୀ ପୋତି ହେଇଗଲାଣି ତ ଆଉ କେଉଁଠି ନଳକୂପ ମରାମତି ହେଉନାହିଁ। ଏପରି କି କେତେକ ସ୍ଥାନରେ ନୂତନ ନଳକୂପର ଆବଶ୍ୟକତା ରହିଛି। କିନ୍ତୁ ବାରମ୍ବାର ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁନି। ଏ ନେଇ ଅତିରିକ୍ତ ବିଡିଓ ଜେନାଙ୍କୁ ପଚାରିବାରୁ କହିଛନ୍ତି, ନୂତନ ନଳକୂପ ସ୍ଥାପନ ଓ ଅଚଳ ନଳକୂପ ମରାମତି ପାଇଁ ପ୍ରଶାସନିକସ୍ତରରେ ମଞ୍ଜୁରି ହେଇସାରିଛି। ୧୫ଦିନ ମଧ୍ୟରେ ଏହାର କାର୍ଯ୍ୟକାରି କରି ଜଳ ସଙ୍କଟ ସମସ୍ୟା ଦୂର କରାଯିବ ବୋଲି ଅତିରିକ୍ତ ବିଡିଓ ଜେନା କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଆକାଶ ପାତ୍ର, ଅମରେନ୍ଦ୍ର ଷଡଙ୍ଗୀ, ଅନନ୍ତ ପାତ୍ର, ତାପସ ବେହେରା, ରାଜ କିଶୋର ନାୟକ, ନିହାର ରଞ୍ଜନ ମଲିକ, ଜିତେନ୍ଦ୍ର ସାହୁ, ପ୍ରସନ୍ନ ବେହେରା, ଲୋକନାଥ ସାହୁ, ସୁଧାଂଶୁ ଶେଖର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




କଟକ ଶତାବ୍ଦୀ ଭବନରେ ସାଇ ଆରାଧନା ସଙ୍ଗୀତ ସୁଧା ମ୍ୟୁଜିକ୍ ଏକାଡେମୀ ଓ ମ୍ୟୁଜିକାଲ ବ୍ୟାଣ୍ଡ ବାର୍ଷିକ ଉତ୍ସବରେ ଭୀମସେନ ସମ୍ମାନରେ ସମ୍ମାନିତ ବ୍ୟକ୍ତିଙ୍କ ଗହଣରେ ଉପସ୍ଥିତ ଅତିଥିମାନେ।

# ଦମ୍ପତିଙ୍କୁ ମାଡ଼ ମାରି ଜଣେ ଗିରଫ

କଟକ ସଦର,୨୪।୫(ସୁଶାନ୍ତ କୁମାର ଜେନା)

କିଶନ ନଗର ଥାନା ଅନ୍ତର୍ଗତ ଅରିଲୋ ଗ୍ରାମର ଦମ୍ପତିଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ସେହି ଗ୍ରାମର ଆଲୋକ ରଞ୍ଜନ ଖଣ୍ଡୁଆଳ (୫୧)। ଘଟଣାରୁ ପ୍ରକାଶ ଯେ, ଅରିଲୋ ଗ୍ରାମର ଶୁକଦେବ ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ ନଳିନୀପ୍ରଭା ପାଣିଗ୍ରାହୀଙ୍କୁ ଆଲୋକ ରଡ ଓ ସିମେଣ୍ଟ କିଣା ଘଟଣାକୁ ନେଇ ମାଡ଼ ମାରିଥିଲେ। ଦମ୍ପତିଙ୍କ ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୨୧/୨୫)ରୁଜୁ ହୋଇଛି।

# ନୃତ୍ୟଗୀତରେ ଝୁମିଲେ ଦର୍ଶକ

କଟକ,୨୪।୫(ଶିଳ୍ପା ପ୍ରିୟଦର୍ଶିନୀ)

**୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ନବମ ସନ୍ଧ୍ୟା**

କଟକ ନୃତ୍ୟ ଉତ୍ସବ, କମିଟି ଜିଲା ପ୍ରଶାସନ, ସିଏମ୍‌ସି ଓ ସିଡିଏର ମିଳିତ ଆନୁକୂଲ୍ୟରେ ବାଲିଯାତ୍ରା ଉପର ପଡିଆରେ ଆୟୋଜିତ ୧୬ତମ ସାତସାହି କଟକ ନୃତ୍ୟ ଉତ୍ସବର ନବମ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ତଥା ଶିକ୍ଷାବିତ ବିନୋଦ ଦାଶ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ବରିଷ୍ଠ ଖବରଦାତା ପ୍ରଦୀପ ସାହୁ, ଲାଲବାଗ ଥାନା ଅଧିକାରୀ ସୁଧାଂଶୁ ଶେଖର ଜେନା, କ୍ୟାଣ୍ଟନମେଣ୍ଟ ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠି, ଭାଜପା ନେତା ଲଲାଟେନ୍ଦୁ ବଡୁ, ସଙ୍ଗୀତ ନିର୍ଦ୍ଦେଶକ ଦିଲୀପ ଜେନା ଯୋଗଦେଇଥିଲେ। ଏହି ଅବସରରେ ପ୍ରଫେସର ଡାକ୍ତର ଖିରୋଦ ଚନ୍ଦ୍ର ନନ୍ଦ, ପ୍ରଫେସର ଡା. ସୁନୀଲ କୁମାର ଅଗ୍ରୱାଲାଙ୍କୁ ଜାତୀୟ ସେବା ରତ୍ନ, ବିଶିଷ୍ଟ ଶିଶୁ ରୋଗ ସର୍ଜନ ଡା. ମାନସ ରଞ୍ଜନ ଦାଶଙ୍କୁ ଓଡିଶା ସେବା ରତ୍ନ, ଯୁବ ଆଇନଜୀବୀ ପ୍ରଭୁ ପସନ୍ନ ବେହେରାଙ୍କୁ ଓଡିଶା ଆଇନ ରତ୍ନ, ଶିଳ୍ପଦ୍ୟୋଗୀ ଅନୁପ ରାୟଙ୍କୁ ଓଡିଶା ଶିଳ୍ପ ରତ୍ନ, ବିଶିଷ୍ଟ ସାହିତ୍ୟିକା ଶୋଭାଗିନୀ ବେହେରାଙ୍କୁ ଓଡିଶା ସାହିତ୍ୟ ରତ୍ନ, ଓ ମେଡେକ୍ସ ହସ୍ପିଟାଲକୁ ଓଡିଶା ହେଲଥ କେୟାର ଏକ୍ସିଲେନ୍ସ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ କମିଟି ପକ୍ଷରୁ ସାଉଣ୍ଡ ପରିଚାଳନାରେ ଥିବା ରିତେଶ ପଣ୍ଡାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କମିଟି ସାଂସ୍କୃତିକ ସଂଯୋଜିକା ବିବିତା ସ୍ୱାଇଁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ଦିପେଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପରିବେଷିତ ନୃତ୍ୟଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ଝୁମିଥିଲେ। କାର୍ଯ୍ୟକ୍ରମ କମିଟି ସବିତା ମହାନ୍ତି, ରଶ୍ମି ରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ସେନାପତି, ସୁବାଶିଷ ଦାସ, ଶକ୍ତି ପ୍ରସାଦ ସାମଲ, ତନ୍ମୟ ରାୟ, ସୁଶାନ୍ତ ପାତ୍ର, ସନ୍ଦୀପ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କମିଟି ସଦସ୍ୟ ସତ୍ୟପ୍ରସାଦ ବଳସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ' ମଞ୍ଚସ୍ଥ

ମଙ୍ଗୁଳି-ଜଗତପୁର,୨୪।୫(ମାନସ ସାମଲ)

**୬୪ତମ କିଶୋର କ୍ଲବର ବାର୍ଷିକ ଉତ୍ସବ**

ଜଗତପୁର ୪୮ନଂ ୱାର୍ଡ଼ ଅଞ୍ଚଳର ସର୍ବପ୍ରାଚୀନ କିଶୋର କ୍ଲବର ୬୪ତମ ଉତ୍ସବ କ୍ଲବ ପରିସରରେ ଶୁକ୍ରବାର ରାତିରେ ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ହରିହର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ମେୟର ସୁବାସ ଚନ୍ଦ୍ର ସିଂ ଯୋଗଦେଇ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଚୌଦ୍ୱାର-କଟକ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପ୍ରଦେଶ କଂଗେସ କମିଟି କୋଷାଧକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ଅତିଥି ଭାବେ ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିନିଧି ନାଗେଶର ବେହେରା, ତ୍ରିଲୋଚନ ପଣ୍ଡା, ବୈଜ୍ୟେଷ୍ଠ ମୁରବୀ ଭାବଗ୍ରାହି ପଣ୍ଡା, ଶିକାରୀପୁର ଗ୍ରାମ ଅଧିକାରୀ ମହେନ୍ଦ୍ର ମହାନ୍ତି, ପୂର୍ବତନ କର୍ପୋରେଟର ନିରୋଦ ଚନ୍ଦ୍ର ପଣ୍ଡା, ତାପସ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କବି ମନୋରଞ୍ଜନ ପଣ୍ଡା ସଭା ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ବନବିହାରୀ ଦଳାଇ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ନାଟକ 'ହା କୃଷ୍ଣ ବୋଲି ଯାଉ ଜୀବ' ପ୍ରଦର୍ଶିତ ହୋଇଥିବା ବେଳେ ଏହା ଦେଖିବାକୁ ଭିଡ ଜମିଛି। ଡାକ୍ତର ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ଉପୋରକ୍ତ ନାଟକ ନାଟ୍ୟ ନିର୍ଦ୍ଦେଶକ ମନ୍ମଥ ପାତ୍ର ନିର୍ଦ୍ଦେଶନ ଦେଇଥିଲେ।



କିଶୋର କ୍ଲବର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

# ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ଅଗ୍ନିଶମ ବିଭାଗର ତାଲିମ

କଟକ,୨୪।୫(ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି) ପରିସରରେ ଶୁକ୍ରବାର ଅଗ୍ନିନିରାପତ୍ତା ତାଲିମ ଓ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ, କୁଳସଚିବ ସୁବାସ ରାଏ, ବିଭିନ୍ନ ବିଭାଗୀୟ ମୁଖ୍ୟ ପ୍ରଫେସର ତଥା ଡାକ୍ତରଙ୍କ ଉପସ୍ଥିତିରେ ହସ୍ପିଟାଲ ପରିଚାଳକ, ନର୍ସିଂ ଷ୍ଟାଫ, ସୁରକ୍ଷା କର୍ମଚାରୀ ଓ ଅନ୍ୟାନ୍ୟ ସହାୟକମାନେ ନିଆଁ ଲାଗିବାର କାରଣ ଓ ଏହାକୁ ଲିଭାଇବାର କୌଶଳ ତଥା ନିଆଁ ଲିଭାଇବା ଯନ୍ତ୍ରର ବ୍ୟବହାର ସମ୍ପର୍କରେ ତାଲିମ ନେବା ସହ ମକଡ୍ରିଲରେ ଅଂଶଗ୍ରହଣ କରିଥିଲେ। ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ନେତୃତ୍ୱରେ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ତାଲିମ ପ୍ରଦାନ କରିଥିଲେ।

# ୪୨ମୌଜାରେ ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

କଟକ ସଦର,୨୪।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ମୌଜାର କଳପଡ଼ାଠାରେ ଜୁନ ୧୪ ଓ ୧୫ରେ ହେବାକୁ ଥିବା ରଜ ମହୋତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ ଶୁକ୍ରବାର ରଣେ ଷଣ୍ଢ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ୟୁନିୟନ ଫର୍ କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସଭାପତି ମନୋଜ କୁମାର ନାୟକ ଯୋଗଦେଇ ଓଡ଼ିଶାର ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିବା ସବୁସ୍ତରରୁ ଉଦ୍ୟମ କରାଯିବ ଉପରେ ଗୁରୁତ୍ୱାରୋପ କରିଥିଲେ। ୨ଦିନ ଧରି କଳପଡ଼ାସ୍ଥିତ କଦମ୍ବେଶ୍ୱର ମନ୍ଦିର ପ୍ରାଙ୍ଗଣ ପଡିଆରେ ନାଚ, ଗୀତ, କମେଡି, ମ୍ୟୁଜିକ ଚେୟାର (କେବଳ ବାଳିକା ଓ ମହିଳା) ଚିତ୍ରାଙ୍କନ, ଝୋଟି, କୁଇଜ୍ ଓ ପୁଚି ଆଦି ପ୍ରତିଯୋଗିତା କରାଯିବ। ପ୍ରତିଯୋଗୀମାନେ ସାଧା କାଗଜରେ କଳପଡ଼ା ବଜାରର ସୁନିଲ କୁମାର ମୁଦୁଲିଙ୍କ ସହ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ବୈଠକରେ ବିଜୟ କୁମାର ନାୟକ, ସରୋଜ ସାମ୍ଭଲ, ସୁଦର୍ଶନ ଜେନା, ଆନନ୍ଦ ଦେବତା, ଅଭିମନ୍ୟୁ ସାହୁ, ସୁଶାନ୍ତ ପରିଡ଼ା ଓ ଗୌରବ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ମାସକ ମଧ୍ୟରେ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

କଟକ,୨୪।୫(କାର୍ତ୍ତିକ ସାହୁ)

**ଖଣ୍ଡପଡ଼ା ବ୍ଲକ ଆବାସ ବଣ୍ଟନରେ ଅନିୟମିତତା ମାମଲା**

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ ରୁଜୁ ମାମଲାର ଶୁଣାଣି କରି ମାସକ ମଧ୍ୟରେ ପଦକ୍ଷେପ ନେବାକୁ ନୟାଗଡ଼ ଜିଲାପାଳଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବ ଶ୍ରେଣୀର ଲୋକଙ୍କୁ ସାମିଲ କରାଯିବା ଓ କଚ୍ଚାଘର ଲୋକଙ୍କୁ ଆବାସ ବଣ୍ଟନ ନିୟମ ରହିଛି। ମାତ୍ର ଖଣ୍ଡପଡ଼ା ବ୍ଲକରେ ଏହାର ଉଲ୍ଲଂଘନ କରି କୋଠାଘର, ଗାଡ଼ିମୋଟର ଥିବା ଲୋକଙ୍କୁ ଆବାସ ବଣ୍ଟନ କରାଯାଇଛି। ମାତ୍ର ଚାଳଛପର ଘର ଥିବା ଲୋକଙ୍କୁ ଆବାସ ବଣ୍ଟନ କରାଯାଇନାହିଁ ବୋଲି ଆବେଦନରେ ଦର୍ଶାଯାଇଛି। ଭାରତୀୟ ବିକାଶ ପରିଷଦ ପକ୍ଷରୁ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ଉପସଭାପତି ନିରଞ୍ଜନ ଦାସ, ବିଜୟ କୁମାର ସେଠୀ ପ୍ରମୁଖ ଲିଖିତ ଭାବେ ଖଣ୍ଡପଡ଼ା ବିଡିଓ, ନୟାଗଡ଼ ଜିଲାପାଳ, ପଞ୍ଚାୟତିରାଜ ସଚିବ, ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ଓ ଡିଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଭାରତୀୟ ବିକାଶ ପରିଷଦ ପକ୍ଷରୁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଆଡ୍‌ଭୋକେଟ ଗୋପାଳ ପ୍ରସାଦ ଜେନା ମାମଲା ପରିଚାଳନା କରୁଛନ୍ତି।

# 'ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ସମାଜକୁ ଶୃଙ୍ଖଳିତ କରେ'




କଟକ କଳାବିକାଶ କେନ୍ଦ୍ରଠାରେ ଶନିବାର ନାଦ-ନିନାଦର ଗ୍ରୀଷ୍ମୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ରାଗମାଳା ପରିବେଷଣ କରାଯାଉଛି।

କଟକ,୨୪।୫(କାର୍ତ୍ତିକ ସାହୁ)

**ନାଦ-ନିନାଦର ଗ୍ରୀଷ୍ମୋତ୍ସବ ଉଦ୍‌ଘାଟିତ**

ସାଂସ୍କୃତିକ ଅନୁଷ୍ଠାନ ନାଦ-ନିନାଦର ଗ୍ରୀଷ୍ମୋତ୍ସବ-୨୦୨୫ କଳାବିକାଶ କେନ୍ଦ୍ରଠାରେ ଶନିବାର ଆରମ୍ଭ ହୋଇଛି। ପଦ୍ମଶ୍ରୀ ଡ. ଶ୍ୟାମାମଣି ଦେବୀ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ସମାଜକୁ ଶୃଙ୍ଖଳିତ କରେ ବୋଲି ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ରବୀନ୍ଦ୍ର ନାଥ ମହାନ୍ତି, ସୁଧୀ ରଞ୍ଜନ ମିଶ୍ର ଓ ଅସୀମ କୁମାର ଶାସ୍ତ୍ରୀୟ ସଙ୍ଗୀତ, ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ପ୍ରଚାର, ପ୍ରସାରରେ ଅନୁଷ୍ଠାନର ନିରନ୍ତର ପ୍ରୟାସ ପ୍ରଶଂସନୀୟ ବୋଲି କହିଥିଲେ। ଅନୁଷ୍ଠାନ ସଭାପତି ସଙ୍ଗୀତ ଗୁରୁ ପଣ୍ଡିତ ଏ. ମହେଶ୍ୱର ରାଓ ସ୍ୱାଗତ ଭାଷଣ ଦେଇ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ରଞ୍ଜନ କୁମାର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଇଂ. କ୍ଷୀରୋଦ ମୋହନ ପଟ୍ଟନାୟକଙ୍କୁ ଚଳିତବର୍ଷର 'ନିଦାଘ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। ଗୁରୁ ରାଓଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ରାଗମାଳା ପରିବେଷଣ କରିଥିଲେ। ବିଶ୍ୱନାଥ ମିଶ୍ର ହାରମୋନିୟମରେ ଓ ଯୋଗେନ୍ଦ୍ର ନାଥ ସ୍ୱାଇଁ ତବଲାରେ ସହଯୋଗ କରିଥିଲେ। ଏ. ଶିବପ୍ରସାଦ ରାଓ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପରିବେଷଣ କରିଥିଲେ। କୌସ୍ତୁଭ ସ୍ୱାଇଁ ତବଲାରେ ସହଯୋଗ କରିଥିଲେ। ଦିଲ୍ଲୀର ପ୍ରସିଦ୍ଧ ବେହେଲା ବାଦକ ଯଜନେଶ ରାଇକର ଚମତ୍କାର ଢଙ୍ଗରେ ଜିତେନ୍ଦ୍ର କୁମାର ସ୍ୱାଇଁଙ୍କ ତବଲା ସଙ୍ଗତରେ ବେହେଲା ବାଦନ କରି ସମସ୍ତଙ୍କୁ ବିମୋହିତ କରିଥିଲେ। ବିଚିତ୍ରାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଜନ କୁମାର ରାୟଚୌଧୁରୀ, କାନନବାଳା ରାୟଚୌଧୁରୀ, ମିଳନ ପରିଡ଼ା, ଅଜୟ ବାରିକ, ଏ. ନାରାୟଣ ରାଓ, ଏ. ମନ୍ଦାକିନୀ ରାଓ, ନମ୍ରତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ମହିଳାଙ୍କୁ ଜେଲ ପରିସରରେ ଗଣବଳାତ୍କାର**
ଆସାମର ଶ୍ରୀଭୂମି ଜିଲାରେ ଜଣେ ବାସହୀନ ମାନସିକ ବିକୃତ ମହିଳାଙ୍କୁ ଜିଲା ଜେଲ୍ ପରିସରକୁ ଘୋଷାଡ଼ି ନେଇ ଗଣବଳାତ୍କାର କରିବା ଅଭିଯୋଗରେ ୨ ଜଣ ଗାର୍ଡ ଗିରଫ ହୋଇଛନ୍ତି। ଅଭିଯୁକ୍ତ ହରେଶ୍ୱର କଳିତା ଏବଂ ଗଜେନ୍ଦ୍ର କଳିତାଙ୍କ ଘର ଗୁଆହାଟୀର ପଞ୍ଜାବରୀ ଓ ବାରୋଗାଁରେ। ଉଭୟଙ୍କୁ ଗିରଫ କରି ପୋଲିସ ତଦନ୍ତ ଚଳାଇଥିବାବେଳେ ପାଡ଼ିତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# ନୀତୀଶ, ମମତାଙ୍କ ଅନୁପସ୍ଥିତିକୁ ନେଇ ରାଜନୀତି

## ନୀତି ଆୟୋଗ ବୈଠକକୁ ଆସିଲେନି ୫ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୨୪।୫**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ରେସିପ୍ରୋକାଲ ଟାରିଫ୍ ଘୋଷଣା ଏବଂ ପାକିସ୍ତାନ ବିରୋଧରେ ଭାରତୀୟ ସଶସ୍ତ୍ର ବଳର 'ଅପରେଶନ୍ ସିନ୍ଦୂର' ପରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଶନିବାର ଅନୁଷ୍ଠିତ ହୋଇଛି ନୀତି ଆୟୋଗ ଗଭର୍ନିଂ କାଉନ୍ସିଲର ୧୦ମ ବୈଠକ। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, କର୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ୍ ଓ ପଣ୍ଡିଚେରୀ ମୁଖ୍ୟମନ୍ତ୍ରୀ ଏନ୍. ରଙ୍ଗାସ୍ୱାମୀ ଯୋଗଦେଇ ନାହାନ୍ତି। ମମତା ଓ ନୀତୀଶଙ୍କ ଅନୁପସ୍ଥିତିକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନୀତି ଆୟୋଗ ଗଭର୍ନିଂ କାଉନ୍ସିଲ ବୈଠକରେ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳମାନେ ଯୋଗଦେବା କଥା। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମମତାଙ୍କ ଅନୁପସ୍ଥିତିକୁ ନେଇ ରାଜନୀତି ଜୋର୍ ଧରିଛି। ସୂତ୍ରରୁ ଜଣାପଡ଼ିଛି ଯେ, ଗତବର୍ଷ ଜୁଲାଇରେ ଅନୁଷ୍ଠିତ ନୀତି ଆୟୋଗର ପୂର୍ବ ବୈଠକରେ ଭାଜପା ଶାସିତ ଏବଂ ଏନ୍‌ଡିଏ ନେତୃତ୍ୱାଧୀନ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ୧୫ ମିନିଟରୁ ଅଧିକ ସମୟ କହିବାକୁ ଦିଆଯାଇଥିବାବେଳେ ବିରୋଧୀ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ମାତ୍ର ୫ ମିନିଟ୍ ଦିଆଯାଇଥିବା ଅଭିଯୋଗ ଆଣି ମମତା ଏହାକୁ ବର୍ଜନ କରିଛନ୍ତି। ଆସନ୍ତା ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ପଶ୍ଚିମବଙ୍ଗ ଗସ୍ତ ପୂର୍ବରୁ ମମତା କେନ୍ଦ୍ର ବିରୋଧୀ ନିଜ ଆଭିମୁଖ୍ୟକୁ ଆହୁରି ମଜଭୁତ କରିବାକୁ ଯାଇ ଏପରି ନିଷ୍ପତ୍ତି ନେଇଛନ୍ତି। ଭାଜପାର ରାଜ୍ୟ ସଭା ସଦସ୍ୟ ସମିକ ଭଟ୍ଟାଚାର୍ଯ୍ୟ ମମତାଙ୍କୁ ସମାଲୋଚନା କରି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତି ଯୋଗୁ ପଶ୍ଚିମବଙ୍ଗ ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ଗତି କରିବ। ଆସନ୍ତା ବର୍ଷ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ନୀତି ଆୟୋଗ ବୈଠକ ତାଙ୍କ ପାଇଁ ଏକ ସୁଯୋଗ ଥିଲା। ନିର୍ବାଚନ ପରେ ନୂଆ ମୁଖ୍ୟମନ୍ତ୍ରୀ ନୀତି ଆୟୋଗ ବୈଠକରେ ଯୋଗଦେବେ। ସେହିପରି ସିପିଆଇଏମ୍ କେନ୍ଦ୍ରୀୟ କମିଟି ସଦସ୍ୟ ସୁଜନ ଚକ୍ରବର୍ତ୍ତୀ କହିଛନ୍ତି, ଏଥିରେ କିଛି ନୂତନତ୍ୱ ନାହିଁ। ମମତା କେବଳ ଦୁର୍ନୀତି କରିବାରେ ବ୍ୟସ୍ତ। ତେଣୁ ସେ ରାଜ୍ୟର ବିକାଶ ପରିବର୍ତ୍ତେ 'ଦୁର୍ନୀତି ଆୟୋଗ' ବୈଠକରେ ସାମିଲ ହେବାକୁ ଅଧିକ ଆଗ୍ରହୀ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, ମମତା ଏହି ବୈଠକରେ ଯୋଗ ନ ଦେବା ଦୁର୍ଭାଗ୍ୟଜନକ। ସେ ଏଥିରେ ସାମିଲ ହୋଇଥିଲେ ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଉଠାଇପାରିଥାନ୍ତେ। ପଶ୍ଚିମବଙ୍ଗର ବିକାଶ ପାଇଁ ଅପରିହାର୍ଯ୍ୟ ଥିବା କେନ୍ଦ୍ରୀୟ ଅନୁଦାନ ମଞ୍ଜୁର କରା ନ ଯିବା ଏକ ପ୍ରମୁଖ ପ୍ରସଙ୍ଗ ହୋଇଥିବାବେଳେ ମମତା ଏଥିପ୍ରତି ଆଖି ବୁଜି ଦେଇଥିବା ଅଧୀର ସମାଲୋଚନା କରିଛନ୍ତି।

ସବୁଠୁ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି ଏନ୍‌ଡିଏର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ସଂଯୁକ୍ତ ଜନତା ଦଳ (ଜେଡିୟୁ) ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଏହି ଉଚ୍ଚସ୍ତରୀୟ ବୈଠକରେ ଯୋଗଦେଇ ନାହାନ୍ତି। ଚଳିତବର୍ଷ ଶେଷ ଆଡ଼କୁ ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ନାନା ଜଳ୍ପନାକଳ୍ପନା ପ୍ରକାଶ ପାଉଛି। ବରିଷ୍ଠ କଂଗ୍ରେସ ନେତା ତାରିକ୍ ଅନ୍‌ୱର କହିଛନ୍ତି, ନୀତି ଆୟୋଗ ବୈଠକରେ ନୀତୀଶଙ୍କ ଅନୁପସ୍ଥିତି ଏକ ରାଜନୈତିକ ବାର୍ତ୍ତା ଦେଉଛି, ବିଶେଷକରି ଯେତେବେଳେ ପ୍ରଧାନମନ୍ତ୍ରୀ ନିଜେ ଏଥିରେ ଅଧ୍ୟକ୍ଷତା କରିଛନ୍ତି। ସେହିପରି ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ନେତା ମନୋଜ ଝା କହିଛନ୍ତି, ଆଜିକାଲି ନୀତୀଶଙ୍କ ପ୍ରାଥମିକତା ଅନ୍ୟମାନେ ସ୍ଥିର କରୁଛନ୍ତି। ତେବେ ସେ ବୈଠକକୁ ନ ଯିବା ବିହାର ପାଇଁ କ୍ଷତିକାରକ।


ନୀତୀଶ କୁମାର


ମମତା ବାନାର୍ଜୀ

## ଟିମ୍ ଇଣ୍ଡିଆ ଭଳି କାମ କରିବା: ପ୍ରଧାନମନ୍ତ୍ରୀ

କେନ୍ଦ୍ର ସରକାର ଓ ରାଜ୍ୟଗୁଡ଼ିକ ଟିମ୍ ଇଣ୍ଡିଆ ଭଳି ମିଶିକି କାର୍ଯ୍ୟକଲେ କୌଣସି ଲକ୍ଷ୍ୟ ପୂରଣ କରିବା ଅସମ୍ଭବ ନୁହେଁ ବୋଲି ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁସନ୍ ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ନୀତି) ଆୟୋଗର ଦଶମ ଗଭର୍ନିଂ କାଉନ୍ସିଲ ବୈଠକକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ବିକାଶର ଗତିକୁ ଆହୁରି ବଢ଼ାଇବାର ଆବଶ୍ୟକତା ରହିଛି। ତେଣୁ ରାଜ୍ୟ ସରକାରମାନେ କେନ୍ଦ୍ର ସହ ସମନ୍ୱୟ ରଖି କାର୍ଯ୍ୟ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି। '୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ' ଗଠନର ଲକ୍ଷ୍ୟ ସମ୍ପର୍କିତ ବିଷୟବସ୍ତୁ ଉପରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ମୋଦି କହିଥିଲେ, ବିକଶିତ ଭାରତ ହେଉଛି ପ୍ରତି ଭାରତୀୟଙ୍କ ଲକ୍ଷ୍ୟ। ପ୍ରତ୍ୟେକ ରାଜ୍ୟ ବିକଶିତ ହେଲେ ଭାରତ ମଧ୍ୟ ବିକଶିତ ହେବ। ଏହା ହେଉଛି ୧୪୦ କୋଟି ନାଗରିକଙ୍କ ଆକାଂକ୍ଷା।

ନୀତି ଆୟୋଗ ଗଭର୍ନିଂ କାଉନ୍ସିଲ ହେଉଛି, ଦେଶର ବିକାଶ ସକାଶେ ନୀତି ପ୍ରଣୟନକାରୀ ସଂସ୍ଥା, ଯେଉଁଥିରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଉପରାଜ୍ୟପାଳ ଯୋଗଦେଇଥାନ୍ତି। ପ୍ରଧାନମନ୍ତ୍ରୀ ମୋଦି ଏହାର ଅଧ୍ୟକ୍ଷ। 'ଅପରେଶନ ସିନ୍ଦୂର' ପରେ ପ୍ରଧାନମନ୍ତ୍ରୀ ଏଥିରେ ପ୍ରଥମଥର ପାଇଁ ଅଧ୍ୟକ୍ଷତା କରି 'ୱାନ୍ ଷ୍ଟେଟ୍, ୱାନ୍ ଗ୍ଲୋବାଲ ଡେଷ୍ଟିନେସନ'ର ଅବତାରଣା କରିଛନ୍ତି। ତଦନୁସାରେ ପ୍ରତ୍ୟେକ ରାଜ୍ୟକୁ ରାଜ୍ୟର ଏକ ପର୍ଯ୍ୟଟନସ୍ଥଳୀକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନ କ୍ଷେତ୍ରରେ ବିକଶିତ କରିବାକୁ ପଡ଼ିବ। ବୈଶ୍ୱିକ ସୁବିଧା ଓ ଭିତ୍ତିଭୂମି ଯୋଗାଇଦେଇ ସେହି ପର୍ଯ୍ୟଟନସ୍ଥଳୀକୁ ବିଶ୍ୱର କୋଣଅନୁକୋଣରୁ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିପାରିଲେ ରାଜ୍ୟଗୁଡ଼ିକର ବିକାଶ ସମ୍ଭବ ହେବ। ଭାରତ ସରକାର ବ୍ରିଟେନ୍, ୟୁଏଇ ଏବଂ ଅଷ୍ଟ୍ରେଲିଆ ସହ ସ୍ୱାକ୍ଷର କରିଥିବା ବାଣିଜ୍ୟିକ ଚୁକ୍ତିର ଲାଭ ରାଜ୍ୟଗୁଡ଼ିକ ନେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପହଲଗାମ୍ ଆକ୍ରମଣରେ ଆତଙ୍କବାଦୀମାନେ ୨୬ ହିନ୍ଦୁଙ୍କୁ ଗୁଳିକରି ହତ୍ୟା କରିବା ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଏହା ସରକାରଙ୍କ ଅଗ୍ରାଧିକାରକୁ ଦର୍ଶାଉଛି। ବୈଠକରେ ପଶ୍ଚିମବଙ୍ଗ, କର୍ଣାଟକ, ପଣ୍ଡିଚେରୀ ଓ କେରଳ ମୁଖ୍ୟମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ୩୧ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ/ଉପରାଜ୍ୟପାଳମାନେ ଯୋଗଦେଇଥିଲେ। ଆନ୍ଧ୍ରପ୍ରଦେଶର ଏନ୍. ଚନ୍ଦ୍ରବାବୁ ନାଇଡୁ, ତାମିଲନାଡୁର ଏମ୍.କେ. ଷ୍ଟାଲିନ୍ ଓ ତେଲଙ୍ଗାନାର ରେଭନ୍ତ ରେଡ୍ଡିଙ୍କ ସହ ଜମ୍ମୁ-କଶ୍ମୀରର ଓମାର ଅବଦୁଲ୍ଲା, ହିମାଚଳ ପ୍ରଦେଶର ସୁଖବିନ୍ଦର ସିଂ ସୁକ୍ଖୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ସାମିଲ ହୋଇ ନିଜ ନିଜ ରାଜ୍ୟର ଦାବି ଉପସ୍ଥାପନ କରିଥିଲେ ବୋଲି ନୀତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ୍ ଗଣମାଧ୍ୟମକୁ ଜଣାଇଛନ୍ତି।


ନୀତି ଆୟୋଗ ବୈଠକରେ ଯୋଗଦେବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଓ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍।

> କେନ୍ଦ୍ରୀୟ ଟିକସରୁ ରାଜ୍ୟକୁ ୪୧% ମିଳିବ ବୋଲି ଆମକୁ ପୂର୍ବରୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଯେଥିରୁ ମାତ୍ର ୩୩.୧୬% ଦିଆଯାଉଛି। ତେଣୁ ନୀତି ଆୟୋଗ ବୈଠକରେ ରାଜ୍ୟର ଅଧିକାର ମୁତାବକ ୫୦% ଭାଗର ଦାବି କରିଛି।
> -ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ନାବାଳିକା ବଳାତ୍କାର ମାମଲାରେ ସନ୍ଥ ଗିରଫ


ଲୋକେଶ୍ୱର ମହାରାଜ

**ବେଙ୍ଗାଲୁରୁ,୨୪।୫**

କର୍ଣାଟକର ବେଲଗମ୍ ଜିଲାରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ଜଣେ ସନ୍ଥଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ବେଲଗମ୍ ଜିଲା ରାଇବାଗ ତାଲୁକ ଅନ୍ତର୍ଗତ ମେଖାଳି ଗ୍ରାମରେ ଥିବା ରାମମନ୍ଦିରର ସନ୍ଥ ଲୋକେଶ୍ୱର ମହାରାଜ। ସେ ୧୭ ବର୍ଷୀୟାଙ୍କୁ କାର୍‌ରେ ନେଇ ଘରେ ଛାଡ଼ିଦେବାକୁ କହି ବାଗଲକୋଟ ସହରର ଏକ ଲଜ୍‌କୁ ନେଇ ସେଠାରେ ବଳାତ୍କାର କରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ପରେ ସେ ପୀଡ଼ିତାଙ୍କୁ ରାଇଚୁର ନେଇ ଯୌନ ନିର୍ଯାତନା ଦେଇ ମହାଲିଙ୍ଗପୁର ବସ୍‌ଷ୍ଟାଣ୍ଡରେ ଛାଡ଼ି ଚାଲିଯାଇଥିଲେ। ସନ୍ଥଙ୍କ ନାମରେ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ (ପୋକ୍‌ସୋ)ରେ ବାଗଲକୋଟ ଥାନାରେ ମାମଲା ରୁଜୁ ହୋଇଛି।

### ପଳାତକ ଅପରାଧୀ ଚଣ୍ଡୋକ୍‌ଙ୍କୁ ପ୍ରତ୍ୟର୍ପଣ କଲା ଆମେରିକା

**ନୂଆଦିଲ୍ଲୀ,୨୪।୫**

ଆମେରିକାରେ ରହୁଥିବା ମୋଷ୍ଟ ୱାଣ୍ଟେଡ୍ ପଳାତକ ଅପରାଧୀ ଅଙ୍ଗଦ ସିଂ ଚଣ୍ଡୋକ୍‌ଙ୍କୁ ଭାରତ ପ୍ରତ୍ୟର୍ପଣ କରାଇବାରେ ସିବିଆଇ ସଫଳ ହୋଇଛି। ହାଇପ୍ରୋଫାଇଲ୍ ବ୍ୟାଙ୍କ ଜାଲିଆତି ଏବଂ ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଚଣ୍ଡୋକ୍ ଦୀର୍ଘବର୍ଷ ହେଲା ଫେରାର ଥିଲେ। ଆମେରିକାରୁ ବିଦା ହେବା ପରେ ଶନିବାର ସକାଳେ ସେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ସିବିଆଇ ଅଧିକାରୀମାନେ ତାଙ୍କୁ ହାଜତକୁ ନେଇଥିବାବେଳେ ଜେରା ପାଇଁ ଅଧିକ ଦିନ ରିମାଣ୍ଡରେ ନେବା ଲାଗି ସ୍ୱତନ୍ତ୍ର ଅଦାଲତଙ୍କୁ ନିବେଦନ କରିପାରନ୍ତି।

### ମୁମ୍ବାଇ, କେରଳରେ ବଢ଼ୁଛି କୋଭିଡ୍

**ନୂଆଦିଲ୍ଲୀ,୨୪।୫**

ଦିଲ୍ଲୀ, ମହାରାଷ୍ଟ୍ର, କେରଳ, ତାମିଲନାଡୁ ଏବଂ କର୍ଣାଟକରେ କୋଭିଡ୍ ସଂକ୍ରମଣ ବଢ଼ିଚାଲିଥିବାରୁ ହସ୍ପିଟାଲଗୁଡ଼ିକରେ ଶଯ୍ୟା ଓ ଅକ୍ସିଜେନ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ୩ ବର୍ଷ ପରେ ପ୍ରଥମଥର ପାଇଁ ଜାତୀୟ ରାଜଧାନୀରେ ୨୩ ଜଣ କୋଭିଡ୍ ସଂକ୍ରମିତ ହୋଇଛନ୍ତି। କେରଳରେ ଚଳିତ ମାସରେ ସର୍ବାଧିକ ୨୭୩ ଜଣ କୋଭିଡ୍ ସଂକ୍ରମିତ ହୋଇଥିବାରୁ ସବୁ ଜିଲାକୁ ସତର୍କ ରହିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କାଶ ହେଲେ ମାସ୍କ ବ୍ୟବହାର କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯାଇଛି। ସେହିପରି କର୍ଣାଟକରେ ୯ ମାସର ଶିଶୁ ସମେତ ୩୫ଟି କୋଭିଡ୍ ମାମଲା ଚିହ୍ନଟ ହୋଇଛି। ଶ୍ୱାସଜନିତ ସମସ୍ୟା ଥିବା ଲୋକମାନଙ୍କୁ କୋଭିଡ୍ ପରୀକ୍ଷା କରିବା ପାଇଁ କୁହାଯାଉଛି। ଚଳିତ ମାସରେ ମୁମ୍ବାଇରେ ୯୫ ଏବଂ ଠାଣେରେ ୧୦ ମାମଲା ଚିହ୍ନଟ ହୋଇଥିବାବେଳେ ୧୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଏନ୍‌କାଉଣ୍ଟରରେ ଜେଜେଏମ୍‌ପି ସୁପ୍ରିମୋ ନିହତ


ପପୁ ଲୋହରା

**ରାଞ୍ଚି,୨୪।୫**

ଲାତେହାରର ଇଚାବାର ଜଙ୍ଗଲରେ ଶନିବାର ସକାଳେ ପୋଲିସ ଏନ୍‌କାଉଣ୍ଟରରେ ଝାଡ଼ଖଣ୍ଡ ଜନମୁକ୍ତି ପରିଷଦ (ଜେଜେଏମ୍‌ପି) ସୁପ୍ରିମୋ ପପୁ ଲୋହରା ଏବଂ ତାଙ୍କ ସହଯୋଗୀ ପ୍ରଭାତ ଲୋହରା ନିହତ ହୋଇଛନ୍ତି। ଅନ୍ୟ ଜଣେ ମାଓବାଦୀ ନିହତ ହୋଇଥିବା ବିଶ୍ୱାସ କରାଯାଉଥିବାବେଳେ ତାଙ୍କ ମୃତଦେହ ମିଳିନାହିଁ। ଆହତ କନ୍‌ଷ୍ଟେବଲ ଅଥ୍ୟ ସିଂଙ୍କୁ ରାଞ୍ଚିର ରାଜେନ୍ଦ୍ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଭର୍ତ୍ତି କରାଯାଇଛି।


ଯୁଦ୍ଧ ବନ୍ଦୀ ବିନିମୟ ପରେ ୟୁକ୍ରେନୀୟ ସୈନ୍ୟ ସ୍ୱଦେଶ ଫେରୁଛନ୍ତି।

## ରୁଷିଆ, ୟୁକ୍ରେନ୍ ମଧ୍ୟରେ ବନ୍ଦୀ ବିନିମୟ

**କିଭ୍,୨୪।୫**

ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ୨୦୨୨ ଫେବୃଆରୀରୁ ଯୁଦ୍ଧ ଲାଗିରହିଥିବାବେଳେ ଗତ ସପ୍ତାହରେ ଇସ୍ତାନବୁଲରେ ପ୍ରଥମଥର ପାଇଁ ଉଭୟ ପକ୍ଷ ଶାନ୍ତି ଆଲୋଚନାରେ ଯୋଗଦେଇଥିଲେ। ଏହି ଅବସରରେ ଉଭୟ ମସ୍କୋ ଏବଂ କିଭ୍ ୧,୦୦୦ ଲେଖାଏଁ ଯୁଦ୍ଧବନ୍ଦୀ ଓ ଅନ୍ୟ ସାଧାରଣ ବନ୍ଦୀଙ୍କୁ ବିନିମୟ କରିବାକୁ ରାଜି ହୋଇଥିଲେ। ତଦନୁଯାୟୀ ଶୁକ୍ରବାର ଦୁଇ ଦେଶ ପରସ୍ପର ମଧ୍ୟରେ ୩୯୦ ବନ୍ଦୀ ବିନିମୟ କରିଥିବାବେଳେ ଶନିବାର ଆଉ ୩୦୭ ଜଣ ଲେଖାଏଁ ବନ୍ଦୀଙ୍କୁ ମୁକ୍ତ କରିଛନ୍ତି। ଏହାର କିଛି ସମୟ ପୂର୍ବରୁ ରୁଷିଆ ଡ୍ରୋନ୍ ଏବଂ ମିଶାଇଲ ଆକ୍ରମଣରେ ୟୁକ୍ରେନ୍‌ର ୧୫ ଜଣ ଆହତ ହୋଇଥିଲେ।

## ପୁଞ୍ଚରେ ଆକ୍ରମଣ କ୍ଷତିଗ୍ରସ୍ତଙ୍କୁ ଭେଟିଲେ ରାହୁଲ


ପୁଞ୍ଚର ଏକ ସ୍କୁଲରେ ପିଲାମାନଙ୍କ ଗହଣରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ।

**ନୂଆଦିଲ୍ଲୀ ୨୪।୫**

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଜମ୍ମୁ-କଶ୍ମୀରର ପୁଞ୍ଚ ଜିଲା ଗସ୍ତରେ ଯାଇ ପାକିସ୍ତାନୀ ସେନାର ସୀମାପାର ମୋର୍ଟାର ସେଲ୍ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରଗୁଡ଼ିକୁ ଭେଟିଛନ୍ତି। ଭାରତର ଅପରେଶନ ସିନ୍ଦୂର ପରେ ପାକିସ୍ତାନୀ ସେନାର ସୀମାପାର ଆକ୍ରମଣ ଯୋଗୁ ପୁଞ୍ଚରେ ଅନେକ କ୍ଷୟକ୍ଷତି ହେବା ସହ କେତେଜଣ ମୃତାହତ ହୋଇଥିଲେ। ରାହୁଲ କ୍ଷତିଗ୍ରସ୍ତ ଲୋକଙ୍କ ଘରକୁ ଯାଇ ସେମାନଙ୍କ ସହ କଥା ହେବା ସହ କ୍ଷୟକ୍ଷତି ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ସେ ହସ୍ପିଟାଲ ଯାଇ ଆହତମାନଙ୍କୁ ଭେଟିଥିଲେ। ଶେଲ୍ ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ଏକ ସ୍କୁଲରେ କଂଗ୍ରେସ ନେତା ପହଞ୍ଚି ପିଲାମାନଙ୍କ ସହ କଥା ହୋଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କ ଉଦବେଗକୁ ଜାତୀୟ ସ୍ତରରେ ଉଠାଇବେ ବୋଲି ରାହୁଲ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଗଣମାଧ୍ୟମ ଆଗରେ କହିଛନ୍ତି। ଆକ୍ରମଣରେ ଅନେକ ଜୀବନ ଯାଇଛି ଓ ବହୁ କ୍ଷତି ହୋଇଛି। ଲୋକମାନଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିଥିଲି। ଲୋକେ ସେମାନଙ୍କ ସମସ୍ୟାକୁ ଜାତୀୟସ୍ତରରେ ଉଠାଇବା ପାଇଁ ଅନୁରୋଧ କରିଥିଲେ ବୋଲି ରାହୁଲ କହିଛନ୍ତି।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଗୁଜରାଟର ସ୍ୱାସ୍ଥ୍ୟକର୍ମୀ ଗିରଫ

**ନୂଆଦିଲ୍ଲୀ,୨୪।୫**

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ଗୁଜରାଟର ଜଣେ ସ୍ୱାସ୍ଥ୍ୟକର୍ମୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ସହଦେବ ସିଂ ଗୋହିଲ କଚ୍ଛ ବାସିନ୍ଦା ହୋଇଥିବା ଗୁଜରାଟ ଏଟିଏସ୍‌ର ବରିଷ୍ଠ ଅଧିକାରୀ କେ. ସିଦ୍ଧାର୍ଥ କହିଛନ୍ତି। ସେ ଭାରତୀୟ ବାୟୁସେନା (ଆଇଏଏଫ) ଏବଂ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାକିସ୍ତାନୀ ଏଜେଣ୍ଟଙ୍କ ସହ ସେୟାର କରୁଥିଲେ। ଗୋହିଲ ୨୦୨୩ରେ ହ୍ୱାଟ୍‌ସଆପ୍ ଜରିଆରେ ପାକିସ୍ତାନୀ ଏଜେଣ୍ଟ ଅଦିତି ଭରଦ୍ୱାଜଙ୍କ ସହ ଯୋଗାଯୋଗରେ ଆସିଥିଲେ। ଏହାପରେ ସେ ଅଦିତିଙ୍କ ପାଖକୁ ଆଇଏଏଫ୍ ଏବଂ ବିଏସ୍‌ଏଫ୍‌ର ନବନିର୍ମିତ ବା ନିର୍ମାଣାଧୀନ ସାମରିକ ଘାଟିଗୁଡ଼ିକର ଫଟୋ ଓ ଭିଡିଓ ପଠାଉଥିଲେ। ତଥ୍ୟ ପଠାଉଥିବା ଖବର ମିଳିବା ପରେ ଗୋହିଲଙ୍କୁ ଚଳିତ ମାସ ୧ ତାରିଖରେ ପ୍ରାଥମିକ ତଦନ୍ତ ପାଇଁ ଡକାଯାଇଥିଲା। ଜେରା ବେଳେ ପାକିସ୍ତାନୀ ଏଜେଣ୍ଟ ତାଙ୍କୁ ଆଇଏଏଫ୍ ଏବଂ ବିଏସ୍‌ଏଫ୍ ସାଇଟଗୁଡ଼ିକର ଫଟୋ ଓ ଭିଡିଓ ମାଗିଥିବା ସ୍ୱତନ୍ତ୍ର ଟାସ୍କଫୋର୍ସ ଜାଣିବାକୁ ପାଇଥିଲା। ଅଫିସରଙ୍କ କହିବା ଅନୁଯାୟୀ, ୨୦୨୫ ଆରମ୍ଭରେ ଗୋହିଲ ନିଜ ଆଧାର କାର୍ଡରେ ଏକ ସିମ୍ କାର୍ଡ କିଣି ଓଟିପି ସହାୟତାରେ ସେହି ନମ୍ବରରେ ଅଦିତିଙ୍କ ପାଇଁ ହ୍ୱାଟ୍‌ସଆପ୍ ଆକ୍ଟିଭେଟ୍ କରିଥିଲେ। ପରେ ସେ ଉକ୍ତ ନମ୍ବରକୁ ତଥ୍ୟ ସେୟାର ପାଇଁ ବ୍ୟବହାର କରୁଥିଲେ। ଉକ୍ତ ନମ୍ବର ପାକିସ୍ତାନରୁ ଅପରେଟ୍ କରାଯାଉଥିବା ଫୋରେନ୍‌ସିକ ଅନୁଧ୍ୟାନରୁ ଜଣାପଡ଼ିଛି। ଗୋହିଲଙ୍କୁ ଏଥିପାଇଁ ଜଣେ ଅଜଣା ବ୍ୟକ୍ତି ୪୦ ହଜାର ଟଙ୍କା ଦେଇଥିଲେ ବୋଲି ସିଦ୍ଧାର୍ଥ କହିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ଗୋହିଲଙ୍କୁ ମିଶାଇ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଗୁପ୍ତଚର ବୃତ୍ତି ଅଭିଯୋଗରେ ଗିରଫ କରାଗଲାଣି।


ସହଦେବ ସିଂ ଗୋହିଲ

## ସିନ୍ଧୁନଦୀ ଚୁକ୍ତିର ସର୍ତ୍ତ ଉଲ୍ଲଂଘନ କରିଛି ପାକିସ୍ତାନ

**ଜାତିସଂଘ,୨୪।୫(ପିଟିଆଇ)**

ସିନ୍ଧୁନଦୀ ଚୁକ୍ତିକୁ ନେଇ ପାକିସ୍ତାନ ଜାତିସଂଘରେ ଭୁଲ୍ ତଥ୍ୟ ରଖୁଥିବାରୁ ଭାରତ ଏହାର ତୀବ୍ର ସମାଲୋଚନା କରିଛି। ବନ୍ଧୁତ୍ୱ ଓ ସଦିଚ୍ଛା ଆଧାରରେ ୬୫ ବର୍ଷ ପୂର୍ବରୁ ଭାରତ ପାକିସ୍ତାନ ସହ ସିନ୍ଧୁନଦୀ ଜଳ ଚୁକ୍ତି ସ୍ୱାକ୍ଷର କରିଥିଲା। ଇସଲାମାବାଦ ଭାରତ ବିରୋଧରେ ୩ ଥର ଯୁଦ୍ଧ କରିବା ସହ ଆତଙ୍କବାଦୀ ଆକ୍ରମଣରେ ଅନେକ ହଜାର ଲୋକଙ୍କ ଜୀବନ ନେଇ ଚୁକ୍ତିର ସର୍ତ୍ତକୁ ଉଲ୍ଲଂଘନ କରିଥିବା ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ବତନେନି ହରିଶ କହିଛନ୍ତି।

## ବାହାରିନ୍‌ରେ ପ୍ରବାସୀ ଭାରତୀୟଙ୍କୁ ଭେଟିଲେ ସଂସଦୀୟ ଟିମ୍

**ମାନାମା,୨୪।୫**

ବରିଷ୍ଠ ଭାଜପା ନେତା ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଶନିବାର ବାହାରିନ୍‌ରେ ପହଞ୍ଚିଥିବା ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ସେଠାରେ ପ୍ରବାସୀ ଭାରତୀୟମାନଙ୍କୁ ଭେଟି ପାକିସ୍ତାନର ସୀମାପାର ଆତଙ୍କବାଦ ଓ ଭାରତୀୟ ସେନାର ଅପରେଶନ ସିନ୍ଦୂରର ସଫଳତା ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରତିନିଧି ମଣ୍ଡଳୀରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ, ଫାଙ୍ଗନୋନ୍ କୋନ୍ୟାକ, ଏନ୍‌ସିପି ଏମ୍‌ପି ରେଖା ଶର୍ମା, ଏଆଇଏମ୍‌ଆଇଏମ୍ ଏମ୍‌ପି ଅସାଦୁଦ୍ଦିନ୍ ଓୱାଇସି, ସତ୍‌ନାମ ସିଂ ସାନ୍ଧୁ, ଗୁଲାମ ନବୀ ଆଜାଦ ଏବଂ ରାଷ୍ଟ୍ରଦୂତ ହର୍ଷ ଶ୍ରୀଙ୍ଗଲା ରହିଛନ୍ତି।

ସେହିପରି ଡିଏମ୍‌କେ ଏମ୍‌ପି କାନିମୋଝି କରୁଣାନିଧିଙ୍କ ନେତୃତ୍ୱରେ ରୁଷିଆ ଯାଇଥିବା ପ୍ରତିନିଧି ମଣ୍ଡଳୀ ଆତଙ୍କବାଦ ପ୍ରତି ଭାରତର ଶୂନ୍ୟ ସହନଶୀଳତା ସମ୍ପର୍କିତ ଦୃଢ଼ ବାର୍ତ୍ତା ଦେଇଛନ୍ତି। ମସ୍କୋସ୍ଥିତ ଭାରତୀୟ ଦୂତାବାସରେ ଏକ ମିଳିତ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କାନିମୋଝି କହିଥିଲେ, ପାକିସ୍ତାନରୁ ଅନୁପ୍ରବେଶ କରିଥିବା ଆତଙ୍କବାଦୀ ପହଲଗାମ୍ ଆକ୍ରମଣ କରିଥିଲେ। ଇସଲାମାବାଦ ସୁରକ୍ଷାରେ ରହିଥିବା ଏହି ଆତଙ୍କବାଦୀ ସଂଗଠନ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିଲା। ଭାରତ ଦାୟିତ୍ୱପୂର୍ଣ୍ଣ ଭାବେ ଏହାର ଜବାବ ଦେବାକୁ ଯାଇ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିଥିବାବେଳେ କୌଣସି ସାଧାରଣ ଲୋକ ପ୍ରଭାବିତ ହୋଇ ନ ଥିଲେ କି ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇ ନ ଥିଲା। ଶିବସେନା ଏମ୍‌ପି ଶ୍ରୀକାନ୍ତ ଶିନ୍ଦେଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇକୁ ସମର୍ଥନ କରୁଥିବା ୟୁଏଇକୁ ଅଭିନନ୍ଦନ ଜଣାଇଛନ୍ତି।


ବାହାରିନ୍‌ର ମାନାମାସ୍ଥିତ ଇଣ୍ଡିଆ ହାଉସ୍‌ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ବୈଜୟନ୍ତ ପଣ୍ଡା ଓ ଅନ୍ୟମାନେ।

# ବଚସାରୁ ସ୍ତ୍ରୀଙ୍କ ଉପରେ ଢାଳିଲେ ଏସିଡ୍

ବେଙ୍ଗାଲୁରୁ,୨୪।୫(ପି.ଟି.)



ପାରିବାରିକ କଳହ ଏବେ ଉଗ୍ର ହେବାରେ ଲାଗିଛି। ଛୋଟ ଛୋଟ ଘଟଣାରେ ଉତ୍ତ୍ୟକ୍ତ ହୋଇ ଅଘଟଣ ଘଟାଇବାକୁ ପଛାଉ ନାହାନ୍ତି। ପରିବାରରେ ବଚସା କାରଣରୁ ବେଙ୍ଗାଲୁରୁରେ ଜଣେ ସ୍ୱାମୀ ସ୍ତ୍ରୀଙ୍କ ଉପରକୁ ଟଏଲେଟରେ ବ୍ୟବହାର ହେଉଥିବା ଏସିଡ୍ କ୍ଲିନର ଢାଳି ଦେଇଛନ୍ତି। ଗୁରୁତର ଅବସ୍ଥାରେ ମହିଳାଙ୍କୁ ପଡ଼ୋଶୀମାନେ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ଅଭିଯୁକ୍ତ ସ୍ୱାମୀ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନାନୁସାରେ, ବେଙ୍ଗାଲୁରୁରେ ରହୁଥିବା ୪୪ବର୍ଷୀୟା ସିଦେଦାହାଲି ଜଣେ ବ୍ୟୁଟିସିଆନ୍ ଭାବେ କାମ କରନ୍ତି। ସେ ତାଙ୍କ ସ୍ୱାମୀଙ୍କ ସହ ରୁହନ୍ତି। ଗତ ୧୯ତାରିଖ ରାତିରେ ସ୍ୱାମୀ ମଦ୍ୟପାନ କରିବା ପାଇଁ ସିଦେଦାହାଲିଙ୍କୁ ଟଙ୍କା ମାଗିଥିଲେ। ହେଲେ ଟଙ୍କା ଦେବାକୁ ସ୍ତ୍ରୀ ମନା କରିଦେଇଥିଲେ। ପରେ ସ୍ତ୍ରୀଙ୍କ ଠାରୁ କୌଣସି ପ୍ରକାରେ ଟଙ୍କା ନେବାରେ ସ୍ୱାମୀ ସଫଳ ହୋଇ ବାହାରକୁ ଯାଇଥିଲେ। କିଛି ସମୟପରେ ମଦ୍ୟପାନ କରି ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ ଘରେ ମୋବାଇଲ ଫୋନ୍‌ରେ ଅଧିକ ସାଉଣ୍ଡ ବା ଶବ୍ଦ ଦେଇ ଗୀତ ଶୁଣିବାରୁ ସ୍ତ୍ରୀ ଏହାକୁ ବିରୋଧ କରି ଶବ୍ଦ ପ୍ରଦୂଷଣ ନ କରିବାକୁ କହିଥିଲେ। ହେଲେ ଏଥିରେ ସ୍ୱାମୀ ରାଜି ନ ହୋଇ ଜୋରରେ ସାଉଣ୍ଡ ଦେଇ ଗୀତ ଶୁଣିଥିଲେ, ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ୱାମୀ ବାଥ୍‌ରୁମ୍‌ରେ ଥିବା ଟଏଲେଟ କ୍ଲିନର ଏସିଡ୍ ଆଣି ସ୍ତ୍ରୀଙ୍କ ମୁହଁରେ ଢାଳି ଦେଇଥିଲେ। ସିଦେଦାହାଲି ଯନ୍ତ୍ରଣାରେ ଛଟପଟ ହୋଇ ସହାୟତା ପାଇଁ ଚିତ୍କାର କରୁଥିବାବେଳେ ତାଙ୍କୁ ସହଯୋଗ ନ କରି ସ୍ୱାମୀ ଘରୁ ଫେରାର ହୋଇଯାଇଥିଲେ। ପରେ ପଡ଼ୋଶୀ ସିଦେଦାହାଲିଙ୍କ ପାଟି ଶୁଣି ତାଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ସିଦେଦାହାଲିଙ୍କ ସ୍ୱାମୀଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।

# ଭଡ଼ାଟିଆଙ୍କ ପାଖରେ ରଖିଥିଲେ ୫୫ ଲକ୍ଷ ଟଙ୍କା, ୧.୪ କେଜି ସୁନା

## ଆର୍‌ଆଣ୍ଡ୍‌ବି କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀ ଗିରଫ

■୩୪୭% ଅଧିକ ଆୟବହିର୍ଭୂତ ସମ୍ପତ୍ତି ଠାବ

ଭୁବନେଶ୍ୱର,୨୪।୫(ସତ୍ୟଜିତ୍ ରାଉତ)



ନୂଆପଡା ଜିଲା ଖରିଆରସ୍ଥିତ ରାସ୍ତା ଓ ଗୃହ ବିଭାଜନର କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ସୁଶାନ୍ତଙ୍କ ଠାରୁ ଠାବ ହୋଇଥିବା ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୩୪୭% ଅଧିକ ହେବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ଭିଜିଲାନ୍ସ ସେଲ୍ ପୋଲିସ ଷ୍ଟେସନ ଥାନାରେ ସୁଶାନ୍ତଙ୍କ ବିରୋଧରେ ମାମଲା ନଂ.୫/୨୦୨୫ ରୁଜୁ କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ସୁଶାନ୍ତଙ୍କୁ ସହଯୋଗ କରିଥିବାରୁ ତାଙ୍କ ସ୍ତ୍ରୀଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ଅଭିଯୁକ୍ତ ସୁଶାନ୍ତଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଭିଜିଲାନ୍ସ ଯାଞ୍ଚବେଳେ ଆଉ ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ସୁଶାନ୍ତଙ୍କ ସ୍ତ୍ରୀ ଗଙ୍ଗୋତ୍ରୀ ବିହାରରେ ରହୁଥିବା ଭଡ଼ାଟିଆଙ୍କ ବିରୋଧରେ ଧଉଳି ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଭଡ଼ାଟିଆଙ୍କୁ ୫୫ଲକ୍ଷ ଟଙ୍କା ଓ ୧.୪ କେ.ଜି. ସୁନା ଦେଇଥିବାବେଳେ ସେମାନେ ଫେରାଉ ନ ଥିବା ନେଇ ଏତଲାରେ ଦର୍ଶାଯାଇଥିଲା। ଏହାକୁ ନେଇ ଧଉଳି ପୋଲିସ ୨୦୨୪ ଏପ୍ରିଲ ୧୩ରେ ଏକ ମାମଲା (ନଂ.୯୩/୨୦୨୪) ରୁଜୁ କରିଥିଲା। ତେବେ ଏହି ଦସ୍ତାବିଜ ମିଳିବା ପରେ ଏହା ଦୁର୍ନୀତି ଟଙ୍କା ବୋଲି ସନ୍ଦେହ କରି ଭିଜିଲାନ୍ସ ଅଧିକ ତଦନ୍ତ କରୁଛି। ସେତେବେଳେ ଭିଜିଲାନ୍ସରେ ଅଭିଯୋଗ ହୋଇଥିବା ଜାଣିବା ପରେ ଚଢ଼ାଉ ଆଶଙ୍କାରେ ସୁଶାନ୍ତ ଓ ତାଙ୍କ ସ୍ତ୍ରୀ ବିପୁଳ ଟଙ୍କା ଓ ସୁନା ଭଡ଼ାଟିଆଙ୍କ ଘରେ ଲୁଚାଇ ରଖିଥିବା କୁହାଯାଉଛି। ତେବେ ଏନେଇ ଧଉଳି ଥାନା ଆଇଆଇସି ପ୍ରଦୀପ୍ତ କୁମାର ମିଶ୍ର କହିଛନ୍ତି, ଏଯାଏ କୌଣସି ପ୍ରମାଣ ମିଳିନାହିଁ। ଭିଜିଲାନ୍ସର ତଥ୍ୟ ଅନୁଯାୟୀ ସୁଶାନ୍ତଙ୍କର ଭୁବନେଶ୍ୱର ଲିଙ୍ଗିପୁର ଗଙ୍ଗୋତ୍ରୀନଗରସ୍ଥିତ ପ୍ଲଟ୍ ନଂ.୧୦ରେ ୬୫୦୦ ବର୍ଗଫୁଟରେ ଏକ ୩ ମହଲା କୋଠା ଓ ପ୍ଲଟ୍ ନଂ.୧୦/୩୯୨୦ରେ ପ୍ରାୟ ୧୫୦୦ ବର୍ଗଫୁଟରେ ଏକ ନିର୍ମାଣାଧୀନ କୋଠା ରହିଛି। ସେହିପରି ପୁରୀ ଜିଲା ପିପିଲି ବିଲିପଡାସ୍ଥିତ ପ୍ଲଟ୍ ନଂ. ୭୪୯ରେ ୧ ଏକର ଜାଗାରେ ଗୋଟିଏ ଫାର୍ମ ହାଉସ୍ ଓ ବିଭିନ୍ନ ସ୍ଥାନରେ ୯ଟି ମୂଲ୍ୟବାନ୍ ପ୍ଲଟ୍ ଏବଂ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏଥିସହ ସୁଶାନ୍ତଙ୍କ ବ୍ୟାଙ୍କ ଓ ଜୀବନବୀମା ଜମା ୫୫ ଲକ୍ଷ ଟଙ୍କା ଥିବା ଭିଜିଲାନ୍ସ ଟିମ୍ ଜାଣିବାକୁ ପାଇଛି।

# ରାଜା ଚକ୍ର, ୨ ସହଯୋଗୀ କୋର୍ଟରେ ହାଜର



ପୋଲିସ କଡ଼ା ସୁରକ୍ଷା ବଳୟରେ ରାଜା ଚକ୍ରଙ୍କୁ କୋର୍ଟକୁ ନେଉଛି।

## ବଟି ମାଗିବା, ଲୋଡର ଛଡ଼ାଇ ନେଇ ବିକ୍ରି ଘଟଣା

ଜାମିନ ଆବେଦନ ଖାରଜ

କେନ୍ଦୁଝର,୨୪।୫(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଏସ୍‌ଡିଜେଏମ୍ କୋର୍ଟରେ ରାଜା ଚକ୍ର ଓ ଅନ୍ୟ ୨ ସହଯୋଗୀ ହାଜର ହୋଇଥିଲେ। ରାଜା ଗନ୍ଧମାର୍ଦନ ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ବେଳେ ସଦର ଥାନାରେ ବନ୍ଧୁକ ଦେଖାଇ ବଟି ମାଗିବା ଓ ଲୋଡ଼ର ମେଶିନ ଛଡ଼ାଇନେଇ ଜାଲ୍ ଦସ୍ତାବିଜ କରି ବିକ୍ରି କରିଦେବା ଭଳି ଏକ ସଙ୍ଗିନ ଅଭିଯୋଗ ହୋଇଥିଲା। ଉକ୍ତ ମାମଲା ମଧ୍ୟ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କୋର୍ଟଙ୍କ ରିମାଣ୍ଡ ଅନୁଯାୟୀ ଉକ୍ତ ମାମଲାରେ ଶନିବାର ରାଜା ଚକ୍ରଙ୍କ ସହ ମାନସ ବାରିକ ଓ ଉତ୍କଳ ଦାସଙ୍କୁ କଡ଼ା ସୁରକ୍ଷା ବ୍ୟବସ୍ଥାରେ ହାଜର କରାଯାଇଥିଲା। ଅନ୍ୟପକ୍ଷରେ ରାଜାଙ୍କ ଓକିଲ ଉକ୍ତ ମାମଲାରେ ଜାମିନ ଆବେଦନ କରିଥିଲେ। ମାତ୍ର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଥିଲା।

ସୂଚନାଥାଉ କି, ବହୁଚର୍ଚ୍ଚିତ ଗନ୍ଧମାର୍ଦନ ଲୋଡିଂ ଏଜେନ୍ସିରେ ଅନେକ କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ରାଜା ଚକ୍ର ଏବଂ ତାଙ୍କର ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରିଥିଲା। ଗିରଫ ପରେ ସମସ୍ତ ଅଭିଯୁକ୍ତ ଜାମିନ ପାଇଁ ନିମ୍ନ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ଜାମିନ ଖାରଜ ହେବା ପରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାରେ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଅଭିଯୁକ୍ତମାନେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଜାମିନ୍‌ରେ ବାହାରିଲେ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ହାଇକୋର୍ଟ ଆବେଦନକୁ ଖାରଜ କରିଥିଲେ। ସେବେଠାରୁ ରାଜା ଜେଲରେ ଅଛନ୍ତି।

ଅନ୍ୟପକ୍ଷେ ରାଜା ଚକ୍ର ଓ ତାଙ୍କର ଅନ୍ୟ ୮ ଜଣ ସହଯୋଗୀ ଦାଦାବଟି ମାଗିବା, ଧମକ ଚମକ ଏବଂ ଲୋଡର ମେଶିନ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଶୁଆକାଟି ଅଞ୍ଚଳର ସୁଶାନ୍ତ ବାରିକ କେନ୍ଦୁଝର ସଦର ଥାନାରେ ୨୨ ଏପ୍ରିଲ ୨୦୨୫ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ରାଜାଙ୍କ ସମେତ ୮ ଜଣଙ୍କ ବିରୋଧରେ ମାମଲା (ନଂ.୧୮୪/ ୨୦୨୫) ରୁଜୁ କରିଥିଲା। ଅଭିଯୋଗ ମୁତାବକ, ଘଟଣା ୨୭ ମାର୍ଚ୍ଚ ୨୦୨୪ରେ ଘଟିଥିଲା। ମାତ୍ର ମାମଲା ୨୨ ଏପ୍ରିଲ ୨୦୨୫ ଅର୍ଥାତ ବର୍ଷକ ପରେ ରୁଜୁ ହେବା ଘଟଣାକୁ ନେଇ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ଠିକ୍ ତଦନ୍ତ କରି କୋର୍ଟକୁ ସବିଶେଷ ରିପୋର୍ଟ ଦେବା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ମତପ୍ରକାଶ ପାଉଛି।

# ରଣପୁର ତତ୍କାଳୀନ ଥାନାଧିକାରୀ ଓଏଚ୍‌ଆର୍‌ସିରେ ଦଣ୍ଡିତ

## ୪ ମାସରେ ୩ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ଭୁବନେଶ୍ୱର/ ରଣପୁର,୨୪।୫ (ସତ୍ୟଜିତ୍ ରାଉତ/ ସୁକାନ୍ତ କିଶୋର ଡାକୁଆ)



ରଶ୍ମିରଞ୍ଜନ ଦାସ

ଓଡ଼ିଶା ମାନବ ଅଧିକାର କମିଶନ(ଓଏଚ୍‌ଆର୍‌ସି)ଙ୍କ କୋର୍ଟରେ ରଣପୁର ଥାନାର ପୂର୍ବତନ ଆଇଆଇସି ରଶ୍ମିରଞ୍ଜନ ଦାସ ଦଣ୍ଡିତ ହୋଇଛନ୍ତି। ୪ମାସ ମଧ୍ୟରେ ୩ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ରଶ୍ମିରଞ୍ଜନଙ୍କୁ ନିର୍ଦ୍ଦେଶ ହୋଇଛି। ଏକ ମରଣାନ୍ତକ ଆକ୍ରମଣ ମାମଲାରେ ଆକ୍ରମଣକାରୀଙ୍କଠାରୁ ଲାଞ୍ଚ ନେଇ ଅନୁଗ୍ରହ ଦେଖାଇବା, ୧୯ଦିନ ଭିତରେ ଚାର୍ଜସିଟ ଦେବା, ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଥିଲେ ହେଁ ଦଫା ୩୦୭ ନ ଲଗାଇ ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲଗାଇ ଥାନାରୁ ବେଲ୍ ଦେବା ପରି ଘଟଣାରେ କମିଶନ କୋର୍ଟ ଭର୍ତ୍ସନା କରି ଆଇଆଇସିଙ୍କୁ ଦଣ୍ଡିତ କରିଛନ୍ତି।

ମିଳିଥିବା ସୂଚନାନୁସାରେ, ନୟାଗଡ଼ ଜିଲା ରଣପୁର ଥାନା ଗୋପାଳପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମରେ ୨୦୨୦ ଜୁନ୍ ୫ରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦିଲୀପ ବାରିକ ଓ ରବୀନ୍ଦ୍ର ବାରିକଙ୍କୁ ସେହି ଗ୍ରାମର କେତେଜଣ ଲୋକ କଟୁରି, ଫର୍ସା ଆଦି ମାରଣାସ୍ତ୍ରରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିଲେ। ଦିଲୀପ ଓ ରବୀନ୍ଦ୍ର ଉଭୟେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ହସ୍ପିଟାଲରେ ୧୫ଦିନ ଧରି ଚିକିତ୍ସିତ ହେବା ପରେ ସୁସ୍ଥ ହୋଇଥିଲେ। ଏହି ଘଟଣାରେ ରବୀନ୍ଦ୍ରଙ୍କ ସ୍ତ୍ରୀ ପ୍ରତିମା, ପୁଅ ନଷ୍ଟ ବାରିକ ଏବଂ ଝିଅ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ରବୀନ୍ଦ୍ରଙ୍କ ସାନଭାଇ ସୁରେନ୍ଦ୍ର ସାମନ୍ତରାୟ ତରଫରୁ ବାରିକ ରଣପୁର ଥାନାରେ ଲିଖିତ ଅଭିଯୋଗ କରିବାପରେ ତତ୍କାଳୀନ ଆଇଆଇସି ରଶ୍ମିରଞ୍ଜନ ଦାସ ଆଇପିସି ଦଫା ୩୨୩, ୩୨୪, ୩୪୫, ୫୦୬ ଏବଂ ୩୪ରେ ଏକ ମାମଲା (ନଂ.୨୫୧/୨୦) ରୁଜୁ କରିଥିଲେ। ତେବେ ମରଣାନ୍ତକ ଆକ୍ରମଣ ହୋଇଥିବା ସତ୍ତ୍ୱେ ଦଫା ୩୦୭ ନ ଲଗାଇ ଆକ୍ରମଣକାରୀଙ୍କୁ ଥାନାରୁ ଜାମିନ ପ୍ରଦାନ କରାଯାଇଥିଲା। ଏପରି କି ମାତ୍ର ୧୯ଦିନ ଭିତରେ ମାମଲାର ଚାର୍ଜସିଟ କୋର୍ଟରେ ଦାଖଲ ହୋଇଥିଲା। ଥାନାରୁ ନ୍ୟାୟ ନ ପାଇବାରୁ ସୁରେନ୍ଦ୍ର ଓଏଚ୍‌ଆର୍‌ସିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଆକ୍ରମଣକାରୀଙ୍କଠାରୁ ଲାଞ୍ଚ ନେଇ ମାମଲାକୁ ଚପାଇଦେବାକୁ ତତ୍କାଳୀନ ଆଇଆଇସି ରଶ୍ମିରଞ୍ଜନ ଚେଷ୍ଟା କରିଥିଲେ ବୋଲି ଅଭିଯୋଗ ହୋଇଥିଲା। କମିଶନ ଅଭିଯୋଗକୁ ଗ୍ରହଣକରି ଏକ ମାମଲା(ନଂ.୨୮୭୭/୨୦୨୦) ରୁଜୁ କରି ବିଚାର ଆରମ୍ଭ କରିଥିଲେ। ଗତ ଏପ୍ରିଲ ୨୨ରେ କମିଶନ ଏହି ରାୟ ପ୍ରକାଶ କରିଥିବା ଜଣାପଡ଼ିଛି। ରଶ୍ମିରଞ୍ଜନ ଏବେ ଜଗତସିଂହପୁର ଜିଲା କୁଜଙ୍ଗରେ ଥାନା ଅଧିକାରୀଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ହାଣି ହତ୍ୟା

ରେଢ଼ାଖୋଲ, ୨୪।୫ (ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ବୁର୍ଖା ପଞ୍ଚାୟତ ବଡ଼ମାଳ ଗ୍ରାମରେ ଶନିବାର ପୂର୍ବାହ୍ନ ୧୦ଟାବେଳେ ଜମିବାଡ଼ି ବିବାଦକୁ ନେଇ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ପ୍ରଫୁଲ୍ଲ ନାଏକ (୬୦)ଙ୍କୁ ସେହି ଗ୍ରାମର ବିଭୂତି ପ୍ରଧାନ ଗୋଡ଼ାଇ ଗୋଡ଼ାଇ ଟାଙ୍ଗିଆରେ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଛି। ଖବରପାଇ ରେଢ଼ାଖୋଲ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ବିଭୂତି ପ୍ରଧାନଙ୍କୁ ଗିରଫ କରିବା ସହ ଟାଙ୍ଗିଆ ଜବତ କରିଛି। ପ୍ରଫୁଲ୍ଲ ଏବଂ ଭେଜିବି ଶେଶିନ ନେଇ ପୂର୍ବାହ୍ନରେ ତାଙ୍କ ଚାଷ ଜମିରେ ମାଟିକାମ କରୁଥିଲେ। ତେବେ କିଛି ମାଟି ପାଖରେ ଥିବା ବିଭୂତିଙ୍କ ଜମିରେ ପଡ଼ିଯାଇଥିଲା। ଏହି ଜମିକୁ ନେଇ ଉଭୟ ପରିବାର ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ମାଟି ବିଭୂତିଙ୍କ ଜମିରେ ପଡ଼ିଥିବା ଜାଣି ବିଭୂତିଙ୍କ ସହ ତାଙ୍କ ଭାଇ ଓ ଅନ୍ୟ ପରିବାରବର୍ଗ ଯାଇ ପ୍ରଫୁଲ୍ଲଙ୍କ ସହ ପାଟିତୁଣ୍ଡ କରିଥିଲେ। ତେବେ ଏହାକୁ ନେଇ ବିଭୂତି ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଧରି ପ୍ରଫୁଲ୍ଲଙ୍କୁ ଚାଷଜମିରେ ମାରିବାକୁ ଉଦ୍ୟମ କରିଥିଲେ। ପ୍ରଫୁଲ୍ଲ ଜୀବନ ବିକଳରେ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ। ହେଲେ ବିଭୂତି ଗୋଡାଇ ଗୋଡାଇ ପ୍ରଫୁଲ୍ଲଙ୍କ ବେକରେ ଟାଙ୍ଗିଆ ଚୋଟ ମାରିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ କହିଛନ୍ତି। ଏ ନେଇ ପ୍ରଫୁଲ୍ଲଙ୍କ ବଡ଼ପୁଅ ତରଣୀ ସେନ ନାଏକ ରେଢାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ପୋଲିସ ଏକ ହତ୍ୟା ମାମଲା (ନଂ. ୧୨୭/୨୦୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଛାତ୍ରୀ ବଳାତ୍କାର ମାମଲା, ଅଭିଯୁକ୍ତ ଟିଉଶନ ସାରଙ୍କୁ ୨୦ ବର୍ଷ ଜେଲ

ଖାରସୁଗୁଡ଼ା, ୨୪।୫(ଅଶ୍ୱିନ ରଞ୍ଜନ ଦାଶ)

ନାବାଳିକା ଛାତ୍ରୀ ବଳାତ୍କାର ମାମଲାରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ପୂଜା ଷଡ଼ଙ୍ଗୀ ଜଣେ ଅଭିଯୁକ୍ତ ଟିଉସନ୍ ସାରଙ୍କୁ ୨୦ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟରେ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅନ୍ତର୍ଗତ ବଡ଼ମାଲ ଥାନା ଅଞ୍ଚଳର କିଶୋର ବାଦୀ। ଅପରାଧରେ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ୫୮ଟି ଦସ୍ତାବିଜ ଏବଂ ୨୭ ଜଣଙ୍କ ସାକ୍ଷ୍ୟକୁ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଦେଇଥିବା ପବ୍ଲିକ ପ୍ରସିକ୍ୟୁଟର ପୁଥୀରାଜ ସିଂଦେଓ ସୂଚନା ଦେଇଛନ୍ତି।

# ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

## ଅଭିଯୁକ୍ତ ବାପପୁଅ ଫେରାର

ଖୋର୍ଦ୍ଧା,୨୪।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ କାଜୁପଡ଼ାଘାଟ ଡିଗିରିସାହିରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଗୋପୀ ବେହେରା ଏବଂ ତାଙ୍କ ପୁଅ ଋଷ୍ଟୁ ସାମାନ୍ୟ କଥାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ କାଜୁପଡ଼ାଘାଟ ଡିଗିରିସାହି ଅଞ୍ଚଳର ଅରବିନ୍ଦ ବେହେରା (୨୫)। ତେବେ ହତ୍ୟା କରିବା ପରେ ବାପପୁଅ ଫେରାର ହୋଇଯାଇଛନ୍ତି। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଅନ୍ୟପଟେ ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଛନ୍ତି। ସୂଚନା ମୁତାବକ, ଗ୍ରାମ ଛକରେ ଥିବା ଏକ ଦୋକାନକୁ ଶନିବାର ସନ୍ଧ୍ୟାରେ ଗୋପୀ ଜଳଖିଆ ଖାଇବାକୁ ଆସିଥିଲେ। ସେହି ସମୟରେ ଅରବିନ୍ଦ ମଧ୍ୟ ଉକ୍ତ ଦୋକାନକୁ ଜଳଖିଆ ଖାଇବାକୁ ଆସିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଥା କଟାକଟି ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଗୋପୀ ଓ ତାଙ୍କ ପୁଅ ଘରୁ ଏକ ଖଣ୍ଡା ଆଣି ଅରବିନ୍ଦଙ୍କୁ ନିର୍ମମ ଭାବେ ହାଣି ହତ୍ୟା କରିଥିଲେ। ଖବରପାଇ ଟାଙ୍ଗୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।


**कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, डालटनगंज**

अल्पकालीन ई-निविदा आमंत्रण सूचना संख्या – 11RII / 2024-25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है।

दिनांक–24.05.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या / पैकेज संख्या | कार्य का नाम | प्राक्कलित राशि (लाख में) अंक में | अक्षर में | कार्य समाप्ति की अवधि | टेण्डर कॉल सं0 |
|---|---|---|---|---|---|---|
| 1 | EE/RWD/ DALTONGANJ /56/2024-25 | कुंभीकला पंचायत भवन से सोहदानखुर्द तक पथ निर्माण कार्य। 2.85किमी0 | 313.846 | तीन करोड़ तेरह लाख चौरासी हजार छः सौ रु0 मात्र | 12 माह | द्वितीय |

2. वेबसाईट में निविदा प्रकाशन की तिथि : 28.05.2025
3. ई–निविदा प्राप्ति की अंतिम तिथि एवं समय : 10.06.2025 up to 5.00 PM
4. निविदा खोलने की तिथि एवं समय 12.06.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 353449 Rural Development(25-26).D



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ସଂ. 10-SBP-TRD-OT-2025-26, ତା.19.05.2025ରିଖ

କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ TRR, TSR ଏବଂ CTR କାର୍ଯ୍ୟର ସମ୍ବନ୍ଧରେ ବୋଣ୍ଡିଙ୍ଗ (Bonding) କାର୍ଯ୍ୟ।

ଆନୁମାନିକ ମୂଲ୍ୟ : ₹ 34,30,647.32, EMD : ₹ 68,600/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2025ରିଖ 1530 ଘଣ୍ଟାରେ।

www.ireps.gov.in

PR-160/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-13, ତା.19.05.2025ରିଖ

ଟେଣ୍ଡର ମୂଲ୍ୟ : ₹ 68,30,702.89, ବିଡ଼ ସିକ୍ୟୁରିଟୀ : ₹ 1,36,600/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.06.2025ରିଖ 1100 ଘଣ୍ଟାରେ।

www.ireps.gov.in

PR-164/Q/25-26



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-370E, ତା.21.05.2025ରିଖ

ଆନୁମାନିକ ମୂଲ୍ୟ : ₹ 847.91 ଲକ୍ଷ, EMD : ₹ 5,74,000/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.06.2025ରିଖ 1200 ଘଣ୍ଟାରେ।

www.ireps.gov.in

PR-33/CI/25-26

See Career Appointment on every Wednesday & Saturday



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. 12/ETF/SBP/ENGG/2025-26, ତା.19.05.2025ରିଖ

(1) ଇ-ଟେଣ୍ଡର ସଂ.17-eT-DENC-SBP-25 – ଆନୁମାନିକ ମୂଲ୍ୟ : ₹ 5,89,10,007.97, ବିଡ଼ ସିକ୍ୟୁରିଟୀ : ₹ 4,44,600/-

(2) ଇ-ଟେଣ୍ଡର ସଂ.18-eT-DENC-SBP-25 – ଆନୁମାନିକ ମୂଲ୍ୟ : ₹ 3,11,80,653.62, ବିଡ଼ ସିକ୍ୟୁରିଟୀ : ₹ 3,06,000/-

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 11.06.2025, 1500 ଘଣ୍ଟାରେ।

www.ireps.gov.in

PR-159/Q/25-26



**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

No. T-28: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା୨୬।୦୫।୨୦୨୫ରିଖ ଦିନ ସାବିତ୍ରୀ ଅମାବାସ୍ୟା ଉପଲକ୍ଷେ ରାଜ୍ୟ ସରକାର ଅବକାଶ ଘୋଷଣା କରିଥିବା ପରିପ୍ରେକ୍ଷୀରେ, ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ତା୨୬।୦୫।୨୦୨୫ରିଖ (ସୋମବାର) ପରିବର୍ତ୍ତେ ତା୨୭।୦୫।୨୦୨୫ରିଖ (ମଙ୍ଗଳବାର) ଦିନ ନିର୍ଦ୍ଧାରିତ ସ୍ଥାନରେ ଅନୁଷ୍ଠିତ ହେବ। ଯେଉଁମାନେ ତା୨୬।୦୫।୨୦୨୫ରିଖ ଦିନ ପାଇଁ ପଞ୍ଜୀକରଣ କରିଥିଲେ, ସେମାନଙ୍କୁ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ତା୨୭।୦୫।୨୦୨୫ରିଖ ଦିନ ପାଇଁ ପଞ୍ଜୀକରଣ କରିଥିବା ଅଭିଯୋଗକାରୀ ସେମାନଙ୍କ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗପତ୍ର ସହ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।

ନିର୍ଦ୍ଦେଶକ, ସାଧାରଣ ଅଭିଯୋଗ ତଥା ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0127/2526



**DIRECTORATE OF GROUND WATER DEVELOPMENT : ODISHA**
**Office of The Deputy Director, GWD Division-II, Bhubaneswar**
A/2, Unit-V, Bhubaneswar
[e-mail:srgeologistrsbbsr@gmail.com]
**INVITATION FOR BIDS (IFB)**

e- Procurement Notice : 363 Date : 23.05.2025
Bid Identification No. 05/GWRSD/CHHATA/2025-26,
(Single-Envelope Bidding Process)

No.A- : Deputy Director, Geology, GWD Division-II, Plot-A/2, Unit-V, Bhubaneswar on behalf of Governor of Odisha invites bids from bidders Class "D" & "C" (As per latest OPWD codal provisions) registered with the State Governments and bidders of equivalent Grade/Class registered with Central Government/ MES /Railways for the construction of following Work.

Bids must be submitted online on or before 04/06/2025 at 11.00 Hrs IST (system server time). Proposals will be opened online on 04/06/2025 at 12.30 hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the Tender will be available in the procurement portal 'www.tendersodisha.gov.in".

| Sl. No. | Description | Details |
|---|---|---|
| 1. | Name of the Work | Construction of 02 nos. RRHS in Nayagarh ULB area of Nayagarh district for FY-2025-26 |
| 2. | Start Date of availability of Bid document online (bid download) | 26.05.2025 from 11.00 Hrs |
| 3. | Last Date of availability of bid document online (bid download) | 04.06.2025 up to 11.00 Hrs |
| 4. | Last date and time for receipt of bid document (Bid Submission End date & Time) | 04.06.2025 up to 11.00 Hrs |
| 5. | Date & Time of opening of bid document (bid Opening date) | 04.06.2025 at 12.30 Hrs |

Sd/- Deputy Director, Geology
GWD Division-II, Bhubaneswar

OIPR-32462/11/0013/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଆରେ ମାଲାବାରର ପ୍ରଥମ ଅଭିଯାନ

**ଭୁବନେଶ୍ୱର,୨୪।୫ (ଅଭୟ ଦାଶ)**

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ବହୁ ପ୍ରତୀକ୍ଷିତ ତଥା ଓଡ଼ିଆ ଭାଷାରେ ବ୍ରାଣ୍ଡର ପ୍ରଥମ ଅଭିଯାନ 'ଆମର ପରମ୍ପରା ଆମର ମାଲାବାର' ର ଶୁଭାରମ୍ଭ କରିଛି। ଏଥିରେ ଓଡ଼ିଶାର ଲୋକପ୍ରିୟ ସୁପରଷ୍ଟାର ସବ୍ୟସାଚୀ ମିଶ୍ରଙ୍କୁ ସାମିଲ କରାଯାଇଛି। ଏପରିକି ଓଡ଼ିଆ ପରମ୍ପରାରେ ସୁନାର ଭାବପ୍ରବଣ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ଜୀବନ୍ତ କରିବା ସହ ଏହି ଅଭିଯାନ ଜଣେ ଝିଅର ଜନ୍ମରୁ କନ୍ୟା ହେବା ପର୍ଯ୍ୟନ୍ତ ଯାତ୍ରାକୁ ଦର୍ଶାଉଛି, ଯାହା ପୂଜା, ଅନ୍ନପ୍ରାସନ, ରଜ ପର୍ବ ଏବଂ ବିବାହ ଭଳି ଓଡ଼ିଶାର ପ୍ରଚଳିତ ପ୍ରଥା ମାଧ୍ୟମରେ ସମ୍ପନ୍ନ ହୋଇଥାଏ।

ଏ ନେଇ ସବ୍ୟସାଚୀ ମିଶ୍ର କହିଥିଲେ, ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଏହି ଉତ୍କୃଷ୍ଟ ବ୍ରାଣ୍ଡ ଅଭିଯାନରେ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ପ୍ରତିନିଧିତ୍ୱ କରିଥିବାରୁ ମୁଁ ନିଜକୁ ସମ୍ମାନିତ ଅନୁଭବ କରୁଛି। ପ୍ରତ୍ୟେକ ଓଡ଼ିଆଙ୍କ ଘରେ ସୁନାର ଏକ ସ୍ୱତନ୍ତ୍ର ସ୍ଥାନ ଅଛି। ସେହିପରି ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ବ୍ରାଣ୍ଡ ଅଭିଯାନ ହେଉଛି ଏହାର ସର୍ବୋଚ୍ଚ ସାଂସ୍କୃତିକ ଏବଂ କଳାତ୍ମକ ଐତିହ୍ୟ ପାଇଁ ଜଣାଶୁଣା ଓ ଓଡ଼ିଶା ପ୍ରତି ଏକ ଶ୍ରଦ୍ଧାଞ୍ଜଳି। ସବ୍ୟସାଚୀ ମିଶ୍ର ଏହି ଅଭିଯାନ ନିମନ୍ତେ ଆମ ପାଇଁ ଏକ ସ୍ୱାଭାବିକ ପସନ୍ଦ, କାରଣ ଓଡ଼ିଶାବାସୀଙ୍କ ମଧ୍ୟରେ ତାଙ୍କର ସ୍ଥାୟୀ ଆକର୍ଷଣ ଏବଂ ସେ ଯେଉଁ ମୂଲ୍ୟବୋଧ ପାଇଁ ଠିଆ ହୋଇଛନ୍ତି, ତାହା ପବିତ୍ରତା ଏବଂ ବିଶ୍ୱାସ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ଅଭିଯାନ ଜୀବନର ସବୁଠାରୁ ମୂଲ୍ୟବାନ୍ ମୁହୂର୍ତ୍ତଗୁଡ଼ିକର ଯାତ୍ରାକୁ ସୁନ୍ଦର ଭାବେ କଏଦ କରିଛି ଏବଂ ସବ୍ୟସାଚୀ ଏହି ବର୍ଣ୍ଣନାର ନେତୃତ୍ୱ ନେବା ସହ ଆମେ ଓଡ଼ିଶାର ପରମ୍ପରାକୁ ସମ୍ମାନ କରିଥିବାରୁ ମୁଁ ବେଶ୍ ଗର୍ବିତ।









# ୬୦ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ହାତରେ ସ୍ମାର୍ଟଫୋନ୍

## ଚାହିଦାରେ ଫିଚର ଫୋନ୍

**ଭୁବନେଶ୍ୱର,୨୪।୫**

ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଛନ୍ତି। ଏପରିକି ନିଜର ଆବଶ୍ୟକତା ହେଉ କିମ୍ବା ଟେକ୍ନୋଲୋଜିର ବ୍ୟବହାର ପାଇଁ ଅଧିକାଂଶ ଲୋକ ଅତ୍ୟାଧୁନିକ ସ୍ମାର୍ଟଫୋନ୍ ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। କାରଣ ସ୍ମାର୍ଟଫୋନ୍ ଜରିଆରେ ବ୍ୟବହାରକାରୀମାନେ ସେମାନଙ୍କର ଜରୁରୀ ସୂଚନା ଓ ଇ ସେବା ସହଜରେ ପାଇପାରୁଛନ୍ତି।

ସେହିଭଳି ଭାରତୀୟ ବଜାରରେ ବର୍ତ୍ତମାନ ୨ଜି, ୪ଜି ଏବଂ ୫ଜି ଫୋନ୍‌ର ବ୍ୟବହାର ହେଉଥିବାବେଳେ ସ୍ମାର୍ଟଫୋନ (୪ଜି ଏବଂ ୫ଜି ) ଗ୍ରାହକଙ୍କ ସଂଖ୍ୟା ୬୦ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଲାଭା ଇଣ୍ଟରନ୍ୟାଶନାଲର ପ୍ରଡକ୍ଟ ହେଡ୍(ଉତ୍ପାଦ ମୁଖ୍ୟ) ସୁମିତ ସିଂହ କହିଛନ୍ତି। ସେହିପରି ବର୍ଷକୁ ୧୫୦ ମିଲିୟନ ଫୋନ ଭାରତୀୟ ବଜାରରେ ବିକ୍ରି ହେଉଥିଲାବେଳେ ମାସିକ ପ୍ରାୟ ୧୨.୫ ମିଲିୟନ ଫୋନ ବିକ୍ରି କରାଯାଉଛି। ଏପରିକି ସେଗ୍‌ମେଣ୍ଟ ୱାଇଜ୍ (ବିଭାଗୀୟ କ୍ଷେତ୍ର)ରେ ସ୍ମାର୍ଟଫୋନ୍‌ର ମୂଲ୍ୟଭିତ୍ତିକ ଫୋନ୍‌ର ଡିମାଣ୍ଡ ଥିଲାବେଳେ ଫିଚର ଫୋନ୍‌ର ଚାହିଦା ବର୍ତ୍ତମାନ ମଧ୍ୟ ବଜାରରେ ଜାରି ରହିଛି। ଅପରପକ୍ଷରେ ପ୍ରାୟ ୧୦,୦୦୦ ଟଙ୍କାର ସ୍ମାର୍ଟଫୋନ୍ ୧୯% ଗ୍ରାହକ ବ୍ୟବହାର କରୁଥିଲାବେଳେ ୧୦ରୁ ୨୦ ହଜାର ଟଙ୍କାର ମୂଲ୍ୟର ସ୍ମାର୍ଟଫୋନ୍ ୪୩% ଗ୍ରାହକ ବ୍ୟବହାର କରୁଛନ୍ତି। ଏପରିକି ୨୦ରୁ ୩୦ ହଜାର ଟଙ୍କାର ମୂଲ୍ୟର ସ୍ମାର୍ଟଫୋନ୍ ୪୩% ଗ୍ରାହକ ବ୍ୟବହାର କରୁଥିଲାବେଳେ ୩୦,୦୦୦ରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ମାର୍ଟଫୋନ ୧୫% ଗ୍ରାହକ ବ୍ୟବହାର କରୁଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୮୫%ରୁ ଅଧିକ ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଥିଲାବେଳେ ୪ଜି ଏବଂ ୫ଜିର ପରିମାଣ ୬୦% ଏବଂ ୪୦% ରହିଛି। ଏହି ପରିମାଣ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି ସଂଖ୍ୟା ପରିବର୍ତ୍ତନ ହୋଇ ୧୦% ଏବଂ ୯୦%ରେ ପହଞ୍ଚିବ ବୋଲି ମୋବାଇଲ ଶିଳ୍ପ ପକ୍ଷରୁ ଆକଳନ କରାଯାଇଛି। ଅପରପକ୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୫୦% ଲୋକ ଫିଚର ଫୋନ୍ ବ୍ୟବହାର କରୁଥିଲାବେଳେ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ବେଳକୁ ମଧ୍ୟ ସାମାନ୍ୟ ହ୍ରାସ ଘଟିପାରେ ବୋଲି ଶିଳ୍ପ ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି।



# ବଜାରରେ ଲାଭାର ନୂତନ ଉତ୍ପାଦ

**ଭୁବନେଶ୍ୱର,୨୪।୫**

ଲାଭା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନୂତନ ସାର୍କ ୫ଜି ସ୍ମାର୍ଟଫୋନ୍ ଓ ସାର୍କ ସିରିଜ୍‌ର ଶୁଭାରମ୍ଭ ଭୁବନେଶ୍ୱରରେ ହୋଇଯାଇଛି। ଏପରିକି ଏହି ମେଗା ଉନ୍ମୋଚନ ସହ ବିଭିନ୍ନ ବର୍ଗରେ ବ୍ରାଣ୍ଡ ଭାରତୀୟ ଉପଭୋକ୍ତାଙ୍କ ପାଇଁ ନେକ୍ସଟ-ଜେନ୍ ଟେକ୍ନୋଲୋଜିକୁ ଅଧିକ ପହଞ୍ଚଯୋଗ୍ୟ କରିବା ପାଇଁ ଲାଭାର ବିଦ୍ୟମାନ ପ୍ରୟାସଗୁଡ଼ିକରେ ଆଉ ଏକ ସଫଳତାକୁ ଚିହ୍ନିତ କରୁଛି, ଯାହା ଭାରତରେ ସ୍ମାର୍ଟଫୋନ୍‌ଗୁଡିକୁ ଡିଜାଇନ ଓ ଉତ୍ପାଦନ କରିବା ପ୍ରତି ବ୍ରାଣ୍ଡର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସେହିଭଳି ବ୍ରାଣ୍ଡ ନୂତନ ସାର୍କ ୫ଜି ସ୍ମାର୍ଟଫୋନ୍ ୭୯୯୯ ଟଙ୍କା ମୂଲ୍ୟର କ୍ରୟ ପାଇଁ ରିଟେଲ ଆଉଟ୍‌ଲେଟ୍ ଓ ଲାଭା ଇ-ଷ୍ଟୋର୍‌ରେ ଉପଲବ୍ଧ ହେବ।

# ସ୍ମାର୍ଟ ବଜାରର ମେଗା ସାବିତ୍ରୀ ଅଫର

**ଭୁବନେଶ୍ୱର,୨୪।୫**

ରିଲାଏନ୍ସ ରିଟେଲ୍‌ର ପ୍ରମୁଖ ପ୍ଲାଟ୍‌ଫର୍ମ ତଥା ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ ମେଗା ସାବିତ୍ରୀ ଅଫରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷ କରି ଓଡ଼ିଶା ବଜାରରେ ଏହି ସ୍ୱତନ୍ତ୍ର ପାର୍ବଣ ଅଫର ପ୍ରଦାନ କରାଯାଉଛି। ଏହି ଅଫର ୨୦୨୫ ମେ ୨୬ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସ୍ୱତନ୍ତ୍ର କ୍ୟାମ୍ପେନକୁ ଶପିଙ୍ଗ୍ ଅନୁଭୂତିରେ ମୂଲ୍ୟ, ସୁବିଧା ଓ ଷ୍ଟାଇଲକୁ ଯୋଗକରିବା ସହ ପରମ୍ପରାକୁ ସମ୍ମାନ ଜଣାଇବା ପାଇଁ ପରିକଳ୍ପନା କରାଯାଇଛି। ଓଡ଼ିଶାରେ ବ୍ୟାପକ ରୂପେ ପାଳନ କରାଯାଉଥିବା ସାବିତ୍ରୀ ବ୍ରତ ହେଉଛି ବିଶ୍ୱାସ, ଭକ୍ତି ଓ ସାଂସ୍କୃତିକ ମହତ୍ତ୍ୱର ପର୍ବ। ଏହି ଶୁଭ ଅବସରକୁ ପାଳନ କରିବା ପାଇଁ ସ୍ମାର୍ଟ ବଜାର ପକ୍ଷରୁ ମହିଳାଙ୍କ ଏଥ୍‌ନିକ ୱେର ଓ ଜରୁରୀ ପୂଜା ସାମଗ୍ରୀ ଉପରେ ସ୍ୱତନ୍ତ୍ର ଅଫର ପ୍ରଦାନ କରାଯାଉଛି।

ସେହିଭଳି ଏହି ଅଫର ଅନୁଯାୟୀ ସ୍ମାର୍ଟ ବଜାରରେ ଫାର୍ମ-ଫ୍ରେଶ୍ ଫ୍ରୁଟ୍ ଆମ୍ବ କେବଳ ୫୯ ଟଙ୍କା ଓ ତରଭୁଜ ୧୮ ଟଙ୍କା ଏବଂ ପୂଜା ସାମଗ୍ରୀ ଗୁଡ୍ ଲାଇଫ ସାଗୁ ୫୦୦ ଗ୍ରାମ ପିଛା କେବଳ ୩୫ ଟଙ୍କାରେ ଉପଲବ୍ଧ ହେଉଛି। ସେହିପରି ୪୯୯ ଟଙ୍କା ଓ ତା'ଠାରୁ ଅଧିକ ମୂଲ୍ୟର ମହିଳାଙ୍କ କୁର୍ତ୍ତା ଉପରେ ଫ୍ଲାଟ୍ ୨୦% ରିହାତି, ଅଗରବତି (୧୨୦ଗ୍ରାମ ଓ ତା'ଠାରୁ ଅଧିକ) ଉପରେ ବାଏ ୧ ଗେଟ୍ ୧ ଭଳି ଅଫର ରହିଛି। ଏପରିକି ଫ୍ୟାଶନ, ପୂଜା ସାମଗ୍ରୀ, ଫଳ ଓ ରୋଷେଇ ସାମଗ୍ରୀ ଆଦି ଉପରେ ସ୍ମାର୍ଟ ବଜାର ପକ୍ଷରୁ ଆକର୍ଷଣୀୟ ରିହାତି ଉପଲବ୍ଧ ହେଉଛି। ତେଣୁ ଅଧିକ ସଞ୍ଚୟ କରିବା ଓ ଘରକୁ କମ୍ ମୂଲ୍ୟରେ ଦୁଇଗୁଣ ସାମଗ୍ରୀ ନେବା ପାଇଁ ଗ୍ରାହକମାନେ ସ୍ମାର୍ଟ ବଜାରରେ ସ୍ମାର୍ଟ ଶପିଂ କରିପାରିବେ।




# ମାଷ୍ଟର କ୍ରାଫ୍ଟର୍ସ ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର,୨୪।୫**

ଓଡ଼ିଶା କ୍ରାଫ୍ଟସ୍ କାଉନସିଲର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଏକ ୨ଦିନିଆ ପ୍ରଦର୍ଶନୀ 'ମାଷ୍ଟର କ୍ରାଫ୍ଟର୍ସ' ଶନିବାର ଭୁବନେଶ୍ୱର କ୍ଲବ୍‌ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହସ୍ତତନ୍ତ, ବସ୍ତ୍ର ଏବଂ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ଏବଂ ସଚିବ ପୁନମ ଗୁହା ତାପସ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ।

ଏ ନେଇ ପୁନମ କହିଛନ୍ତି, ସରକାର ରାଜ୍ୟର କାରୁଶିଳ୍ପ ଖାତାକୁ ଉନ୍ନତ କରିବାକୁ ସୃଜନିକା ଅଧୀନରେ ଏକ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନରେ ଆମେ ପଟ୍ଟଚିତ୍ର, ଡୋକ୍ରା, ସୁନା ଘାସ, ସାବାଇ ଘାସ ଭଳି କାରୁକଳା ପାଇଁ ବିଭିନ୍ନ କ୍ଲଷ୍ଟର ବିକାଶ କରିବୁ। ଏହା କେବଳ ଉତ୍ପାଦର ବ୍ରାଣ୍ଡିଂରେ ସାହାଯ୍ୟ କରିବ ନାହିଁ, ବରଂ ଏହି କାରୁକଳା ପାଇଁ ଆବଶ୍ୟକୀୟ ମାର୍କେଟିଂ ଏବଂ ମାର୍କେଟିଂ ଲିଙ୍କେଜ୍ ମଧ୍ୟ ପ୍ରଦାନ କରିବ। ସେହିଭଳି ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ୨୦ ଜଣ ମାଷ୍ଟର କାରିଗର ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଓଡ଼ିଶାର ବିଭିନ୍ନ ପ୍ରକାର ହସ୍ତଶିଳ୍ପ ପ୍ରଦର୍ଶନ ସହ ପଟ୍ଟଚିତ୍ର, ତାଳପତ୍ର ଖୋଦାଇ, ଟେରାକୋଟା, ପଥର ଏବଂ କାଠ ଖୋଦାଇ, ଆପ୍ଲିକ୍, ସୁନା ଘାସ, ସାବାଇ ଘାସ, ରୂପା ଫିଲିଗ୍ରି, ସାମୁଦ୍ରିକ ଶଙ୍ଖ କଳା, ଡୋକ୍ରା କାଷ୍ଟିଂ, ଆଦିବାସୀ ଚିତ୍ରକଳା, ଏବଂ ହାତେ ବୁଣା ଇକତ୍ ଭଳି କଳା ପ୍ରଦର୍ଶିତ ଏବଂ ବିକ୍ରୟ ପାଇଁ ଉପଲବ୍ଧ ରହିବ। ଅପରପକ୍ଷରେ ଓଡ଼ିଶା କ୍ରାଫ୍ଟସ୍ କାଉନସିଲ୍‌ର ଅଧ୍ୟକ୍ଷ ସନ୍ତୋଷ କୁମାର ମହାପାତ୍ର କହିଥିଲେ, ଏହା ଏକ ବିଶେଷ ପ୍ରକାରର ପ୍ରଦର୍ଶନୀ ହୋଇଥିଲାବେଳେ ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି।


# Classified Everyday

**0674-2580101, 9692975378**



## MATRIMONIAL

### BRIDE WANTED

1989 born Niari/Kaibarta boy B.Sc. (Hons), MBA wanted to marry a fair colour beautiful graduate onwards girl. First preference Niari/ Kaibarta Caste then other caste. Contact No.- 9437969051, 9620107499. D-626

Handsome Khandayat Boy 1990, 5'9", B.Tech, Serving Data Scientist MNC Bangalore. "SUNASANSAR". 9937512659. D-76271

Bride wanted Brahmin 32 network Engineer (HFCL). 7008123336. D-694

### GROOM WANTED

Beautiful Brahmin Girl 31+, M.Sc/ Govt. Class-II Officer. 9938199964, 9090486408. D-636

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## REAL ESTATE

### SALE

Gharabari Plot- 25 Decimal available for sale near Kujanga, Paradeep, Dist.- Jagatsinghpur. 9438713093. D-535

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**3BHK Flats at 99 Lakhs near 200ft road at Sundarpur Patia for early buyers. Contact: 9437095996, 8018461579.** D-76827

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76458

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270



## CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397




14 Rooms with attached Bathroom, Ground Floor, Chandrasekharpur, Bhubaneswar. 9437008388. D-74730

10,500 sqft. house on Patia Infocity Road and 3,500 Sqft. house near Lemon Hotel, Maitrivihar main road for rent for Office Commercial purpose. Contact: 9435193999, 8658527440. D-688

Rent for PG (Gents) Service holder at Oldtown, Bhubaneswar. 9938679679, 8637266862. D-76459

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Positively health benefits spa expert female therapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

## AFFIDAVIT

I, Suresh Kumar Pedina, S/o- Late Pedina Ananta Rao, resident of At- Dera Sahi, Gudari, Ward No.- 5, P.O/P.S.- Gudari, Dist.- Rayagada, Odisha, PIN- 765026 declare by this affidavit No.- 480, dated 21.05.2025 that now onwards I shall be known as Suresh Kumar Pedina for all future purposes. D-696

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before Executive Magistrate, Bhubaneswar, dated 23.05.2025, I, Pinaki Prasad Sahoo, Address: At- Sriram Nagar, Odagaon, P.O./P.S.- Odagaon, Dist.- Nayagarh, PIN- 752081, Odisha declare that I have changed my daughter's name from Samparna Sahoo to Shree Samparna Sahoo. Henceforth, she shall be known as Shree Samparna Sahoo for all purposes.
Pinaki Prasad Sahoo D-693

By virtue of an affidavit dated 19.05.25 before Notory Public, that I have changed my Address As Peddini Krishna Rao, S/o- Late Peddini Venkata Kameswar Rao, Keviti Street, House No.- 924, Ward No.- 7, Paralakhemundi, Dist.- Gajapati, Odisha in my Passport No.- N2691631 and my wife Smt. Peddini Sasmita Patro vide Passport No.- N2694222 to rectify Passports accordingly to utilise to all official purposes. The previous address mentioned in the Passports be cancelled/ write off. D-690

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ବ୍ରାଏନ ରାଏ (ଚନ୍ଦନ)**

ଆବିର୍ଭାବ : ୩୦।୦୬।୧୯୯୬
ତିରୋଧାନ : ୦୪।୦୬।୨୦୨୪

ଜନମ ମାଟି ତୋ ଅଟଇ ଚାନ୍ଦୋଳ, ଡାକ ନାମ ଟି ତୋର ଚନ୍ଦନ
ବାସନାରେ ତୋର ମହକାଇ ଦେଲୁ ଗାଁ ରୁ ସହର ସବୁ ସ୍ଥାନ ॥
ବାପା, ମାଆ ସାଙ୍ଗେ କାଟିଲୁ ସମୟ, ଜନମରୁ ଏତେ ବର୍ଷ
ଆଶ୍ଚର୍ଯ୍ୟ ସମସ୍ତେ କେମିତି ହେଲୁ ତୁ ଏମିତି ଭଲ ମଣିଷ ॥
ଅଦ୍ୱିତୀୟ ଥିଲା ତୋ ବାକ୍ୟ, କରମ କହି ନୁହଁଇ ଭାଷାରେ
ଅଳ୍ପ ଦିନରେ କେତେ ତୋର ଶିଷ୍ୟ ରାୟଗଡ଼ା କଲେଜରେ ॥
ଭୁବନେଶ୍ୱରରେ ପଢୁଥିଲୁ ପାଠ ସାଙ୍ଗସାଥି ଯେତେ ତୋର
ମଉସା, ମାଉସୀ ଭୁଲି ନପାରନ୍ତି ଥିଲୁ ତୁ ପୁଅ ତାଙ୍କର ॥
ସହରରେ ସିନା ପଢୁଥିଲୁ ପାଠ, ଗାଁ ପ୍ରତି ଥିଲା ମମତା
ଏତେ ଯେ ନିବିଡ଼ ସମ୍ପର୍କ ବାନ୍ଧିଲୁ ଭୁଲି ହୁଏନି ସେ କଥା ॥
ବଡ଼ ବାପା, ବଡ଼ ମା, ଦାଦା, ଖୁଡ଼ି ସମସ୍ତଙ୍କ ଗେଲ୍ହା ପୁଅ
ଜେଜେ ମା ତୋର ଖୋଜୁଛନ୍ତି ନୀତି ଚନ୍ଦନ କେମିତି କୁହ ॥
ରାୟ ବଂଶର ସୁଯୋଗ୍ୟ ସନ୍ତାନ ବୋଲି ମନରେ ଥିଲା ଗରବ
ସମସ୍ତଙ୍କ ଖୁସି ଛଡ଼ାଇ ନେଇ ହେ ପ୍ରଭୁ ପାଇଲ କି ଲାଭ ॥
ଯେତେ ସବୁ ତୋର ବନ୍ଧୁ ପରିଜନ ଗାଆନ୍ତି ଗୁଣ ତୋହର
ଅଳପ ଦିନରେ ଏତେ ଡାଳ ମେଲି ଭାଙ୍ଗି ତୁ ଗଲୁ ସଅଳ ॥

ଧ-୨୮୬୨

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ



**ଂ ପ୍ରଶାନ୍ତ କୁମାର ମଲିଆ (ପପୁ)**

କପିଳେଶ୍ୱର ଦାଣ୍ଡସାହି, ଲିଙ୍ଗରାଜ, ଭୁବନେଶ୍ୱର

ଆବିର୍ଭାବ : ୧୯.୦୪.୧୯୬୫
ତିରୋଧାନ : ୧୯.୦୫.୨୦୨୦

ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା । ତୁମ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ତୁମ ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ଉପରେ ରହିଥାଉ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ।

-: ଶୋକସନ୍ତପ୍ତ :-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ

ଧ-୭୬୪୬୧


# ବ୍ରାଭିଆ ୨-୨ ଟେଲିଭିଜନ ସିରିଜ

**ଭୁବନେଶ୍ୱର,୨୪।୫**

ସୋନି ଇଣ୍ଡିଆ ପକ୍ଷରୁ ବ୍ରାଭିଆ ୨-୨ ସିରିଜର ଶୁଭାରମ୍ଭ ନିକଟରେ କରାଯାଇଛି। ଯେଉଁଥିରେ ୪କେ ଅଲ୍‌ଟ୍ରା ଏଚ୍‌ଡି ଏଲ୍‌ଇଡି ଡିସ୍‌ପ୍ଲେ ପ୍ରଯୁକ୍ତି ସାମିଲ ରହିଛି। ଏହି ସରିଜ ଗ୍ରାହକଙ୍କୁ ଉନ୍ନତ ମନୋରଞ୍ଜନ ଅନୁଭୂତି ପ୍ରଦାନ କରିବାକୁ ପ୍ରସ୍ତୁତ କରାଯାଇଛି। ଗୁଗଲ ଟିଭି ସହ ସମନ୍ୱିତ ଥିବା ଏହି ଟିଭିରେ ବିଭିନ୍ନ ପ୍ରକାର ଆପ୍, ଷ୍ଟ୍ରିମିଂ ସେବା ଓ ଲାଇଭ ଟିଭି ଚ୍ୟାନେଲ ହାସଲ କରିବାର ସୁବିଧା ରହିଛି। ନୂଆ ସିରିଜ୍ ୪୩, ୫୦, ୫୫, ୬୫ ଓ ୭୫ ଇଞ୍ଚ ସ୍କ୍ରିନ୍ ଆକାରରେ ଉପଲବ୍ଧ ହୋଇଛି। ଏଥିରେ ଏକ୍ସ୧ ପିକ୍ଚର ପ୍ରୋସେସର ରହିଛି, ଯାହା ଉନ୍ନତ ଆଲ୍‌ଗୋରିଦମ୍‌କୁ ବ୍ୟବହାରକରି କୋଳାହଳ କମ୍ କରୁଥିବା ବେଳେ ସ୍କ୍ରିନ୍‌ର ବିବରଣୀରେ ଉନ୍ନତି ଆଣୁଛି। ସ୍ପଷ୍ଟ ୪କେ ସିଗ୍‌ନାଲ ପାଇଁ ସବୁ କିଛି ୪କେ ରିଜୋଲ୍ୟୁସନରେ ଦେଖିବା ଭଳି ମନେହେବ ଯେଉଁଥିରେ ଲାଇଭ କଲର ପ୍ରଯୁକ୍ତି ରହିଛି। ନୂଆ ବ୍ରାଭିଆ ସିରିଜ ୨-୨ ୪କେ ଟିଭିରେ ୪କେ ଏକ୍ସ-ରିଆଲିଟି ପ୍ରୋ ରହିଛି, ଯାହା ୨କେ କିମ୍ବା ଫୁଲ୍ ଏଚ୍‌ଡି ଭିଡିଓଗୁଡ଼ିକୁ ଏହାର ସ୍ୱତନ୍ତ୍ର ୪କେ ଡାଟାବେସ୍ ବ୍ୟବହାରକରି ୪କେ ରିଜୋଲ୍ୟୁଶନ ନିକଟତର କରିପାରୁଛି। ମୋସନଫ୍ଲୋ ଏକ୍ସଆର୍ ମାଧ୍ୟମରେ ଅତି ଦ୍ରୁତଗତିରେ ଚାଲୁଥିବା ଦୃଶ୍ୟକୁ ମଧ୍ୟ ଭଲ ଭାବେ ଦେଖିହେବ।

# ଷ୍ଟୋରଫ୍ରଣ୍ଟର ପୁନଃ ଶୁଭାରମ୍ଭ

**ଭୁବନେଶ୍ୱର,୨୪।୫**

ଆମାଜନ୍ ଫ୍ୟାଶନର ଜେନ୍ ଜେଡ୍ ଅନ୍‌ଲାଇନ ଷ୍ଟୋର ବର୍ତ୍ତମାନ 'ସର୍ଭ' ଭାବେ ପରିଚିତ ହୋଇଛି। ଏପରିକି ଆମାଜନ୍ ଫ୍ୟାଶନର ଉତ୍ସର୍ଗୀକୃତ ଅନ୍‌ଲାଇନ ଷ୍ଟୋରଫ୍ରଣ୍ଟର ପୁନଃ ଶୁଭାରମ୍ଭ ସହ ଜେନ୍ ଜେଡ୍ ପ୍ରତି ଏହାର ପ୍ରତିବଦ୍ଧତାକୁ ଦ୍ୱିଗୁଣିତ କରୁଛି। ଏହା ପୂର୍ବରୁ ନେକ୍ସଟ ଜେନ୍ ଷ୍ଟୋର ଭାବେ ଏହା ପରିଚିତ ଥିଲା, ତାହାକୁ ବର୍ତ୍ତମାନ 'ସର୍ଭ', ଡିସିଂ ଆଉଟ୍ ଷ୍ଟାଇଲ କୁହାଯାଉଛି। ଏହି ଅନ୍‌ଲାଇନ ଷ୍ଟୋରି ଟିୟର ୨ ଏବଂ ୩ ସହରରୁ ଜେନ୍ ଜେଡ୍ ଗ୍ରାହକଙ୍କ ସଂଖ୍ୟା ୩ଗୁଣା ବୃଦ୍ଧି ପାଇଛି ଏବଂ କ୍ରେତାଙ୍କ ସଂଖ୍ୟା ୪ ଗୁଣା ବୃଦ୍ଧି ପାଇଛି। ସର୍ଭ ୩୫୦ରୁ ଅଧିକ ଘରୋଇ ଏବଂ ବିଶ୍ୱସ୍ତରୀୟ ବ୍ରାଣ୍ଡରୁ ୨ ନିୟୁତରୁ ଅଧିକ ଉତ୍ପାଦ ସହ ଏକ ଅତୁଳନୀୟ ଚୟନ ପ୍ରଦାନ କରିଥାଏ। ୨୦୨୩ରେ ଭାରତର ପ୍ରଥମ ଉତ୍ସର୍ଗୀକୃତ ଜେନ୍ ଜେଡ୍ ଷ୍ଟୋରକୁ ଅଗ୍ରଣୀ କରିବା ପରେ ଆମେ 'ସର୍ଭ' ସହ ଆମର ପ୍ରତିବଦ୍ଧତାକୁ ଦୃଢ଼ କରୁଛୁ ବୋଲି ଆମାଜନ୍ ଫ୍ୟାଶନ ଇଣ୍ଡିଆର ଡାଇରେକ୍ଟର ନିଖିଲ ସିହ୍ନା କହିଛନ୍ତି।




# ଜୟଦେବବିହାର-ନନ୍ଦନକାନନ ରାସ୍ତା ଟ୍ରାଫିକ୍ ଲାଇଟ୍ ମୁକ୍ତ ହେବ

**ଜୁନ୍ ୧୨ ଭାଜପା ସରକାରର ବର୍ଷ ପୂର୍ତ୍ତି ଉତ୍ସବରେ ସବୁ ପ୍ରକଳ୍ପର ଶିଳାନ୍ୟାସ**

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**

ଜୟଦେବବିହାର ଏବଂ ନନ୍ଦନକାନନ ରାସ୍ତାକୁ ଟ୍ରାଫିକ୍ ଲାଇଟ୍ ମୁକ୍ତ କରାଯିବ। ଟ୍ରାଫିକ୍ ଲାଇଟ୍ ପରିବର୍ତ୍ତେ ଏହାର ବିକଳ୍ପ ଟେକ୍ନୋଲୋଜିର ବ୍ୟବହାର ହେବ। ଏହାର ପ୍ରକ୍ରିୟା ଆରମ୍ଭ ହୋଇଥିବା ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଭୁବନେଶ୍ୱରକୁ ଭିଡ଼ମୁକ୍ତ କରିବା ଉପରେ ରାଜ୍ୟ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏଥିଲାଗି ଏକାଧିକ ରାସ୍ତା ଏବଂ ପ୍ରକଳ୍ପ ନିର୍ମାଣ କରାଯିବ। ଆସନ୍ତା ଜୁନ୍ ୧୨ରେ ଭାଜପା ସରକାରର ବର୍ଷ ପୂର୍ତ୍ତି ଉତ୍ସବ ପାଳନ ସମୟରେ ଯେଉଁସବୁ ରାସ୍ତାର ଯୋଜନା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବସିଥିବା ବୈଠକରେ ଆଲୋଚନା ହେଲା ସେଗୁଡ଼ିକର ଶିଳାନ୍ୟାସ କରାଯିବ। ଏଥିପାଇଁ ମାସକ ଭିତରେ ଟେଣ୍ଡର ପ୍ରକ୍ରିୟା ଶେଷହେବା ସହ ଅଢ଼େଇରୁ ୩ ବର୍ଷ ମଧ୍ୟରେ ପ୍ରକଳ୍ପ କାମ ସରିବ। ଡିସେମ୍ବର ସୁଦ୍ଧା ଦୁଇ ପାରାଲାଲ କାର୍ଯ୍ୟକୁ ଶେଷ କରାଯିବ। ଜମି ଅଧିଗ୍ରହଣ ପ୍ରକ୍ରିୟା ମାସକ ମଧ୍ୟରେ ଶେଷ କରାଯାଇ ରିଂରୋଡ୍ କାର୍ଯ୍ୟ ଆରମ୍ଭହେବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଭୁବନେଶ୍ୱର-କଟକ ଟୁଇନ୍ ସିଟିରେ କାର୍ଯ୍ୟକାରୀ ହେଉଥିବା ପୂର୍ତ୍ତ ବିଭାଗର ବିଭିନ୍ନ କାର୍ଯ୍ୟର ସମୀକ୍ଷା ମୁଖ୍ୟମନ୍ତ୍ରୀ କରିଥିଲେ। ବୈଠକରେ ଭୁବନେଶ୍ୱରର ସମନ୍ୱିତ ବିକାଶ ଯୋଜନା ସହ ଟ୍ରାଫିକ୍ ଭିଡ଼ ହ୍ରାସ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବିକାଶ ଯୋଜନାରେ ବିସ୍ଥାପିତ ହେବାକୁ ଥିବା ପ୍ରାୟ ୩୬୬ଟି ପରିବାରକୁ ଥଇଥାନ କରାଯିବା ସହିତ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ମୁଖ୍ୟତଃ ଜୟଦେବବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର, ପଟିଆ ଷ୍ଟେଶନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ୱେଷ୍ଟ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିୟମ ଓ ଶିଶୁଭବନ ଛକରେ ୩ଟି ଫ୍ଲାଏଓଭର ସହ ଏଜି ଛକରେ ଏକ ଅଣ୍ଡରପାସ୍ ନିର୍ମାଣ ପାଇଁ ଯୋଜନା ରଖାଯାଇଛି। ସେହିପରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଥ୍‌ମେଟିକ୍ସରୁ ପଥରଗାଡ଼ିଆ- ଉତ୍କଳ ହସ୍ପିଟାଲ- ରେଲ୍ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ଲେଫ୍ଟ ପାରାଲାଲ୍ ରୋଡ୍ କାମ ମଧ୍ୟ ଜାରି ରହିଛି। ଏହା ସହ ଡମଣାରୁ ପ୍ରେସ୍ ଛକ, କଳାରାହାଙ୍ଗରୁ ବରିମୁଣ୍ଡ ଓ କେଲୁଚରଣ ପାର୍କରୁ ବରିମୁଣ୍ଡ ପର୍ଯ୍ୟନ୍ତ ୩ଟି ରାଇଟ୍‌ଆକ୍ସେସ୍ ରୋଡ୍ ନିର୍ମାଣର ଯୋଜନା ରଖାଯାଇଛି। ଏକ ଇନର ରିଂରୋଡ୍ ମଧ୍ୟ ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

# ବର୍ଷା ଦାଉରୁ ମଣ୍ଡିରେ ଧାନ ସୁରକ୍ଷାକୁ ଗୁରୁତ୍ୱ

**ଆବଶ୍ୟକ ପଲିଥିନ ମହଜୁଦ ରଖିବା, ଶୀଘ୍ର ଧାନ ଉଠାଇବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର,୨୪।୫(ବନ୍ଦନା ସେଠୀ)**

ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ଅଦିନିଆ ବର୍ଷା ସହ ପ୍ରାକ୍ ମୌସୁମୀ ବର୍ଷା ହେଉଥିବାରୁ ମଣ୍ଡିରେ ଧାନ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ଶନିବାର ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମଣ୍ଡିରେ ଗଚ୍ଛିତ ଥିବା ଧାନଗୁଡ଼ିକ ଘୋଡାଇ ରଖିବା ନିମନ୍ତେ ଆବଶ୍ୟକ ପଲିଥିନ ଯୋଗାଇ ଦିଆଯିବା ସହ ଅଗ୍ରାଧିକାର ଭିତ୍ତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଧାନର ସଂରକ୍ଷଣ ଏବଂ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀଙ୍କ ପକ୍ଷରୁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ସେହିପରି ଧାନ ରଖାଯାଇଥିବା ସ୍ଥାନର ଚାରିପାଖରେ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା ଓ ଉପଯୁକ୍ତ ସୁରକ୍ଷା ଥିବା ଗାଡ଼ି ମାଧ୍ୟମରେ ଧାନ ପରିବହନ କରିବା, ପ୍ରତ୍ୟେକ ମଣ୍ଡିରେ ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ, ଓଆର୍‌ଏସ୍ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପ୍ରତ୍ୟେକ ମଣ୍ଡିରେ ସିସିଟିଭି ମାଧ୍ୟମରେ ତୀକ୍ଷ୍ଣ ନଜର ରଖାଯିବା ସହ ମଣ୍ଡିରୁ ମିଲ୍‌କୁ ଯାଉଥିବା ଧାନଗୁଡ଼ିକ ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ସାଧାରଣ ବଣ୍ଟନ ବ୍ୟବସ୍ଥାର ସାଧାରଣ ପରିଚାଳକ ସୁଧାକର ଶବର, ସାଧାରଣ ପରିଚାଳକ (ଧାନ ସଂଗ୍ରହ) ଏଲୋରା ସାମଲ, ସାଧାରଣ ପରିଚାଳକ (ପ୍ରଶାସନିକ) ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଲଣ୍ଡନ ଗଲା ଟିଟିଲାଗଡ଼ ଆମ୍ବ

**ଟିଟିଲାଗଡ଼,୨୪।୫ (ଶରତ ମିଶ୍ର)**

ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ଅଞ୍ଚଳର ଚାଷୀଙ୍କ ଆମ୍ବ ଶନିବାର ପ୍ରଥମ ଥର ପାଇଁ ଲଣ୍ଡନ ରପ୍ତାନୀ ହୋଇଛି। ଏହି ଅବସରରେ ସ୍ଥାନୀୟ ଦେଓଁଲସ୍ଥିତ ଆଶା କାର୍ଯ୍ୟାଳୟ ପରିସରରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସବୁଜ ପତାକା ଦେଖାଇ ଆମ୍ବ ରପ୍ତାନୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରୁ ସଡ଼କ ପଥରେ ୩୦ କୁଇଣ୍ଟାଲ ଆମ୍ବ କୋଲକାତା ଯାଇ ସେଠାରୁ ବିମାନ ଯୋଗେ ଲଣ୍ଡନ ପଠାଯିବ। ଏହାଛଡ଼ା ଟିଟିଲାଗଡ଼ ରେଳ ଷ୍ଟେଶନରୁ ୨୦ କୁଇଣ୍ଟାଲ ଆମ୍ବ ଦିଲ୍ଲୀ ମଦର ଡାଇରୀକୁ ଶନିବାର ସମତା ଏକ୍ସପ୍ରେସ୍ ଯୋଗେ ରପ୍ତାନୀ ହୋଇଛି। ସରକାରୀ ସ୍ତରରେ ନାବାର୍ଡ, ଓର୍ମାସ, ଓପେଡା, ଉଦ୍ୟାନ କୃଷି ବିଭାଗ, ପାଲାଡିୟମ ତଥା ଆଶା ସଂସ୍ଥାର ପ୍ରୋତ୍ସାହନରେ ସ୍ଥାନୀୟ ଜାଡେନ ଏଫ୍‌ପିଓ, କୃଷକ ଉନ୍ନୟନ, ଫାର୍ମ ଆଣ୍ଡ ନନ୍‌ଫାର୍ମ ସଂସ୍ଥା ବଲାଙ୍ଗୀର ଉଦ୍ୟମ କ୍ରମେ ଚାଷୀଙ୍କ ଆମ୍ବ ଉଚିତ ମୂଲ୍ୟରେ ଖରିଦ ସହ ବାହାରକୁ ରପ୍ତାନୀ ଉତ୍ସାହ ସୃଷ୍ଟି କରିଛି।

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

**ସଇଁତଲା,୨୪।୫(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲା ବଡ଼ମାଳ ରେଲଷ୍ଟେଶନରେ ରହିଥିବା ଏକ କୋଇଲା ବୋଝେଇ ଟ୍ରେନର ଦୁଇଟି ବଗିରେ ଶନିବାର ଅପରାହ୍ନରେ ନିଆଁ ଲାଗିଯାଇଥିଲା ଗତ ୧୭ ତାରିଖଠାରୁ ଉକ୍ତ ରେଳ ଷ୍ଟେଶନରେ ଏକ କୋଇଲା ବୋଝେଇ ଟ୍ରେନ ଅଟକି ରହିଥିଲା। କୌଣସି କାରଣରୁ ଉକ୍ତ ଟ୍ରେନର ଦୁଇଟି ବଗିରେ ନିଆଁ ଲାଗିଯାଇଥିଲା। ସଇଁତଲା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏନେଇ କୌଣସି କ୍ଷୟକ୍ଷତି ହୋଇନାହିଁ।


କୋଇଲା ବୋଝେଇ ଟ୍ରେନ ବଗିରେ ନିଆଁ ଲାଗି ଧୂଆଁ ବାହାରୁଛି।

# ୧୯ ମଠର ବିଜେସ୍ଥଳୀ ଅକ୍ଷୁଣ୍ଣ ରଖାଯାଇଥିଲା: ବିଜେଡି

**ଭୁବନେଶ୍ୱର,୨୪।୫(ସୁନିତ୍ ମିଶ୍ର)**

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ସମୟରେ ସେଠାରେ ଥିବା ୧୯ଟି ଐତିହ୍ୟ ମଠର ପୁନର୍ବିନ୍ୟାସ କରାଯିବ ବୋଲି ଶୁକ୍ରବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ। ଏନେଇ ବିଜେଡି ପକ୍ଷରୁ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ସୁବିଧା ପାଇଁ ପରିକ୍ରମା ପ୍ରକଳ୍ପ କରାଯାଇଥିଲା। ପ୍ରକଳ୍ପ ନିର୍ମାଣ ସମୟରେ ସେଠାରେ ଐତିହ୍ୟ ସ୍ୱରୂପ ବିରାଜମାନ ଥିବା ୧୯ ମଠର ମୂଳପୀଠ ବା ବିଜେସ୍ଥଳୀକୁ ଅକ୍ଷୁଣ୍ଣ ରଖାଯାଇଥିଲା। ମଠାଧୀଶମାନଙ୍କ ସହ ଆଲୋଚନା କରାଯାଇ କେବଳ ବିଦ୍ୟାର୍ଥୀ ଭବନ ଓ ସନ୍ଥ ଭବନ ଇତ୍ୟାଦି ଭଙ୍ଗାଯାଇ ସେଗୁଡ଼ିକ ଅନ୍ୟ ଏକ ସ୍ଥଳରେ ନିର୍ମାଣ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁସାରେ, ମଠଗୁଡ଼ିକର ବିଜେସ୍ଥଳୀର ସୌନ୍ଦର୍ଯ୍ୟକରଣ କରାଯାଇ ଏବେ ବି ପୂର୍ବସ୍ଥାନରେ ବିରାଜମାନ ଅଛି ଓ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ସେଗୁଡ଼ିକ ଦର୍ଶନ କରୁଛନ୍ତି। ମଠଗୁଡ଼ିକର ସନ୍ଥ ଭବନ ଓ ବିଦ୍ୟାର୍ଥୀ ଭବନ ଇତ୍ୟାଦିର ଆଉ ଏକ ସ୍ଥାନରେ ପୁନର୍ବିନ୍ୟାସ କରାଯିବ ବୋଲି ପୂର୍ବ ସରକାର ନିଷ୍ପତ୍ତି ନେଇଥିଲେ, ଯାହାକୁ ମଠାଧୀଶମାନେ ଗ୍ରହଣ କରିଥିଲେ। ମଠଗୁଡ଼ିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦିଆଯାଇଥିଲା ବୋଲି ଧାରଣା ସୃଷ୍ଟି କରାଯାଉଛି, ଯାହା ଆଦୌ ଠିକ୍ ନୁହେଁ ବୋଲି ଲେନିନ୍ କହିଛନ୍ତି।

# ଆଟେଣ୍ଡାଣ୍ଟ ମୃତ, ଡ୍ରାଇଭର ଓ ଫାର୍ମାସିଷ୍ଟ ଗୁରୁତର

**ରଥିଆରେ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ**

**ଡ୍ରାଇଭରଙ୍କୁ ୨୪ ଘଣ୍ଟା କାମ କରାଯାଉଥିବା ଅଭିଯୋଗ**


ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ

**ଧର୍ମଶାଳା,୨୪।୫(ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ରଥିଆ ନିକଟରେ ଶନିବାର ଭୋରରେ ଏକ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଆମ୍ବୁଲାନ୍ସର ଆଟେଣ୍ଡାଣ୍ଟଙ୍କ ମୃତ୍ୟୁ ହୋଇଛି। ଡ୍ରାଇଭର ଓ ଫାର୍ମାସିଷ୍ଟ ଗୁରୁତର ହୋଇଛନ୍ତି। ମୃତକ ହେଲେ ଯାଜପୁର ଜିଲା ଦଶରଥପୁର ବ୍ଲକ ବଉଲାଙ୍ଗ ମଧୁପୁର ଅଞ୍ଚଳର ଅଚ୍ୟୁତାନନ୍ଦ ବାରିକ। ଗୁରୁତର ଦ୍ୱୟ ହେଲେ ଡ୍ରାଇଭର କୈଳାସ ପଣ୍ଡା ଓ ଫାର୍ମାସିଷ୍ଟ ତାପସ ପାତ୍ର। ଉଭୟଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଦୁର୍ଘଟଣାରେ ଓଡି୦୨ବିଜେ୧୪୬୩ ନମ୍ବର ବିଶିଷ୍ଟ ଆମ୍ବୁଲାନ୍ସର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ଦଶରଥପୁରର ଏହି ଆମ୍ବୁଲାନ୍ସ କଟକ ବଡ଼ ମେଡିକାଲରେ ରୋଗୀଛାଡ଼ି ଫେରିଲା ବେଳେ ରଥିଆଠାରେ ଛିଡ଼ା ହୋଇଥିବା ଏକ ଗାଡ଼ି ପଛରେ ଭାରସାମ୍ୟ ହରାଇ ଧକ୍କା ହୋଇଥିଲା। ଧର୍ମଶାଳା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରିଥିଲା। ଏନେଇ ଥାନାରେ ନଂ.୩୦୯/୨୫ରେ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଶ୍ରମ ନିୟମକୁ ଉଲ୍ଲଂଘନ କରାଯାଇ ୧୦୮ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ୮ ଘଣ୍ଟା ବଦଳରେ ୨୪ ଘଣ୍ଟା କାର୍ଯ୍ୟରେ ଲଗାଯାଉଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହୋଇଛି। କିଛିବର୍ଷ ପୂର୍ବରୁ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକର ୧୦୮ ଆମ୍ବୁଲାନ୍ସ ଛତିଆ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଆଟେଣ୍ଡାଣ୍ଟ ରଞ୍ଜିତ ମଲ୍ଲିକଙ୍କ ମୃତ୍ୟୁ ହୋଇଥିଲା। ଚଳିତ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୦ଟି ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ ହୋଇଛି। ତଥାପି ସରକାର ସଚେତନ ନ ହେବାରୁ ପୁଣି ଏହିପରି ଦୁର୍ଘଟଣା ଘଟିଥିବା ସାଧାରଣରେ ମତପ୍ରକାଶ ପାଇଛି। ତେଣୁ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ଶ୍ରମ ନିୟମାନୁସାରେ କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ୧୦୮ କର୍ମଚାରୀ ସଂଘ ପକ୍ଷରୁ ଦାବି ହୋଇଛି।


ମୃତ ଆଟେଣ୍ଡାଣ୍ଟ ଅଚ୍ୟୁତାନନ୍ଦ ବାରିକ

# ମହିଳାଙ୍କୁ ଦଳିଦେଲା ହାତୀ

**ବାରିପଦା,୨୪।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅନ୍ତର୍ଗତ ଯୋଡ଼ିଆ ପଞ୍ଚାୟତ ଗାରଗାଡ଼ି ଗ୍ରାମ ନିକଟ ଜଙ୍ଗଲରେ ଜଣେ ମହିଳାଙ୍କୁ ହାତୀ ଦଳିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ମହିଳାଙ୍କ ଏକ ବର୍ଷର ପୁଅ ଅଘଟଣରୁ ବର୍ତ୍ତିଯାଇଛନ୍ତି। ମୃତ ମହିଳା ଜଣକ ହେଲେ ଲୁହାକାନି ପଞ୍ଚାୟତସ୍ଥିତ କାଶୀପେଣ୍ଟ ଗ୍ରାମର କୁଣ୍ଡିଆ ନାଏକଙ୍କ ସ୍ତ୍ରୀ ଚାର୍ମୀ ନାଏକ(୨୭)। ଗାରଗାଡ଼ି ଗ୍ରାମ ବାପଘରକୁ ବୁଲିବାକୁ ଆସିଥିବା ଚାର୍ମୀ ଶନିବାର ସକାଳେ ଦାନ୍ତକାଠି ଆଣିବା ପାଇଁ ନିଜ ପୁଅକୁ ଧରି ଗ୍ରାମ ସନ୍ନିକଟ ଜଙ୍ଗଲକୁ ଯାଇଥିଲେ। ୧ ବର୍ଷର ପୁଅକୁ ଗୋଟିଏ ସ୍ଥାନରେ ଛାଡ଼ିଦେଇ ଦାନ୍ତକାଠି ସଂଗ୍ରହ କରୁଥିବା ସମୟରେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ଚାର୍ମୀଙ୍କୁ ଦଳି ଚକଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଜଙ୍ଗଲକୁ ଯାଇ ଚାର୍ମୀଙ୍କ ୧ ବର୍ଷର ପୁଅକୁ ଜଙ୍ଗଲ ପାଖରେ ପାଇଥିଲେ। ପୁଅକୁ ଏକୁଟିଆ ପାଇ ସନ୍ଦେହରେ ସ୍ଥାନୀୟ ଲୋକେ ଖୋଜାଖୋଜି କରିବାରୁ ମୃତଦେହ ପଡ଼ିଥିବାର ଦେଖିଥିଲେ।

# ପିଇଓଙ୍କ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ ଅଭିଯୋଗ

**ଚାପିବାକୁ ଉଦ୍ୟମ କରୁଛି ପୋଲିସ**

**ଗୋପାଳପୁର,୨୪।୫ (ନବୀନରାଜ ଆଚାରୀ)**

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ଏକ ପଞ୍ଚାୟତର ବିଭିନ୍ନ ପାଣ୍ଠିରୁ ପିଇଓ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ନେଇ ଶନିବାର ରାତିରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ସମ୍ପୃକ୍ତ ପିଇଓଙ୍କୁ ଅଟକ ରଖି ପଚାରଉଚରା ଜାରି ରଖିଛି। ଖବରରୁ ଜଣାପଡ଼ିଛି, ଏହି ଥାନା ଅଧୀନ ରଙ୍ଗେଇଲୁଣ୍ଡା ବ୍ଲକ କେଲୁଆପୁଲୀ ପଞ୍ଚାୟତରେ ଗତ ୨୦୨୦ରୁ ସମୀର ମିଶ୍ର ପିଇଓ ରୂପେ କାର୍ଯ୍ୟ କରୁଥିଲେ। ଗତ କିଛି ମାସ ତଳେ ମିଶ୍ରଙ୍କ ଦୁଇ ଦୁଇ ଥର ବଦଳି ହୋଇଥିଲେ ମଧ୍ୟ ସେ ଆସୁଥିବା ଅନ୍ୟ ପିଇଓଙ୍କୁ କାର୍ଯ୍ୟଭାର ହସ୍ତାନ୍ତର କରୁ ନ ଥିଲେ। ବ୍ଲକ ପ୍ରଶାସନ ମିଶ୍ରଙ୍କୁ ବାରମ୍ବାର ଦାୟିତ୍ୱ ହସ୍ତାନ୍ତର କରିବାକୁ କହୁଥିଲେ ମଧ୍ୟ ସେ ତାହା କରୁ ନ ଥିଲେ। ଗତ ୨/୩ ଦିନ ତଳେ ରାଜ୍ୟ ପଞ୍ଚଦଶ ଅର୍ଥ କମିଶନ, କେନ୍ଦ୍ର ପଞ୍ଚଦଶ ଅର୍ଥ କମିଶନ ଗ୍ରାମ ପଞ୍ଚାୟତ ପାଣ୍ଠି ଓ ଅନ୍ୟ ପାଣ୍ଠିରୁ ୧ କୋଟି ୩୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପିଇଓ ମିଶ୍ର ଆତ୍ମସାତ କରିଥିବା ଜାଣିବା ପରେ ଶନିବାର ସନ୍ଧ୍ୟାରେ ବିଡିଓ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ପିଇଓ ମିଶ୍ର ଥିବା ଖବର ପାଇ ପୋଲିସ ରାତିରେ ତାଙ୍କୁ ଉଠାଇ ନେଇଥିଲା। ତାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କୁ ଏନେଇ ପଚାରିବାକୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ପୋଲିସ ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ କରୁଥିବା ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ବିଡିଓ ବିଶ୍ୱଜିତ ରାୟଙ୍କୁ ପଚାରିବାରୁ ସେ ବ୍ୟସ୍ତ ଥିବା କହି ଫୋନ କାଟି ଦେଇଥିଲେ। ପିଇଓ ମିଶ୍ର ଫୋନ ପେ ମାଧ୍ୟମରେ ଅଧିକ ଟ୍ରାଞ୍ଜାକ୍ସନ କରିଥିବା ପୋଲିସ ତାଙ୍କୁ ପଚରାଉଚରାରୁ ଜାଣିବାକୁ ପାଇଛି।

# ଗଣମାଧ୍ୟମ ପ୍ରତିନିଧିଙ୍କ ହାତବାନ୍ଧି ଘୋଷାଡ଼ି ପିଟିଲେ

- **ଦୁର୍ନୀତି ଖବର ପ୍ରସାରଣ କରିବାରୁ ଠିକାଦାର ଗୁଣ୍ଡା ଲଗାଇଥିବା ଅଭିଯୋଗ**
- **ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି**

**ବଲାଙ୍ଗୀର,୨୪।୫(ବୀରେନ୍ଦ୍ର କୁମାର ଝାଙ୍କର)**

ରାସ୍ତାକାମ ଦୁର୍ନୀତିର ଖବର ପରିବେଷଣ କରିବାରୁ ଏକ ଗଣମାଧ୍ୟମ ପ୍ରତିନିଧିଙ୍କୁ ରାସ୍ତାକାମ କରୁଥିବା ଠିକାଦାର ଗୁଣ୍ଡା ଲଗାଇ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏପରିକି ଠିକାଦାରଙ୍କ ଗୁଣ୍ଡାମାନେ ସମ୍ପୃକ୍ତ ଗଣମାଧ୍ୟମ ପ୍ରତିନିଧିଙ୍କ ହାତବାନ୍ଧି ଗାଁ ରାସ୍ତାରେ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିଥିବା ପୁଇଁତଲା ଥାନାରେ ଅଭିଯୋଗ ହୋଇଛି। ଏଭଳି ଘଟଣାକୁ ନେଇ ବଲାଙ୍ଗୀର ଜିଲାର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶକରି ଶନିବାର ବଲାଙ୍ଗୀର ଏସ୍‌ପିଙ୍କ ଅଫିସକୁ ଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ କୁଲଥିପାଲି ଗାଁରେ ସୂଚନା ଫଳକ ନ ଲଗାଇ ଏକ ରାସ୍ତାର ଗାର୍ଡୱାଲ କାମ ଚାଲିଥିବା ନେଇ ବିଜୟ ପ୍ରଧାନ ନାମକ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଖବର ପରିବେଷଣ କରିଥିଲେ। ଶୁକ୍ରବାର ସେ ଉକ୍ତ ରାସ୍ତାକାମର ଭିଡିଓ ଉତ୍ତୋଳନକରି ଲୋକଙ୍କ ପ୍ରତିକ୍ରିୟା ନେବାକୁ ଯାଉଥିବା ବେଳେ ସେଠାରେ ଥିବା ଠିକାଦାରଙ୍କ ଗୁଣ୍ଡାମାନେ ବିଜୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କ ହାତବାନ୍ଧି ଘୋଷାଡ଼ି ଘୋଷାଡ଼ି ଗାଁ ମଝିକୁ ନେଇ ସର୍ବସମ୍ମୁଖରେ ନିସ୍ତୁକ ମାଡ଼ ମାରିଥିଲେ। ମନ୍ଦିରକୁ ନେଇ ଏଖବର ପରିବେଷଣ ନ କରିବା ପାଇଁ ଶପଥ କରିବାକୁ ବାଧ୍ୟ କରିଥିଲେ। ଏ ନେଇ ବିଜୟ ପୁଇଁତଲା ଥାନାରେ ଅଭିଯୋଗ କରିଥିଲେ। ଅପରପକ୍ଷରେ ଏହି ଘଟଣା ନେଇ ଷ୍ଟେଟ୍ ୟୁନିୟନ ଅଫ୍ ଜର୍ନାଲିଷ୍ଟ(ଏସ୍‌ୟୁଜେ) ଏବଂ ବଲାଙ୍ଗୀରର କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନେ ଏସ୍‌ପି ଅଫିସକୁ ଯାଇ ଦାବିପତ୍ର ଦେଇଛନ୍ତି। ଆଡିସନାଲ ଏସ୍‌ପି ଆଲୋକ ଜେନା ଦାବିପତ୍ର ଗ୍ରହଣକରି ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଫୁରସତ୍

# କିଛି ନ କରିବାର ପ୍ରତିଯୋଗିତା

**୯୦ ମିନିଟ୍ ପର୍ଯ୍ୟନ୍ତ ସ୍ଥିର ଭାବେ ବସି ରୁହନ୍ତି ପ୍ରତିଯୋଗୀ**

**ସିଓଲ**

ଦକ୍ଷିଣ କୋରିଆରେ ଗତ କିଛି ବର୍ଷ ଧରି ଏପରି ଏକ ପ୍ରତିଯୋଗିତାର ଆୟୋଜନ ହେଉଛି, ଯେଉଁଠାରେ କିଛି ନ କରି ଗୋଟିଏ ସ୍ଥାନରେ ସ୍ଥିର ଭାବେ ବସି ରହିବା ପାଇଁ ପୁରସ୍କୃତ କରାଯାଇଥାଏ। ଏହି ଅନନ୍ୟ ପ୍ରତିଯୋଗିତା ସ୍ପେସ୍-ଆଉଟ୍ ପ୍ରତିଯୋଗିତା ନାମରେ ପରିଚିତ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣକାରୀମାନଙ୍କୁ କେବଳ ଚୁପ୍‌ଚାପ୍ ନିଷ୍କ୍ରିୟ ହୋଇ ଗୋଟିଏ ସ୍ଥାନରେ ୯୦ ମିନିଟ୍ ପର୍ଯ୍ୟନ୍ତ ବସିବାକୁ ପଡ଼ିଥାଏ।



ସ୍ଥାନୀୟ କଳାକାର ଉପ୍‌ସ୍ୟାଙ୍ଗଙ୍କ ଦ୍ୱାରା ୨୦୧୪ରେ ଆରମ୍ଭ ହୋଇଥିବା ଏହି ସ୍ପେସ୍-ଆଉଟ୍ ପ୍ରତିଯୋଗିତା ପ୍ରତି ବର୍ଷ ଆୟୋଜିତ ହୋଇଥାଏ। ଧୀରେ ଧୀରେ ଏହାର ଲୋକପ୍ରିୟତା ବୃଦ୍ଧି ପାଇବାରେ ଲାଗିଛି। ଗତ ୧୧ ତାରିଖରେ ଏହି ପ୍ରତିଯୋଗିତାର ୧୧ତମ ସଂସ୍କରଣ ଦକ୍ଷିଣ କୋରିଆର ରାଜଧାନୀ ସିଓଲର ଜମସୁ ବ୍ରିଜ୍ ନିକଟସ୍ଥ ବାନ୍‌ପୋ ହାଙ୍ଗାଙ୍ଗ୍ ପାର୍କରେ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରାୟ ୪,୫୪୭ ଟିମ୍ ଆବେଦନ କରିଥିଲେ। ତେବେ ସେଥିମଧ୍ୟରୁ କେବଳ ୮୦ଟି ଟିମ୍‌ର ୧୨୬ ଜଣ ଅଂଶଗ୍ରହଣକାରୀ ଏହି ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିପାରିଥିଲେ। ବିଭିନ୍ନ ବୃତ୍ତି ଏବଂ କ୍ଷେତ୍ରରେ ନିୟୋଜିତ ଥିବା ବ୍ୟକ୍ତି ଏହି ପ୍ରତିଯୋଗିତାର ଅଂଶଗ୍ରହଣକାରୀ ଭାବେ ସ୍ଥାନ ପାଇଥିଲେ। ପ୍ରତିଯୋଗିତାର ନିୟମ ଅନୁଯାୟୀ, ଅଂଶଗ୍ରହଣକାରୀମାନେ ୯୦ ମିନିଟ୍ ପର୍ଯ୍ୟନ୍ତ ଅନ୍ୟ କୌଣସି ମଧ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ ନ କରି ସ୍ଥିର ହୋଇ ବସି ରହିବେ। ଏହି ସମୟରେ ସେମାନେ ନିଜ ଫୋନ୍ ବ୍ୟବହାର କରିବେ ନାହିଁ କିମ୍ବା ଅନ୍ୟ କାହା ସହ କଥା ମଧ୍ୟ ହୋଇପାରିବେ ନାହିଁ। ସେହିପରି ଯଦି କେହି ପ୍ରତିଯୋଗୀ ବିରକ୍ତ ହୋଇ ଶୋଇପଡ଼ନ୍ତି କିମ୍ବା କୌଣସି କାରଣବଶତଃ ହସି ଦିଅନ୍ତି ତେବେ ତାଙ୍କୁ ତତ୍‌କ୍ଷଣାତ୍ ଅଯୋଗ୍ୟ ଘୋଷଣା କରାଯାଇଥାଏ। ଲୋକଙ୍କ ହୃଦ୍‌ସ୍ପନ୍ଦନ ଆଧାରରେ ଏହି ପ୍ରତିଯୋଗିତାର ବିଜେତା ଚୟନ କରାଯାଇଥାଏ। ସବୁଠାରୁ ସ୍ଥିର ହୃଦ୍‌ସ୍ପନ୍ଦନ ହାର ଥିବା ଅଂଶଗ୍ରହଣକାରୀ ଏହି ପ୍ରତିଯୋଗିତାକୁ ଜିତିଥାନ୍ତି।

# କାନ୍ସ ରେଡ୍ କାର୍ପେଟରେ ଆଲିଆଙ୍କ ଡେବ୍ୟୁ

**ନୂଆଦିଲ୍ଲୀ**

କାନ୍ସ ଫିଲ୍ମ ଫେଷ୍ଟିଭାଲର ୭୮ତମ ସଂସ୍କରଣରେ ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ଯୋଗଦେଇଛନ୍ତି। ଏହି ମର୍ଯ୍ୟାଦାଜନକ ଉତ୍ସବରେ ୩୨ ବର୍ଷୀୟା ଅଭିନେତ୍ରୀ ତାଙ୍କ ରେଡ୍ କାର୍ପେଟ ଡେବ୍ୟୁରେ ମାଇସନ୍ ସିଆପାରେଲିଙ୍କ ପ୍ରସ୍ତୁତ ଉନ୍ନତ ଡିଜାଇନ୍‌ର ଫିସ୍‌ଟେଲ୍ ଗାଉନ୍‌ରେ ଦର୍ଶକଙ୍କୁ ଆକର୍ଷିତ କରିଛନ୍ତି। ଆଲିଆ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ କେତେଗୁଡ଼ିଏ ଫଟୋ ଶେୟାର କରି 'ହେଲୋ କେନ୍ସ' କ୍ୟାପ୍‌ଶନ ଲେଖିବା ସହ ଲେରିୟଲ ପ୍ୟାରିସ୍‌କୁ ଟ୍ୟାଗ୍ କରିଛନ୍ତି। ବିଉଟି ବ୍ରାଣ୍ଡ ଲେରିୟଲ ପ୍ୟାରିସ୍‌ର ଗ୍ଲୋବାଲ ଆମ୍ବାସାଡର ରହିଛନ୍ତି ଆଲିଆ।



# ବିଜୟ ସହ ଦିଲ୍ଲୀ ଅଭିଯାନ ଶେଷ

**ଜୟପୁର,୨୪।୫**

ଚଳିତ ଆଇପିଏଲ୍‌ରେ ଶନିବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) ୬ ଉଇକେଟରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ପରାସ୍ତ କରିଛି। ପୂର୍ବରୁ ପ୍ଲେଅଫ୍‌ରୁ ବିଦାୟ ନେଇଥିବା ଦିଲ୍ଲୀ ଏହି ବିଜୟ ସହ ଅଭିଯାନ ଶେଷ କରିଛି।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟରେ ୨୦୬ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ୩୪ ବଲରେ ୫୩ (୫ ଚୌକା ଓ ୨ ଛକା), ମାର୍କସ ଷ୍ଟୋଇନିସ ୧୬ ବଲରେ ୪୪ (୩ ଚୌକା ଓ ୪ ଛକା), ଜୋଶ ଇଙ୍ଗଲିସ ୧୨ ବଲରେ ୩୨ (୩ ଚୌକା ଓ ୨ ଛକା) ଓ ପ୍ରଭସିମରନ ସିଂ ୧୮ ବଲରେ ୨୮ (୪ ଚୌକା ଓ ୧ ଛକା) ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ମୁସ୍ତାଫିଜୁର ରହମାନ ୩ ଉଇକେଟ ନେଇଥିବା ବେଳେ କୁଲଦୀପ ଯାଦବ ଓ ବିପ୍ରଜ ନିଗମ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଲୋକେଶ ରାହୁଲ ଓ କାମଚଳା ଅଧିନାୟକ ଫାଫ ଡୁ ପ୍ଲେସିଙ୍କ ଓପନିଂ ଯୋଡ଼ି ଦିଲ୍ଲୀକୁ ୫୫ ରନର ଆରମ୍ଭ ଦେଇଥିଲା। ରାହୁଲ ୨୧ ବଲରେ ୩୫ (୬ ଚୌକା ଓ ୧ ଛକା) ଓ ଡୁ ପ୍ଲେସି ୨୩ (୨ ଚୌକା ଓ ୧ ଛକା) ରନ କରି କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଆଇପିଏଲ୍‌ରେ ପଦାର୍ପଣ କରିଥିବା ସେଦିକୁଲା ଅଟଳ ୨୨ (୨ ଛକା) ରନ କରି ଆଉଟ୍ ହୋଇଥିଲେ। କରୁନ ନାୟର ଓ ସମୀର ରିଜଭି ଚତୁର୍ଥ ଉଇକେଟରେ ୬୨ ରନ ଯୋଡ଼ିଥିଲେ।


ଶଟ୍ ଖେଳିବା ଅବସରରେ ସମୀର ରିଜ୍‌ଭି।

କରୁନ ୨୭ ବଲରେ ୫ ଚୌକା ଓ ୨ ଛକା ସହିତ ୪୪ ରନ କରି ଆଉଟ୍ ହୋଇଥିଲେ। ଏହାପରେ ରିଜଭିଙ୍କ ସହ ଟ୍ରିଷ୍ଟାନ ଷ୍ଟବ୍ସ ମିଶି ପଞ୍ଚମ ଉଇକେଟରେ ୫୩ ରନ ଯୋଡ଼ି ଦଳକୁ ଜିତାଇଥିଲେ। ରିଜ୍‌ଭି ୨୫ ବଲ୍‌ରେ ୩ ଚୌକା ଓ ୫ ଛକା ସହିତ ୫୮ ରନ୍ କରି ଅପରାଜିତ ରହିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ। ଦିଲ୍ଲୀ ୧୯.୩ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ପଞ୍ଜାବ ପକ୍ଷରୁ ହରପ୍ରୀତ ବ୍ରାର ଦୁଇଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୦୬/୮ (ଶ୍ରେୟସ ଆୟର–୫୩, ଜୋଶ ଇଙ୍ଗଲିସ–୩୨, ପ୍ରଭସିମରନ ସିଂ–୨୮, ମୁସ୍ତାଫିଜୁର ରହମାନ–୩/୩୩, ବିପ୍ରଜ ନିଗମ–୨/୩୮ କୁଲଦୀପ ଯାଦବ–୨/୩୯)। ଦିଲ୍ଲୀ କ୍ୟାପିଟାଲ୍ସ: ୧୯.୩ ଓଭରରେ ୨୦୮/୪ (ସମୀର ରିଜଭି–୫୮*, କରୁନ ନାୟର–୪୪, ଲୋକେଶ ରାହୁଲ–୩୫, ହରପ୍ରୀତ ବ୍ରାର–୨/୪୧, ମାର୍କୋ ଜାନସେନ–୧/୪୧)।

## ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ଚେନ୍ନାଇ–ଗୁଜରାଟ**
ସ୍ଥାନ: ଅହମଦାବାଦ
ସମୟ: ଅପରାହ୍ନ ୩.୩୦

**ହାଇଦ୍ରାବାଦ-କୋଲକାତା**
ସ୍ଥାନ: ଦିଲ୍ଲୀ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ପଞ୍ଜାବ କିଙ୍ଗ୍ସ | ୧୩ | ୮ | ୪ | ୧ | ୧୭ | +୦.୩୨୭ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | −୦.୩୩୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୩ | ୫ | ୭ | ୧ | ୧୧ | −୦.୭୩୭ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | −୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | −୧.୦୩୦ |

# ଜୋକୋଭିଚ୍‌ଙ୍କୁ ୧୦୦ତମ ସିଙ୍ଗଲ୍ସ ଟାଇଟଲ


ଟ୍ରଫି ସହ ନୋଭାକ୍ ଜୋକୋଭିଚ୍।

**ଜେନେଭା, ୨୪।୫ (ଏପି)**

ନୋଭାକ୍ ଜୋକୋଭିଚ୍ ଶେଷରେ ତାଙ୍କ କ୍ୟାରିୟରର ୧୦୦ତମ ସିଙ୍ଗଲ୍ସ ଟାଇଟଲ ହାସଲ କରିବାରେ ସଫଳ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ହୁବର୍ଟ ହୁର୍କାଜଙ୍କୁ ୫–୭, ୭–୬ (୨), ୭–୬ (୨)ରେ ପରାସ୍ତ କରି ଜେନେଭା ଓପନ ଚାମ୍ପିୟନ ହେବାପରେ ସେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ୯ ମାସ ପୂର୍ବେ ରୋଲାଣ୍ଡ ଗାରୋସଠାରେ ପ୍ୟାରିସ ଅଲିମ୍ପିକ୍ସରେ ତାଙ୍କର ୯୯ତମ ଟାଇଟଲ ହାସଲ କରିବା ପରଠାରୁ ୯ ମାସ ମଧ୍ୟରେ ଦୁଇଟି ଫାଇନାଲରେ ପରାଜିତ ହୋଇଥିଲେ। ୧୦୦ତମ ଟାଇଟଲ ହାସଲ କରିବା ଲାଗି ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା। ଦୁଇ ଦିନ ପୂର୍ବେ ସେ ତାଙ୍କ ବନ୍ଧୁବାନ୍ଧବ ଓ ପରିବାର ପରିଜନ ସହ ତାଙ୍କର ୩୮ତମ ଜନ୍ମଦିନ ପାଳନ କରିଥିଲେ।

# ଇତିହାସ ସୃଷ୍ଟି କଲେ ଲେବାନନ୍‌ର ବେଞ୍ଜାମିନ

**ପ୍ୟାରିସ, ୨୪।୫ (ଏପି)**

ବେଞ୍ଜାମିନ ହସନ ଲେବାନନର ପ୍ରଥମ ଖେଳାଳି ଭାବେ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାର ମୁଖ୍ୟ ଡ୍ର’ରେ ସ୍ଥାନ ପାଇ ଇତିହାସ ସୃଷ୍ଟି କରିଛନ୍ତି। ଏହି ୩୦ବର୍ଷୀୟ ଖେଳାଳି କ୍ୱାଲିଫାଇଂର ଫାଇନାଲ ରାଉଣ୍ଡରେ ଜାପାନର ଜେମ୍ସ ଟ୍ରୋଟରଙ୍କୁ ୬–୨, ୭–୬(୫)ରେ ହରାଇଛନ୍ତି। ଜର୍ମାନୀରେ ଜନ୍ମିତ ହସନ ପ୍ୟାରିସର କ୍ଲେ–କୋର୍ଟରେ କ୍ରମାଗତ ୩ଟି କ୍ୱାଲିଫାଇଂ ମ୍ୟାଚରେ ବିଜୟୀ ହୋଇ ରୋଲାଣ୍ଡ ଗ୍ୟାରସରେ ସ୍ଥାନ ପାଇଛନ୍ତି। ୧୭୭ତମ ର୍‍ୟାଙ୍କିଂପ୍ରାପ୍ତ ହସନ ଫ୍ରେଞ୍ଚ୍ ଓପନରେ ପ୍ରଥମ ଥର ଖେଳିବାକୁ ଯାଉଥିଲେ ମଧ୍ୟ ତାଙ୍କ ପାଇଁ ଟୁର୍ନାମେଣ୍ଟର କୋର୍ଟ ନୂଆ ନୁହେଁ। ଗତ ପ୍ୟାରିସ ଅଲିମ୍ପିକ୍ସର ଟେନିସ ମ୍ୟାଚଗୁଡ଼ିକ ରୋଲାଣ୍ଡ ଗ୍ୟାରସର କ୍ଲେକୋର୍ଟରେ ଖେଳାଯାଇଥିଲା।

# ଲାକ୍ରା ଭାରତୀୟ ଜୁନିୟର ପୁରୁଷ ହକି ଦଳର ସହକାରୀ କୋଚ୍

**ନୂଆଦିଲ୍ଲୀ,୨୪।୫(ପି.ଟି.)**

ପୂର୍ବତନ ଡିଫେଣ୍ଡର ବୀରେନ୍ଦ୍ର ଲାକ୍ରାଙ୍କୁ ଆସନ୍ତାବର୍ଷ ହେବାକୁ ଥିବା ବିଶ୍ୱକପ୍ ପୂର୍ବରୁ ଭାରତୀୟ ଜୁନିୟର ପୁରୁଷ ହକି ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ହକି ଇଣ୍ଡିଆ (ଏଚ୍‌ଆଇ) ପକ୍ଷରୁ ଶନିବାର କୁହାଯାଇଛି। ୩୫ ବର୍ଷୀୟ ଲାକ୍ରା ମୁଖ୍ୟ କୋଚ୍ ତଥା କିମ୍ବଦନ୍ତୀ ଗୋଲକିପର ପିଆର ଶ୍ରୀଜେଶଙ୍କ ନେତୃତ୍ୱାଧୀନ କୋଚିଂ ଦଳରେ କାମ କରିବେ।

ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ଭାରତୀୟ ଜୁନିୟର ପୁରୁଷ ଦଳର ସଦସ୍ୟ ହେବା ସମ୍ମାନର ବିଷୟ। ଭାରତୀୟ ଜର୍ସି ପିନ୍ଧିବା ପାଇଁ କ’ଣ କ’ଣ ଦରକାର ମୋତେ ତାହା ଜଣାଅଛି। ଏବେ ମୁଁ ନୂଆ ପିଢ଼ିର ଖେଳାଳିଙ୍କୁ ବଡ଼ ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବାରେ ସାହାଯ୍ୟ କରିବାକୁ ଯାଉଛି। ମୋ ଦୀର୍ଘଦିନର ସାଥି ଖେଳାଳି ଓ ପ୍ରେରଣା ଶ୍ରୀଜେଶଙ୍କ ସହ କାମ କରିବା ଏକ କୌତୂହଳପୂର୍ଣ୍ଣ ଚ୍ୟାଲେଞ୍ଜ। ଆମେ ଏକ ଭୟମୁକ୍ତ ଏବଂ ଭଲ ଭାବେ ପ୍ରସ୍ତୁତ ଥିବା ଦଳ ଗଠନ କରିବା ପାଇଁ ପ୍ରତିବଦ୍ଧ ବୋଲି ଲାକ୍ରା କହିଛନ୍ତି। ଭାରତୀୟ ଦଳର ଡିଫେନ୍ସ ଭାଗକୁ ସୁଦୃଢ଼ କରିବା ଲାକ୍ରାଙ୍କ ମୁଖ୍ୟ ଦାୟିତ୍ୱ ହେବ। ଆସନ୍ତା ବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ମଦୁରାଇଠାରେ ଜୁନିୟର ହକି ବିଶ୍ୱକପ୍ ଖେଳାଯିବ।


ବୀରେନ୍ଦ୍ର ଲାକ୍ରା

ଉଲ୍ଲେଖଯୋଗ୍ୟ ଯେ, ୨୦୧୦ରେ ଭାରତ ପାଇଁ ପଦାର୍ପଣ କରିଥିବା ଲାକ୍ରା ଖୁବ୍‌ଶୀଘ୍ର ଦଳର ସବୁଠୁ ନିର୍ଭରଯୋଗ୍ୟ ଡିଫେଣ୍ଡର ପାଲଟି ଯାଇଥିଲେ। ସେ ଭାରତକୁ ୨୦୧୨ ଲଣ୍ଡନ ଓ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ କରିଥିଲେ। ତାଙ୍କ ପ୍ରତିନିଧିତ୍ୱରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିଲା। ଲାକ୍ରାଙ୍କ ଉଲ୍ଲେଖନୀୟ କ୍ୟାରିୟରରେ ୨୦୧୨ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୪ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ, ୨୦୧୩ ଏସିଆ କପ୍‌ରେ ରୌପ୍ୟ, ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, ୨୦୧୬ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୧୮ ଏସିଆନ ଗେମ୍ସରେ ବ୍ରୋଞ୍ଜ ଓ ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ରହିଛି।

# ଖୋର୍ଦ୍ଧା ଜିଲା ସବ୍–ଜୁନିୟର ବାଳକ, ବାଳିକା ଚେସ୍ ୨୮ରୁ

**ଭୁବନେଶ୍ୱର,୨୪।୫(ଅନାଦି କର)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ (କେଡିସିଏ) ପକ୍ଷରୁ ଆସନ୍ତା ୨୮ ଓ ୨୯ ତାରିଖରେ କିଟ୍ ୟୁନିଭରସିଟିସ୍ଥିତ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଖୋର୍ଦ୍ଧା ଜିଲା ସବ୍–ଜୁନିୟର ୧୫ ବର୍ଷରୁ ବାଳକ ଓ ବାଳିକା ଚେସ୍ ଚାମ୍ପିୟନଶିପ୍ ଆୟୋଜନ କରାଯିବ। ଏହି ପ୍ରତିଯୋଗିତା କେବଳ ଖୋର୍ଦ୍ଧା ଜିଲାର ଖେଳାଳିଙ୍କ ଲାଗି ଉଦ୍ଦିଷ୍ଟ। ଓଡ଼ିଶା ଚେସ୍ ଇତିହାସରେ ପ୍ରଥମ ଥର ପାଇଁ କୌଣସି ଜିଲା ରାଜ୍ୟ ବୟସ ବର୍ଗର ଚାମ୍ପିୟନଶିପ୍ ଲାଗି ଖେଳାଳି ଚୟନ କରିବା ପାଇଁ ଜିଲା ସ୍ତରରେ ବୟସ ବର୍ଗର ଚାମ୍ପିୟନଶିପ ଆୟୋଜନ କରୁଛି। ପ୍ରତ୍ୟେକ ବିଭାଗର ଟପ୍ ୪ ଖେଳାଳି ଖୋର୍ଦ୍ଧା ପକ୍ଷରୁ ଓଡ଼ିଶା ରାଜ୍ୟ ସବ୍–ଜୁନିୟର ଅଣ୍ଡର–୧୫ ବାଳକ, ବାଳିକା ଚାମ୍ପିୟନଶିପ୍‌ରେ ଭାଗ ନେବେ। ଉଭୟ ବିଭାଗର ଟପ୍ ୬ ଖେଳାଳିଙ୍କ ଲାଗି ୫ ହଜାର ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଅଲ ଓଡ଼ିଶା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ପ୍ରତିଯୋଗିତା ଲାଗି ୪୦୦ ଟଙ୍କାର ଏଣ୍ଟ୍ରି ଫି ରଖାଯାଇଛି। ଇଚ୍ଛୁକ ଖେଳାଳିମାନେ କେଡିସିଏ ସଦସ୍ୟ ସ୍ୱୟଂସୁ ସତ୍ୟକାମ, ଡ. ସୁଶାନ୍ତ ଷଡ଼ଙ୍ଗୀ ଓ ଦୀପକ ପାତ୍ରଙ୍କୁ ଯୋଗାଯୋଗ କରିବାକୁ କୁହାଯାଇଛି।

# ଇଂଲିଶ୍ ପ୍ରିମିୟର ଲିଗ୍‌ରେ ଓଡ଼ିଶା ଏଫ୍‌ସିର ରାହୁଲ

**ଭୁବନେଶ୍ୱର, ୨୪।୫ (ବିଜୟ ରଣା)**

ଭାରତୀୟ ଫୁଟ୍‌ବଲ ପାଇଁ ଏକ ଖୁସିର ମୁହୂର୍ତ୍ତ। ଓଡ଼ିଶା ଏଫ୍‌ସିର ଡାଇନାମିକ୍ ୱିଙ୍ଗର ରାହୁଲ କେ.ପିଙ୍କୁ ଇଂଲିଶ ପ୍ରିମିୟର ଲିଗ୍ ପାୱାରହାଉସ୍ ୱେଷ୍ଟ ହାମ୍ ୟୁନାଇଟେଡ୍ ପୁରୁଷ ଦଳରୁ ଖେଳିବା ଲାଗି ଆମନ୍ତ୍ରଣ ମିଳିଛି। ଏଲିଟ୍ ୭ ବନାମ ୭ ଫୁଟ୍‌ବଲ ପ୍ରତିଯୋଗିତା ଦି ସକ୍କର ଟୁର୍ନାମେଣ୍ଟ (ଟିଏସ୍‌ଟି)ର ଗ୍ରୀଷ୍ମ ସଂସ୍କରଣରେ ସମଗ୍ର ବିଶ୍ୱରୁ ୪୮ଟି ଦଳ ଅଂଶଗ୍ରହଣ କରିବେ। ଏକ ଟପ୍ ଡିଭିଜନ ଇଂଲିଶ ପ୍ରିମିୟର ଲିଗ୍ କ୍ଲବ ପୁରୁଷ ଦଳରେ ଜଣେ ଭାରତୀୟ ଖେଳାଳି ପ୍ରତିନିଧିତ୍ୱ କରିବା ଭାରତୀୟ ଫୁଟ୍‌ବଲ ଇତିହାସରେ ପ୍ରଥମ। ଏହା କେବଳ ରାହୁଲଙ୍କ ବର୍ଦ୍ଧିତ କ୍ୟାରିୟର ନୁହେଁ ଅବା ଓଡ଼ିଶା ଏଫ୍‌ସି ପାଇଁ ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରରେ



ଓଡ଼ିଶା ରାଜ୍ୟ ଓ ଭାରତୀୟ ଫୁଟ୍‌ବଲର ପରିଚୟ ସୃଷ୍ଟି କରିବ। ଯୁକ୍ତରାଷ୍ଟ୍ର ଆମେରିକାର ନର୍ଥ କାରୋଲିନା ଅନ୍ତର୍ଗତ ରାଲେଠାରେ ଏହି ଟୁର୍ନାମେଣ୍ଟ ଜୁନ୍ ୪ରୁ ୯ ପର୍ଯ୍ୟନ୍ତ ଖେଳାଯିବ।

**ଜାତୀୟସ୍ତରୀୟ କୁଡୋ**

# ଓଡ଼ିଶାକୁ ୧୯ ପଦକ



ପଦକ ସହ କୃତୀ ପ୍ରତିଯୋଗୀମାନେ।

**କଟକ,୨୪।୫(କାର୍ତ୍ତିକ ସାହୁ)**

ମହାରାଷ୍ଟ୍ରର ପୁଣେ ଫୁଲଗାଓଁସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବାଳକ ମିଲିଟାରି ବିଦ୍ୟାଳୟଠାରେ ଅନୁଷ୍ଠିତ ତୃତୀୟ ଜାତୀୟସ୍ତରୀୟ କୁଡୋ କପ୍ ପ୍ରତିଯୋଗିତା ଓ ଆଡ୍‌ଭାନ୍ସ ପ୍ରଶିକ୍ଷଣ ଶିବିରରେ ଓଡ଼ିଶାକୁ ୧୯ଟି ପଦକ ମିଳିଛି। କୁଡୋ ଆସୋସିଏଶନ ଓଡ଼ିଶା ପକ୍ଷରୁ ଏଥିରେ ଅଂଶଗ୍ରହଣ କରିଥିବା ୨୭ଜଣ ପ୍ରତିଯୋଗୀ ପଦକ ହାସଲ କରି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ସେମାନଙ୍କ ମଧ୍ୟରୁ ବୈଶିଷ୍ଠା ସେନାପତି, ବୈଷ୍ଣବୀ ସେନାପତି, ଅନନ୍ୟା ମହାନ୍ତି, ସ୍ଥିତିପ୍ରଜ୍ଞା ନାୟକ ଓ ଆମେରା ସାଇନି ବାର୍ଲା ସ୍ୱର୍ଣ୍ଣ ପଦକ, କୈବଲ୍ୟ ପଡ଼ିହାରୀ, ସ୍ୱସ୍ତିକା ମିଶ୍ର, ରାଜ ଅର୍ଜୁନ ମଲ୍ଲିକ, ରାଜେନ୍ଦ୍ର ଦଳେଇ, ଖୁସି ମୁଣ୍ଡା, ହିମାଂଶୁ ସେଠୀ ଓ ତ୍ରିଶା କୁମାରୀ ଚାନ୍ଦ ରୌପ୍ୟ ପଦକ ଏବଂ ମୈତ୍ରୀ ପିପ୍ପଲା, ସେଲିନା ପଟ୍ଟନାୟକ, ଶର୍ମିଷ୍ଠା ମିଶ୍ର, ସାଇଶ୍ରୀ ମହାନ୍ତି, ପ୍ରିସ୍‌କିଲା ନାଗ୍, ତ୍ରିଶାତ ମାର୍ଥା ଓ ମୃତ୍ୟୁଞ୍ଜୟ ସ୍ୱାଇଁ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କୁଡୋ ଆସୋସିଏଶନ୍ ଅଫ୍ ଓଡ଼ିଶାର ମୁଖ୍ୟ ପ୍ରଶିକ୍ଷକ ସିହାନ୍ ନିତାଇ ଶଙ୍କର ଗୁଇଁ ପ୍ରତିଯୋଗୀମାନଙ୍କ ନେତୃତ୍ୱ ନେଇଥିଲେ। ମୁକେଶ କୁମାର ନାୟକ, ଅଜୟ କୁମାର ବେହେରା ଓ ଅନିଲ ବାର୍ଲା ସହ ପ୍ରଶିକ୍ଷକ ଏବଂ ମୃତ୍ୟୁଞ୍ଜୟ ଯାଦବ, ଅତିସ ଷଡ଼ଙ୍ଗୀ ଓ ବରଦା ପ୍ରସାଦ ଦାସ ରେଫରି ଓ ନର୍ମଦା ଗୁଇଁ ମ୍ୟାନେଜର ଭାବେ କାର୍ଯ୍ୟ କରିଥିଲେ। ଅନୁଷ୍ଠାନର ସଭାପତି ଶିବାଶିଷ କର ଓ ମୁଖ୍ୟ ଉପଦେଷ୍ଟା ଡ. ବିଜୟାନନ୍ଦ ସିଂ କୃତୀ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଶ୍ରୀକାନ୍ତ ଫାଇନାଲରେ

**କୁଆଲାଲମ୍ପୁର, ୨୪।୫ (ପି.ଟି.)**

ଜାପାନର ୟୁଶି ଟାନାକାଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଭାରତର କିଡ଼ାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ୬ବର୍ଷରେ ସେ ପ୍ରଥମ ଥର ଏକ ବିଡବ୍ଲ୍ୟୁଏଫ୍ ଇଭେଣ୍ଟର ଫାଇନାଲକୁ ଉନ୍ନୀତ ହୋଇପାରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ୨୦୨୧ ବିଶ୍ୱ ଚାମ୍ପିୟନ ରୌପ୍ୟ ବିଜେତା ତାଙ୍କ ଅଭିଜ୍ଞତାର ଉପଯୋଗ ସହ ଆକ୍ରମଣାତ୍ମକ ପ୍ରଦର୍ଶନ କରି ବିଶ୍ୱର ୨୩ ନମ୍ବର ଖେଳାଳି ଟାନାକାଙ୍କୁ ୨୧–୧୯, ୨୪–୨୨ରେ ପରାସ୍ତ କରିଥିଲେ। ଗତଥର ୨୦୧୯ରେ ଇଣ୍ଡିଆ ଓପନରେ ସେ ଏକ ବିଡବ୍ଲ୍ୟୁଏଫ୍ ଟୁର୍ ଫାଇନାଲରେ ପ୍ରବେଶ କରି ରନର ଅପ୍ ହୋଇଥିଲେ। ବିଶ୍ୱର ପୂର୍ବତନ ନମ୍ବର ୱାନ ଖେଳାଳି ଶ୍ରୀକାନ୍ତ ଗତ କିଛି ସିଜନ ହେଲା ଫର୍ମ ଓ ଫିଟ୍‌ନେସ ସମସ୍ୟା ଦେଇ ଗତିକରି ଆସୁଥିଲେ।

# ବୁଲ୍ସଆଇ ତାଲିମ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୨୪।୫ (ବିଜୟ ରଣା)**

ନର୍ଥ ଇଷ୍ଟ ଜୋନ୍ ଦୃଷ୍ଟିବାଧିତ ଫୁଟବଲ ଖେଳରେ ଭାଗନେବାପାଇଁ ଓଡ଼ିଶାର ସାମାଜିକ ଅନୁଷ୍ଠାନ ‘ବୁଲ୍ସଆଇ’ ପକ୍ଷରୁ ୧୮ତାରିଖରୁ ଦୃଷ୍ଟିବାଧିତ ଖେଳାଳିମାନଙ୍କର ତାଲିମ ଶିବିର ଆରମ୍ଭ ହୋଇଥିଲା। ଶନିବାର ଏହାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ରୂପେ ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅର୍ଥ ପରାମର୍ଶଦାତା ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ଚିନ୍ମୟୀ ଫାଉଣ୍ଡେଶନର ଅଧ୍ୟକ୍ଷ ସନ୍ତୋଷୀ ଜୈନ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବୁଲ୍ସ ଆଇର ସମ୍ପାଦକ ପିନା ନାୟକ ଓ ରାଜ୍ୟ ଯୁବ ପୁରସ୍କାର ପ୍ରାପ୍ତ ସମାଜସେବୀ ପ୍ରିୟବ୍ରତ ପଣ୍ଡା ପରିଚାଳନା କରିଥିଲେ । ‘ବୁଲସଆଇ’ ର ଅଧିକ ତ୍ରିଲୋଚନ ବେଉରାଙ୍କ ସୂଚନା ଅନୁଯାୟି ଉକ୍ତ ଶିବିରରୁ ଚୟନ ହୋଇଥିବା ଉଭୟ ପୁରୁଷ ଓ ମହିଳା ଦୃଷ୍ଟିବାଧିତ ଫୁଟବଲ ଦଳ ପୁରୀ–କାମାକ୍ଷା ଟ୍ରେନ ଯୋଗେ ଆସାମର ଗୁଆହାଟୀଠାରେ ଆୟୋଜିତ ନର୍ଥଇଷ୍ଟ ଜୋନ ଟୁର୍ନାମେଣ୍ଟ ଖେଳିବା ପାଇଁ ଗସ୍ତ କରିଛି।



ତାଲିମ ଶିବିରରେ ଭାଗନେଇଥିବା ଦୃଷ୍ଟିବାଧିତ ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

# ମହିଳା ରୌପ୍ୟ, ପୁରୁଷ ବ୍ରୋଞ୍ଜ ବିଜେତା

**ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ସିପକ୍‌ଟାକ୍ର**

**ଭୁବନେଶର, ୨୪।୫ (ବିଜୟ ରଣା)**

ଦିଉଠାରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶା ସିପକଟାକ୍ର ମହିଳା ଦଳ ରୌପ୍ୟ ପଦକ ହାସଲ କରିଥିବା ବେଳେ ପୁରୁଷ ଦଳ (କ୍ୱାଡରେ) ବ୍ରୋଞ୍ଜ, ମହିଳା (କ୍ୱାଡରେ) ବ୍ରୋଞ୍ଜ ପଦକ ହାସଲ କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଦିଉଠାରେ ୧୯ରୁ ୨୪ତାରିଖ ପର୍ଯ୍ୟନ୍ତ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଅନ୍ତିମ ଦିବସରେ ଓଡ଼ିଶାର ସିପକଟାକ୍ର ଦଳ ପଦକ ଜିତିବାରେ ସଫଳ ହୋଇଛି। ଓଡ଼ିଶା ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିପକ୍‌ଟାକ୍ର ଦଳ ପ୍ରତିଯୋଗିତାରେ ଭାଗ ନେଇଥିଲା। ପୁରୁଷ ଦଳରେ ଆକାଶ ରେଡ୍ଡୀ, ବିକାଶ ରେଡ୍ଡୀ ,ଗୁରୁ ମାଝି, ଆଶିଷ ପ୍ରଧାନ, ଶୁଭେନ୍ଦୁ ନାୟକ ଏବଂ ବୁଲୁ ପାତ୍ର ପ୍ରମୁଖ ସ୍ଥାନ ପାଇଥିବା ବେଳେ ସୁଶାନ୍ତ ଷଡଙ୍ଗୀ ମ୍ୟାନେଜର ଏବଂ ଲଲାଟେନ୍ଦୁ ସ୍ୱାଇଁ ଦଳର


ପଦକ ବିଜୟୀ ଖେଳାଳିମାନେ।

କୋଚ ରହିଥିଲେ। ସେହିପରି ମହିଳା ଦଳରେ ଏ. ଶ୍ରାବଣୀ, ସଙ୍ଗିତା କିଶାନ, ମଧୁସ୍ମିତା ବେହେରା, ଗାୟତ୍ରୀ ସାହୁ, ଇତିଶ୍ରୀ ସାମଲ ଏବଂ ରାଇମଣି ଟୁଡୁ ଖେଳାଳି ଭାବେ ଭାଗ ନେଇଥିବା ବେଳେ ଲକ୍ଷ୍ମୀପ୍ରିୟା ନାୟକ କୋଚ୍ ଏବଂ ସ୍ୱାରିକା ଦାଶ ଟିମ୍ ମ୍ୟାନେଜର ରହିଥିଲେ। ଓଡ଼ିଶା ଦଳର ସଫଳତା ପାଇଁ ଓଡ଼ିଶା କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଡ଼ିଶା ସିପକଟାକ୍ର ଦଳର ରାଜ୍ୟ ସଭାପତି ସତ୍ୟବ୍ରତ ରଥ, ସାଧାରଣ ସମ୍ପାଦକ ପୃଥ୍ୱୀରାଜ ସାହୁ,ବରିଷ୍ଠ ଉପସଭାପତି ମହମ୍ମଦ ଗୁଲଫାମ, ବିଶ୍ୱନାଥ ମିଶ୍ର, କୋଷାଧ୍ୟକ୍ଷ ନିରୋଧ କୁମାର ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ହାପି ଜର୍ନି

**ପାଠପଢ଼ା ହେଉ କି ଜବ୍, ଚାପ ଭିତରୁ କିଛି ସମୟ ଫାଙ୍କା ମିଳିଲେ ବୁଲାବୁଲି କରିବାକୁ ଯୁବପିଢ଼ିଙ୍କ ଉତ୍କଣ୍ଠା କହିଲେ ନ ସରେ। ହେଲେ ଇଚ୍ଛା ଥିଲେ ସୁଦ୍ଧା କେତେଜଣ ଗାଡ଼ିରେ ବସିବାମାତ୍ରେ ବାନ୍ତି ଡରରେ ବୁଲିବା ଖୁସି ସାଉଣ୍ଟିବାରୁ ହୁଅନ୍ତି ବଞ୍ଚିତ, ଯାହାକୁ ମୋଶନ୍ ସିକ୍‌ନେସ୍ ବୋଲି କୁହାଯାଇଥାଏ। ତେବେ ଏହି ସମସ୍ୟାର ବି ପ୍ରତିକାର କରାଯାଇ ଯାତ୍ରାକୁ ସୁଖମୟ କରାଯାଇପାରିବ...**



ବ୍ୟସ୍ତବହୁଳ ଜୀବନରୁ କିଛି ସମୟ ଫାଙ୍କା ମିଳିଲେ ନୂଆ ନୂଆ ସ୍ଥାନକୁ ବୁଲିଯିବାର ଆନନ୍ଦ ନେବାକୁ ସମସ୍ତେ ଚାହାନ୍ତି। ବିଶେଷକରି ଅଧିକାଂଶ ଯୁବତୀଯୁବକ ସାଙ୍ଗସାଥୀ ହୁଅନ୍ତୁ ଅବା ପରିବାର ସହ ଏହି ଖୁସିର ମୁହୂର୍ତ୍ତ ବିତେଇବାକୁ ଅପେକ୍ଷା କରି ରହିଥା'ନ୍ତି। ହେଲେ ଗାଡ଼ିରେ ଯାତ୍ରା କରିବା ସମୟରେ ଅନେକଙ୍କଠାରେ ମୋଶନ୍ ସିକ୍‌ନେସ୍ ସମସ୍ୟା ଦେଖାଯାଇଥାଏ। ଏହା ଏକ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା, ଯେଉଁଥିରେ ଗାଡ଼ିରେ ବସିବାମାତ୍ରେ ହଠାତ୍ ଦେହ ଖରାପ ଲାଗିବା, ମୁଣ୍ଡ ବୁଲାଇବା ଏବଂ ବାନ୍ତିହେବା ଭଳି ଲକ୍ଷଣ ଦେଖାଦେଇଥାଏ। କାହା କାହାଠାରେ ଏହି କଷ୍ଟ ବୁଲିବାର ମଜା ଫିକା କରିଦିଏ ତ ଆଉ କେହି ବାନ୍ତି ଡରରେ ମନ ମାରି ଘରେ ରହି ବୁଲିବା ଖୁସିରୁ ବଞ୍ଚିତ ହୁଅନ୍ତି। ଏହି ସମସ୍ୟା କେତେକଙ୍କଠାରେ ବଂଶଗତ ମଧ୍ୟ ହୋଇପାରେ। ହେଲେ ଏହାକୁ ଡରି କେଉଁଆଡ଼େ ନ ଯିବା କିମ୍ବା କଷ୍ଟରେ ଯାତ୍ରା କରି ବୁଲିବାର ମଜାକୁ ଏଞ୍ଜୟ ନ କରିବା ଏହାର ସମାଧାନ ନୁହେଁ। କେତେକ ଦିଗ ପ୍ରତି ଦୃଷ୍ଟି ଦେଲେ ଏହି ସମସ୍ୟା ଦୂର କରାଯାଇପାରିବ...

**ଡାକ୍ତରଙ୍କ ପରାମର୍ଶ:** ଯାହାର ମୋଶନ ସିକ୍‌ନେସ୍ ସମସ୍ୟା ବେଶି ଥାଏ, ତେବେ ଯାତ୍ରା ପୂର୍ବରୁ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇନେବା ଭଲ। ଏହାଦ୍ୱାରା ନିଶ୍ଚିତ ରୂପେ ଉପକୃତ ହେବେ। ହେଲେ ମନେରଖନ୍ତୁ, ଗାଡ଼ିରେ ବାନ୍ତି ହେବା ଭୟରେ ଅନେକେ ଯେକୌଣସି ବାନ୍ତି ମେଡିସିନ୍ ଖାଇଦିଅନ୍ତି, ଯାହାକି ଆଦୌ ବୁଦ୍ଧିମତ୍ତାର କାର୍ଯ୍ୟ ନୁହେଁ। କାରଣ କେବେକେବେ ଏହାର ନକାରାତ୍ମକ ପ୍ରଭାବ ମଧ୍ୟ ଶରୀର ଉପରେ ପଡ଼ିପାରେ।

**ରଖନ୍ତୁନି ପେଟ ଖାଲି:** ବୁଲିବାକୁ ଯିବା ପୂର୍ବରୁ ବାନ୍ତି ହେବା ଭୟରେ ଅନେକେ ଖାଲିପେଟରେ ରହିଥା'ନ୍ତି। କାରଣ ଖାଇବା ପରେ ଗାଡ଼ିରେ ବସିଲେ ବାନ୍ତି ହୁଏ, ଏଭଳି ଧାରଣା ସେମାନଙ୍କ ମନରେ ରହିଛି। ହେଲେ ଆପଣ ଜାଣନ୍ତି କି ଖାଲିପେଟରେ ରହିବା ଦ୍ୱାରା ଗ୍ୟାସ୍, ଏସିଡିଟି ହୋଇ ମୁଣ୍ଡ ବୁଲେଇବା ସହ ଅଧିକ ବାନ୍ତି ହୋଇଥାଏ। ତେଣୁ ଗାଡ଼ିରେ ଯାତ୍ରା କରିବା ପୂର୍ବରୁ ତେଲ ମସଲା, ଛଣାଛଣି ଭଳି ଖାଦ୍ୟ ନ ଖାଇ କିଛି ହାଲୁକା ଖାଦ୍ୟ, ଫଳ ଆଦି ଖାଇବା ଅବା ଜୁସ୍ ପିଇବା ଲାଭଦାୟକ।

**ଘରୋଇ ଉପଚାର ଲାଭଦାୟକ:** ଗାଡ଼ିରେ ଯିବାବେଳେ ପାଖରେ ଅଦା ଖଣ୍ଡ ଏବଂ ଲେମ୍ବୁ ରଖନ୍ତୁ। ବାନ୍ତି ଲାଗିବା ମାତ୍ରେ ଏହାକୁ ଖାଆନ୍ତୁ। ଏଥିରେ ଥିବା ଆଣ୍ଟିଏମିଟିକ୍ ଗୁଣ ବାନ୍ତି ଲାଗିବା, ମୁଣ୍ଡ ବୁଲାଇବା ଆଦି ଦୂର କରିବାରେ ସାହାଯ୍ୟ କରିଥାଏ। ମୋଶନ୍ ସିକ୍‌ନେସ୍ ଥିଲେ ଯାତ୍ରା ପୂର୍ବରୁ ଅଦା ଚା ପିଇବା ଲାଭଦାୟକ ହୋଇଥାଏ। ଅନେକଙ୍କଠାରେ ଗାଡ଼ିର ଧୂଆଁ, ପେଟ୍ରୋଲ୍, ଡିଜେଲ୍ ଆଦିର ଗନ୍ଧ ମଧ୍ୟ ବାନ୍ତିର କାରଣ ସାଜିଥାଏ। ଏମିତିରେ ଲେମ୍ବୁ ଶୁଙ୍ଘିବା ଦ୍ୱାରା ବାନ୍ତି ହୋଇ ନ ଥାଏ।

**ଆପଣାନ୍ତୁ ମ୍ୟୁଜିକ୍ ଥେରାପି:** ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ, ତେବେ ଏହି ସମସ୍ୟା ଦୂର କରିବା ଲାଗି ଭଲ ଗୀତ ଶୁଣନ୍ତୁ। ନିଜ ମନକୁ ଭୁଲାଇବା ଲାଗି ଏହା ସବୁଠୁ ଭଲ ମାଧ୍ୟମ। କାରଣ ଗୀତରେ ଯାଦୁକରି ଶକ୍ତି ରହିଛି। ତେଣୁ ଏହାକୁ ମ୍ୟୁଜିକ୍ ଥେରାପି ଭଳି ବ୍ୟବହାର କରାଯାଏ। ଏପରି କଲେ ଆପଣଙ୍କ ଧ୍ୟାନ ଗୀତ ଆଡ଼କୁ ଯିବ ଏବଂ ମୁଣ୍ଡ ବୁଲାଇବା, ବାନ୍ତି ଲାଗିବା ଆଦି ସମସ୍ୟା ଦୂର ହୋଇଯିବ।





**ଖୋଲା ରଖନ୍ତୁ ଗ୍ଲାସ୍:** ଗାଡ଼ିର ଗ୍ଲାସ୍ ବନ୍ଦ କରି ଏସି ଲଗାଇ ଅଧିକ ସମୟ ବସିବା ଦ୍ୱାରା ବି ବାନ୍ତି ହୋଇଥାଏ, ଏମିତିରେ ଆପଣ କିଛି ସମୟ ଗ୍ଲାସ ଖୋଲା ରଖିପାରିବେ। ବାହାର ଖୋଲା ପବନ ସଂସ୍ପର୍ଶରେ ଆସିବା ଦ୍ୱାରା ମଧ୍ୟ ବାନ୍ତି ହୋଇ ନ ଥାଏ।

**ଓଲଟା ବସନ୍ତୁ ନାହିଁ:** ଯାତ୍ରାବେଳେ ବାନ୍ତି ନ ହେବା ଲାଗି ଆଗକୁ ମୁହଁ କରି ଆଗ କିମ୍ବା ମଝି ସିଟ୍‌ରେ ବସନ୍ତୁ। କାରଣ ଗାଡ଼ି ଭିତରେ ରାସ୍ତାର ବିପରୀତ ଦିଗକୁ ମୁହଁ କରି କିମ୍ବା ବଡ଼ ଗାଡ଼ିର ପୂରା ପଛ ସିଟ୍‌ରେ ବସିଲେ ମୋଶନ୍ ସିକ୍‌ନେସ୍ ହୋଇ ବାନ୍ତି ହେବାର ଆଶଙ୍କା ବେଶି।

**ପର୍‌ଫ୍ୟୁମ୍ ଓ ଏୟାର୍ ଫ୍ରେଶନର୍ ପକାନ୍ତୁନି:** ଯଦି ଗାଡ଼ିରେ ବସିଲେ ବାନ୍ତି ହେଉଥାଏ, ତେବେ ଟାଇଟ୍ କିମ୍ବା ସିନ୍ଥେଟିକ୍ ପୋଷାକ ଆଦୌ ପିନ୍ଧନ୍ତୁ ନାହିଁ। ଏହା ବଦଳରେ ହାଲୁକା ଏବଂ ଢିଲା କଟନ ପୋଷାକ ପିନ୍ଧିବା ସବୁଠୁ ଭଲ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅଧିକ ସୁଗନ୍ଧଯୁକ୍ତ ପର୍‌ଫ୍ୟୁମ୍ କିମ୍ବା ଗାଡ଼ି ଭିତରେ କଡ଼ା ସୁଗନ୍ଧଯୁକ୍ତ ଏୟାର ଫ୍ରେଶନର୍ ପକାନ୍ତୁ ନାହିଁ।







## ଏ ସପ୍ତାହର ପ୍ରଶ୍ନ

୧– ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ମେ .......... ତାରିଖରେ ପାଳନ କରାଯାଏ ?
୨– ଗ୍ଲୋବାଲ୍ ଇଲେକ୍‌ଟ୍ରିକ୍ ଭେଇକଲ୍ ଆଉଟ୍‌ଲୁକ୍ ୨୦୨୫ ........... ପକ୍ଷରୁ ପ୍ରକାଶ ପାଇଛି ?
୩– ଭାରତର ପ୍ରଥମ ଭିଷ୍ଟାଡୋମ୍ ଜଙ୍ଗଲ ସଫାରି ଟ୍ରେନ୍ ......... ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଛି ?
୪– ଲଣ୍ଡନ ମୁସ୍‌ଲିମ୍ ଲିଗ୍ ୧୯୦୮ ............... ପ୍ରତିଷ୍ଠା କରିଥିଲେ ?
୫– ପାଙ୍ଗ୍‌ସାଉ ପାସ୍ ......... ଦୁଇ ଦେଶ ମଧ୍ୟରେ ରହିଛି ?

## ଗତ ଥରର ଉତ୍ତର

୧ ୧୩୦
୨ କର୍ନାଟକ
୩ ଆଟ୍‌ଲାସ୍ ଟେଲିସ୍କୋପ୍
୪ ଚେନାବ
୫ ଗୌତମ

## ଉତ୍ତରଦାତା



ସୁଦିପ୍ତା ପଟ୍ଟନାୟକ, ଭୁବନେଶ୍ୱର



ଛବିଲାଲ୍ ଭାଟି, କଳାହାଣ୍ଡି

## ଟପ୍ ୧୦

### ସବୁଠୁ ଧନୀ ଫୁଟବଲ୍ କ୍ଲବ୍–୨୦୨୫




୧. ରିଏଲ୍ ମାଡ୍ରିଡ୍........................................ ୬.୫୩ ବିଲିଅନ୍ ଡଲାର
୨. ମାଞ୍ଚେଷ୍ଟର ୟୁନାଇଟେଡ୍ ........................... ୬.୦୯ ବିଲିଅନ୍ ଡଲାର
୩. ବାର୍ସେଲୋନା ........................................ ୫.୭୧ ବିଲିଅନ୍ ଡଲାର
୪. ଲିଭର୍‌ପୁଲ୍ .......................................... ୫.୫୯ ବିଲିଅନ୍ ଡଲାର
୫. ବାୟେର୍ନ ମ୍ୟୁନିକ୍ ................................... ୫.୨୧ ବିଲିଅନ୍ ଡଲାର
୬. ମାଞ୍ଚେଷ୍ଟର ସିଟି .................................... ୫.୧୬ ବିଲିଅନ୍ ଡଲାର
୭. ଆର୍ସେନାଲ୍ ......................................... ୪.୪୯ ବିଲିଅନ୍ ଡଲାର
୮. ପ୍ୟାରିସ୍ ସେଣ୍ଟ ଜର୍ମାନିଆନ୍............................ ୪.୨୬ ବିଲିଅନ୍ ଡଲାର
୯. ଟେଟ୍ଟେନହାମ୍ ହଟ୍‌ସ୍ପର୍ .............................. ୩.୬୮ ବିଲିଅନ୍ ଡଲାର
୧୦. ଚେଲ୍‌ସା ......................................... ୩.୫୭ ବିଲିଅନ୍ ଡଲାର

# ମଡେଲିଂ ନିଶାରେ ସରିତା



ପିଲାଟି ଦିନରୁ ମଡେଲିଂ, ଅଭିନୟ ଓ ନୃତ୍ୟ ପ୍ରତି ତାଙ୍କର ଖୁବ୍ ଆଗ୍ରହ। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଭଳି ଅଞ୍ଚଳରେ କୌଣସି ତାଲିମ ନେବାର ସୁବିଧା ନ ଥିବାରୁ ସେ ୟୁଟ୍ୟୁବ୍‌ରୁ ଶିକ୍ଷା ଲାଭ କରି ଜାତୀୟ ସ୍ତରୀୟ ମଡେଲର ହୋଇ ପାରିଛନ୍ତି। ସେ ହେଉଛନ୍ତି ରାୟଗଡ଼ା ଜିଲା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଶାନ୍ତି କୁମାରୀ କମଣ୍ଡଳ ଏବଂ ରାଜନ ରବିଙ୍କ ବଡ଼ ଝିଅ ରାଜନ ସରିତା ରାଣୀ। ରାୟଗଡ଼ାସ୍ଥିତ ମହର୍ଷି ବିଦ୍ୟାମନ୍ଦିରରେ ସ୍କୁଲ ପାଠପଢ଼ା ସାରିବା ପରେ ସେ ମିଟ୍ସ ଇଞ୍ଜିନିୟରିଂ କଲେଜରେ ସିଭିଲ ଇଞ୍ଜିନିୟରିଂ ପଢ଼ା ଶେଷ କରି ଏକ ଆଇଟି କମ୍ପାନୀରେ କାର୍ଯ୍ୟରତ। ତେବେ ପେସାରେ ଇଞ୍ଜିନିୟର ହୋଇଥିଲେ ହେଁ ନିଶା ତାଙ୍କର ମଡେଲିଂ ଏବଂ ଅଭିନୟ କରିବା। ତେଣୁ ସେ ବିଶାଖାପାଟଣାରେ ଚାକିରି କରିବା ସମୟରେ ୨୦୧୯ରୁ ମଡେଲିଂ କ୍ୟାରିୟର ଆରମ୍ଭ କରିଥିଲେ। ଇଣ୍ଡିଆନ୍ ସିଲ୍କ କୁଇନ୍ ପ୍ରତିଯୋଗିତାରେ ବିଜୟ ମୁକୁଟ ହାସଲ କରିଥିଲେ। ନିକଟରେ ଏପ୍ରିଲ ୧୩ରେ ହାଇଦ୍ରାବାଦରେ ଅନୁଷ୍ଠିତ ଜାତୀୟସ୍ତରୀୟ ବ୍ୟୁଟି କଣ୍ଟେଷ୍ଟର ମିସ୍ ଗର୍ଜିଅସ୍ ଅଫ୍ ଇଣ୍ଡିଆରେ ନର୍ଥ ଇଣ୍ଡିଆ ୱିନର ହୋଇପାରିଛନ୍ତି। ଅଭିନୟରେ ଦକ୍ଷତା ଥିବାରୁ ତାଙ୍କୁ ନିକଟରେ ଏକ ଘରୋଇ ଓଡ଼ିଆ ଚ୍ୟାନେଲ୍‌ରେ ସିରିୟଲରେ ଅଭିନୟ ଅଫର ମିଳିଛି। ଦକ୍ଷିଣ ଓଡ଼ିଶାରୁ ଅନେକ ଫିଲ୍ମର ଅଫର ଆସିଥିଲେ ବି ନିଜ ପସନ୍ଦର କ୍ୟାରେକ୍ଟର ମିଳିଲେ ସେ ଅଭିନୟ କରିବେ ବୋଲି କହିଛନ୍ତି। ସେ କୁହନ୍ତି ଝିଅ ଭାବେ ଆକ୍ଟିଂ କରିବା, ମଡେଲିଂ କରିବା ମୋ ପାଇଁ ଏତେଟା ସହଜ ନ ଥିଲା। କାରଣ ଆମ ଅଞ୍ଚଳରେ ଝିଅମାନେ ମଡର୍ନ ଡ୍ରେସ୍ ପିନ୍ଧିବା, ମଡେଲିଂ କରିବାକୁ ଲୋକେ ଟାହିଟାପରା କରନ୍ତି। ବାପା ମଧ୍ୟ ପ୍ରଥମେ ଏଥିପାଇଁ ସହମତି ଜଣାଇ ନ ଥିଲେ, କିନ୍ତୁ ମା' କାହା କଥା ନ ଶୁଣି ମତେ ଆଗକୁ ବଢ଼ିବାକୁ ପ୍ରୋତ୍ସାହନ ଦେଇଛନ୍ତି। ସେ ହିଁ ମୋତେ ମିସ୍ ୟୁନିଭର୍ସ ଓଡ଼ିଶା ହେବା ପାଇଁ ସ୍ୱପ୍ନ ଦେଖାଇଛନ୍ତି। ଚାକିରି କରୁଥିଲେ ବି ଅଭିନୟ ଆଉ ମଡେଲିଂରେ ଆତ୍ମସନ୍ତୋଷ ମିଳୁଛି ବୋଲି କହୁଥିବା ସରିତା ଭବିଷ୍ୟତରେ ଚାକିରି ଏବଂ ମଡେଲିଂ ଉଭୟକୁ ଭଲ ଜାରି ରଖିବି ବୋଲି ପ୍ରକାଶ କରିଛନ୍ତି।

– ଭାଗ୍ୟଶ୍ରୀ ମିଶ୍ର

## ଜାଣନ୍ତୁ ଦୁନିଆ

# ବାଇଚଢ଼େଇ



**ବାଇଚଢ଼େଇ ଆକାରରେ ଖୁବ୍ ଛୋଟ ସତ, ହେଲେ ତା'ର କୁନି ଥଣ୍ଟରେ ବସା ବାନ୍ଧିବାର କୌଶଳ ବଡ଼ ବଡ଼ ବୈଜ୍ଞାନିକଙ୍କୁ ବି ଚକିତ କରିଥାଏ। ଜାଣନ୍ତୁ ଏହି ଚଢ଼େଇ ସମ୍ପର୍କରେ କିଛି ରୋଚକ ତଥ୍ୟ...**

▸▸ବାଇଚଢ଼େଇକୁ ବାୟାଚଢ଼େଇ ଏବଂ ଇଂଲିଶ୍‌ରେ ୱିଭର ବାର୍ଡ ବୋଲି କୁହାଯାଇଥାଏ, ଯାହାର ଅର୍ଥ ବୁଣାକାର ଚଢ଼େଇ। ଦ୍ରୁତ ଜଙ୍ଗଲକ୍ଷୟ ଯୋଗୁ ଧୀରେ ଧୀରେ ଏମାନଙ୍କ ସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳୁଛି। ତେବେ ସବୁଠୁ ନିଆରା ଏବଂ ଜଟିଳ ବସା ବାନ୍ଧିବା ଶୈଳୀ ପାଇଁ ପକ୍ଷୀମାନଙ୍କ ମଧ୍ୟରେ ଏହାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି।

▸▸ଏହି ଚଢ଼େଇ ମୁଖ୍ୟତଃ ଦକ୍ଷିଣ ଏବଂ ଦକ୍ଷିଣ–ପୂର୍ବ ଏସିଆରେ ଅଧିକ ଦେଖାଯାଆନ୍ତି।

▸▸ଏହି ଚଢ଼େଇ ସାଧାରଣତଃ ଦଳ ଦଳ ହୋଇ ରହିଥା'ନ୍ତି ଏବଂ ସାମୂହିକ ଭାବେ ବସା ବାନ୍ଧିବାକୁ ପସନ୍ଦ କରନ୍ତି। ବସା ପାଇଁ ସେମାନେ ଘାସ, ପତ୍ର, ଗଛ ଛାଲ ବ୍ୟବହାର କରିଥା'ନ୍ତି।

▸▸ସେମାନଙ୍କ ବସା ଏତେ ମଜଭୁତ ହୋଇଥାଏ ଯେ, ଝଡ଼ବର୍ଷାରେ ବି ଆଦୌ ନଷ୍ଟ ହୋଇ ନ ଥାଏ। ଏପରିକି ତା' ଭିତରକୁ ପାଣି ମଧ୍ୟ ସହଜରେ ପଶି ପାରି ନ ଥାଏ।

▸▸ସାଧାରଣତଃ ଅଣ୍ଡିରା ଚଢ଼େଇ ମାଈ ଚଢ଼େଇକୁ ଆକର୍ଷିତ କରିବା ଲାଗି ଖୁବ୍ ମଜଭୁତ ଭାବେ ବସା ବୁଣିଥାଆନ୍ତି ଏବଂ ତାଙ୍କୁ ଡାକିଥା'ନ୍ତି, ଯାହାକୁ ପ୍ରଜନନ ନୃତ୍ୟ ବୋଲି କୁହାଯାଇଥାଏ। ମାଈ ଚଢ଼େଇ ଏହାକୁ ଭଲ ଭାବେ ନିରୀକ୍ଷଣ କରିବା ପରେ ପସନ୍ଦ ଆସିଲେ ସେଥିରେ ଏକାଠି ରହିବା ପାଇଁ ସହମତି ଦେଇଥା'ନ୍ତି।

▸▸ବାଇଚଢ଼େଇ ବର୍ଷରେ ଥରେ ମାତ୍ର ପ୍ରଜନନ କରିଥାଆନ୍ତି। ମା' ଚଢ଼େଇ ଏକାଥରକେ ୨–୪ଟି ଅଣ୍ଡା ଦେଇଥାଏ ଏବଂ ଯାହାକୁ ଉଷୁମାଇ ଛୁଆ ଫୁଟିବା ଲାଗି ପ୍ରାୟ ୧୪ ଦିନ ସମୟ ଲାଗିଥାଏ।

▸▸ଏହି ଚଢ଼େଇ ଧାନ, ଗହମ, ବିଭିନ୍ନ ମଞ୍ଜି, ଫଳ ଏବଂ କଅଁଳ ପତ୍ର ଆଦି ଖାଇଥାଆନ୍ତି। ଚାଷ ଜମିରେ ଥିବା ହାନିକାରକ ଛୋଟ ଛୋଟ ପୋକ ମଧ୍ୟ ଖାଇଥାଆନ୍ତି, ଯେଉଁଥିପାଇଁ ଏମାନଙ୍କୁ କୃଷକ ମିତ୍ର ବୋଲି କୁହାଯାଏ।

▸▸ସହଜରେ ଖାଦ୍ୟ ଏବଂ ପାଣି ମିଳିବା ଉଦ୍ଦେଶ୍ୟରେ ନଦୀ, ନାଳ, ବଡ଼ ପୋଖରୀ କୂଳରେ ଥିବା ଗଛରେ ଏମାନେ ବସାବାନ୍ଧି ରହିବାକୁ ପସନ୍ଦ କରନ୍ତି।

▸▸ବାଇଚଢ଼େଇ ପରିବେଶ ପାଇଁ ଖୁବ୍ ଉପକାରୀ। କାରଣ ଏମାନେ ଖାଦ୍ୟ ସଂଗ୍ରହ ଲାଗି ଥଣ୍ଟରେ ମଞ୍ଜି ଆଣିବା ବେଳେ ତାହା ଏଣେତେଣେ ପଡ଼ିବା ଦ୍ୱାରା ନୂଆ ଗଛ ସୃଷ୍ଟି ହୋଇଥାଏ।

▸▸ବାଇଚଢ଼େଇ ବସା ସମ୍ପର୍କରେ ଅନେକ ସ୍ଥାନରେ ବର୍ଣ୍ଣନା କରାଯାଇଛି। ଏମିତିକି ବାସ୍ତୁକଳା ଏବଂ ଶିଳ୍ପକଳାରେ ମଧ୍ୟ ଏହାକୁ ପ୍ରେରଣା ଭାବେ ଗ୍ରହଣ କରାଯାଇଛି। ଅଧିକନ୍ତୁ ଏହାକୁ ପ୍ରାକୃତିକ ଇଂଜିନିୟରିଂର ମାନ୍ୟତା ଦିଆଯାଇଛି। ଭାରତୀୟ ଲୋକକଥାରେ ବାଇଚଢ଼େଇକୁ ପରିଶ୍ରମ, ଧୈର୍ଯ୍ୟ ଏବଂ ଉଦ୍ୟମର ପ୍ରତୀକ ଭାବେ ବର୍ଣ୍ଣନା କରାଯାଇଛି।






# ଇଂଲଣ୍ଡ ଟୁର: ଭାରତୀୟ ଟେଷ୍ଟ ଦଳ ଘୋଷଣା

## ଗିଲ୍ ଅଧିନାୟକ, ଶାମି ଅନଫିଟ୍, ସୁଦର୍ଶନ-ଅର୍ଶଦୀପ ନୂଆ ମୁହଁ

ମୁମ୍ବାଇ,୨୪।୫(ପି.ଟି.)

ଷ୍ଟାର ଯୁବ ବ୍ୟାଟର ଶୁବମନ ଗିଲଙ୍କୁ ଶନିବାର ଭାରତୀୟ ଟେଷ୍ଟ ଦଳର ନେତୃତ୍ୱ ଦିଆଯାଇଛି। ଆସନ୍ତା ମାସ ୨୦ ତାରିଖରୁ ଇଂଲଣ୍ଡ ବିପକ୍ଷରେ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଗିଲଙ୍କ ନେତୃତ୍ୱରେ ୧୮ ଜଣିଆ ଅନଭିଜ୍ଞ ଦଳ ଘୋଷଣା କରାଯାଇଛି। ଉଇକେଟ କିପର ରିଷଭ ପନ୍ତଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି।

୨୦୨୦ରେ ପଦାର୍ପଣ କରିଥିବା ଗିଲ୍ ଏପର୍ଯ୍ୟନ୍ତ ୩୨ ଟେଷ୍ଟ ଖେଳି ୩୫ ଆଭରେଜରେ ୧,୮୯୩ ରନ କରିଛନ୍ତି। ଏଥିରେ ୫ ଶତକ ଓ ୭ ଅର୍ଦ୍ଧଶତକ ରହିଛି। ସେହିଭଳି ୨୦୧୮ରେ ପଦାର୍ପଣ କରିଥିବା ୨୭ ବର୍ଷୀୟ ପନ୍ତଙ୍କ ନିକଟରେ ଗିଲଙ୍କଠାରୁ ଅଧିକ ଅଭିଜ୍ଞତା ରହିଛି। ସେ ୪୩ ଟେଷ୍ଟରେ ୪୨.୧୧ ଆଭରେଜରେ ୬ ଶତକ ଓ ୧୫ ଅର୍ଦ୍ଧଶତକ ସହିତ ୨,୯୪୮ ରନ କରିଛନ୍ତି।

ଭାରତୀୟ ଟେଷ୍ଟ ଦଳରେ ଅଭିଜ୍ଞ ପେସର ମହମ୍ମଦ ଶାମିଙ୍କୁ ସ୍ଥାନ ମିଳିନାହିଁ। ସେ ଏବେ ଲମ୍ବା ଟେଷ୍ଟ ସିରିଜ୍ ଲାଗି ଯଥେଷ୍ଟ ଫିଟ୍ ନ ଥିବା ଅଗରକର କହିଛନ୍ତି। ଭାରତୀୟ ଦଳରେ ବାମହାତୀ ଯୁବ ବ୍ୟାଟର ବି ସାଇ ସୁଦର୍ଶନ ଓ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ପ୍ରଥମ ଥର ପାଇଁ ସ୍ଥାନ ମିଳିଛି। ଏ ସମ୍ପର୍କରେ ଅଗରକର ପ୍ରକାଶ କରିଛନ୍ତି ଯେ, ସାଇଙ୍କୁ ଆଇପିଏଲ୍ ପ୍ରଦର୍ଶନ ଆଧାରରେ ଚୟନ କରାଯାଇ ନାହିଁ। ତାଙ୍କ ପାଖରେ ଶୀର୍ଷ ସ୍ତରର କ୍ରିକେଟରେ ସଫଳ ହେବା ପାଇଁ ଉଚିତ ଟେମ୍ପରାମେଣ୍ଟ ରହିଥିବା ଦେଖାଇଛନ୍ତି। ଆମେ ତାଙ୍କ ଉପରେ କିଛି ସମୟ ହେଲା ନଜର ରଖିଥିଲୁ। ସୁଦର୍ଶନ ଚଳିତ ଆଇପିଏଲରେ ଗୁଜରାଟ ଟାଇଟନ୍ସ ପାଇଁ ଏପର୍ଯ୍ୟନ୍ତ ୧୩ ମ୍ୟାଚ୍‌ରେ ୫୩ ଆଭରେଜରେ ସର୍ବାଧିକ ୬୩୮ ରନ କରିଛନ୍ତି। ସୁଦର୍ଶନଙ୍କ ଭଳି ଅର୍ଶଦୀପ ସିଂଙ୍କ ପାଖରେ କାଉଣ୍ଟି କ୍ରିକେଟର ଖେଳିବାର ଅଭିଜ୍ଞତା ରହିଛି।

୩୪ ବର୍ଷୀୟ ସିନିୟର ବ୍ୟାଟର କରୁନ ନାୟର ୮ ବର୍ଷ ପରେ ଭାରତୀୟ ଦଳକୁ ଫେରିଛନ୍ତି। ସେ ଅନ୍ତିମ ଥର ୨୦୧୭ରେ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଭାରତ ପାଇଁ ଟେଷ୍ଟରେ ଦ୍ୱିତୀୟ ବ୍ୟାଟର ଭାବେ ତ୍ରିଶତକ ହାସଲ କରିବା ପରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା।

ଗିଲ୍‌ଙ୍କ ବ୍ୟତୀତ ଯଶପ୍ରୀତ ବୁମରା ନେତୃତ୍ୱ ଦୌଡ଼ରେ ଥିଲେ। କିନ୍ତୁ ତାଙ୍କ ଫିଟନେସ ସମସ୍ୟା ରହିଥିବାରୁ ଗିଲ୍‌ଙ୍କୁ ଅଗ୍ରାଧିକାର ଦିଆଯାଇଛି। ବୁମରାଙ୍କ ସମ୍ପର୍କରେ ଅଗରକର କହିଛନ୍ତି, ମୋ ମତରେ ସେ ସମସ୍ତ ୫ ମ୍ୟାଚ୍ ଲାଗି ଉପଲବ୍ଧ ହେବେ ନାହିଁ। ଫିଜିଓ ଓ ଡକ୍ଟରମାନେ ଦେଇଥିବା ପରାମର୍ଶ ଆଧାରରେ ସେ ୩ରୁ ୪ ମ୍ୟାଚ୍ ଖେଳିପାରନ୍ତି। ସିରିଜ୍ ଆଗକୁ ବଢ଼ିବା ସହ ତାଙ୍କ ଶରୀର କାର୍ଯ୍ୟବୋଝ କେଉଁ ଭଳି ଗ୍ରହଣ କରୁଛି, ଆମେ ତାହା ଦେଖିବୁ। କହିବା ଦରକାର ନାହିଁ ଯେ, ସେ ଆମ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ।

ଭାରତୀୟ ଟେଷ୍ଟ ଦଳ: ଶୁବମନ ଗିଲ (ଅଧିନାୟକ), ରିଷଭ ପନ୍ତ (ଉପ ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଈଶ୍ୱରନ, କରୁନ ନାୟର, ନୀତିଶ ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂ ଓ କୁଲଦୀପ ଯାଦବ।


ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ।

# ଖାଲିସ୍ଥାନ ପୂରଣ କରିବା କଷ୍ଟକର: ଅଗରକର


ଖବରଦାତା ସମ୍ମିଳନୀରେ ଅଜିତ ଅଗରକର(ଡାହାଣ) ଓ ଶିବ ସୁନ୍ଦର ଦାସ।

ମୁମ୍ବାଇ,୨୪।୫(ପି.ଟି.)

ଟେଷ୍ଟ କ୍ରିକେଟରୁ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଅବସର ଯୋଗୁ ସୃଷ୍ଟି ହୋଇଥିବା ଖାଲି ସ୍ଥାନ ପୂରଣ କରିବା କଷ୍ଟକର। କିନ୍ତୁ ଏହା ଅନ୍ୟ ଖେଳାଳିଙ୍କ ଲାଗି ଏକ ସୁଯୋଗ। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି। ରୋହିତ ପ୍ରଥମେ ମେ ୭ ତାରିଖରେ ଅବସର ଘୋଷଣା କରିବା ପରେ କୋହଲି ୧୨ ତାରିଖରେ ଲମ୍ବା ଫର୍ମାଟକୁ ଅଲବିଦା କରିଥିଲେ।

ଯେତେବେଳେ ରୋହିତ ଓ କୋହଲିଙ୍କ ଭଳି ସିନିୟର ଖେଳାଳି ଅବସର ନିଅନ୍ତି, ସେମାନଙ୍କ ସ୍ଥାନ ପୂରଣ କରିବା କଷ୍ଟକର ହୁଏ। କିନ୍ତୁ ଏହା ଅନ୍ୟ ଖେଳାଳିଙ୍କ ଲାଗି ସୁଯୋଗ। କୋହଲି ଏପ୍ରିଲ ଆରମ୍ଭରୁ ବିସିସିଆଇକୁ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଜଣାଇଥିଲେ। ସେ ନିଜ ପାଇଁ ଯେଉଁ ମାପଦଣ୍ଡ ଧାର୍ଯ୍ୟ କରିଥିଲେ, ସେହି ଅନୁଯାୟୀ ପ୍ରଦର୍ଶନ କରିପାରିବେ ନାହିଁ ବୋଲି ଚିନ୍ତା କରିଥିଲେ। ଏଣୁ ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଦେବା ଉଚିତ। କହିବା ଦରକାର ନାହିଁ ଯେ, ରୋହିତ ଦଳର ନେତୃତ୍ୱ ନେଉଥିଲେ। ସେମାନେ ପଛରେ ସେମାନଙ୍କ ଲିଗାସି ଛାଡ଼ି ଯାଇଛନ୍ତି। ଗତ ଦୁଇ ମାସ ହେଲା ମୁଁ ସେମାନଙ୍କ ସହ ଯୋଗାଯୋଗରେ ଥିଲି ବୋଲି ଅଗରକର କହିଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ